ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧/୨୦୨୫ (୧୪ ପୃଷ୍ଠା) Bhubaneswar, Friday, August 1/2025 Page 14 ₹ 7.00 | RAYAGADA

୫୧ଶ ଭାଗ ୨୪୭ ସଂଖ୍ୟା। www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 247 ମୂଲ୍ୟ ₹୭/-


# ଭାରତୀୟ ଅର୍ଥନୀତି ମୃତ: ଟ୍ରମ୍ପ୍

**ଆମେରିକାର ଅନିଚ୍ଛା ଓ ଚାପ ସତ୍ତ୍ୱେ ରୁଷିଆଠାରୁ ଭାରତ ବିପୁଳ ତୈଳ, ପ୍ରତିରକ୍ଷା ସାମଗ୍ରୀ କିଣିବାରେ ଲାଗିଛି। ଏଥିରେ ଅତିଷ୍ଠ ହୋଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ଭାରତ ଉପରେ ୨୫% ଟାରିଫ୍ (ଆମଦାନୀ ଶୁଳ୍କ) ଏବଂ ଜରିମାନା ଲଗାଇଥିଲେ। ଏହାର କିଛି ଘଣ୍ଟା ପରେ ଟ୍ରମ୍ପ୍ ରୁଷୀୟ ଏବଂ ଭାରତୀୟ ଅର୍ଥନୀତିକୁ ମୃତ ବୋଲି ଅଭିହିତ କରିଛନ୍ତି। ଭାରତ ରୁଷିଆ ସହ କ'ଣ କରୁଛି ତାହାକୁ ଆମେରିକା ଖାତିର କରୁନାହିଁ। ସେମାନେ ମିଳିତ ଭାବେ ନିଜ ମୃତ ଅର୍ଥନୀତିକୁ ନିମ୍ନଗାମୀ କରି ବୁଡ଼ିଯାଆନ୍ତୁ, ଏଥିରେ ଆମେରିକାର କୌଣସି ପରବାୟ ନାହିଁ ବୋଲି ସେ କହିଛନ୍ତି। ଗୁରୁବାର ଟ୍ରମ୍ପ୍ ଏଭଳି ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଇବା ସହ ଭାରତ ଉପରେ ଚାପ ସୃଷ୍ଟି ପାଇଁ ସବୁ ପ୍ରକାର ଉଦ୍ୟମ କରିଛନ୍ତି। ତଦନୁଯାୟୀ ଭାରତର ପାରମ୍ପରିକ ଶତ୍ରୁ ରାଷ୍ଟ୍ର ଭାବେ ପରିଚିତ ପଡ଼ୋଶୀ ପାକିସ୍ତାନ ସହ ଆମେରିକା ତୈଳ କାରବାର କରିବ ବୋଲି ଟ୍ରମ୍ପ୍ ଘୋଷଣା କରିଛନ୍ତି। ସେହିପରି ଇରାନ ସହ ତୈଳ କାରବାର କରୁଥିବା ୬ ଭାରତୀୟ କମ୍ପାନୀ ଉପରେ ଆମେରିକା କଟକଣା ଲଗାଇଛି। ଭାରତୀୟ ତଥ୍ୟାଭିଜ୍ଞ ମହଲ ଏସବୁକୁ ୨୪ ଘଣ୍ଟା ମଧ୍ୟରେ ଟ୍ରମ୍ପ୍ ୩ଟି ବଡ଼ ପ୍ରହାର ବୋଲି କହିବା ସହ ଏଥିଯୋଗୁ ଦେଶର ଅର୍ଥନୀତି ଓ ସୁରକ୍ଷା ପ୍ରଭାବିତ ହେବା ଆଶଙ୍କା କରୁଛି। ରୁଷିଆ, ଚାଇନା ସଦସ୍ୟ ଥିବା 'ବ୍ରିକ୍ସ' ରାଷ୍ଟ୍ରଗୋଷ୍ଠୀକୁ ଆମେରିକା ବିରୋଧ କରିବା ସହ ଡଲାର ବିରୋଧୀଙ୍କୁ ତଳିତଳାନ୍ତ କରିଦେବୁ ବୋଲି ଟ୍ରମ୍ପ୍ ଖୋଲା ଧମକ ଦେଇଛନ୍ତି। ଏଭଳିସ୍ଥଳେ ଭାରତ 'ବ୍ରିକ୍ସ'ର ସଦସ୍ୟ ଥିବାରୁ ନୂଆଦିଲ୍ଲୀ ଏବେ ୱାଶିଂଟନର ଟାର୍ଗେଟ୍‌କୁ ଆସିଯାଇଥିବା ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ମଙ୍ଗଳବାର ଲୋକ ସଭାରେ 'ଅପରେଶନ ସିନ୍ଦୂର' ବିତର୍କ ବେଳେ ଯେଉଁ ଢଙ୍ଗରେ ଆମେରିକାର ଭୂମିକା ସମ୍ପର୍କରେ କହିଥିଲେ, ତାହା ଟ୍ରମ୍ପ୍‌ଙ୍କୁ କ୍ରୋଧାନ୍ୱିତ କରିଦେଇଛି ବୋଲି କେତେକେ ମତ ଦେଇଛନ୍ତି।**

**ୱାଶିଂଟନ୍/ନୂଆଦିଲ୍ଲୀ,୩୧।୭(ପି.ଟି./ରଏଟର୍ସ)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ କହିଛନ୍ତି, ସେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରଠୁ ଭାରତ ସହ ଆମେରିକା ଖୁବ୍ କମ୍ ବ୍ୟବସାୟ କରିଛି। ଭାରତର ଟାରିଫ୍ ବିଶ୍ୱରେ ସର୍ବାଧିକ। ରୁଷିଆ ସହ ଆମେରିକା ପ୍ରାୟ କିଛି ବ୍ୟବସାୟ କରିନାହିଁ। ଏହି ଧାରା ସେମିତି ଚାଲିଥାଉ ଏବଂ ନିଜକୁ ଏବେ ମଧ୍ୟ ରୁଷିଆ ରାଷ୍ଟ୍ରପତି ବୋଲି ମନେକରୁଥିବା ପୂର୍ବତନ ବିଫଳ ରାଷ୍ଟ୍ରପତି ଡିମିଟ୍ରି ମେଡ୍‌ଭେଡେଭ୍‌ଙ୍କୁ କୁହ, ସେ ତାଙ୍କ କଥା ଶୁଣନ୍ତୁ। ମେଡ୍‌ମେଡେଭ୍ ଅତ୍ୟନ୍ତ ବିପଜ୍ଜନକ ଭୂଖଣ୍ଡକୁ ପ୍ରବେଶ କରୁଛନ୍ତି ବୋଲି ଟ୍ରମ୍ପ୍ ସମାଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଟ୍ରେଡ୍ ଡିଲ୍ ପାଇଁ ମୂଳଚାଲ କରିବା ଲାଗି ଆମେରିକାର ଏକ ବାଣିଜ୍ୟିକ ଚୁକ୍ତି ଟିମ୍ ଅଗଷ୍ଟ ୨୫ରେ ଭାରତ ଗସ୍ତ କରୁଥିବା ନେଇ ମଙ୍ଗଳବାର ଭାରତୀୟ ଅଧିକାରୀମାନେ ☞ ପୃଷ୍ଠା-୪



ଡୋନାଲ୍ଡ ଟ୍ରମ୍ପ୍

## ପାକ୍ ସହ ତୈଳ ଚୁକ୍ତିରେ ସ୍ୱାକ୍ଷର କଲେ ଟ୍ରମ୍ପ୍

**ନ୍ୟୁୟର୍କ/ଇସ୍‌ଲାମାବାଦ,୩୧।୭**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ବିରୋଧରେ ବାଣିଜ୍ୟ କ୍ଷେତ୍ରରେ କେବଳ କଠୋର ପଦକ୍ଷେପ ଘୋଷଣା କରିନାହାନ୍ତି, ବରଂ ସେ ଭାରତର ଶତ୍ରୁରାଷ୍ଟ୍ର ପାକିସ୍ତାନକୁ ସୁହାଇଲା ଭଳି କାର୍ଯ୍ୟ ମଧ୍ୟ କରିଛନ୍ତି। ଟ୍ରମ୍ପ୍ ଗୁରୁବାର ପାକିସ୍ତାନ ସହ ଏକ ଅଏଲ୍ ଡିଲ୍‌ରେ ସ୍ୱାକ୍ଷର କରିଥିବା ନେଇ ଘୋଷଣା କରିଛନ୍ତି। ଦକ୍ଷିଣ ଭାରତୀୟ ରାଷ୍ଟ୍ର ପାକିସ୍ତାନର ବୃହତ୍ ତୈଳ ଭଣ୍ଡାରକୁ ବିକଶିତ କରିବା ଦିଗରେ ୱାଶିଂଟନ୍ କାର୍ଯ୍ୟ କରିବ। ଏପରି ଦିନ ଆସିବ, ଯେତେବେଳେ ପାକିସ୍ତାନ ମଧ୍ୟ ଭାରତକୁ ତୈଳ ବିକ୍ରି କରିପାରେ ବୋଲି ଟ୍ରମ୍ପ୍ କହିଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଟ୍ରମ୍ପ୍ ଉଲ୍ଲେଖ କରିଛନ୍ତି, ପାକିସ୍ତାନ ସହ ଆମେରିକା ଏବେ ଏକ ଡିଲ୍‌ରେ ସ୍ୱାକ୍ଷର କରିଛି। ତଦନୁସାରେ ଇସ୍‌ଲାମାବାଦ ଓ ୱାଶିଂଟନ୍ ମିଳିତ ଭାବେ ପାକିସ୍ତାନର ତୈଳ ଭଣ୍ଡାରଗୁଡ଼ିକୁ ବିକଶିତ କରିବେ। ଏହି ସହଭାଗିତାର ☞ ପୃଷ୍ଠା-୪

## ୬ ଭାରତୀୟ କମ୍ପାନୀ ଉପରେ କଟକଣା ଲଗାଇଲା ଆମେରିକା

ଇରାନୀୟ ପେଟ୍ରୋକେମିକାଲ ଉତ୍ପାଦ କ୍ରୟକରି ସେଗୁଡ଼ିକୁ ବିକୁଥିବା ଭାରତର ୬ଟି କମ୍ପାନୀ ଉପରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ କଟକଣା ଲଗାଇଛନ୍ତି। ଇରାନ ଶାସକ ଏହାର ଅସ୍ଥିରତା ସୃଷ୍ଟିକାରୀ କାର୍ଯ୍ୟରେ ପାଣ୍ଠି ବିନିଯୋଗ ପାଇଁ ମଧ୍ୟପ୍ରାଚ୍ୟରେ ଇନ୍ଧନ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଆସିଛନ୍ତି। ବିଦେଶରେ ଆତଙ୍କବାଦକୁ ସମର୍ଥନ ସହ ଏହାର ନିଜ ଲୋକଙ୍କ ଉପରେ ଅତ୍ୟାଚାର ପାଇଁ ଇରାନୀୟ ଶାସକ ବ୍ୟବହାର କରୁଥିବା ରାଜସ୍ୱ ଉତ୍ସକୁ ବନ୍ଦ କରିବା ☞ ପୃଷ୍ଠା-୪

## ଦେଶ ସ୍ୱାର୍ଥରେ ପଦକ୍ଷେପ ନିଆଯିବ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୨୫% ଟିକସ କଷିବା ପରେ ଗୁରୁବାର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତର ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ସବୁ ପ୍ରକାର ପଦକ୍ଷେପ ନେବେ। ଟ୍ରମ୍ପ୍‌ଙ୍କ ନୂଆ ଟାରିଫ୍ ଲାଗୁ ହେବାକୁ ଦିନେ ବାକି ଥିବାବେଳେ ସଂସଦର ମୌସୁମୀ ଅଧିବେଶନରେ ଲୋକ ସଭାରେ ଗୋୟଲ ନିଜ ☞ ପୃଷ୍ଠା-୪



ପୀୟୂଷ ଗୋୟଲ

**ଆଜିର ସମ୍ପାଦକୀୟ** | **ଏଆଇ ବନ୍ଧୁ ନୁହେଁ**


This is an advertisement for information purpose and is not a prospectus announcement.

ICL FINCORP LIMITED

SECURED, REDEEMABLE NON-CONVERTIBLE DEBENTURES NCD

CREDIT RATING CRISIL BBB-/ STABLE

ICL Join ICL, Grow with us

ICL Fincorp

UP TO DOUBLE RETURNS IN 70 MONTHS*

*BASED ON EFFECTIVE YIELD ON CUMULATIVE BASIS UNDER OPTION X, 70 MONTHS, TDS AS APPLICABLE.

ISSUE OPENS ON: JULY 31, 2025 (THURSDAY) ISSUE CLOSES ON: AUGUST 13, 2025 (WEDNESDAY)*

*The Issue shall remain open for subscription on Working Days from 10:00 a.m. to 5:00 p.m. (Indian Standard Time), during the period indicated above, except that the Issue may close on such earlier date or extended date as may be decided by the Board of directors or debenture issue committee of our Company, subject to relevant approvals (subject to a minimum period of two working days and a maximum period of 10 working days from the date of opening of this Issue). In the event of an early closure or extension of the Issue, our Company shall ensure that notice of such early closure or extension is given to the prospective investors through an advertisement in a national daily newspaper and a regional daily newspaper in Tamil Nadu where the registered office is located, with wide circulation on or before such earlier date or extended date of closure. Application Forms for the Issue will be accepted only from 10:00 a.m. to 5:00 p.m. (Indian Standard Time) or such extended time as may be permitted by the Stock Exchange, on Working Days during the Issue Period. On the Issue Closing Date, Application Forms will be accepted only between 10:00 a.m. to 3:00 p.m. and uploaded until 5:00 p.m. (Indian Standard Time) or such extended time as may be permitted by the Stock Exchange.

Issue Structure: (For detailed Issue Structure refer Prospectus dated July 25, 2025)

| | |
|---|---|
| Face value : ₹ 1,000 each | Minimum application size : ₹ 10,000 (10 NCDs) & in multiples of 1 NCD thereafter |
| Tenure (months) : 13, 24, 36, 60 and 70 | |
| Schemes : 10 schemes with 10 ISINs | Payout options : Monthly, Annually & Cumulative |

THE ISSUE

PUBLIC ISSUE BY OUR COMPANY OF 10,00,000 SECURED, REDEEMABLE, NON-CONVERTIBLE DEBENTURES OF FACE VALUE OF ₹1,000 EACH, ("NCDS") AT PAR, FOR AN AMOUNT UP TO ₹5,00,000 THOUSAND ("BASE ISSUE SIZE") WITH AN OPTION TO RETAIN OVERSUBSCRIPTION OF UP TO ₹5,00,000 THOUSAND, AGGREGATING UP TO ₹10,00,000 THOUSAND, (HEREINAFTER REFERRED TO AS THE "ISSUE SIZE"). THE ISSUE IS BEING MADE PURSUANT TO THE PROVISIONS OF SECURITIES AND EXCHANGE BOARD OF INDIA (ISSUE AND LISTING OF NON-CONVERTIBLE SECURITIES) REGULATIONS, 2021, AS AMENDED, THE COMPANIES ACT, 2013 AND RULES MADE THEREUNDER TO THE EXTENT NOTIFIED AND THE SEBI MASTER CIRCULAR AS AMENDED FROM TIME TO TIME. THE ISSUE IS NOT PROPOSED TO BE UNDERWRITTEN.

| COUPON RATE: (MONTHLY OPTIONS) | OPTION IV | OPTION III | OPTION II | OPTION I |
|---|---|---|---|---|
| | 12.00*% PER ANNUM 60 MONTHS | 11.50*% PER ANNUM 36 MONTHS | 11.00*% PER ANNUM 24 MONTHS | 10.50*% PER ANNUM 13 MONTHS |

*Indicating coupon rates for monthly options only. Refer Prospectus dated July 25, 2025 to view effective yield for monthly, annually and cumulative options.

To Know More: Visit Nearest ICL Fincorp Branch | To Download Application: Visit www.iclfincorp.com
For Enquiries: Call +91 85890 20137, +91 85890 20186

Reg. Office: Plot No: C308, Door No: 66/40, 4th Avenue, Ashok Nagar, Chennai- 600 083, Tamil Nadu, India.
Corp. Office: ICL Fincorp Limited, Main Road, Irinjalakuda, Thrissur-680121, Kerala, India.
Branches: Kerala | Tamil Nadu | Andhra Pradesh | Telangana | Karnataka | Maharashtra | Odisha | Gujarat | West Bengal iclfincorp



DSPL - 188

ଆନ୍ତର୍ଜାତିକ ସମବାୟ ବର୍ଷ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ ଅବଧି ୧୪ ଅଗଷ୍ଟକୁ ବୃଦ୍ଧି

ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS)**, **ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS)** ଓ **ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC)**, **ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS)**, ବ୍ୟାଙ୍କ ଶାଖା କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ

ପଞ୍ଜିକରଣର ଶେଷ ତାରିଖ
୧୪ ଅଗଷ୍ଟ ୨୦୨୫

ସମବାୟ ବିଭାଗ, ଓଡ଼ିଶା ସରକାର

OIPR-39001/13/0031/2526

## ପିଏମ୍-କିଷାନ ସମ୍ମାନ ନିଧି: ୨ରେ କିସ୍ତି ପାଇବେ ୯.୭ କୋଟି ଚାଷୀ

ନୂଆଦିଲ୍ଲୀ, ୩୧।୭

ପ୍ରଧାନମନ୍ତ୍ରୀ କିଷାନ୍ ସମ୍ମାନ ନିଧି (ପିଏମ୍-କିଷାନ)ର ୨୦ତମ କିସ୍ତିକୁ ଆସନ୍ତା ୨ ତାରିଖରେ ଜାରି କରାଯିବ। ଉତ୍ତରପ୍ରଦେଶର ବାରାଣସୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶରେ ପିଏମ-କିଷାନର ୨୦ତମ କିସ୍ତିକୁ ଜାରି କରିବେ। ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ସମୀକ୍ଷା କରିବା ପାଇଁ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ବୁଧବାର ନୂଆଦିଲ୍ଲୀଠାରେ ଏକ ଉଚ୍ଚ ସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପିଏମ୍-କିଷାନର ୨୦ତମ କିସ୍ତିରେ ୯.୭ କୋଟି ଚାଷୀଙ୍କ ନିକଟକୁ ୨୦ ହଜାର ୫୦୦ କୋଟି ଟଙ୍କା ହସ୍ତାନ୍ତର କରାଯିବ। ୨୦୧୯ରେ ପିଏମ୍-କିଷାନ ଯୋଜନା ଆରମ୍ଭ ହେବା ପରଠାରୁ ଏବେସୁଦ୍ଧା ୧୯ଟି କିସ୍ତି ମାଧ୍ୟମରେ ଯୋଗ୍ୟ ଚାଷୀଙ୍କ ଆକାଉଣ୍ଟକୁ ୩.୬୯ ଲକ୍ଷ କୋଟି ଟଙ୍କା ପଠାଯାଇସାରିଛି।



ରୁଷିଆ ଆକ୍ରମଣରେ ୟୁକ୍ରେନ୍‌ର କିଭ୍‌ସ୍ଥିତ ଏକ ଆପାର୍ଟମେଣ୍ଟ ଧ୍ୱଂସ ହୋଇଯାଇଥିବାବେଳେ ଭଗ୍ନାବଶେଷ ତଳୁ ନିଜ ପୁଅଙ୍କୁ ଉଦ୍ଧାର କରି ଅଣାଯିବାକୁ ଅପେକ୍ଷା କରିଛନ୍ତି ଜଣେ ମହିଳା।

## ନିର୍ବାଚନ ପୂର୍ବରୁ ଏନ୍‌ଡିଏ ଛାଡ଼ିଲେ ଓପିଏସ୍

ଚେନ୍ନାଇ,୩୧।୭



ଓ ପନୀରସେଲ୍‌ଭାମ୍

ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଏକ ନାଟକୀୟ ରାଜନୈତିକ ଘଟଣାକ୍ରମରେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମ୍‌କେରୁ ବହିଷ୍କୃତ ନେତା ଓ ପନୀରସେଲ୍‌ଭାମ୍ (ଓପିଏସ୍) ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଛାଡ଼ିବା ନେଇ ଗୁରୁବାର ଘୋଷଣା କରିଛନ୍ତି। ପ୍ରାତଃ ଭ୍ରମଣ ବେଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ସହ ଭେଟ ପରେ ଓପିଏସ୍ ଏଭଳି ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଗୋଷ୍ଠୀ ବିଜୟଙ୍କ ତାମିଲାଗା ଭେଟ୍ରି କାଝାଗାମ୍ ଦଳ ସହ ମେଣ୍ଟ କରିବା ନେଇ ଓପିଏସ୍ ସଙ୍କେତ ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ତାମିଲନାଡୁର ଗଙ୍ଗାଇକୋଣ୍ଡା ଚୋଲପୁରମ୍ ଗସ୍ତରେ ଯାଇଥିବାବେଳେ ଓପିଏସ୍ ତାଙ୍କୁ ପତ୍ର ଲେଖି ଭେଟିବା ପାଇଁ ଆପଏଣ୍ଟମେଣ୍ଟ ଚାହିଁଥିଲେ। ତେବେ ତାଙ୍କୁ ଏଥିପାଇଁ ଅନୁମତି ମିଳି ନ ଥିଲା। ଏହି ଘଟଣା ପରେ ସେ ସର୍ବଶିକ୍ଷା ଅଭିଯାନ ପାଣ୍ଠି ପ୍ରଦାନରେ ବିଳମ୍ବକୁ ନେଇ ସୋସିଆଲ ମିଡିଆରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଏନ୍‌ଡିଏ ସହ ସମ୍ପର୍କ ଶେଷ ହୋଇଥିବା ଓପିଏସ୍‌ଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ମନ୍ତ୍ରୀ ପୁନ୍ନୁଟି ଏସ୍ ରାମଚନ୍ଦ୍ରନ ସ୍ପଷ୍ଟ କରିଛନ୍ତି। ୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଓପିଏସ୍ ସାରା ରାଜ୍ୟ ଗସ୍ତ କରିବେ। ଏବେ କୌଣସି ଦଳ ସହ ତାଙ୍କ ଗୋଷ୍ଠୀର ମେଣ୍ଟ ନାହିଁ। ନିର୍ବାଚନ ନିକଟତର ହେଲେ ମେଣ୍ଟ ସମ୍ପର୍କରେ ନିଷ୍ପତ୍ତି ନେବୁ ବୋଲି ସେ କହିଛନ୍ତି।

## ରାଜପଥରେ ହଠାତ୍ ବ୍ରେକ୍ ଦେବା ଅବହେଳା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩୧।୭

କାର୍‌ରେ ଯିବାବେଳେ ହର୍ନ ନ ବଜାଇ ହଠାତ୍ ବ୍ରେକ୍ ମାରିବା ଡ୍ରାଇଭରଙ୍କ ଅବହେଳା। ଏଥିଯୋଗୁ ସଡ଼କ ଦୁର୍ଘଣଟା ଘଟିଲେ ଚାଳକଙ୍କୁ ଦାୟୀ କରାଯିବ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ୍ ସୁଧାଂଶୁ ଧୂଲିଆ ଏବଂ ଅରବିନ୍ଦ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଜଣେ ଡ୍ରାଇଭର ବେପରୁଆ ଭାବେ ରାଜପଥ ମଝିରେ ଗାଡ଼ି ରଖିପାରିବେ ନାହିଁ। ଜରୁରୀ ସମୟରେ ମଧ୍ୟ ଏପରି କଲେ ସଡ଼କରେ ଅନ୍ୟମାନଙ୍କ ପ୍ରତି ବିପଦ ରହିଥିବାରୁ ତାକୁ ଯଥାର୍ଥ ବୋଲି କୁହାଯିବ ନାହିଁ। ଦ୍ରୁତଗତିରେ ଯାଉଥିବା ଚାଳକଙ୍କ ଉତ୍ତରଦାୟିତ୍ୱ ରହୁଛି ଯେ, ସେ ତାଙ୍କ ପଛରେ ଧାଉଁଥିବା ଅନ୍ୟ ଯାନବାହନଗୁଡ଼ିକୁ ୱାର୍ନିଂ କିମ୍ବା ସିଗ୍ନାଲ ଦେଇ ନିଜ ଗାଡ଼ିରେ ବ୍ରେକ୍ ଦେବେ। ୨୦୧୭ ଜାନୁଆରୀ ୭ରେ ଘଟିଥିବା ଏକ ଦୁର୍ଘଟଣା ଯୋଗୁ ଇଞ୍ଜିନିୟରିଂ ଛାତ୍ର ଏସ୍. ମହମ୍ମଦ ହାକିମ୍ ନିଜ ବାମଗୋଡ଼ ହରାଇଥିଲେ। ଏହି ମାମଲାରେ ଶୀର୍ଷ ଅଦାଲତ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

## ମାଲେଗାଁଓ ବିସ୍ଫୋରଣ ମାମଲା
# ୭ ଅଭିଯୁକ୍ତ ଦୋଷମୁକ୍ତ



ପ୍ରଜ୍ଞା ସିଂ ଠାକୁର



ନୂଆଦିଲ୍ଲୀ,୩୧।୭

୨୦୦୮ର ମାଲେଗାଁଓ ବୋମା ବିସ୍ଫୋରଣ ମାମଲାରେ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍‌ଆଇଏ)ର ଏକ ସ୍ୱତନ୍ତ୍ର ଅଦାଲତ ଗୁରୁବାର ପୂର୍ବତନ ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁର ଏବଂ ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ପ୍ରସାଦ ପୁରୋହିତଙ୍କ ସମେତ ସମସ୍ତ ୭ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି।

୨୦୦୮ ସେପ୍ଟେମ୍ବର ୨୯ ତାରିଖ ପବିତ୍ର ରମଜାନ ମାସ ଅବସରରେ ମହାରାଷ୍ଟ୍ରରେ ମାଲେଗାଁଓସ୍ଥିତ ଏକ ମସ୍‌ଜିଦ ନିକଟରେ ମୋଟରସାଇକେଲ୍‌ରେ ଖଞ୍ଜା ଯାଇଥିବା ବୋମା ବିସ୍ଫୋରଣ ହେବାରୁ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଆହତ ହୋଇଥିଲେ। ରାୟ ଘୋଷଣା କରି ଏନ୍‌ଆଇଏ କୋର୍ଟର ସ୍ୱତନ୍ତ୍ର ବିଚାରପତି କହିଛନ୍ତି, ଅଭିଯୋଗ ପକ୍ଷ ଠୋସ୍ ପ୍ରମାଣ ଯୋଗାଡ଼ କରିବାରେ ବିଫଳ ହୋଇଛନ୍ତି। ସେଥିପାଇଁ ସନ୍ଦେହର ସୁବିଧା ପାଇବାକୁ ଅଭିଯୁକ୍ତ ହକ୍‌ଦାର। ଅଭିଯୋଗ ପକ୍ଷ ଯେଉଁ ପ୍ରମାଣ ଉପସ୍ଥାପନ କରିଛନ୍ତି, ସେଥିରେ ତାଳମେଳ ରହୁ ନ ଥିବା ଅଦାଲତ କହିଛନ୍ତି। ମାଲେଗାଁଓ ବିସ୍ଫୋରଣ ପଛରେ ଦୃଢ଼ ସନ୍ଦେହ ରହିଥାଇପାରେ। କିନ୍ତୁ କେବଳ ସନ୍ଦେହ ଅଭିଯୁକ୍ତମାନଙ୍କୁ ଦଣ୍ଡିତ କରିବା ପାଇଁ ଯଥେଷ୍ଟ ନୁହେଁ। ସେମାନଙ୍କୁ ଦୋଷୀସାବ୍ୟସ୍ତ କରିବା ପାଇଁ ଉଚ୍ଚ ଡିଗ୍ରୀର ସନ୍ଦେହ ପର୍ଯ୍ୟାପ୍ତ ନୁହେଁ। ସେଥିପାଇଁ ସନ୍ଦେହର ସୁବିଧା ସେମାନଙ୍କୁ ଦିଆଯାଇଛି। ଆତଙ୍କବାଦର କୌଣସି ଧର୍ମ ନାହିଁ। ତେବେ ନୈତିକତା ଆଧାରରେ ଦୋଷୀସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ପାଖାପାଖି ୧୭ ବର୍ଷର ଏହି ମାମଲାରେ ଦୀର୍ଘଦିନର ତଦନ୍ତ ଓ ଶୁଣାଣି ପରେ ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଅଭିଯୋଗରେ ଲ୍ୟୁଟ୍‌ନାଣ୍ଟ କଲୋନେଲ ପୁରୋହିତ, ପ୍ରଜ୍ଞା ଠାକୁର, ଅବସରପ୍ରାପ୍ତ ମେଜର ରମେଶ ଉପାଧ୍ୟାୟ, ଅଜୟ ରାହିରକର, ସୁଧାକର ଦ୍ୱିବେଦୀ, ସୁଧାକର ଚତୁର୍ବେଦୀ ଏବଂ ସମୀର କୁଲ୍‌କର୍ଣ୍ଣୀଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ), ମହାରାଷ୍ଟ୍ର ସଂଗଠିତ ଅପରାଧ ନିୟନ୍ତ୍ରଣ ଆଇନ (ମକୋକା) ଏବଂ ଆଇପିସିର ବ୍ୟବସ୍ଥା ଅନୁଯାୟୀ ବିଚାର ଚାଲିଥିଲା। ବିସ୍ଫୋରଣରେ ସାମିଲ ଥିବା ମୋଟରସାଇକେଲ ପ୍ରଜ୍ଞା ଠାକୁରଙ୍କର ବୋଲି କୌଣସି ପ୍ରମାଣ ମିଳି ନ ଥିଲା। ବିସ୍ଫୋରଣର ୨ ବର୍ଷ ପୂର୍ବରୁ ପ୍ରଜ୍ଞା ସାଧ୍ୱୀ ହେବା ସହ ସମସ୍ତ ଭୌତିକ ସାମଗ୍ରୀ ତ୍ୟାଗ କରିଥିଲେ ବୋଲି କୋର୍ଟ କହିଛନ୍ତି।

## 'ହିନ୍ଦୁ ଆତଙ୍କବାଦ' କଂଗ୍ରେସର ଷଡ଼ଯନ୍ତ୍ର
### ସୋନିଆ, ରାହୁଲ କ୍ଷମା ମାଗିବା ଆବଶ୍ୟକ: ଭାଜପା

ନୂଆଦିଲ୍ଲୀ,୩୧।୭(ପି.ଟି.)



ରବିଶଙ୍କର ପ୍ରସାଦ

ମାଲେଗାଁଓ ବିସ୍ଫୋରଣ ମାମଲାରେ ସମସ୍ତ ୭ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରାଯାଇଥିବାରୁ ଭାଜପା ଉକ୍ତ ରାୟକୁ ସ୍ୱାଗତ କରିଛି। ଗୈରିକ ଦଳ ଓ ନରେନ୍ଦ୍ର ମୋଦିଙ୍କ ଉତ୍ଥାନକୁ ରୋକିବା ଏବଂ ମୁସଲମାନ ଭୋଟବ୍ୟାଙ୍କକୁ ତୁଷ୍ଟ କରିବା ପାଇଁ ତତ୍କାଳୀନ କ୍ଷମତାରେ ଥିବା କଂଗ୍ରେସ 'ହିନ୍ଦୁ ଆତଙ୍କବାଦ' ସୂତ୍ର ସୃଷ୍ଟି କରିଥିଲା ବୋଲି ଭାଜପା ଗୁରୁବାର ଅଭିଯୋଗ କରିଛି। ଦୋଷମୁକ୍ତ ହୋଇଥିବା ଭାଜପାର ପୂର୍ବତନ ଏମ୍‌ପି ପ୍ରଜ୍ଞା ସିଂ ଠାକୁର ଏବଂ ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ପ୍ରସାଦ ପୁରୋହିତଙ୍କ ସମେତ ସମସ୍ତଙ୍କୁ କ୍ଷତିପୂରଣ ଦିଆଯିବା ସହ ସେମାନଙ୍କ ବିରୋଧରେ ମିଥ୍ୟା ପ୍ରମାଣ ଯୋଡ଼ିଥିବା ଓ ନିର୍ଯାତନା ଦେଇଥିବା ଅଭିଯୋଗକାରୀ ପକ୍ଷ କ୍ଷମା ମାଗନ୍ତୁ ବୋଲି ଭାଜପା ନେତା ରବିଶଙ୍କର ପ୍ରସାଦ ଦାବି କରିଛନ୍ତି। ସେହିପରି ଯେଉଁ ଅଫିସରମାନେ ନିର୍ଦ୍ଦୋଷଙ୍କୁ ମାମଲାରେ ଫସାଇବା ସହ ନିର୍ଯାତନା ଦେଇଥିଲେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି। ଭୋଟବ୍ୟାଙ୍କର ତୁଷ୍ଟୀକରଣ ପାଇଁ କଂଗ୍ରେସ ଯେକୌଣସି ସ୍ତରକୁ ଯାଇପାରେ। ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଏହା କଂଗ୍ରେସର ସୁଚିନ୍ତିତ ଷଡ଼ଯନ୍ତ୍ର ଥିଲା ବୋଲି ରବିଶଙ୍କର କହିଛନ୍ତି। ହିନ୍ଦୁ ଆତଙ୍କବାଦ ସଂଗଠନ ଓ ଗୈରିକ ଆତଙ୍କବାଦ ଅଭିଯୋଗ ଲଦି ଦେବା ପାଇଁ କଂଗ୍ରେସ ଚଳାଇଥିବା ଷଡ଼ଯନ୍ତ୍ର ପଣ୍ଡ ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ଉପରେ ପ୍ରଶ୍ନକୁ ଏଡ଼ାଇଯାଇ ଭାରତୀୟ ଅର୍ଥନୀତି ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ମନ୍ତବ୍ୟକୁ ନେଇ କେନ୍ଦ୍ରକୁ ସମାଲୋଚନା କରୁଥିବା ରବିଶଙ୍କର ଅଭିଯୋଗ କରିଛନ୍ତି।

## ଚଳିତବର୍ଷ ୮ ବିମାନ ଦୁର୍ଘଟଣାରେ ଯାଇଛି ୨୭୪ ଜୀବନ

ନୂଆଦିଲ୍ଲୀ,୩୧।୭

ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୮ଟି ବିମାନ ଦୁର୍ଘଟଣାରେ ୨୭୪ ଜଣଙ୍କ ଜୀବନ ଯାଇଥିବା କେନ୍ଦ୍ର ସରକାର ଗୁରୁବାର କହିଛନ୍ତି। ଜୁନ୍ ୧୨ରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ବ୍ୟତୀତ ୩ଟି ପ୍ରଶିକ୍ଷଣ ବିମାନ ଏବଂ ୪ଟି ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଲୋକ ସଭାରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ ଏହା କହିଛନ୍ତି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଦୁର୍ଘଟଣାଗୁଡ଼ିକର କାରଣ ସମ୍ପର୍କରେ ତଦନ୍ତ ଚଳାଇଥିବା ସେ କହିଛନ୍ତି। ଏପ୍ରିଲ ୨୨ରେ ଗୁଜରାଟରେ ଏକ ହେଲିକପ୍ଟର ଦୁର୍ଘଟଣାରେ ଜଣେ ଏବଂ ମେ' ୮ରେ ଉତ୍ତରାଖଣ୍ଡରେ ହେଲିକପ୍ଟର ଦୁର୍ଘଟଣାରେ ୬ ଜଣ ପ୍ରାଣ ହରାଇଥିଲେ। ଜୁନ୍ ୧୫ରେ ଉତ୍ତରାଖଣ୍ଡରେ ଆଉ ଏକ ହେଲିକପ୍ଟର ଦୁର୍ଘଟଣାରେ ୭ ଜଣଙ୍କ ଜୀବନ ଯାଇଥିଲା। ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୮୧ ଜଣ ଆହତ ହୋଇଥିଲେ। ଏହାକୁ ମିଶାଇ ମୋଟ ୮ ଦୁର୍ଘଟଣାରେ ୮୪ ଜଣ ଆହତ ହୋଇଥିବା ମନ୍ତ୍ରୀ କହିଛନ୍ତି।

## ପୁଷ୍ପେନ୍ଦ୍ର ସିଂ ହେବେ ସେନା ଉପାଧ୍ୟକ୍ଷ



ନୂଆଦିଲ୍ଲୀ, ୩୧।୭ (ପି.ଟି.)

ଲ୍ୟୁଟ୍‌ନାଣ୍ଟ ଜେନେରାଲ ପୁଷ୍ପେନ୍ଦ୍ର ସିଂ ଭାରତର ପରବର୍ତ୍ତୀ ସେନା ଉପାଧ୍ୟକ୍ଷ ହେବେ। ଆସନ୍ତା ୧ରୁ ସେ ଏହି ପଦ ଗ୍ରହଣ କରିବେ। ସେ ଗତ ଜୁଲାଇ ୧ରୁ ସେନା ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏନ୍.ଏସ୍. ରାଜା ସୁବ୍ରମଣିଙ୍କର ସ୍ଥାନ ନେବେ। ସେ ଭାରତୀୟ ସାମରିକ ଏକାଡେମୀର ପୂର୍ବତନ ଛାତ୍ର ହୋଇଥିବାବେଳେ ନିଜ ୩୫ ବର୍ଷର କ୍ୟାରିୟରରେ ଭାରତୀୟ ସେନାର ଅପରେଶନ ପବନ, ଅପରେଶନ ମେଘଦୂତ, ଅପରେଶନ ରକ୍ଷକ, ଅପରେଶନ ଅର୍କିଡ୍ ଆଦିରେ ଅଂଶଗ୍ରହଣ କରିଛନ୍ତି। ଅନ୍ୟପକ୍ଷେ, ନୌସେନା ଉପମୁଖ୍ୟ ଭାଇସ୍ ଆଡମିରାଲ କୃଷ୍ଣା ସ୍ୱାମୀନାଥନ ପଶ୍ଚିମ ନୌସେନା କମାଣ୍ଡର ପରବର୍ତ୍ତୀ ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ହେବେ। ଗତ ମେ ୧ରେ ସେ ନୌସେନା ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

## ବୈଷୟିକ ତ୍ରୁଟି: ଏୟାର ଇଣ୍ଡିଆ ବିମାନର ଉଡ଼ାଣ ବାତିଲ

ନୂଆଦିଲ୍ଲୀ,୩୧।୭

ଦିଲ୍ଲୀ ବିମାନବନ୍ଦରରୁ ଗୁରୁବାର ଲଣ୍ଡନ ଯିବାକୁ ଥିବା ଏୟାରଇଣ୍ଡିଆର ବୋଇଂ ୭୮୭-୯ ବିମାନରେ ବୈଷୟିକ ତ୍ରୁଟି ଦେଖାଦେବାରୁ ଏହାର ଉଡ଼ାଣକୁ ବାତିଲ କରିଦିଆଯାଇଛି। ବୈଷୟିକ ସମସ୍ୟା ପରେ ଏଆଇ୨୦୧୭ ବିମାନକୁ ସତର୍କତାମୂଳକ ଯାଞ୍ଚ ପାଇଁ ବେ'କୁ ଫେରାଇ ନିଆଯାଇଛି। ତ୍ରୁଟି ଜଣାପଡ଼ିବା ପରେ କକ୍‌ପିଟ୍ କ୍ରିଉ ଉଡ଼ାଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।

## ଏସ୍‌ଆଇଆର୍: ସଂସଦ ଦିନକ ପାଇଁ ମୁଲତବୀ

ନୂଆଦିଲ୍ଲୀ,୩୧।୭ (ପି.ଟି.)

ବିହାରରେ ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ପ୍ରତ୍ୟାହାର ଦାବିରେ ବିରୋଧୀ ହଟ୍ଟଗୋଳ ଜାରି ରଖିବାରୁ ପାର୍ଲାମେଣ୍ଟର ଉଭୟ ଗୃହକୁ ଗୁରୁବାର ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ରାଜ୍ୟ ସଭାରେ ଏସ୍‌ଆଇଆର୍ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ କ୍ରମାଗତ ଭାବେ ଗୃହକୁ ଅଚଳ କରିଥିଲେ। ଅପରାହ୍ନରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଆମେରିକାର ଟାରିଫ ଘୋଷଣା ପ୍ରସଙ୍ଗରେ ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ଭାରତ ଆବଶ୍ୟକ ପଦକ୍ଷେପ ନେବ ବୋଲି କହିବା ପରେ ଗୃହକୁ ମୁଲତବୀ ରଖାଯାଇଥିଲା। ଏହା ପୂର୍ବରୁ ଅପରେଶନ ସିନ୍ଦୂର ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉତ୍ତରକୁ ବିପକ୍ଷ ଦଳର ସଦସ୍ୟମାନେ ବିରୋଧ କରି ହୋହଲ୍ଲା କରିବାରୁ ରାଜ୍ୟ ସଭାକୁ ୩ ଥର ମୁଲତବୀ ରଖାଯାଇଥିଲା। ଲୋକ ସଭାରେ ମଧ୍ୟ ଅନୁରୂପ ଭାବେ ବିହାର ଏସ୍‌ଆଇଆର୍‌କୁ ନେଇ ବିରୋଧୀ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।



ସଂସଦର ମୌସୁମୀ ଅଧିବେଶନ ବେଳେ ଗୁରୁବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ୱାୟନାଡ୍ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା।


## ମୌସୁମୀ ଦ୍ୱିତୀୟାର୍ଦ୍ଧରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ

ନୂଆଦିଲ୍ଲୀ,୩୧।୭

ଚଳିତ ମୌସୁମୀ ଋତୁର ଦ୍ୱିତୀୟାର୍ଦ୍ଧ ଅର୍ଥାତ୍ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଗୁରୁବାର ପୂର୍ବାନୁମାନ କରିଛି। ଅଗଷ୍ଟରେ ଉତ୍ତର-ପୂର୍ବାଞ୍ଚଳ ଏବଂ ପୂର୍ବ ଭାରତର ଆଖପାଖ ଅଞ୍ଚଳକୁ ଛାଡ଼ିଦେଲେ ଦେଶର ଅଧିକାଂଶ ସ୍ଥାନରେ ସ୍ୱାଭାବିକ ବୃଷ୍ଟିପାତ ହେବ ବୋଲି ଆଶା କରାଯାଉଥିବା ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏକ ଅନ୍‌ଲାଇନ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଥିସହିତ ସେପ୍ଟେମ୍ବରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ। ମୌସୁମୀର ପ୍ରଥମାର୍ଦ୍ଧ ଅର୍ଥାତ୍ ଜୁନ୍ ଓ ଜୁଲାଇରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବାବେଳେ ହିମାଚଳପ୍ରଦେଶ ଭଳି କେତେକ ରାଜ୍ୟରେ ଅଚାନକ ବନ୍ୟା ଦେଖାଦେଇଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସାରା ଦେଶରେ ମୋଟାମୋଟି ଭାବେ ଦୀର୍ଘକାଳୀନ ହାରାହାରି ୪୨୨.୮ ମିଲିମିଟରର ୧୦୬ ପ୍ରତିଶତ ବୃଷ୍ଟିପାତ ହୋଇପାରେ।

ଜୁନ୍ ୧ରୁ ଜୁଲାଇ ୩୧ ମଧ୍ୟରେ ସ୍ୱାଭାବିକ ବୃଷ୍ଟିପାତ ୪୪୫.୮ ମିଲିମିଟର ହୋଇଥିବାବେଳେ ଗତ ୨ ମାସରେ ୪୭୪.୩ ମିଲିମିଟର ବର୍ଷା ହୋଇଛି, ଯାହା ୬ ପ୍ରତିଶତ ଅଧିକ। ଏହି ସମୟ ମଧ୍ୟରେ ୬୨୪ ଥର ଅତ୍ୟଧିକ ବୃଷ୍ଟିପାତ ଏବଂ ୭୬ ଥର ଅତି ଭୀଷଣ ବୃଷ୍ଟିପାତ ଘଟଣା ଘଟିଛି, ଯାହା କି ଗତ ୫ ବର୍ଷ ମଧ୍ୟରେ ସବୁଠୁ କମ୍।


### ଫୁରସତ୍
## ଚର୍ଚ୍ଚାରେ ସଲମାନ



ମୁମ୍ବାଇ

ବଲିଉଡ ପରେ ନୂଆ ଇନିଂସ ଆରମ୍ଭ କରିବେ ଭାଇଜାନ୍। ସେଇଟି ହେଲା ରାଜନୀତି। କିଛି ଏଭଳି ଚର୍ଚ୍ଚା ଏବେ ବଢ଼ିବାରେ ଲାଗିଛି। ଏହା ପଛରେ ରହିଛି ସୁପରଷ୍ଟାର ସଲମାନଙ୍କ ଏକ ପୋଷ୍ଟ। ଆଗକୁ ମହାରାଷ୍ଟ୍ରରେ ବିଏମ୍‌ସିର ନିର୍ବାଚନ ହେବାକୁ ଯାଉଛି। ଏମିତିରେ ସଲମାନ ରାଜନୀତିକୁ ଓହ୍ଲାଇପାରନ୍ତି ବୋଲି କୁହାଯାଉଛି।

ସଲମାନ ନିଜର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଷ୍ଟୋରୀ ଶେୟାର କରିଛନ୍ତି। ପୋଷ୍ଟରେ ଏକ ଫଟୋ ରହିଛି, ଯାହାକି ଆନିମେଟେଡ୍। ଫଟୋରେ ଚେହେରା ନଜର ଆସୁ ନ ଥିଲେ ହେଁ ତାଙ୍କର ହାତର ବ୍ରେସଲେଟ୍ ନଜର ଆସୁଛି। ସେ ହାତ ମଧ୍ୟ ଯୋଡ଼ିଛନ୍ତି। ଫଟୋରେ ଲେଖାଯାଇଛି ଯେ ନୂଆ ମଇଦାନରେ ଦେଖାହେବା। ବାସ୍ ଏହାକୁ ନେଇ ଏବେ ଚର୍ଚ୍ଚା ବଢ଼ିବାରେ ଲାଗିଛି। କହିରଖୁଛୁ ଯେ ବଲିଉଡ ସହ ଦକ୍ଷିଣ ଭାରତର ଅନେକେ କଳାକାର ରାଜନୀତିକୁ ଓହ୍ଲାଇ ସାରିଛନ୍ତି। ଏବେ ସଲମାନ ସେଭଳି କିଛି କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଅପରପକ୍ଷେ କିଛି ସଲମାନଙ୍କ ଏଭଳି ପୋଷ୍ଟ ପଛରେ ବିଗ୍‌ବସ୍‌କୁ ନେଇ ପ୍ରମୋଶନ ଥାଇପାରେ ବୋଲି କହୁଛନ୍ତି। ତେବେ ଏହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ।




# ମୋଦିଙ୍କ ୭୫ତମ ଜନ୍ମଦିନରେ ଓଡ଼ିଶାରେ ଲାଗିବ ୭୫ ଲକ୍ଷ ଗଛ

## ପ୍ରଧାନମନ୍ତ୍ରୀଙ୍କ ପାଇଁ ଓଡ଼ିଶାବାସୀଙ୍କ ସବୁଠୁ ବଡ଼ ଉପହାର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୭
(ସୁନୀତ ମିଶ୍ର)

ଚଳିତ ବର୍ଷ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୭୫ ବର୍ଷରେ ପ୍ରଦାର୍ପଣ କରିବେ। ଦେଶ ପ୍ରତି, ବିଶେଷକରି ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଅନେକ ଅବଦାନ ରହିଛି। ଗତ ବର୍ଷ ପ୍ରଧାନମନ୍ତ୍ରୀ ତାଙ୍କ ଜନ୍ମଦିନରେ ଓଡ଼ିଶା ଆସି ସୁଭଦ୍ରା ଯୋଜନା ଆରମ୍ଭ କରିଥିଲେ। ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା, ଓଡ଼ିଶାବାସୀଙ୍କ ପ୍ରତି ସଦିଚ୍ଛାର ସମ୍ମାନ ଜଣାଇ ଏକ୍ ପେଡ୍ ମା କେ ନାମ୍ ଅଭିଯାନରେ ସେପ୍ଟେମ୍ବର ୧୭ରେ ୭୫ ଲକ୍ଷ ଗଛ ଲାଗିବ। ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ସର୍ବଶ୍ରେଷ୍ଠ ଉପହାର ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ଲୋକସେବା ଭବନରେ ଏକ୍ ପେଡ୍ ମା କେ ନାମ୍ ଅଭିଯାନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତାକରି ଏହି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ଆରମ୍ଭ ହୋଇଥିଲା। ଚଳିତବର୍ଷ ଜୁନ୍ ୫ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏହାର ଦ୍ୱିତୀୟ ସଂସ୍କରଣ ଏକ ପେଡ୍ ମା କେ ନାମ୍ ୨.୦ ଚାଲିବ। ୨ୟ ସଂସ୍କରଣର ଏହି କାର୍ଯ୍ୟକ୍ରମରେ ସର୍ବନିମ୍ନ ୭.୫ କୋଟି ଚାରା ରୋପଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଗତବର୍ଷ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତା'ର ଲକ୍ଷ୍ୟ ଅତିକ୍ରମକରି ୬.୭୨ କୋଟି ଗଛ ଲଗାଇ ସାରା ଦେଶରେ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଏ ବର୍ଷ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି ଏବଂ ତା' ସହିତ କେବଳ ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲାଗିବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଙ୍ଗଲ ବିଭାଗ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଏଥିରେ ପ୍ରମୁଖ ଦାୟିତ୍ୱ ରହିଥିଲେ ମଧ୍ୟ ଏହି ପ୍ରକ୍ରିୟାକୁ ଆହୁରି ବ୍ୟାପକ କରିବା ପାଇଁ ଉକ୍ତ ଅଭିଯାନରେ ବିଭିନ୍ନ ସରକାରୀ ବିଭାଗ ସହ ପିଏସ୍‌ୟୁ, ଏନ୍‌ଜିଓ, ବିଭିନ୍ନ ଯୁବସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଅଧିକରୁ ଅଧିକ ସାମିଲ କରାଯିବାର ଆବଶ୍ୟକତା ରହିଛି। ପଞ୍ଚାୟତ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିପାଇଁ ବ୍ୟାପକ ପ୍ରଚାରପ୍ରସାର କରିବା ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ପ୍ରଚାରପ୍ରସାର ଅତ୍ୟନ୍ତ ପ୍ରଭାବୀ ଢଙ୍ଗରେ ହେବା ଉଚିତ। ପ୍ରଚାରପ୍ରସାର କେବଳ ଏକ କାର୍ଯ୍ୟକ୍ରମର ନୁହେଁ, ଏହା ପରିବେଶ ସୁରକ୍ଷା ପାଇଁ ଏକ ଜନ ଆନ୍ଦୋଳନ ହେବା ଉଚିତ ବୋଲି ସେ ମତ ଦେଇଥିଲେ। କେବଳ ଗଛ ଲଗାଇଦେଲେ ହେବ ନାହିଁ, ଏହି ଗଛକୁ କିଭଳି ଉତ୍ତମ ଭବିଷ୍ୟତ ମିଳିବ ତା'ର ମଧ୍ୟ ଦାୟିତ୍ୱ ନେବା ଆବଶ୍ୟକ। ଚାରାରୋପଣ ପରେ ଏହାର ରକ୍ଷଣାବେକ୍ଷଣ ଓ ଯତ୍ନ ପାଇଁ ପ୍ରତ୍ୟେକ ସରକାରୀ କର୍ମଚାରୀ ଏବଂ ଜନସାଧାରଣ ଦାୟିତ୍ୱବାନ୍ ହେବା ଆବଶ୍ୟକ। ଏଥିସହ ଚାରାରୋପଣର ଫଟୋ ଓ ଡାଟା ମେରି ଲାଇଫ୍ ପୋର୍ଟାଲରେ ଅପ୍‌ଲୋଡ୍ କରାଯିବା ପାଇଁ ସେ କହିଥିଲେ। ଚାରାରୋପଣ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ପଞ୍ଚାୟତ ଅଧିକାରୀମାନେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଏହାର ତଦାରଖ କରିବେ। ଭଲ ପ୍ରଦର୍ଶନ କ୍ଷେତ୍ରରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ତରରେ ପୁରସ୍କାର ବ୍ୟବସ୍ଥା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ଯେଉଁ ଅଞ୍ଚଳରେ ଯେଉଁ ଫଳ ଭଲ ଉତ୍ପାଦନ ହେଉଛି ସେହିଭଳି ଚାରା ଲୋକମାନଙ୍କୁ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଏକ୍ ପେଡ୍ ମା କେ ନାମ୍-୨.୦**

- ଅଭିଯାନର ଦ୍ୱିତୀୟ ସଂସ୍କରଣରେ ଏ ବର୍ଷ ଲାଗିବ ୭.୫ କୋଟି ଗଛ
- ପଞ୍ଚାୟତ ସ୍ତରରେ ଅଧିକରୁ ଅଧିକ ଚାରାରୋପଣ ପାଇଁ ପିଇଓମାନଙ୍କୁ ଦାୟିତ୍ୱ

# ହାତୀ ଆକ୍ରମଣରେ ୩ ମୃତ

## ରେଞ୍ଜର, ବନପାଳ ନିଲମ୍ବିତ

ସାତମାଇଲ, ୩୧।୭ (ସୁଶାନ୍ତ ପତି)

ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ରାସୋଳ ସେକ୍ସନ ବାଘଧରିଆ ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ଘଟିଛି। ଏ ନେଇ ଅଞ୍ଚଳବାସୀ ମୃତଦେହ ରଖି ରାସ୍ତାରୋକୋ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି। କର୍ତ୍ତବ୍ୟରେ ଅବହେଳା ଦର୍ଶାଇ ବନପାଳ ଦାୟିତ୍ୱରେ ଥିବା ଲୁସ୍ମିତା ସିଂଙ୍କୁ ଢେଙ୍କାନାଳ ଡିଏଫଓ ସୁମିତ କୁମାର କର କାର୍ଯ୍ୟରୁ ନିଲମ୍ବିତ କରିଥିବାବେଳେ ରାଜ୍ୟ ସରକାର ହିନ୍ଦୋଳ ରେଞ୍ଜର ଗୌତମ ପ୍ରଧାନଙ୍କୁ ନିଲମ୍ବନ କରିଛନ୍ତି।

ପ୍ରକାଶ ଯେ, ଗୁରୁବାର ଭୋର ସମୟରେ ପୋଖରୀକୁ ଶୌଚ ହେବା ପାଇଁ ଗ୍ରାମର ବେଣୁଧର ସାହୁଙ୍କ ସ୍ତ୍ରୀ ଶଶୀ ସାହୁ (୬୪) ଯାଇଥିବା ସମୟରେ ଏକ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିଥିଲା। ଏହି ଘଟଣା ଦେଖି ସେହି ଗ୍ରାମର କରୁଣାକର ଦେହୁରୀ (୬୬) ଦୌଡ଼ି ପଳାଇଯିବାକୁ ଚେଷ୍ଟା କରୁଥିବା ସମୟରେ ତାଙ୍କୁ ମଧ୍ୟ ଦନ୍ତାହାତୀ ଆକ୍ରମଣ କରିଥିଲା। ପରେ ହାତୀଟି ନଳକୂପରୁ ପାଣି ଆଣିବାକୁ ଆସିଥିବା ପ୍ରଦ୍ୟୁମ୍ନ ଦେହୁରୀଙ୍କ ସ୍ତ୍ରୀ ଝୁଲଣ ଦେହୁରୀ (୫୪)ଙ୍କୁ ରାସ୍ତାରେ କଚାଡି ମାରିଥିଲା। ଘଟଣାସ୍ଥଳରେ କରୁଣାକର ଦେହୁରୀ ଓ ତାଙ୍କ ସମ୍ପର୍କୀୟ ଭାଇବୋହୂ ଝୁଲଣ ଦେହୁରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଆହତ ଶଶୀ ସାହୁଙ୍କୁ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗ୍ରାମବାସୀଙ୍କ ସହ ଅଞ୍ଚଳର ବହୁ ଜନସାଧାରଣ ପୁରୁଣାକଟକ-ସମ୍ବଲପୁର ରାସ୍ତାର ସାତମାଇଲ ଛକ ନିକଟରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ହାତୀ ଆକ୍ରମଣରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ଖବର ଦିଆଯାଇଥିଲେ ମଧ୍ୟ ବିଳମ୍ବରେ ପୋଲିସ ଓ ବନାଞ୍ଚଳ ଅଧିକାରୀ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଘଟଣା ସ୍ଥଳରେ ହିନ୍ଦୋଳ ଉପଜିଲାପାଳ ପ୍ରଭାସ କୁମାର ବେହୁରା, ତହସିଲଦାର ଦିଲୀପ କୁମାର ସେଠୀ, ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଗ୍ରାମରେ ଲାଇଟ୍ ଲଗାଇବା, ଆତଙ୍କ ଚଳାଇଥିବା ଦନ୍ତାହାତୀଙ୍କୁ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ପଠାଇବା ଆଦି ଦାବିଗୁଡ଼ିକୁ ଶୀଘ୍ର ପୂରଣ କରାଯିବାକୁ ପ୍ରତିଶ୍ରୁତି ଦେବା ସହିତ ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରକୁ ରେଡକ୍ରସରୁ ୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନାକୁ ପଠାଇଥିଲେ। ଫଳରେ ରାସ୍ତା ଅବରୋଧ ହଟିଥିଲା। ଢେଙ୍କାନାଳ ଏମପି ରୁଦ୍ର ନାରାୟଣ ପାଣି ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ଜିଲାପାଳ ଆଶିଷ ପାଟିଲ ଓ ଡିଏଫଓ ସୁମିତ କୁମାରଙ୍କ ସହ ବିଶଦ ଆଲୋଚନା କରି ପ୍ରତ୍ୟେକ ପରିବାରକୁ କିପରି ତୁରନ୍ତ ସମସ୍ତ ପ୍ରକାର ସହଯୋଗ ମିଳିପାରିବ ଆଲୋଚନା କରିଛନ୍ତି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ କ୍ଷତିଗ୍ରସ୍ତ ୩ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ଆଲୋଚନା କରିଛନ୍ତି । ତେବେ କର୍ତ୍ତବ୍ୟରେ ଅବହେଳା ପାଇଁ ରାସୋଳ ବନପାଳ ଦାୟିତ୍ୱରେ ଥିବା ଲୁସ୍ମିତା ସିଂଙ୍କୁ ଢେଙ୍କାନାଳ ଡିଏଫଓ ସୁମିତ କୁମାର କର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

ଅନୁଗୁଳ ସାତକୋଶିଆ ଅଭୟାରଣ୍ୟ ଆରସିସିଏଫଙ୍କ ରିପୋର୍ଟ କ୍ରମେ ହିନ୍ଦୋଳ ରେଞ୍ଜର ଗୌତମ ପ୍ରଧାନଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି।

# ଜୟପୁରରୁ ଦିଆଯିବ ସୁଭଦ୍ରା ୩ୟ କିସ୍ତି ଟଙ୍କା

ଭୁବନେଶ୍ୱର, ୩୧।୭(ସୁନୀତ ମିଶ୍ର)

ହିତାଧିକାରୀଙ୍କୁ ସୁଭଦ୍ରାର ତୃତୀୟ କିସ୍ତି ଅଗଷ୍ଟ ୯ରେ ପ୍ରଦାନ କରିବେ ସରକାର। କୋଟିଏରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏକକାଳୀନ ସୁଭଦ୍ରା ଟଙ୍କା ମିଳିବ। କୋରାପୁଟ ଜିଲା ଜୟପୁରରୁ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ସରକାର ବାଣ୍ଟିବେ। ଏହା ପୂର୍ବରୁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ସୁଭଦ୍ରା ସମ୍ପର୍କିତ ବିଭିନ୍ନ ଦିଗକୁ ନେଇ ଷ୍ଟିୟରିଂ କମିଟି ବୈଠକରେ ଆଲୋଚନା ହୋଇଛି ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ସଚିବ ଦୃତିବାସ ରାଉତ ଗୁରୁବାର ସୂଚନା ଦେଇଛନ୍ତି। ଆଗକୁ ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କୁ ନୂଆ ଯୋଡ଼ାଯିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଲୋକଙ୍କ ଫିଡ୍‌ବ୍ୟାକ୍ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସୁଭଦ୍ରା ଟଙ୍କା ମହିଳାମାନେ କିପରି ବ୍ୟବହାର କରୁଛନ୍ତି ଏହା ଉପରେ ମତାମତ ନେବାକୁ ଷ୍ଟିୟରିଂ କମିଟିରେ ନିଷ୍ପତ୍ତି ହୋଇଛି। ଏହା ସହ ୨୧ ବର୍ଷ ବୟସ ହୋଇଥିବା ହିତାଧିକାରୀ ପରେ ନୂଆକରି ସାମିଲ ହେବେ। ମାର୍ଚ୍ଚ ୩୦ ସୁଦ୍ଧା ୬୦ ବର୍ଷ ଅତିକ୍ରମ କରିଥିବା ହିତାଧିକାରୀ ଯୋଜନାରୁ ବାଦ୍ ପଡ଼ିବେ ବୋଲି ସଚିବ ସୂଚନା ଦେଇଛନ୍ତି।

## ବାଦ୍ ପଡ଼ିଥିବା ୨ ଲକ୍ଷ ହିତାଧିକାରୀଙ୍କୁ ଆଉ ଆବେଦନ କରିବାକୁ ପଡ଼ିବନି: ଉପମୁଖ୍ୟମନ୍ତ୍ରୀ

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ସମୀକ୍ଷା ଜାରି ରହିଛି। ୧୨ ଦିନ ହେଲା ରାଜ୍ୟର ବିଭିନ୍ନ ଜିଲାରେ ସମୀକ୍ଷା ଚାଲିଛି। ବୁଧବାର ସୁଦ୍ଧା ୭ ହଜାର ସୁଭଦ୍ରା ହିତାଧିକାରୀଙ୍କ ମତାମତ ସଂଗ୍ରହ ହୋଇଛି। ମାସକ ମଧ୍ୟରେ ୨୨ ହଜାର ସୁଭଦ୍ରା ହିତାଧିକାରୀଙ୍କ ମତାମତ ନେବାକୁ ଟାର୍ଗେଟ ରହିଛି। ଆମ ହାତରେ ଆହୁରି ୧୮ଦିନର ସମୟ ରହିଛି। ଠିକ୍ ସମୟରେ ଟାର୍ଗେଟ ପୂରଣ ହୋଇଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି, ମହିଳା ଓ ଶିଶୁଙ୍କ ବିକାଶ ପାଇଁ ଲୋକସେବା ଭବନରୁ ହେଉଥିବା ଯୋଜନା ଅଙ୍ଗନୱାଡି ସ୍ତରରେ ପହଞ୍ଚୁଛି କି ନାହିଁ ତା'ର ମନିଟରିଂ ଅଧିକାରୀ କରିବେ। ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ୨ ଲକ୍ଷ ମହିଳାଙ୍କୁ ଆଉ ପୁନର୍ବାର ଆବେଦନ କରିବାକୁ ପଡ଼ିବ ନାହିଁ। ତଥ୍ୟ ପୁଣି ଯାଞ୍ଚକରି ଯେଉଁମାନେ ଯୋଗ୍ୟ ବିବେଚିତ ହେବେ ସେମାନଙ୍କୁ ସୁଭଦ୍ରା ଟଙ୍କା ସରକାର ଦେବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଜୟ ଓଡ଼ିଶା ଓ ମା' ମଙ୍ଗଳା ୟୁଥ୍ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମା' ମଙ୍ଗଳା ୟୁଥ୍ କ୍ଲବ, ବୁଦ୍ଧେଶ୍ୱରୀ କଲୋନୀ, ସମୟ:ସକାଳ ୯ଟା।
- ସିପିଆଇର ରାଜ୍ୟ ପରିଷଦ ବୈଠକ, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସାଧନା କଲ୍‌ଚରାଲ୍ ଏକାଡ଼େମୀ ପକ୍ଷରୁ ଗୁରୁ ସୁଧାକର ସାହୁ ପୁରସ୍କାର ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମହାନଦୀ ଜଳ ବିବାଦର ଆପୋସ ସମାଧାନ ସଂକ୍ରାନ୍ତରେ ଆଲୋଚନା ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍ ୯, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଅଲ୍ ଓଡ଼ିଶା ସିଆର୍‌ପି.ସିଏମ୍.ଆସୋସିଏଶନ୍ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଳିଙ୍ଗ କନ୍‌ଭେନ୍‌ଶନ୍, ପାନ୍ଥନିବାସ, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ୬୬୨(+୨୦+୩) ଅନୁଦାନପ୍ରାପ୍ତ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଆଙ୍ଗଲିଆ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ମ୍ୟୁଜିକ୍ ହେରିଟେଜ୍ ୪ର୍ଥ ବାର୍ଷିକ ଉତ୍ସବ, ସ୍ଥାନ:ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ପଶ୍ଚିମାଞ୍ଚଳ ଏକତାମଞ୍ଚ ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ତଥା ସମ୍ବଲପୁରୀ ଦିନ୍ ଉତ୍ସବ, ସ୍ଥାନ:ଭାରତୀୟ ବିଦ୍ୟାଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପାରାୟଣର ଚତୁର୍ଥ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଶ୍ରୀ ରାମଚରିତ ମାନସ ସାମୁହିକ ପାଠ, ସ୍ଥାନ: ଧବଳେଶ୍ୱର ପୀଠ ପଞ୍ଚମୁଖୀ ହନୁମାନ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ପୁରୀ ବନଖଣ୍ଡ ବିଭାଗ ପକ୍ଷରୁ ୭୬ତମ ବନ ମହୋତ୍ସବ ସମାରୋହ, ସ୍ଥାନ: ହଂସପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସର, ନିମାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ପଥପ୍ରାନ୍ତ ଶୋଭାଯାତ୍ରା ଓ ଗଣବିକ୍ଷୋଭ, ସ୍ଥାନ: ଡାକଘର ସମ୍ମୁଖ, ବସ୍ତା, ସମୟ: ସକାଳ ୭ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସିମୁଳିଆ କଲେଜ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ନାଗରିକ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ସ୍ଥାନ: କେନ୍ଦୁଝର ଅଡଟୋରିୟମ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍‌ସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ପାଟଣା ବ୍ଲକ୍ ସଭାଗୃହ, ସମୟ: ଅପରାହ୍ନ ୨ଟା ୩୦।

## ମୟୂରଭଞ୍ଜ
- ହ୍ୟାଣ୍ଡିଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା,ସ୍ଥାନ:ଶୁଭଶ୍ରୀ ରେସିଡେନ୍ସ ସ୍କୁଲ, ବାରିପଦା,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର
- ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ,ସ୍ଥାନ: ଶତବାର୍ଷିକୀ ସଭା କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ପୋଲିସ ପକ୍ଷରୁ ପୋଶ୍ ଆଇନ ସଚେତନତା, ସ୍ଥାନ: ବାଲିଗୁଡ଼ା ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ବାଲିଗୁଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୩ଟା।

## ଢେଙ୍କାନାଳ
- ଭାଜପା ପକ୍ଷରୁ କଂଗ୍ରେସ ଓ ବିଜେଡି ବିରୋଧରେ ବିକ୍ଷୋଭ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା୩୦।

## ଅନୁଗୋଳ
- ସାମାଜିକ ସୁରକ୍ଷା ପେନ୍‌ସନ୍‌କୁ ନେଇ ବ୍ୟାଙ୍କ ଓ ପୋଷ୍ଟ ଅଫିସ ଅଧିକାରୀଙ୍କ ସହ ବୈଠକ, ସ୍ଥାନ: ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଭରତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଙ୍ଗଳା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟ ଶୁଭାରମ୍ଭ, ସ୍ଥାନ:ନୟାଗଡ଼ ପଠାଣୀ ସାମନ୍ତ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅଧିଷ୍ଠାନ ଉତ୍ସବ, ସ୍ଥାନ:ରୋଟାରୀ କ୍ଲବ ନୟାଗଡ଼, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷୀ ହାଟ ଉଦ୍‌ଘାଟନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଚନ୍ଦ୍ରପୁର ସଭା ଗୃହ,ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ଜିଲାପାଳଙ୍କ ପୌରସଂସ୍ଥା କାର୍ଯ୍ୟାଳୟ ପରିଦର୍ଶନ, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୪ ଟା।

## କୋରାପୁଟ
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୮ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାଂସ୍କୃତିକ ସମାଜ ଆୟୋଜନରେ ସମ୍ବଲପୁରୀ କବିତା ପାଠୋତ୍ସବ, ସ୍ଥାନ : ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମର ମଞ୍ଚପୂଜା, ସ୍ଥାନ : ଗଙ୍ଗାଧର ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୩ଟା।

## ବଲାଙ୍ଗୀର
- ବଲାଙ୍ଗୀର ଜିଲା କୃଷକ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆକାଶ ନେଶନାଲ ଟେଲେଣ୍ଟ ହଣ୍ଟ ଏକ୍‌ଜାମ୍ ଶୁଭାରମ୍ଭ ଉତ୍ସବ, ସ୍ଥାନ: ଦମୟନ୍ତୀ ହାଇଟ୍‌ସ୍, ରାଜେନ୍ଦ୍ର କଲେଜ ଛକ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ରାଉରକେଲା
- ମୁଣ୍ଡା ସମାଜ ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମିଟକୁନ୍ଦରୀ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ରାଉରକେଲା ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳନ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଜିଲାସ୍ତରୀୟ ସମ୍ବଲପୁରୀ ଦିନ ପାଳନ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ସକାଳ ୯ଟା।
- ସମ୍ବଲପୁରୀ ଦିନ ପାଳନ, ସ୍ଥାନ: କୋଶଳ ସ୍କୁଲ, ନୂଆଁ ଖଇରପାଲି ଏବଂ ବ୍ଲକ ଅଫିସ ସମ୍ମୁଖ, ଅତାବିରା, ସମୟ:ସକାଳ ୯ଟା ୩୦ ଏବଂ ଅପରାହ୍ନ ୧ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବରଗଡ଼,ସମୟ: ସକାଳ ୯ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ସ୍ଥାନ:ସରକାରୀ ହାଇସ୍କୁଲ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।
- ରାଇସ୍ ମିଲର୍ସ ଆସୋସିଏଶନର ଖବରଦାତା ସମ୍ମିଳନୀ,ସ୍ଥାନ: ହୋଟେଲ ଗଣପତି, ବରଗଡ଼,ସମୟ:ସନ୍ଧ୍ୟା ୫ଟା।

## କଳାହାଣ୍ଡି
- ଇନ୍ଦ୍ର ପୂଜା, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୮ଟା
- ନାରୀ ସୁରକ୍ଷାକୁ ନେଇ ଛାତ୍ର ବିଜେଡିର ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଘୁମୁରା ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ରାଙ୍କିଂ ଟୁର୍ନାମେଣ୍ଟ ଶୁଭାରମ୍ଭ, ସ୍ଥାନ: ଇନଡୋର ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୯ଟା।
- ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଫାଇନାଲ ମ୍ୟାଚ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର
- ବୀରମହାରାଜପୁର ନିତ୍ୟ ଯୋଗ କମିଟି ତରଫରୁ ସମ୍ବଲପୁରୀ ଦିନ୍ ପାଳନ, ସ୍ଥାନ : ବୀରମହାରାଜପୁର କଲେଜ ପଡ଼ିଆ, ସମୟ: ସକାଳ ୬ଟା୩୦।
- ତରଭା ବଡବନ୍ଧ ଧବଳେଶ୍ୱର ମନ୍ଦିରରେ ରୁଦ୍ରାଭିଷେକ ଓ ଭଜନ ପରିବେଷଣ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ବିନିକା ଭୀମ ଭୋଇ ସେବା ଫାଉଣ୍ଡେସନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ:ନାରାୟଣୀ ମନ୍ଦିର ପ୍ରାଙ୍ଗଣ ଓ ଉର୍ଲେ ପାପକ୍ଷୟ ରାସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନରେ ସମ୍ବଲପୁରୀ ଦିନ୍ ପାଳନ ଉତ୍ସବ, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭା ଗୃହ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।
- ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗୋଦାମ ପଡ଼ା, ସମୟ: ସନ୍ଧ୍ୟା ୬ଟା।

# ପାଣି ବଦଳରେ ଯନ୍ତ୍ରୀଙ୍କୁ ପିଆଇଲେ ପରିସ୍ରା

**ପାରଳାଖେମୁଣ୍ଡି/ଆର.ଉଦୟଗିରି, ୩୧।୭**
**(ଗିରିଧାରୀ ପରିଚ୍ଛା/ମନୋଜ ପାଢୀ)**

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ଆରଡବ୍ଲ୍ୟୁଏସ୍‌ଏସ୍‌ରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପାଣି ବଦଳରେ ପରିସ୍ରା ପିଇବାକୁ ଦିଆଯାଇଥିବା ଏବେ ଲୋକଲୋଚନକୁ ଆସିଛି। ଆରଡବ୍ଲ୍ୟୁଏସ୍‌ଏସ୍‌ରେ ନୂତନ କନିଷ୍ଠ ଯନ୍ତ୍ରୀ ଭାବେ ସଚିନ କୁମାର ଗୌଡ଼ ଏଠାରେ ଗତ ୨୨ ତାରିଖରେ କାର୍ଯ୍ୟରେ ଯୋଗଦେଇଥିଲେ। ତାଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସରେ ରହିଥିଲେ। ୨୩ରେ ସେ ଖାଇସାରିବା ପରେ ତାଙ୍କ ପାଇଁ ରହିଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପିଇବାକୁ ପାଣି ମାଗିଥିଲେ। ସେ ପାଣି ଆଣି ଦେବା ପରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ତାହା ପିଇଥିଲେ। ମାତ୍ର ଏହି ପାଣି ଖାରିଆ ଲାଗିବାରୁ ସେ ପାଖରେ ଥିବା ଅନ୍ୟ ୨ ଜଣଙ୍କୁ ମଧ୍ୟ ପିଇବାକୁ ଦେଇଥିଲେ। ଏହା ଖାରିଆ ଲାଗୁଥିବା ସେମାନେ ମଧ୍ୟ କହିବାରୁ କନିଷ୍ଠଯନ୍ତ୍ରୀ ଗୌଡ଼ ଏହି ପାଣିକୁ ପରୀକ୍ଷା ପାଇଁ ଦେଇଥିଲେ। ଏ ସମ୍ପର୍କରେ ସେ ନିଜ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି। ଗୁରୁବାର ଏହାର ରିପୋର୍ଟ ଆସିଛି। ଏହା ପାଣି ନୁହେଁ ପରିସ୍ରା ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ପରେ କନିଷ୍ଠଯନ୍ତ୍ରୀ ଗୌଡ଼ ଏହି ରିପୋର୍ଟକୁ ଭିତ୍ତିକରି ଆର. ଉଦୟଗିରି ଥାନାରେ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ଆର. ଉଦୟଗିରି ଥାନା ଅଧିକାରୀ ଅଶ୍ୱିନୀ ଭିତିରିଆଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗକୁ ଗୁରୁତର ସହ ନିଆଯାଇ ଏହାର ତଦନ୍ତ ଜାରି ରହିଛି। ନଂ. ୮୦/୨୬ରେ ଏକ ମାମଲା ରୁଜୁ ହୋଇଛି। କିଏ କାହିଁକି ଏପରି କଲେ ଏବଂ କନିଷ୍ଠ ଯନ୍ତ୍ରୀ ଦେଇଥିବା ରିପୋର୍ଟକୁ ଅନୁଧ୍ୟାନ କରାଯାଉଛି। ଯିଏ ଦୋଷୀ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ପରୀକ୍ଷା ପରେ ଆସିଥିବା ରିପୋର୍ଟ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମୁଗୁନି ପଥର ପଡ଼ିଛି,**
**କେତେ ଘଷି ମାଜି ହେଉ ଲୋ ସୁନ୍ଦରୀ**
**ତୋ ପାଇଁ ପୁରୁଷ ଝୁରୁଛି।**

ଝିଅ ଯଦି ସୁନ୍ଦରୀ ବୋଲି ବେଶି ଫୁଲେଇ ହୁଏ, ତା' ସୁନ୍ଦରତା ପ୍ରତି ସାଙ୍ଗସାଥୀ ମହଲରେ ଅଧିକ ଚର୍ଚ୍ଚାର ବିଷୟ ହୋଇଯାଏ। ଥଟ୍ଟା ପରିହାସରେ ଦେଖେଇ ଶିଖେଇ ଅନେକ ଅକୁହା କଥା କୁହାଯାଉଥିବାର ଜଣାଯାଇଥାଏ। ସ୍ନାନରତା ଯୁବତୀର ରୂପ ଲାବଣ୍ୟକୁ ଚିକ୍କଣ କରି ରଖିବାର ମାନ ପ୍ରତି ଅନ୍ୟ ଜଣେ ଯୁବତୀର ଟାହିଟାପରା ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମନରେ ନାହିଁ କି ମାଳରେ ନାହିଁ,**
**ଭଜି ଭଜି କରି ପାଇବୁ କାହିଁ ?**

ନିରନ୍ତର ଏକାଗ୍ର ଚିତ୍ତରେ ଧ୍ୟାନ ନ ରଖିଲେ ପ୍ରଭୁକୃପା ମିଳିପାରି ନ ଥାଏ। ଏଭଳି ସ୍ଥଳେ ଶୁଭଫଳ ପ୍ରାପ୍ତି ହେବା ନିହାତି ଅସମ୍ଭବ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଭାରତୀୟ ଅର୍ଥନୀତି...

ସ୍ପଷ୍ଟ କରିଥିଲେ। ଏହାର ଦିନକ ପରେ ଟ୍ରମ୍ପ ଭାରତ ଉପରେ ଅଗଷ୍ଟ ୧ରୁ ୨୫% ଟାରିଫ୍ ଲଗାଇବାକୁ ଘୋଷଣା କରିଥିଲେ। ଏହାବାଦ୍ ରୁଷିଆଠାରୁ କ୍ରୁଡ୍ ଅଏଲ୍ ଓ ସାମରିକ ଉପକରଣ କିଣୁଥିବାରୁ ଭାରତ ଉପରେ ଏକ ଅନିର୍ଦ୍ଦିଷ୍ଟ ଜରିମାନା ମଧ୍ୟ ଲଗାଯିବ ବୋଲି ଟ୍ରମ୍ପ ଘୋଷଣା କରିଥିଲେ।

ୟୁକ୍ରେନ୍ ଯୁଦ୍ଧ ଚାଲିଥିବାବେଳେ ଭାରତ ରୁଷିଆଠାରୁ ସର୍ବାଧିକ ଯୁଦ୍ଧାସ୍ତ୍ର କିଣିଥିବାବେଳେ ତୈଳ କ୍ରୟ କ୍ଷେତ୍ରରେ ଚାଇନା ପରେ ଦ୍ୱିତୀୟ ବଡ଼ ରାଷ୍ଟ୍ର। ୟୁକ୍ରେନ୍‌ରେ ରୁଷୀୟ ସୈନ୍ୟ ସାଧାରଣ ଜନତାଙ୍କୁ ହତ୍ୟା କରୁଥିବାବେଳେ ଭାରତ ମସ୍କୋ ସହ ବ୍ୟବସାୟିକ ଘନିଷ୍ଠତା ବଢ଼ାଇବା ଯୁଦ୍ଧକୁ ଇନ୍ଧନ ଦେବା ସଦୃଶ ବୋଲି ଟ୍ରମ୍ପ ଏହା ପୂର୍ବରୁ ଅନେକ ଥର ସମାଲୋଚନା କରିଥିଲେ। ତେଣୁ ଭାରତକୁ ରୁଷିଆ ସହ ବାଣିଜ୍ୟିକ ସମ୍ପର୍କର ବହୁମୂଲ୍ୟ ଦେବାକୁ ପଡ଼ିଛି ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଟ୍ରମ୍ପ ଜାପାନ, ବ୍ରିଟେନ୍ ଓ ୟୁରୋପୀୟ ସଂଘ (ଇୟୁ) ଉପରେ ଏପରି ପକାଇଥିବାରୁ ତାଙ୍କ ସଦ୍ୟ ଘୋଷଣାକୁ ନୂଆଦିଲ୍ଲୀ ଉପରେ ଚାପ ସୃଷ୍ଟି ଉଦ୍ଦେଶ୍ୟରେ ଏକ କୌଶଳ ବୋଲି ବିବେଚନା କରାଯାଉଛି।

ଟ୍ରମ୍ପ ଲଗାତର ଭାବେ ଦୁଇଦିନ ଧରି ଭାରତ ବିରୋଧୀ ଆଭିମୁଖ୍ୟକୁ କଠୋରକରି ଟାଣପଣ ଦେଖାଇଥିବାବେଳେ ତାଙ୍କ ମନ୍ତବ୍ୟକୁ ନେଇ ଦେଶ ଭିତରେ କେନ୍ଦ୍ର ସରକାର ସମାଲୋଚିତ ହୋଇଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଭାରତୀୟ ଅର୍ଥନୀତି ମୃତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ବ୍ୟତୀତ ସମସ୍ତେ ଜାଣନ୍ତି। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦେଶର ଅର୍ଥନୀତି, ପ୍ରତିରକ୍ଷା ଓ ବହିର୍ବ୍ୟାପାର ନୀତିକୁ ନଷ୍ଟ କରିଦେଇଛି। ପାର୍ଲାମେଣ୍ଟ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରି କଂଗ୍ରେସ ନେତା ରାହୁଲ ଆହୁରି କହିଛନ୍ତି, ଟ୍ରମ୍ପ ଭାରତୀୟ ଅର୍ଥନୀତିକୁ 'ଡେଡ୍' କହିବା ଯୁକ୍ତିଯୁକ୍ତ। ଭାରତୀୟ ଅର୍ଥନୀତି ମୃତ ବୋଲି ସମସ୍ତେ ଜାଣନ୍ତି। ମୋଦି ଦେଶର ଅର୍ଥନୀତିକୁ ହତ୍ୟା କରିଛନ୍ତି। ଆଦାନୀ-ମୋଦି ସହଭାଗିତା, ବିମୁଦ୍ରୀକରଣ, ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି, ବିଫଳତାର ସମାହାର, ଏମ୍‌ଏସ୍‌ଏମ୍‌ଇ ଧ୍ୱସ୍ତବିଧ୍ୱସ୍ତ ହୋଇଯିବା ଏବଂ କୃଷକମାରଣ ନୀତି ଯୋଗୁ ଏପରି ହୋଇଛି। ତେବେ ଆମେରିକା ସହ ଭାରତର ଟ୍ରେଡ୍ ଡିଲ୍ ହେବ, ଯାହାକୁ ଟ୍ରମ୍ପ ଚୂଡ଼ାନ୍ତ କରିବେ। ଟ୍ରମ୍ପ ଯାହା କହିବେ ମୋଦି ତାହା କରିବେ। ତେବେ ଟ୍ରମ୍ପ ସତ କହିଥିବାରୁ ରାହୁଲ ଖୁସି ଥିବା ଜଣାଇଛନ୍ତି। ମୋଦି ମଙ୍ଗଳବାର ଲୋକ ସଭାରେ ଭାଷଣ ଦେବାବେଳେ ଟ୍ରମ୍ପ କିମ୍ବା ଚାଇନାର ନାମ କାହିଁକି ଉଲ୍ଲେଖ କରି ନ ଥିଲେ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଟ୍ରମ୍ପଙ୍କ ମନ୍ତବ୍ୟକୁ ସମର୍ଥନ କରିଥିବାରୁ ଭାଜପା ରାହୁଲଙ୍କୁ ସମାଲୋଚନା କରିଛି। ଭାରତକୁ ମିଳିଥିବା ସଫଳତା, ଦେଶବାସୀଙ୍କ ଆଶାଆକାଂକ୍ଷା ଓ ଜାତୀୟ ହିତ ଦୃଷ୍ଟିରୁ ଟ୍ରମ୍ପଙ୍କ କଥାକୁ ରାହୁଲ ଦୋହରାଇବା ଏକ ଲଜ୍ଜାଜନକ ବିଷୟ ବୋଲି ଶାସକ ଦଳ ନିନ୍ଦା କରିଛି।

### ପାକ୍ ସହ ତୈଳ...

ନେତୃତ୍ୱ କେଉଁ ତୈଳ କମ୍ପାନୀ ନେବ, ତାହା ଚୟନ କରିବା ପ୍ରକ୍ରିୟାରେ ଆମେ ରହିଛୁ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପଙ୍କ ଏହି ଘୋଷଣାକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ ଏକ ଐତିହାସିକ ବାଣିଜ୍ୟ ଚୁକ୍ତି ବୋଲି ଅଭିହିତ କରିଛନ୍ତି। ଏହି ଡିଲ୍ ଯୋଗୁ ଉଭୟ ପକ୍ଷ ମଧ୍ୟରେ ସହଯୋଗ ବୃଦ୍ଧି ହେବ ବୋଲି ଶେହବାଜ୍ ଆଶାବ୍ୟକ୍ତ କରିବା ସହ ଏକ ସୋସିଆଲ ମିଡିଆ ପୋଷ୍ଟରେ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରେଡିଓ ପାକିସ୍ତାନ ଅନୁସାରେ ପାକିସ୍ତାନର ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ ଏବଂ ଆମେରିକା ବାଣିଜ୍ୟ ସଚିବ ହୋୱାର୍ଡ ଲୁଟ୍‌ନିକ୍‌ଙ୍କ ମଧ୍ୟରେ ଏହି ଡିଲ୍ ସମ୍ପନ୍ନ ହୋଇଛି।

ସୂଚନାଯୋଗ୍ୟ, ପାକିସ୍ତାନ ନିଜ ଭୂଖଣ୍ଡର ଉପକୂଳରେ ତୈଳ ଭଣ୍ଡାର ମହଜୁଦ ଥିବା ନେଇ ଦୀର୍ଘଦିନ ଧରି ଦାବି କରିଆସିଛି। ତେବେ ସେଥିରୁ ତୈଳ ଉତ୍ତୋଳନ କରିବା ଦିଗରେ କୌଣସି ଅଗ୍ରଗତି ହୋଇନାହିଁ। ଏହାସତ୍ତ୍ୱେ ପାକିସ୍ତାନ ଏହି ଭଣ୍ଡାରଗୁଡ଼ିକୁ ଦେଖାଇ ଅନେକ ନିବେଶକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ଉଦ୍ୟମ ଚଳାଇଛି। ପାକିସ୍ତାନ ବର୍ତ୍ତମାନ ନିଜ ଶକ୍ତି ଚାହିଦା ମେଣ୍ଟାଇବା ପାଇଁ ମଧ୍ୟପ୍ରାଚ୍ୟରୁ ତୈଳ ଆମଦାନୀ କରୁଛି।

### ୬ ଭାରତୀୟ କମ୍ପାନୀ...

ନିମନ୍ତେ ଆମେରିକା ଏବେ ପଦକ୍ଷେପ ନେଉଛି ବୋଲି ଏହାର ପରରାଷ୍ଟ୍ର ବିଭାଗ କହିଛି। ଆମେରିକୀୟ କଟକଣାର ସମ୍ମୁଖୀନ ହୋଇଥିବା ଭାରତୀୟ କମ୍ପାନୀଗୁଡ଼ିକ ହେଲେ କାଞ୍ଚନ ପଲିମର୍ସ, ଆଲକେମିକାଲ ସଲ୍ୟୁଶନ୍ସ, ରାମନିକଲାଲ୍ ଏସ୍ ଗୋସାଲିଆ ଆଣ୍ଡ କମ୍ପାନୀ, ଜୁପିଟର ଡାଏ କେମ୍ ପ୍ରା. ଲିଃ, ଗ୍ଲୋବାଲ ଇଣ୍ଡଷ୍ଟ୍ରିଆଲ୍ କେମିକାଲ୍ସ ଲିଃ ଏବଂ ପର୍ସିଷ୍ଟେଣ୍ଟ ପେଟ୍ରୋକେମ୍ ପ୍ରା.ଲିଃ।

ଇରାନୀୟ ପେଟ୍ରୋଲିୟମ, ପେଟ୍ରୋଲିୟମ ଉତ୍ପାଦ ଏବଂ ପେଟ୍ରୋକେମିକାଲ ବାଣିଜ୍ୟରେ ସାମିଲ ଥିବା ବିଶ୍ୱର ୨୦ଟି ସଂସ୍ଥା ଉପରେ ଆମେରିକା କଟକଣା ଲଗାଇଥିବା ପରରାଷ୍ଟ୍ର ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ୱାଶିଂଟନର କଟକଣା ବିପଦ ସତ୍ତ୍ୱେ ଯେଉଁ ଦେଶ ଇରାନରୁ ତେଲ କିମ୍ବା ପେଟ୍ରୋକେମିକାଲ କିଣିବେ, ସେମାନଙ୍କୁ ଆମେରିକା ସହ ବ୍ୟବସାୟ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଭାରତୀୟ କମ୍ପାନୀ କାଞ୍ଚନ ପଲିମର୍ସ ୨୦୨୪ ଫେବୃଆରୀରୁ ଜୁଲାଇ ମଧ୍ୟରେ ୟୁଏଇରେ ଥିବା ଟାନାଇସ୍ ଟ୍ରେଡିଂଠାରୁ ୧୩ ନିୟୁତ ଡଲାର ମୂଲ୍ୟର ପଲିଇଥାଇଲିନ୍ ସମେତ ଇରାନୀୟ ମୂଳ ପେଟ୍ରୋକେମିକାଲ ଉତ୍ପାଦ ଆମଦାନୀ ଓ କ୍ରୟ କରିଥିଲା। ସେହିପରି ଅନ୍ୟତମ ଭାରତୀୟ ପେଟ୍ରୋକେମିକାଲ ଟ୍ରେଡିଂ କମ୍ପାନୀ ଆଲକେମିକାଲ ସଲ୍ୟୁଶନ୍ସ ୨୦୨୪ ଜାନୁଆରୀରୁ ଡିସେମ୍ବର ମଧ୍ୟରୁ ୮୪ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ଇରାନୀୟ ମୂଳ ପେଟ୍ରୋକେମିକାଲ ସାମଗ୍ରୀ ବିଭିନ୍ନ କମ୍ପାନୀଠାରୁ କିଣିଥିଲା। ୨୦୨୪ ଜାନୁଆରୀରୁ ୨୦୨୫ ଜାନୁଆରୀ ମଧ୍ୟରେ ରାମନିକଲାଲ୍ ଏସ୍ ଗୋସାଲିଆ ଆଣ୍ଡ କମ୍ପାନୀ ୨୨ ନିୟୁତ ଡଲାର ମୂଲ୍ୟର ମିଥାନୋଲ ଏବଂ ଟୋଲୁଇନ୍ ସମେତ ଇରାନୀୟ ପେଟ୍ରୋକେମିକାଲ ଉତ୍ପାଦ ଆମଦାନୀ ଓ କ୍ରୟ କରିଥିଲା। ସେହିପରି ଜୁପିଟର ଡାଏ କେମ୍ ପ୍ରାଇଭେଟ୍ ଲିଃ ୨୦୨୪ ଜାନୁଆରୀରୁ ୨୦୨୫ ଜାନୁଆରୀ ମଧ୍ୟରେ ୪୯ ନିୟୁତ ଡଲାରରୁ ଅଧିକ ମୂଲ୍ୟର ଇରାନୀୟ ମୂଳ ପେଟ୍ରୋକେମିକାଲ୍ ପ୍ରଡକ୍ଟ କିଣିଥିବାବେଳେ ଗ୍ଲୋବାଲ ଇଣ୍ଡଷ୍ଟ୍ରିଆଲ୍ କେମିକାଲ୍ସ ଲିଃ ଏବଂ ପର୍ସିଷ୍ଟେଣ୍ଟ ପେଟ୍ରୋକେମ୍ ପ୍ରା.ଲିଃ ଗତବର୍ଷ ଯଥାକ୍ରମେ ୫୧ ନିୟୁତ ଡଲାର ଏବଂ ୧୪ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ଇରାନୀୟ ପେଟ୍ରୋକେମିକାଲ କିଣିଥିଲେ।

### ଦେଶ ସ୍ୱାର୍ଥରେ...

ଆଡୁ ଏହା ଉପରେ ବକ୍ତବ୍ୟ ରଖିଛନ୍ତି। କେନ୍ଦ୍ର ସରକାର ଏହି ଟାରିଫ୍ ଘୋଷଣାର ସମ୍ଭାବ୍ୟ ପ୍ରଭାବ ଉପରେ ଅନୁଧ୍ୟାନ କରୁଛନ୍ତି। ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଯାହା ଆବଶ୍ୟକ ସବୁ କରାଯିବ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରୁ ମହତ୍ କାମରେ ଅର୍ଥ ବିନିଯୋଗ କରିବେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାସଲ ସକାଶେ ଦୂରଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚକର୍ତ୍ତୃପକ୍ଷଙ୍କଠାରୁ ଆଶାନୁଯାୟୀ ସାହାଯ୍ୟ ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। କ୍ରମଶଃ ଦୂରେଇ ଯାଉଥିବା କୌଣସି ଆତ୍ମୀୟଙ୍କ ପାଇଁ ମନ ଛଟପଟ ହୋଇପାରେ।

**ବୃଷ**
ତୃତୀୟସ୍ଥ ବୁଧାଦିତ୍ୟ ଯୋଗ ହେତୁ ଯାହା ମନେ ମନେ ଭାବୁଛନ୍ତି ତାହାକୁ ଯଥାଶୀଘ୍ର ଆରମ୍ଭ କରିନେବା ଭଲ ହେବ। ଅନ୍ୟମାନଙ୍କ ସାହାଯ୍ୟ ସହଯୋଗର ମଧ୍ୟ ଅଭାବ ରହିବ ନାହିଁ। ପରିସ୍ଥିତିରେ ପଡି କର୍ମକ୍ଷେତ୍ରରେ ଦାୟିତ୍ୱ ହାତକୁ ନେଇ ଚିନ୍ତିତ ରହିପାରନ୍ତି । ପୁରାତନ ରୋଗର ପ୍ରାଦୁର୍ଭାବ ବଢିବା କାରଣରୁ ମାନସିକ ଦୁର୍ବଳତା ଅନୁଭବ କରିବେ।

**ମିଥୁନ**
ରାଶିରେ ଗୁରୁଶୁକ୍ର ଥିବାରୁ ସକାଳୁ ଘର ପାଇଁ କୌଣସି କାମରେ ମନଦେଇ କର୍ମକ୍ଷେତ୍ର ପାଇଁ ପ୍ରସ୍ତୁତ ହେବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବଢାଇବା ଚେଷ୍ଟା କଲେ ମଧ୍ୟ ସେମାନେ ଅସ୍ୱୀକାର କରିପାରନ୍ତି। ପ୍ରଶାସନିକ କିମ୍ବା ପରିଚାଳନାଗତ ତ୍ରୁଟି ସୁଧାରିବା ଚେଷ୍ଟା ଅବ୍ୟାହତ ରହିବ। ଯାତ୍ରାରେ ଲକ୍ଷ୍ୟ ହାସଲ ସାଙ୍ଗକୁ ବ୍ୟବସାୟିକ ସଫଳତା ମିଳିବ।

**କର୍କଟ**
ଆଜି ଭାଗ୍ୟକର୍ମାଧିପଙ୍କ ସଂଯୋଗରୁ କିଛି ନୂଆ କାମ ଆରମ୍ଭ କରିବାକୁ ଚିନ୍ତା କରିବେ। ଅଭାବ ନ ଥିଲେ ମଧ୍ୟ ଖୋଲା ମନନେଇ ଖର୍ଚ୍ଚରୁ ଦୂରେଇ ରହିବା ପାଇଁ ଚେଷ୍ଟିତ ହେବେ। ବିବାଦୀୟ ପରିସ୍ଥିତିରେ ନିଜ ଲୋକଙ୍କୁ ସନ୍ଦେହ କରିବା ଭଳି ପରିସ୍ଥିତି ସୃଷ୍ଟି ହେବ। ସାଧାରଣ ସ୍ୱାର୍ଥକୁ କେନ୍ଦ୍ରକରି ପରିବାରରେ ସମସ୍ୟାର ଆଶଙ୍କା ରହିଛି।

**ସିଂହ**
ରାଶିରେ କେତୁ ଆପଣଙ୍କ ଦୈହିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରତି ପ୍ରତିକୂଳ ପ୍ରଭାବ ପକାଇପାରେ। ନିଜ ଲୋକଙ୍କ ବ୍ୟତୀତ ଅନ୍ୟଜାତିର ବ୍ୟକ୍ତି ସହାୟତା କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ସନ୍ତାନଙ୍କର କିଛି ରହିଥିବା ସମସ୍ୟାର ସମାଧାନ ସକାଶେ ବ୍ୟସ୍ତତା ବଢିପାରେ।

**କନ୍ୟା**
ଆଜିର ଦ୍ୱିତୀୟ ଚନ୍ଦ୍ର ଆପଣଙ୍କୁ ଅର୍ଥଲାଭ, ଯାତ୍ରାରେ ସଫଳତା ସାଙ୍ଗକୁ ବ୍ୟବସାୟରେ ଲାଭବାନ୍ କରାଇବ। ପରିସ୍ଥିତିର ସାମ୍ନା କରିବାକୁ ଯାଇ ବନ୍ଧୁଙ୍କୁ ସାହାଯ୍ୟ ସହଯୋଗ କରିପାରନ୍ତି। ପିଲାଙ୍କ ପାଇଁ ଜଞ୍ଜାଳ ବୃଦ୍ଧି ପାଇବା ହେତୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ । ଶତ୍ରୁତା କରୁଥିବା ଲୋକମାନେ ହଠାତ୍ ନିଜର ଫାଇଦା ହାସଲ ପାଇଁ ଅପଚେଷ୍ଟା କରିବେ।

**ତୁଳା**
କର୍ମାଧିପତି ରାଶିରେ ଅବସ୍ଥାନ କରିଥିବାରୁ କୌଣସି ନୂତନ କର୍ମାରମ୍ଭ ସକାଶେ ମନ ବଳାଇପାରନ୍ତି। ଦୀର୍ଘଦିନରୁ ବନ୍ଧୁଙ୍କ ନିକଟରୁ ପାଇ ନ ଥିବା ବକେୟା ଆଜି ପାଇବାର ସମ୍ଭାବନା ରହିଛି। ବିଷାଦିତ ମନ ସାଙ୍ଗକୁ ଶାରୀରିକ ଅସୁସ୍ଥତା ହେତୁ ମନ ବିଚଳିତ ରହିପାରେ। ବ୍ୟବସାୟ କ୍ଷେତ୍ରରେ କିଛି ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ଆଶା ରହିଛି।

**ବିଛା**
ମଙ୍ଗଳ ଏକାଦଶରେ ରହି ଆପଣଙ୍କୁ ଆର୍ଥିକ ସହାୟତା କିମ୍ବା ଜମିଜମା କ୍ରୟବିକ୍ରୟ କ୍ଷେତ୍ରରେ ସାହାଯ୍ୟ କରିବେ। ଅଟକି ରହିଥିବା କାମର ପୁନଃ ଆରମ୍ଭ ସାଙ୍ଗକୁ ବନ୍ଧୁଙ୍କ ସହ ଆଲୋଚନାରୁ ଖୁସି ହେବେ। ଶିଳ୍ପ,ବାଣିଜ୍ୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ ସବୁକଥାରେ ହଁ ଭରିବାକୁ ବାଧ୍ୟ ହେବେ।

**ଧନୁ**
ରାଶିକୁ ବୃହସ୍ପତି ଓ ଶୁକ୍ରଙ୍କ ପୂର୍ଣ୍ଣଦୃଷ୍ଟି କାରଣରୁ ସ୍ୱାସ୍ଥ୍ୟ ଭଲ ରହିବା ସହ ଲକ୍ଷ୍ୟ ହାସଲ କରିବେ। ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଓ ଅମନୋଯୋଗୀ ସ୍ୱଭାବର ପରିବର୍ତ୍ତନ ପାଇଁ ଚେଷ୍ଟା କରିପାରନ୍ତି। ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ୍ୟ ପଦକ୍ଷେପ ନେଇପାରିବେ ନାହିଁ। ଆଶା କରିଥିବା ଦିଗରୁ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ।

**ମକର**
ସପ୍ତମସ୍ଥ ରବି ଓ ବୁଧ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରା, ସଭାସମିତି, କର୍ମାରମ୍ଭ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରୁ ଗୁଜବ ଶୁଣି ମନ ବିଚଳିତ ରହିବ। ଅତୀତ ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିପାରନ୍ତି। କର୍ମକ୍ଷେତ୍ରରେ ବୁଦ୍ଧିଜିବୀମାନଙ୍କ ନିକଟରୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାର ଆଶା କରାଯାଇପାରେ।

**କୁମ୍ଭ**
ଚତୁର୍ଥସ୍ଥାନ ଶନି ଦୃଷ୍ଟିରେ ଥିବାରୁ ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ଯୋଗୁ ମନ ଅଶାନ୍ତ ରହିବ। ଲକ୍ଷ୍ୟହୀନ ଭ୍ରମଣ ହେତୁକ ସାମୟିକ କ୍ଳାନ୍ତି ଓ ଅବସାଦ ଅନୁଭବ କରିବେ। ବନ୍ଧୁମାନଙ୍କ ନିକଟରୁ କିଛି ଖରାପ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ରୋଗଣା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ କିଛିଟା ଆଶ୍ୱସ୍ତି ମିଳିବ।

**ମୀନ**
ଶନିଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ଜଣେ ବିଜାତୀୟ ବ୍ୟକ୍ତି ନିଜ ଆଡୁ ସାହାଯ୍ୟ କରିବାକୁ ଆଗେଇ ଆସିବେ। ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ମନକୁ ସାନ୍ତ୍ୱନା ଦେବାରେ ସହାୟକ ହେବ। ସଭାସମିତିରେ, ଆଲୋଚନା ପରିସରରେ, ରାଜନୈତିକ ସ୍ଥିତିରେ, ପ୍ରଶାସନିକ ସ୍ତରରେ ଆଶା ପୂରଣ ହେବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ।

ଆଜି ଅଗଷ୍ଟ ୧ ତାରିଖ, ବିଶ୍ୱ ସ୍ତନ୍ୟପାନ ସପ୍ତାହ ଆରମ୍ଭ, ଲୋକମାନ୍ୟ ତିଳକଙ୍କ ତିରୋଧାନ ଦିବସ, ଶ୍ରାବଣ କୃଷ୍ଣ ଅଷ୍ଟମୀ ଶୁକ୍ରବାର। ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୬ ଗତେ, ଘ.୦୬।୧୭ ମଧ୍ୟେ, ଘ.୦୭।୦୯ ଗତେ, ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୬ ଗତେ, ଘ.୧୧।୫୨ ମଧ୍ୟେ ରାହୁ କାଳ ।

# ମନ୍ତ୍ରୀଙ୍କ ପରଫର୍ମାନ୍ସ ରିପୋର୍ଟ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

## ନିର୍ଦ୍ଦିଷ୍ଟ ଫର୍ମାଟରେ ଦେବେ ସବୁ ସଚିବ: ମୁଖ୍ୟ ସଚିବ

ଭୁବନେଶ୍ୱର,୩୧।୭
(ରବିନାରାୟଣ ଜେନା)

ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବାର ୧ବର୍ଷ ଭିତରେ କ'ଣ ସବୁ ସଫଳତା ହାସଲ କରିଛି, ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ କେତେ କାର୍ଯ୍ୟକାରୀ ହୋଇଛି ଓ କେଉଁ ଆହ୍ୱାନମାନ ରହିଛି ସେହି ସମ୍ବନ୍ଧୀୟ ରିପୋର୍ଟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁ ବିଭାଗଠାରୁ ଲୋଡ଼ିଛନ୍ତି। ଏସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମୁଖ୍ୟଶାସନ ସଚିବ ମନୋଜ କୁମାର ଆହୁଜା ସମସ୍ତ ବିଭାଗର ସଚିବଙ୍କୁ ବ୍ୟକ୍ତିଗତ ଭାବେ ନୋଟ୍‌ଶିଟ୍ ଲେଖି ଅବଗତ କରାଇଛନ୍ତି।

ମୁଖ୍ୟସଚିବ ମନୋଜ ଆହୁଜା ପ୍ରଦାନ କରିଥିବା ନୋଟ୍ ଶିଟ୍‌ରେ ଉଲ୍ଲେଖ କରିଛନ୍ତି, ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ନିର୍ଦ୍ଦିଷ୍ଟ ଫର୍ମାଟରେ ଟିକିନିଖି ଭାବେ ଜାଣିବାକୁ ଚାହୁଁଛନ୍ତି। ଚଳିତବର୍ଷ ମେ' ସୁଦ୍ଧା ବିଭାଗରେ ନିୟମିତ ସମୀକ୍ଷା କରାଯାଇଛି କି ନାହିଁ, ଏହାସହିତ ସରକାରଙ୍କ ପକ୍ଷରୁ ପ୍ରଣୟନ ହେଉଥିବା କାର୍ଯ୍ୟକ୍ରମର ମୂଲ୍ୟାୟନ ରିପୋର୍ଟ ଦେବାକୁ ସେ ଦର୍ଶାଇଛନ୍ତି। ଏହାସହିତ ବିଭାଗୀୟ ମନ୍ତ୍ରୀମାନେ ନିୟମିତ ଭାବେ ସମୀକ୍ଷା କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ରହିଛି। ତେବେ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ ବେଳେ ବିଶେଷକରି ୧୦ଟି ଦିଗରେ ଅବଗତ କରାଇବାକୁ ମୁଖ୍ୟମନ୍ତ୍ରୀ ଇଚ୍ଛା ପ୍ରକାଶ କରିଛନ୍ତି।

ମୁଖ୍ୟସଚିବ ଦର୍ଶାଇଛନ୍ତି ଯେ, ବିଭାଗ ପକ୍ଷରୁ କ'ଣ ସବୁ ପ୍ରମୁଖ ପ୍ରତିଶ୍ରୁତି ପୂରଣ କରିବାକୁ ରହିଥିଲା ଏବଂ କେଉଁ ବୃହତ୍ ଯୋଜନା କାର୍ଯ୍ୟକାରୀ ହେଉଛି ଓ ତା'ର ସ୍ଥିତି ମେ' ସୁଦ୍ଧା କ'ଣ ରହିଛି; ସେଗୁଡ଼ିକୁ ୩ଟି ସ୍ଲାଇଡ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବାକୁ ହେବ। ତଥ୍ୟ ପ୍ରଦାନ ବେଳେ ସରକାରଙ୍କ ବଜେଟର ସର୍ତ୍ତ କ'ଣ ରହିଥିଲା ଏବଂ କେତେ ପରିମାଣର କାର୍ଯ୍ୟକାରିତା ହୋଇଛି ତାହାକୁ ଦର୍ଶାଇବାକୁ ପଡ଼ିବ। ସେହିପରି ଯଦି ସରକାରଙ୍କ ପକ୍ଷରୁ ଯୋଜନା କାର୍ଯ୍ୟକାରୀ ବେଳେ କୌଣସି ଆହ୍ୱାନ କିମ୍ବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ତେବେ ତାକୁ ଚେକ୍ ଆଣ୍ଡ୍ ବାଲାନ୍ସ ନୀତିରେ ନିଷ୍ପତ୍ତି ନେବାକୁ ହେବ। ଏହାସହିତ ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କିଭଳି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ସେଥିପାଇଁ ବାର୍ଷିକ ଖସଡ଼ା ପ୍ରସ୍ତୁତ କରିବା ନେଇ ଦର୍ଶାଇବାକୁ ପଡ଼ିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ସେହିପରି ବିଭାଗ ପକ୍ଷରୁ ଯୋଜନାର କାର୍ଯ୍ୟକାରିତା କେତେଦୂର ହୋଇଛି ତା'ର ମୂଲ୍ୟାୟନ ସଂକ୍ରାନ୍ତରେ ଟିକିନିଖି ତଥ୍ୟ ଦେବାକୁ ପଡ଼ିବ। ଏହାସହିତ ଯଦି ବିଭାଗ ପକ୍ଷରୁ କୌଣସି 'ଭିଜିଟ୍' ହୋଇଥାଏ ତା'ର ପୂର୍ଣ୍ଣାଙ୍ଗ ବିବରଣୀ ଦେବା ସହିତ କେଉଁ ଜିଲାରେ କେତେ ତାରିଖରେ ଭିଜିଟ୍ ଏବଂ ବୈଠକ ହୋଇଥିଲା ତା'ର ମଧ୍ୟ ତଥ୍ୟ ଦେବାକୁ ହେବ ବୋଲି ନୋଟ୍ ଶିଟ୍ ଜରିଆରେ ଉଲ୍ଲେଖ କରାଯାଇଛି।

ମୁଖ୍ୟସଚିବ ଆହୁରି ଦର୍ଶାଇଛନ୍ତି, ଜନସାଧାରଣଙ୍କ ଅଭିଯୋଗ ଶୁଣାଣିକୁ ବିଭାଗ ଗୁରୁତ୍ୱ ଦେଉଛି କି ନାହିଁ ତା'ର ସାପ୍ତାହିକ ରିପୋର୍ଟ ଦେବାକୁ ପଡ଼ିବ। କେତେ ଅଭିଯୋଗ ସପ୍ତାହକ ମଧ୍ୟରେ, କେତେ ୨ରୁ ୩ ସପ୍ତାହ ଏବଂ କେତେ ୩ରୁ ୭ସପ୍ତାହ ଭିତରେ ହୋଇଛି ତାହା ଦର୍ଶାଇବାକୁ ହେବ। ଏପରି କି ସପ୍ତାହକୁ କେତେ ଅଭିଯୋଗ ବକେୟା ରହିଯାଉଛି ତା'ର ତଥ୍ୟ ମଧ୍ୟ ଦେବାକୁ ହେବ। ବିଭାଗ ପକ୍ଷରୁ ପ୍ରଶାସନକୁ ଗତିଶୀଳ କରିବା ଲାଗି କ'ଣ ସବୁ ନୂତନ ପ୍ରସ୍ତାବ କାର୍ଯ୍ୟକାରୀ ହୋଇଛି ଏବଂ ଆଗାମୀ ଦିନରେ ହେବାକୁ ରହିଛି, ସେସବୁକୁ ସ୍ଲାଇଡ୍ ମାଧ୍ୟମରେ ଜଣାଇବାକୁ କୁହାଯାଇଛି। ବିଶେଷକରି ସାମାଜିକ ଗଣମାଧ୍ୟମରେ ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ବିଭାଗର ସମ୍ପୃକ୍ତି ରହିଥିବ, ତାହାକୁ ହିଁ ସ୍ଲାଇଡ୍‌ରେ ଦେବାକୁ ହେବ। ଏଥିସହିତ ସାମାଜିକ ଗଣମାଧ୍ୟମକୁ ବିଭାଗ କେତେଦୂର ଗୁରୁତ୍ୱ ଦେଉଛି ସେ ସଂକ୍ରାନ୍ତରେ ମୁଖ୍ୟସଚିବ ମନୋଜ ଆହୁଜା ସମସ୍ତ ସଚିବଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି।

# ସରକାରଙ୍କୁ ତଦନ୍ତ ରିପୋର୍ଟ ଦେଲେ ଉନ୍ନୟନ ଆୟୁକ୍ତ

ଭୁବନେଶ୍ୱର,୩୧।୭
(ରବିନାରାୟଣ ଜେନା)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ତଦନ୍ତ ରିପୋର୍ଟ ପ୍ରଦାନ କରୁଛନ୍ତି।

**ରଥଯାତ୍ରା ଦଳାଚକଟା ମୃତ୍ୟୁ ପ୍ରସଙ୍ଗ**

**କିଏ ଦାୟୀ: ତାକୁ ନେଇ ବଢୁଛି ସସ୍‌ପେନ୍ସ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବେଳେ ହୋଇଥିବା ଦଳାଚକଟାଜନିତ ମୃତ୍ୟୁ ଘଟଣାର ତଦନ୍ତ ରିପୋର୍ଟ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ଉନ୍ନୟନ ଆୟୁକ୍ତ ୨ଟି ପୁସ୍ତକ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଗୋଟିଏ ପୁସ୍ତକରେ ପୂର୍ଣ୍ଣାଙ୍ଗ ବିବରଣୀ ରହିଥିବାବେଳେ ଅନ୍ୟଟିରେ ଏହାର ସାରାଂଶ(ସିନୋପ୍‌ସିସ୍) ରହିଛି। ତଦନ୍ତ ରିପୋର୍ଟରେ କ'ଣ ରହିଛି ଏବଂ କାହାକୁ ଦାୟୀ କରାଯାଇଛି ସେନେଇ ଉନ୍ନୟନ ଆୟୁକ୍ତ ଟିକିନିଖି ଦର୍ଶାଇଛନ୍ତି। ତେବେ ସରକାରଙ୍କ ପକ୍ଷରୁ ଉକ୍ତ ତଦନ୍ତ ରିପୋର୍ଟକୁ ଆଧାର କରି କେଉଁମାନଙ୍କ ବିରୋଧରେ କେବେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ, ଗୁରୁବାର ଅପରାହ୍ନରେ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ରିପୋର୍ଟ ସନ୍ଧ୍ୟା ସୁଦ୍ଧା ସରକାରଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ। ସେ କହିଥିଲେ, ଘଟଣା ସମ୍ପର୍କରେ ଟିକିନିଖି ରିପୋର୍ଟ ପ୍ରଦାନ କରାଯାଇଛି। ମାତ୍ର ରିପୋର୍ଟରେ କ'ଣ ରହିଛି ତାହା କେବଳ ସରକାର ହିଁ କହିପାରିବେ। ତେବେ ଚଳିତବର୍ଷ ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭକ୍ତଙ୍କ ଦର୍ଶନ ବେଳେ ଦଳାଚକଟା ଘଟଣା ଯୋଗୁ ୩ଜଣଙ୍କ ପ୍ରାଣହାନି ହୋଇଥିବାବେଳେ ୫୦ରୁ ଅଧିକ ଆହତ ହୋଇଥିଲେ। ଏହି ଘଟଣାକୁ ରାଜ୍ୟ ସରକାର ଗୁରୁତ୍ୱର ସହିତ ଗ୍ରହଣ କରି ଏହାର ତଦନ୍ତଭାର ଉନ୍ନୟନ ଆୟୁକ୍ତଙ୍କୁ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ଚଳିତମାସ ୩୦ ସୁଦ୍ଧା ଏହାର ତଦନ୍ତ ରିପୋର୍ଟ ଦେବାକୁ ଉନ୍ନୟନ ଆୟୁକ୍ତଙ୍କୁ କୁହାଯାଇଥିଲା।

ସୂଚନାଯୋଗ୍ୟ, ଚଳିତବର୍ଷ ରଥଯାତ୍ରା ଦଳାଚକଟା ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷର ବାତାବରଣ ଦେଖାଦେବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ସମସ୍ତ ଜଗନ୍ନାଥପ୍ରେମୀଙ୍କୁ କ୍ଷମାପ୍ରାର୍ଥନା କରିଥିଲେ। ଏହାସହିତ ରଥଯାତ୍ରା ବିଶୃଙ୍ଖଳା ପାଇଁ ପୁରୀ ଜିଲାପାଳ ଓ ଏସ୍‌ପିଙ୍କୁ ବଦଳି କରାଯିବା ସହିତ ଡିସିପି ବିଷ୍ଣୁ ପତି ଓ କମାଣ୍ଡାଣ୍ଟ ଅଜୟ ପାଢ଼ୀଙ୍କୁ ଦାୟିତ୍ୱରେ ଅବହେଳା ଯୋଗୁ ନିଲମ୍ବନ କରାଯାଇଥିଲା। ଏହାବାଦ୍ ଆଉ କେତେକ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଚଳିତମାସ ପହିଲାରେ ପୁରୀରେ ରଥଯାତ୍ରା ଶୃଙ୍ଖଳା ନେଇ ଏକ ସୁରକ୍ଷା ବୈଠକ କରି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

# ଚାଷୀ ପଞ୍ଜୀକରଣରେ ଅସୁବିଧା ଥିଲେ ଫୋନ୍ କର: ମନ୍ତ୍ରୀ

ଭୁବନେଶ୍ୱର,୩୧।୭(ସୁନୀତ ମିଶ୍ର)

ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆହୁରି ସରଳୀକରଣ ହୋଇଛି। ବର୍ତ୍ତମାନ ଯାଏ ୩ ଲକ୍ଷ ୩୮ ହଜାର ୭୩୫ ଜଣ ଚାଷୀ ପଞ୍ଜୀକରଣ କରିସାରିଲେଣି। ଗତବର୍ଷ ଏହି ସମୟରେ ୩ ଲକ୍ଷ ୪୮ ହଜାର ଚାଷୀ ପଞ୍ଜୀକରଣ କରିଥିଲେ। ଏଥିରେ ବେଶି ବ୍ୟବଧାନ ନାହିଁ। ଗତବର୍ଷ ଜୁଲାଇ ୧୫ ରୁ ଆରମ୍ଭ ହୋଇଥିଲ। ଏଥର ପଞ୍ଜୀକରଣ ୪ ଦିନ ବିଳମ୍ବରେ ଆରମ୍ଭ ହୋଇଛି। ପଞ୍ଜୀକରଣରେ ମାତ୍ର ୧୦ ହଜାର ବ୍ୟବଧାନ ରହିଛି। ଚାଷୀ କେବଳ ଗୋଟିଏ ସେଲ୍ଫ ଡିକ୍ଲାରେଶନ ଫର୍ମରେ ଦସ୍ତଖତ କରିବେ। ଯାହା ନାଁରେ ରେକର୍ଡ ଯଥା ବାପା କିମ୍ବା ଭାଇଙ୍କ ନାଁରେ ରେକର୍ଡ ଥିଲେ କେବଳ ଲେଖିକରି ଦେବେ। ସେଥିପାଇଁ ଫର୍ମ ଇସ୍ୟୁ ହୋଇଛି। ଜୋରସୋରରେ ପଞ୍ଜୀକରଣ ଚାଲିଛି। କୌଣସି ଅସୁବିଧା ନାହିଁ। ଅସୁବିଧା ଥିଲେ ଦିଆଯାଇଥିବା ଟେଲିଫୋନ ନମ୍ବରରେ ଫୋନ କରନ୍ତୁ ବୋଲି ଗୁରୁବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ଚାଉଳ ପ୍ରସଙ୍ଗରେ ମନ୍ତ୍ରୀ ପାତ୍ର କହିଛନ୍ତି, କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଥିଲି। ସେ ଚାଉଳ ପ୍ରସଙ୍ଗରେ ଆଶ୍ୱାସନା ଦେଇଛନ୍ତି, ଏଯାଏଁ କିଛି ଅର୍ଡର ଆସି ନାହିଁ। ଇତିମଧ୍ୟରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ନେତୃତ୍ୱରେ ମଧ୍ୟ ଏକ ଟିମ୍ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଛନ୍ତି। ଖୁବ୍‌ଶୀଘ୍ର ତାହାର ସମାଧାନ ହେବ। ଖରିଫ ପାଇଁ ଏବେ ପଞ୍ଜୀକରଣ ହେଉଛି। ଗତବର୍ଷ ୭୩ ଲକ୍ଷ ୪୬ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା। ଏବର୍ଷ ଆଉଟିକେ ଅଧିକ ସଂଗ୍ରହ ହେବ। ପଞ୍ଜୀକରଣ ପରେ କେତେ ଧାନ ସଂଗ୍ରହ ହେବ ଆଉଟିକେ ସ୍ପଷ୍ଟ ହୋଇଯିବ। ଇ-କେୱାଇସିରେ ଅନେକ ଅଯୋଗ୍ୟ ଚାଷୀ ଧରାପଡ଼ିଲେଣି। ସେଥିରୁ ମଧ୍ୟ ଚାଷୀ ସଂଖ୍ୟା କମିପାରେ। ଚାଷ ଯେଉଁ ଜାଗାରେ ହେଉ ନ ଥିଲା ସେଠାରେ ମଧ୍ୟ ଏଥର ଚାଷ ହୋଇଛି। ନିଶ୍ଚୟ ଧାନ ଏବଂ ଚାଉଳ ଉତ୍ପାଦନ ବଢ଼ିବ। ସରକାର ପ୍ରସ୍ତୁତ ଅଛନ୍ତି। ଯେତେ ଉତ୍ପାଦନ ହେବ ଆମେ ନେବୁ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

# ଡେଲିଭରି ବୟଙ୍କ ପାଇଁ ଆସିବ ମାର୍ଗଦର୍ଶିକା


ଭୁବନେଶ୍ୱର,୩୧।୭(ଅନୁରାଧା ମହାରଣା)

ଡେଲିଭରି ବୟଙ୍କ ପାଇଁ ମାର୍ଗଦର୍ଶିକା ଆସିବ। ଶୀଘ୍ର ପାର୍ସଲ ପହଞ୍ଚାଇବା ପାଇଁ ଡେଲିଭରି ବୟ ଦ୍ରୁତଗତିରେ ଗାଡ଼ି ଚଳାଇବା ସହ ଅନେକ ସମୟରେ ଟ୍ରାଫିକ ନିୟମ ଉଲ୍ଲଂଘନ କରୁଛନ୍ତି। ଦ୍ରୁତ ଗତିରେ ଗାଡ଼ି ଚଳାଇବା ଫଳରେ ଦୁର୍ଘଟଣା ହାର ବଢୁଥିବାରୁ ରାଜ୍ୟ ପରିବହନ ବିଭାଗ ଏଭଳି ନିଷ୍ପତ୍ତି ନେଇଛି ବୋଲି ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ପରିବହନ କମିଶନର ଅମିତାଭ ଠାକୁର କହିଛନ୍ତି, ଗ୍ରାହକଙ୍କୁ ଖୁସି କରାଇବା ପାଇଁ ହୋମ୍ ଡେଲିଭରି କରୁଥିବା ସଂସ୍ଥାଗୁଡିକ ମଧ୍ୟରେ ପ୍ରତିଯୋଗିତା ଦିନକୁ ଦିନ ବଢ଼ିବାରେ ଲାଗିଛି। ସୁରକ୍ଷା ଦୃଷ୍ଟିରୁ ଯାତାୟାତ ସମୟକୁ ନିର୍ଦ୍ଧାରିତ ନ କରିବା ପାଇଁ ସମ୍ପୃକ୍ତ ସଂସ୍ଥା ସଚେତନ ହେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# ୫ ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ଦାୟିତ୍ୱ ବାଣ୍ଟିଲେ ସରକାର

ଭୁବନେଶ୍ୱର, ୩୧।୭
(ସୁନୀତ ମିଶ୍ର)

ରାଜ୍ୟ ସରକାର ଗୁରୁବାର ଆଇଏଏସ୍ ସ୍ତରରେ ଛୋଟ ଧରଣର ବଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କେତେଜଣ ଆଇଏଏସ୍ ଅଫିସରଙ୍କୁ ଅତିରକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଓଡ଼ିଶା ଇଣ୍ଡଷ୍ଟ୍ରି ନିର୍ଦ୍ଦେଶକ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ଆବୋଲି ସୁନୀଲ ନରୱଣେଙ୍କୁ ଅତିରିକ୍ତଭାବେ ଓଡ଼ିଶା ସ୍ମଲ ଇଣ୍ଡଷ୍ଟ୍ରି କର୍ପୋରେଶନର ଏମ୍‌ଡି ଦାୟିତ୍ୱ ଦିଆଯାଇଛି। ସେହିଭଳି ତାଙ୍କୁ ଓଡ଼ିଶା ଷ୍ଟେଟ୍ ଫାଇନାନ୍ସିଆଲ କର୍ପୋରେଶନର ଏମ୍‌ଡିଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ରାଉରକେଲା ଏଡିଏମ୍ ଥିବା ଧୀନା ଦସ୍ତାଗେଙ୍କୁ ଅତିରିକ୍ତଭାବେ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ କମିଶନର, ରାଉରକେଲା ସ୍ମାର୍ଟ ସିଟି ସିଇଓ ଏବଂ ରାଉରକୋଲା ଡେଭଲପମେଣ୍ଟ ଅଥରିଟି ସେକ୍ରେଟାରିଭାବେ ଦାୟିତ୍ୱ ମିଳିଛି। ସମ୍ବଲପୁର ମ୍ୟୁନିସିପାଲ କର୍ପୋରେଶନ କମିଶନର ଥିବା ୨୦୨୧ ବ୍ୟାଚ୍ ଆଇଏଏସ୍ ଅଫିସର ରେହାନ ଖାତ୍ରୀଙ୍କୁ ଅତିରିକ୍ତଭାବେ ସମ୍ବଲପୁର ଡେଭଲପମେଣ୍ଟ ଅଥରିଟିର ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। କଟକ ମ୍ୟୁନିସିପାଲ କର୍ପୋରେଶନ କମିଶନର ଥିବା ୨୦୨୧ ବ୍ୟାଚ୍ କିରଣଦୀପ୍ କୌର ସହୋଟାଙ୍କୁ ଅତିରିକ୍ତଭାବେ କଟକ ଡେଭଲପମେଣ୍ଟ ଅଥରିଟିର ଉପାଧ୍ୟକ୍ଷ ଦାୟିତ୍ୱ ମିଳିଛି। ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେଶନର କମିଶନର ଥିବା ୨୦୨୧ ବ୍ୟାଚ୍‌ର ପ୍ରଥମେଶ ଅରବିନ୍ଦ୍ ରାଜେଶହିର୍‌କେଙ୍କୁ ଅତିରିକ୍ତଭାବେ ବ୍ରହ୍ମପୁର ଡେଭେଲପମେଣ୍ଟ ଅଥରିଟି ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ସଚିବ ଦେବାଶିଷ ସିଂଙ୍କ ଦସ୍ତଖତରେ ଗୁରୁବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।




ତୁମର ମନ, ପ୍ରାଣ(ହୃଦୟ) ଓ ଦେହ- ଏମାନେ ଯଦି ତିନିପ୍ରକାର ଅଲଗା କଥା ଚାହାନ୍ତି- ତେବେ ତୁମର ବ୍ୟକ୍ତିତ୍ୱ ପରିଣତ ହୁଏ ଏକ ଯୁଦ୍ଧକ୍ଷେତ୍ରରେ। ଫଳରେ ତୁମ ଚେତନାରେ ସୃଷ୍ଟି ହୁଏ ବିଷମ ଆବେଗ। ... ଶାରୀରିକ ଅସୁସ୍ଥତା ହେଉଛି- ଏହି ପରର ଯୁଦ୍ଧରତ ଆବେଗଗୁଡିକରୁ ସୃଷ୍ଟି ହୋଇଥିବା ବିକ୍ଷୋଭ, ଚାଞ୍ଚଲ୍ୟ, ଭୟ ଓ ଅବସାଦର ଦ୍ୱନ୍ଦର ଫଳ। -ଶ୍ରୀମା



# ଏଆଇ ବନ୍ଧୁ ନୁହେଁ



ପିଟର ଜି. କିର୍ଚ୍ଛାଲାଗର

ପିଲାଙ୍କ ସମେତ ସମସ୍ତେ ଏଆଇ ସହ ବନ୍ଧୁ କିମ୍ବା ସାଥୀ ହେବା ଉଚିତ ବୋଲି ମେଟା ସିଇଓ ମାର୍କ ଜୁକରବର୍ଗ ଏବଂ ଓପନ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ସାମ୍ ଅଲଟମ୍ୟାନ୍ ଜୋରଦାର ପ୍ରଚାର ଚଳାଇଛନ୍ତି। ଏହି ସମୟରେ ଆମକୁ ଆମ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ସହଯୋଗ କରିବା, ନିୟମିତ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଏବଂ ନୀତି ନିର୍ଦ୍ଧାରଣରେ ମାର୍ଗଦର୍ଶନ କରିବା ସକାଶେ ଅନ୍ତଃରାଷ୍ଟ୍ରୀୟ ଟେକ୍ କମ୍ପାନୀଗୁଡ଼ିକ 'ଏଆଇ ଏଜେଣ୍ଟସ୍'(ଏଆଇ ସଫ୍ଟୱେର) ଡିଜାଇନ ଉପରେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ବାସ୍ତବରେ ଏଆଇ ସିଷ୍ଟମ୍ ଆମର ଏବେ ବନ୍ଧୁ, ସାଥୀ କିମ୍ବା ପ୍ରତିନିଧି ହୋଇନାହିଁ କି ଭବିଷ୍ୟତରେ କେବେ ବି ହୋଇପାରିବ ନାହିଁ। ଆମେ ବିଶ୍ୱାସ କରିବା ଉଚିତ, ସେଗୁଡ଼ିକ ସବୁବେଳେ ମେଶିନ ହୋଇ ରହିବେ। ସେଥିରୁ ଭିନ୍ନ କିଛି ଫଳାଫଳ ମିଳିବ ବୋଲି ଦର୍ଶାଯାଇ ଯେଭଳି ଭୁଲ୍ ପ୍ରଚାର କରାଯାଉଛି ତାହା ବିରୋଧରେ ସ୍ୱର ଉଠାଇବା ଦରକାର।

'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' ବା କୃତ୍ରିମ ବୁଦ୍ଧିମତ୍ତା ହେଉଛି ଏକ ବଡ଼ ଭ୍ରମାତ୍ମକ ଶବ୍ଦ। ଏହି ସିଷ୍ଟମ ପ୍ରକୃତରେ ବୁଦ୍ଧିସମ୍ପନ୍ନ ନୁହେଁ। ଏବେ ଆମେ ଯାହାକୁ ଏଆଇ ବୋଲି କହୁଛୁ ସେସବୁ କେବଳ ଯାନ୍ତ୍ରିକ ଉପକରଣ ସମୂହ ଏବଂ ନିର୍ଦ୍ଦିଷ୍ଟ ଭାବେ ମସ୍ତିଷ୍କ କରୁଥିବା କେତେକ କାର୍ଯ୍ୟର ନକଲ କରିଥାଏ। ସେସବୁ ବାସ୍ତବ ଜ୍ଞାନ ପାଇଁ ସକ୍ଷମ ନୁହନ୍ତି। ସେଗୁଡ଼ିକ କେବଳ ତଥ୍ୟ ଉପରେ ଆଧାରିତ ଓ ବ୍ୟକ୍ତିଗତ ଭାବନ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ; ସ୍ୱଚ୍ଛ କିମ୍ବା ନିଷ୍ପକ୍ଷ ମଧ୍ୟ ନୁହନ୍ତି। ଏଆଇ ସିଷ୍ଟମ ଚାଟଜିପିଟି ଦ୍ୱାରା ସୃଷ୍ଟ ତଥ୍ୟ ଉପରେ ଅଧିକ ନିର୍ଭର କରୁଛି। ଏହାକୁ ଯାହା ତଥ୍ୟ ଯୋଗାଇ ଦିଆଯିବ ସେହି ଅନୁସାରେ ସେଥିରୁ ଫଳାଫଳ ମିଳିବ। ପ୍ରକୃତ କଥା ହେଉଛି, ବୁଦ୍ଧିମତ୍ତା କହିଲେ କେବଳ କାମ କରିବାକୁ ବୁଝାଏ ନାହିଁ, ବରଂ କାମଗୁଡ଼ିକ ବିଷୟରେ ଚିନ୍ତା କରି ସେସବୁ କିଭଳି କରାଯାଇପାରିବ ତାହା ହେଉଛି ବୁଦ୍ଧିମତ୍ତା। ପ୍ରଯୁକ୍ତିଗତ ଦକ୍ଷତା ଥିବା ସତ୍ତ୍ୱେ ଏଆଇ ମଡେଲଗୁଡ଼ିକ ନିର୍ଦ୍ଦିଷ୍ଟ କ୍ଷେତ୍ର ଯଥା ବୃହତ୍ ଡେଟାସେଟ ପ୍ରୋସେସିଂ, ଯୁକ୍ତିଯୁକ୍ତ ନିଷ୍ପତ୍ତିରେ ପହଞ୍ଚିବା ଏବଂ ଆକଳନ କରିବାରେ ସୀମିତ ହୋଇ ରହିଥାନ୍ତି।

ସାମାଜିକ ସ୍ତରରେ ବ୍ୟକ୍ତିଗତ ସମ୍ପର୍କକୁ ଭଲ ଭାବେ ବୁଝିବାର କ୍ଷମତା ବିଷୟକୁ ଦେଖିଲେ ଏଆଇ ମେଶିନଗୁଡ଼ିକ ଭାବନା, କଥାବାର୍ତ୍ତା ଓ ସମ୍ପର୍କର ବାସ୍ତବତାକୁ କେବଳ ଅନୁସରଣ କରିପାରେ। ଉଦାହରଣ ସ୍ୱରୂପ, ଯେତେବେଳେ ରୋଗୀ କାନ୍ଦେ, ସେତେବେଳେ ହିଁ ଏକ ମେଡିକାଲ ରୋବୋ କାନ୍ଦେ। ସେହି ଅନୁସାରେ ତାହାକୁ ଡିଜାଇନ କରାଯାଇପାରେ। ଏଣୁ କେହି ବି ଯୁକ୍ତି କରିପାରିବେ ନାହିଁ, ଏହା ବାସ୍ତବରେ ଦୁଃଖ ଅନୁଭବ କରିପାରେ। ରୋଗୀଙ୍କୁ ଚାପୁଡ଼ା ମାରିବାକୁ ସେହି



ସମାନ ରୋବୋକୁ ମଧ୍ୟ ଡିଜାଇନ କରାଯାଇପାରେ ଓ ତାହା ଠିକ୍ ଭାବେ ନିର୍ଦ୍ଦେଶ ପାଳନ କରିବ ଏବଂ ଏଥିରେ ତାହାର ନିଜସ୍ୱ ବିଚାର କି ବାସ୍ତବିକତା ନ ଥାଏ । ମେଶିନ ଯତ୍ନ ନିଏ ନାହିଁ, ଏହା କେବଳ ନିର୍ଦ୍ଦେଶକୁ ଅନୁସରଣ କରେ। ଏଆଇ ସିଷ୍ଟମ ଯେତେ ବିକଶିତ ହେଉନା କାହିଁକି ସେଥିରେ କୌଣସି ବଡ଼ ପରିବର୍ତ୍ତନ ଆସିବାର ନାହିଁ। ସିଧା କହିବାକୁ ଗଲେ ମେଶିନର କୌଣସି ନୈତିକ କ୍ଷମତା ନାହିଁ। ମଣିଷ ସୃଷ୍ଟି କରିଥିବା ନିୟମ ଓ ବ୍ୟବସ୍ଥା ଅନୁଯାୟୀ ସେଗୁଡ଼ିକ ବ୍ୟବହାର କରିଥାନ୍ତି। ଅନ୍ୟପଟେ ସ୍ୱୟଂଚାଳିତ ନୈତିକତା ଏବଂ ନୈତିକ ମାନଦଣ୍ଡ ଅନୁସାରେ ମଣିଷର ବ୍ୟବହାର କରିବାର କ୍ଷମତା ରହିଛି। କିନ୍ତୁ କୌଣସି ସ୍ଥିତିରେ ତଥ୍ୟ ଉପରେ ନିର୍ଭର କରି ସଫ୍ଟୱେର ମାଧ୍ୟମରେ କାମ କରିବା ସକାଶେ ଏଆଇ ସିଷ୍ଟମଗୁଡ଼ିକୁ ଡିଜାଇନ କରାଯାଏ। ସେସବୁ ସେଲ୍ଫ ଲର୍ଣ୍ଣିଂ ବା ସ୍ୱଶିକ୍ଷଣ ମାଧ୍ୟମରେ ବ୍ୟବହାର ବଦଳାଇପାରେ, କିନ୍ତୁ ନେଉଥିବା ନିଷ୍ପତ୍ତିର କୌଣସି ଅନ୍ତର୍ନିହିତ ନୈତିକ ମୂଲ୍ୟ ନ ଥାଏ। ସ୍ୱୟଂଚାଳିତ କାର୍ କଥା ଦେଖାଯାଉ। ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନରେ ଠିକ୍ ସମୟରେ ଶୀଘ୍ର ପହଞ୍ଚିବା ପାଇଁ ଏକ ସ୍ୱୟଂଚାଳିତ କାର୍‌ରେ ନିର୍ଦ୍ଦେଶ ଓ ନିୟନ୍ତ୍ରଣ ସିଷ୍ଟମର ବିକାଶ କରାଯାଇଛି। ଯଦି କାରକୁ ଠିକ୍ ଭାବେ ନିର୍ଦ୍ଦେଶ ଦିଆ ନ ଯାଏ, ତେବେ ତାହା ପଥଚାରୀ ଉପରେ ମାଡ଼ିଯିବ, କାରଣ ଏହା ଲୋକଙ୍କର କ୍ଷତି କରିବାର ନୈତିକ ଦିଗକୁ ବିଚାର କରିପାରେ ନାହିଁ। ଏମିତି ଘଟିବାର କାରଣ ହେଉଛି, ନୈତିକ କାର୍ଯ୍ୟର ସିଦ୍ଧାନ୍ତକୁ କେଉଁ ପରିସ୍ଥିତିରେ ଲାଗୁ କରାଯିବ ତାହା ଗ୍ରହଣ କରିବା ପାଇଁ ମେଶିନ ଅକ୍ଷମ। ନୈତିକ ବିଚାର ସାଧାରଣତଃ ଅନ୍ୟମାନେ ଗ୍ରହଣ କରିପାରୁଥିବା ଏକ ଯୁକ୍ତିଯୁକ୍ତ ତଥା ବିଶ୍ୱସନୀୟ ସିଦ୍ଧାନ୍ତ ଯୋଗାଇ ଦେବାର ଦକ୍ଷତା ଉପରେ ନିର୍ଭର କରେ। କେଉଁ କାମ ନୈତିକତା ଦୃଷ୍ଟିରୁ ଭଲ କିମ୍ବା ମନ୍ଦ, ତାହା ଆକଳନ କରିବାର କ୍ଷମତା ମଣିଷର ଅଛି, କିନ୍ତୁ ତାହା ମେଶିନ ଦ୍ୱାରା ସମ୍ଭବ ନୁହେଁ।

ଏଣୁ ଡେଟା ବେସ୍‌ଡ ସିଷ୍ଟମ ବା ତଥ୍ୟ ଆଧାରିତ ସିଷ୍ଟମ (ଡିଏସ୍)ଏଆଇଠାରୁ ଅଧିକ ଉପଯୁକ୍ତ। କାରଣ, ଆକଳନ ଓ ଅନୁଧ୍ୟାନ କରିବା ପାଇଁ ଏଆଇର ଡେଟା ସୃଷ୍ଟି, ସଂଗ୍ରହ, ପ୍ରକ୍ରିୟା ତଥା ମୂଲ୍ୟାୟନ ଭଳି କାମକୁ ଏହା ଦର୍ଶାଇପାରେ। ଏହା ମଧ୍ୟ ଏବକାର ବିକଶିତ ପ୍ରଯୁକ୍ତିର ଶକ୍ତି ଓ ସୀମା ସମ୍ପର୍କରେ ସୂଚିତ କରେ। ସେଗୁଡ଼ିକର କେନ୍ଦ୍ରରେ ଥିବା ଅନେକ ସିଷ୍ଟମରେ ବ୍ୟାପକ ତଥ୍ୟ ଅନୁଧ୍ୟାନ କରିବା ପାଇଁ ଅତ୍ୟନ୍ତ ଉନ୍ନତ ଗାଣିତିକ ପଦ୍ଧତି ଅଛି। ଡିଏସ୍ କ'ଣ କରୁଛି କିମ୍ବା ତା'ଚାରିପାଖରେ କ'ଣ ଘଟୁଛି ସେ ସମ୍ପର୍କରେ ତାହାର କୌଣସି ଜ୍ଞାନ ନ ଥାଏ । ଏହା କହିବାର ମାନେ ଏହା ନୁହେଁ ଯେ, ଡିଏସ୍ ମାନବ ସମାଜ କିମ୍ବା ପୃଥିବୀର ଉପକାର କରିପାରିବ ନାହିଁ। ଯେଉଁ କ୍ଷେତ୍ରରେ ତାହାର କ୍ଷମତା ଆମଠାରୁ ଅଧିକ ସେହି କ୍ଷେତ୍ରରେ ଆମେ ସେଗୁଡ଼ିକ ଉପରେ ଭରସା କରିପାରିବା ଏବଂ ଏହା କରିବା ଉଚିତ ମଧ୍ୟ । କିନ୍ତୁ ସେସବୁ ସାମ୍ନାକୁ ଆଣୁଥିବା ନୈତିକ ବିପଦଗୁଡ଼ିକୁ ଆମେ ନିୟନ୍ତ୍ରଣ ଓ ହ୍ରାସ କରିବା ପାଇଁ ସକ୍ରିୟତା ପ୍ରକାଶ କରିବା ଉଚିତ। ମାନବ ଅଧିକାର ଆଧାରିତ ଡିଏସ୍ ବିକାଶ କରିବା ଦରକାର। ଜାତିସଂଘରେ ଏକ ଅନ୍ତର୍ଜାତୀୟ ତଥ୍ୟ ଆଧାରିତ ସିଷ୍ଟମ ଏଜେନ୍ସି ଗଠନ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାରମ୍ଭିକ ପଦକ୍ଷେପ ହେବ।

ବିଗତ ଦୁଇ ଦଶନ୍ଧି ମଧ୍ୟରେ ବୃହତ୍ ଟେକ୍ କମ୍ପାନୀଗୁଡ଼ିକ ଆମକୁ ଅଲଗା କରିବା ସହ ସୋସିଆଲ ମିଡିଆ ମାଧ୍ୟମରେ ଆମ ସମାଜଗୁଡ଼ିକୁ ବିଭାଜିତ କରିଦେଇଛନ୍ତି। ଆସକ୍ତିଗତ ତଥା କ୍ଷତିକାରକ ଗୁଣକୁ ଦେଖିଲେ ଏହାକୁ ସମାଜ ବିରୋଧୀ ମିଡିଆ କହିବା ଅଧିକ ପ୍ରାସଙ୍ଗିକ ହେବ। ଏବେ ସେହିସବୁ କମ୍ପାନୀଗୁଡ଼ିକ ଏଆଇକୁ ବନ୍ଧୁ ଓ ସାଥୀ କହିଚାଲିଛନ୍ତି। ତା' ସହ ମଣିଷର ସମ୍ପର୍କ ପ୍ରତିଷ୍ଠା କରିବା ଦରକାର ବୋଲି କହି ଏକ ନୂଆ ରଢ଼ିବାଦୀ କଥାକୁ ପ୍ରୋତ୍ସାହିତ କରୁଛନ୍ତି। କିନ୍ତୁ ଏହି ସମୟରେ ଏହିସବୁ କମ୍ପାନୀ ଲଗାତର ତଥାକଥିତ 'ବ୍ଲାକ ବକ୍ସ ପ୍ରୋବ୍ଲେମ' ଅର୍ଥାତ୍ ଅପ୍ରତ୍ୟାଶିତତା, ଅପାରଦର୍ଶିତା ତଥା ଗାଣିତିକ ପ୍ରକ୍ରିୟାରେ ଆକଳନ, ନିଷ୍ପତ୍ତିରେ ସ୍ୱଚ୍ଛତାର ଅଭାବ ତଥା ପକ୍ଷପାତିତା ଭଳି ସମସ୍ୟାକୁ ଅଣଦେଖା କରି ଆସୁଛନ୍ତି। ଦେଖିବାକୁ ଗଲେ ଡିଏସ୍ ଆର୍ଥିକ ଏବଂ ରାଜନୈତିକ କ୍ଷେତ୍ରରେ ଆମକୁ ପ୍ରଭାବିତ କରୁଥିବା ଅତ୍ୟଧିକ କ୍ଷତିକାରକ ଧାରାରୁ ଆମ ବ୍ୟକ୍ତିଗତ ତଥା ବୃତ୍ତିଗତ ଜୀବନକୁ ସୁରକ୍ଷିତ ରଖିବାରେ ପ୍ରମୁଖ ଭୂମିକା ନେଇ ସାରିଲାଣି। ତଥାପି ଡିଏସ୍ ସିଷ୍ଟମଗୁଡ଼ିକ ଆମ ନିଷ୍ପତ୍ତିକୁ ମାର୍ଗଦର୍ଶନ କରୁ ବୋଲି ଟେକ୍ ସିଇଓମାନେ ଚାହୁଁଛନ୍ତି। ଆମର ତଥା ଆମ ପରପିଢ଼ିର ସ୍ୱାଧୀନତା ଓ ମର୍ଯ୍ୟାଦାକୁ ସୁରକ୍ଷିତ ରଖିବାକୁ ଆମେ ମେଶିନ୍‌ର ଛଦ୍ମ ଆଚରଣକୁ ଅନୁମତି ଦେବା ଉଚିତ ନୁହେଁ।

**ଏଥିକ୍ସ ପ୍ରାଧ୍ୟାପକ ତଥା ନିର୍ଦ୍ଦେଶକ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ଏଥିକ୍ସ(ଲୁସର୍ନ ୟୁନିଭର୍ସିଟି, ସୁଇଜରଲାଣ୍ଡ)**

# ମରିବାକୁ ନୁହେଁ ଜନ୍ମ ମୋର



ମୀରା ବେଉରା

ଜଣେ ନାରୀ ସ୍ୱାବଲମ୍ବୀ ହେଲେ ତା'ର ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦା ବୃଦ୍ଧି ପାଇଥାଏ। କିନ୍ତୁ ଦେଖାଯାଉଛି , ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ମହିଳା ପ୍ରତି ବିଶେଷ କରି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପ୍ରତି ଯୌନ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ଆମ ରାଜ୍ୟର ମହିଳା କମିଶନ ଅଚଳାବସ୍ଥାରେ ପଡ଼ିରହିଛି। ଫଳରେ ମହିଳାମାନଙ୍କ ପ୍ରତି ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ ରାଜ୍ୟରେ ୮୬ ମହିଳା ଅପରାଧର ଶିକାର ହେଉଥିବା ଏନ୍‌ସିଆର୍‌ବି ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ରିପୋର୍ଟ ଅନୁସାରେ ଓଡ଼ିଶାରେ ପ୍ରତି ଏକଲକ୍ଷ ମହିଳାରେ ୨୨୭ ଜଣ ଅପରାଧର ଶିକାର ହେଉଛନ୍ତି। ଲଜ୍ଜାକର କଥା ହେଉଛି ଅସଦାଚରଣ ମାମଲାରେ ଦେଶରେ ପ୍ରଥମ ସ୍ଥାନରେ ଅଛି ଓଡ଼ିଶା। ଦ୍ୱିତୀୟରେ ମହାରାଷ୍ଟ୍ର ଓ ତୃତୀୟରେ ରହିଛି ଉତ୍ତର ପ୍ରଦେଶ। ବଳାତ୍କାର ଓ ଗଣବଳାତ୍କାର ପରେ ମହିଳାଙ୍କୁ ହତ୍ୟା କରିବାରେ ଓଡ଼ିଶା ଦେଶରେ ୮ ନମ୍ବରରେ ରହିଛି। ପ୍ରଥମ ସ୍ଥାନରେ ରହିଛି ଉତ୍ତରପ୍ରଦେଶ, ଦ୍ୱିତୀୟ ସ୍ଥାନରେ ଆସାମ ଓ ତୃତୀୟ ସ୍ଥାନରେ ଅଛି ମଧ୍ୟପ୍ରଦେଶ।

ଏବେ ରାଜ୍ୟରେ ସବୁଠୁ ଚାଞ୍ଚଲ୍ୟକର ଘଟଣା ହେଉଛି ଶିକ୍ଷାଳୟ ଭଳି ପବିତ୍ର ସ୍ଥାନରେ ବିଭାଗୀୟ ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଦେବା ପରେ ସମସ୍ତଙ୍କ ନିଦ ହଜିଯାଇଛି। କେବଳ ସୌମ୍ୟାଶ୍ରୀ ନୁହନ୍ତି ଏହା ପୂର୍ବରୁ ଏମିତି ଅନେକ ଘଟଣା ଆଗରୁ ଘଟିଛି, ଏବେ ମଧ୍ୟ ଘଟୁଛି। ପ୍ରତି ମୁହୂର୍ତ୍ତରେ ଓଡ଼ିଶାରେ ତଥା ଭାରତବର୍ଷରେ କେଉଁଠି ନା କେଉଁଠି କନ୍ୟା ରତ୍ନଟିଏ ଜୀବନ ଯୁଦ୍ଧରେ ଯୁଝୁ ଯୁଝୁ ଟଳିପଡୁଛି। ଗୁହାରି କରିବା କାହାକୁ ? ନାରୀ ସୁରକ୍ଷା ପାଇଁ ଗଢ଼ା ହେଉଛି କେତେ କେତେ ଆଇନ। ସେ ଶକ୍ତିଶ୍ରୀ ହେଉ ବା ଆତ୍ମ ପ୍ରଶିକ୍ଷଣ ଶିବିର। କିନ୍ତୁ ଯେ ପର୍ଯ୍ୟନ୍ତ ମଣିଷର ଚରିତ୍ର ନ ବଦଳିଛି ସେଠାରେ ଆଇନ କ'ଣ ବା କରିବ ? ଆମେ ଏ ପର୍ଯ୍ୟନ୍ତ ଗୋଟିଏ ଦୃଷ୍ଟାନ୍ତମୂଳକ ଦଣ୍ଡବିଧିର ବ୍ୟବସ୍ଥା କରିପାରିଲୁ ନାହିଁ, ଯାହା ଦ୍ୱାରା ଏଭଳି ଘଟଣା ଆହୁରି ତୀବ୍ର ହେବାରେ ଲାଗିଛି।

ଆଜି ଆମେ କାହାକୁ ଠକୁଛେ ? ଯେତେବେଳେ ଝିଅଟି ତା' ଦୁଃଖ ଜଣାଉଛି ସେତେବେଳେ ଆମେ ଚୁପ୍ ରହୁଛେ, ତାକୁ ହତାଦର କରୁଛେ, ସଂସ୍କୃତି ନାମରେ ତାକୁ କଟୁଭାଷା ପ୍ରୟୋଗ କରି ବଞ୍ଚିବାର ଅଧିକାରକୁ ଛଡ଼ାଇ ନେଉଛେ, ଅଥଚ ମୃତ୍ୟୁ ପରେ ବହୁତ ଅଭିନୟ କରୁଛେ। ଆହୁରି ମଧ୍ୟ କେତେଟା ଟଙ୍କା ଦେଇ ତା'ର ମୂଲ୍ୟ ନିର୍ଦ୍ଧାରଣ କରୁଛେ। ଏହା କ'ଣ ନ୍ୟାୟ ବ୍ୟବସ୍ଥା? ଟଙ୍କା କେବେ କୌଣସି କନ୍ୟାର ମୂଲ୍ୟ ନିର୍ଦ୍ଧାରଣ ନ କରୁ। କଥା ହେଉଛି ଝିଅଟି ବଞ୍ଚିଥିବା ବେଳେ ଆମେ ତାକୁ ମାନସିକ ନିର୍ଯାତନା ଦେଉଛେ, ଅଥଚ ମରିଗଲା ପରେ ତତ୍ପରତା ପ୍ରକାଶ କରୁଛେ। ଯଦି ଏହିପରି ସୌମ୍ୟାଶ୍ରୀ ଓ ପୁରୀ ଜିଲା ବଳଙ୍ଗାର ଏମ୍ସରେ ଚିକିତ୍ସିତ ହେଉଥିବା ନାବାଳିକା ନ୍ୟାୟ ପାଇଁ ଆର୍ତ୍ତ ଚିତ୍କାର କରନ୍ତି, ଆଉ ଆମେ ଯଦି ନୀରବ ରହିବା ତେବେ ଇତିହାସ ଆମକୁ କଦାପି କ୍ଷମା ଦେବନାହିଁ। କେବଳ ସୌମ୍ୟାଶ୍ରୀ ନୁହନ୍ତି କି ଏମ୍ସରେ ଚିକିତ୍ସିତ ହେଉଥିବା ନାବାଳିକା ନୁହନ୍ତି, ଆମ ରାଷ୍ଟ୍ରର ଆଗରୁ ଅନେକ କନ୍ୟା ଏପରି ଯୌନ ନିର୍ଯାତନାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ସେମାନଙ୍କୁ ସୁରକ୍ଷା ଦେବା ଗୋଟିଏ ରାଷ୍ଟ୍ରର ପ୍ରଧାନ ଓ ପ୍ରମୁଖ ଦାୟିତ୍ୱ।

ଏବେ ସରକାର ଅନେକ ପଦକ୍ଷେପ ନେଇଛନ୍ତି, ଯାହା ଛାତ୍ରୀମାନଙ୍କ ଆତ୍ମସମ୍ମାନ ସହ ବଞ୍ଚିବା ପାଇଁ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ। କେବଳ ଯୋଜନା କିମ୍ବା ଆଇନ ବଦଳି ଗଲେ ଏ ସମସ୍ୟାର ସମାଧାନ ହେବ ନାହିଁ, ଏହା କେତେଦୂର ସୁଚାରୁ ରୂପରେ କାର୍ଯ୍ୟକାରୀ ହେବ ତାହା ନିର୍ଭର କରେ ଯୋଜନାର ଫଳବତୀ ଉପରେ। ଯୋଜନାକୁ କାର୍ଯ୍ୟକାରୀ କରିବା କେବଳ ସରକାରଙ୍କର ନୁହେଁ, ତାହା ଆମ ସମସ୍ତଙ୍କର ଦାୟିତ୍ୱ। ଯେଉଁଦିନ ଭାରତବର୍ଷର ପ୍ରତ୍ୟେକ କନ୍ୟାରତ୍ନ ସ୍ୱାଭିମାନ, ଆତ୍ମମର୍ଯ୍ୟାଦା ତଥା ନିର୍ଭୀକତାର ସହ ବଞ୍ଚିବାର ଅଧିକାର ପାଇବେ ସେହିଦିନ ଦାବି କରିବା ଆମେ ଏ ଭାରତବର୍ଷର ଉପଯୁକ୍ତ ଦାୟାଦ।

**ରଘୁନାଥଜୀଉ ମହାବିଦ୍ୟାଳୟ,**
**ଦେଉଳସାହି, କଟକ**
**ମୋ: ୭୮୪୬୯୨୧୪୦୦**

## ଏଇ ଭାରତରେ

ଜଳ ସଂରକ୍ଷଣ ଏବେ ଦେଶ ପାଇଁ ଅପରିହାର୍ଯ୍ୟ ହୋଇଥିବାବେଳେ ଏ କ୍ଷେତ୍ରରେ ଯେଉଁ କେତେ ଜଣ କାର୍ଯ୍ୟ କରୁଛନ୍ତି ସେମାନଙ୍କ ମଧ୍ୟରେ ରାମବୀର ତନୱାର ଅନ୍ୟତମ। ରାମବୀରଙ୍କ ଜନ୍ମ ଉତ୍ତରପ୍ରଦେଶର ଡଧା ଗାଁରେ। ସେ ଦିଲ୍ଲୀରେ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ କର୍ପୋରେଟ ସେକ୍ଟରରେ କାମ କରୁଥିଲେ। ହେଲେ ୨୦୧୪ରେ ତାକୁ ଛାଡ଼ି ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଜଳାଶୟଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି। ଏଥିପାଇଁ ୨୦୧୬ରେ ସେ 'ଜଳ ଚୌପାଲ' ଅଭିଯାନ ଚଳାଇଛନ୍ତି। ସେ ଏହି କାର୍ଯ୍ୟରେ ସମ୍ପୃକ୍ତ ଅଞ୍ଚଳର କିମ୍ବା ଗାଁର ଲୋକମାନଙ୍କୁ କାମରେ ଲଗାଇ ରୋଜଗାର ସୃଷ୍ଟି କରୁଛନ୍ତି। ଏବେସୁଦ୍ଧା ଦିଲ୍ଲୀ ଏନ୍‌ସିଆର ଆଖପାଖ ଅଞ୍ଚଳରେ ୨୦ଟି ଜଳାଶୟ ପୁନରୁଦ୍ଧାର କରିସାରିଲେଣି। ସାରା ଦେଶରେ ମଧ୍ୟ ସେ ଏହି ଅଭିଯାନ ଚଳାଇ ମୋଟ ୮୦ଟି ଜଳାଶୟର ପୁନରୁଦ୍ଧାର ଶେଷ କରିସାରିଛନ୍ତି। ଜଳାଶୟ ପୁନରୁଦ୍ଧାର ପରେ ସେହି ଗାଁଗୁଡ଼ିକର ଭୂତଳ ଜଳସ୍ତର ବୃଦ୍ଧି ପାଇଛି। ଏହାସହ କୃଷକମାନେ ମଧ୍ୟ ସେହି ପାଣି ବ୍ୟବହାର କରି ଚାଷ କରି ଲାଭବାନ୍ ହୋଇପାରୁଛନ୍ତି। ଅନେକ ପୁଷ୍କରିଣୀରେ ଗୋଷ୍ଠୀଭିତ୍ତିକ ମାଛଚାଷ ମଧ୍ୟ କରାଯାଉଛି। ଏହି କାର୍ଯ୍ୟ ପାଇଁ ତନୱାରଙ୍କୁ ଲୋକେ ପଣ୍ଡ ମ୍ୟାନ ବା 'ପୁଷ୍କରିଣୀ ମଣିଷ' ବୋଲି ସମ୍ବୋଧନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧ ଅଗଷ୍ଟ ୧୯୭୬

- କଳା ଓ ସଂସ୍କୃତି କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା କୃତୀ କଳାକାରମାନଙ୍କୁ ପେନସନ୍ ଦେବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି।
- ଅଲିମ୍ପିକ୍ସ ଇତିହାସରେ ଏକ ନୂତନ ବିସ୍ମୟ ସୃଷ୍ଟି କରି ନିଉଜିଲାଣ୍ଡ ପ୍ରଥମ ଥର ପାଇଁ ହକିରେ ସ୍ୱର୍ଣ୍ଣ ପଦକ ବିଜେତା ହେବାର ସୌଭାଗ୍ୟ ଲାଭ କରିଛି।
- ମହାକାଶ ଗବେଷଣା ଚାଲୁରଖିବା ପାଇଁ ସୋଭିଏତ ୟୁନିୟନ ପୁଣି ଏକ କସମସ-୮୪୬ ନାମକ ଉପଗ୍ରହ ମହାକାଶକୁ ପ୍ରେରଣ କରିଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | 5 | 2 | 8 |
| 5 | | | 3 | 2 | | 1 | | 6 |
| | | | | | 1 | | 7 | |
| | | | | 3 | 9 | | | 5 |
| | | | | | | | 9 | |
| | | 6 | | | | | | |
| | 8 | 2 | | 4 | | | | |
| 1 | | | | 5 | | | | |
| | | 7 | | | | 4 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 8 | 5 | 3 | 4 | 7 | 6 | 1 |
| 1 | 3 | 4 | 7 | 9 | 6 | 8 | 2 | 5 |
| 7 | 5 | 6 | 8 | 1 | 2 | 4 | 3 | 9 |
| 6 | 8 | 7 | 1 | 2 | 9 | 5 | 4 | 3 |
| 4 | 1 | 2 | 6 | 5 | 3 | 9 | 7 | 8 |
| 5 | 9 | 3 | 4 | 8 | 7 | 6 | 1 | 2 |
| 3 | 7 | 1 | 9 | 4 | 5 | 2 | 8 | 6 |
| 2 | 6 | 9 | 3 | 7 | 8 | 1 | 5 | 4 |
| 8 | 4 | 5 | 2 | 6 | 1 | 3 | 9 | 7 |

ଗତକାଲିର ଉତ୍ତର

# କର୍ତ୍ତବ୍ୟ କର୍ମର ଗୁରୁତ୍ୱ



ଡ. ନିରଞ୍ଜନ ସାହୁ

ଉତ୍କଳମଣି ଗୋପବନ୍ଧୁଙ୍କ କବିତାଂଶ 'କର୍ମେ ଯିଏ ନର, କର୍ମ ଏକା ତା'ର ଜୀବନର ମାନଦଣ୍ଡ' ସଂସ୍ପର୍ଶରେ ଆସିଥିବେ ବିଶାଳ ଓଡ଼ିଆ ପାଠକଶ୍ରେଣୀ। ସେମାନଙ୍କର ହୁଏତ ଧାରଣା ହୋଇଥିବ ଜୀବନର ପରିଭାଷାକୁ ସଂକ୍ଷିପ୍ତ ଭାବରେ ବୁଝାଉଥିବା କଥା ଆଉ କିଛି ନ ଥାଇପାରେ। ମଣିଷ ଅନେକ କିଛି ଭାବିପାରେ ମାତ୍ର କେବଳ କର୍ମଦ୍ୱାରା ତା'ର ପ୍ରକୃତ ପରିଚିତି ମିଳେ।

କର୍ମକୁ ବିଭିନ୍ନ ଧର୍ମ ଧାରଣାରେ ଗୁରୁତ୍ୱ ଦିଆହୋଇଛି – ଖ୍ରୀଷ୍ଟିଆନମାନେ ବିଶ୍ୱାସ କରନ୍ତି ଯେପରି କର୍ମ ସେପରି ଫଳ। ଶ୍ରୀମଦ୍ ଭଗବତ ଗୀତାରେ କର୍ମର ଯେପରି ବିଶଦ୍ ବ୍ୟାଖ୍ୟା କରାଯାଇଛି ଅନ୍ୟ କୌଣସିଠାରେ ସେପରି ତାତ୍ତ୍ୱିକ ବିଶ୍ଳେଷଣ ଉପଲବ୍ଧ ହୁଏନାହିଁ।


ଶ୍ରୀମଦ୍ ଭଗବଦ୍ ଗୀତାରେ ଅଠର ଗୋଟି ଅଧ୍ୟାୟ ରହିଛି ଏବଂ ତନ୍ମଧ୍ୟରୁ ତୃତୀୟ ଅଧ୍ୟାୟକୁ କର୍ମଯୋଗ ଭାବରେ ନାମିତ କରାଯାଇଛି- ତେଣୁ ଅନେକଙ୍କର ଧାରଣା ହୋଇପାରେ କେବଳ ସେଇ ଅଧ୍ୟାୟରେ କର୍ମ ବିଷୟରେ ଅବତାରଣା କରାଯାଇଛି ବୋଲି। ମାତ୍ର ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ। ସମଗ୍ର ଗୀତାରେ କର୍ମ କର୍ତ୍ତବ୍ୟ ବିଷୟରେ ବିସ୍ତୃତ ଆଲୋଚନା ରହିଛି। ସବୁଠାରୁ ବେଶି କୌତୂହଳପୂର୍ଣ୍ଣ କଥା ହେଲା 'କର୍ମ' ସଂକ୍ରାନ୍ତରେ ସର୍ବବହୁଳ ଆଲୋଚିତ ଶ୍ଳୋକଟି:

'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ
ମା କର୍ମଫଳ ହେତୁର୍ଭୁର୍ମା ତେ ସଙ୍ଗୋସ୍ତ୍ୱ କର୍ମଣି'

ଏବଂ ଏହି ଶ୍ଳୋକଟି ଦ୍ୱିତୀୟ ଅଧ୍ୟାୟ (ସାଂଖ୍ୟ ଯୋଗ)ର ସତଚାଳିଶତମ ଶ୍ଳୋକ ଭାବରେ ଖ୍ୟାତ। ଯେଉଁମାନେ ଗୀତା ଅଧ୍ୟୟନ କରିବାକୁ ଆରମ୍ଭ କରନ୍ତି ସେମାନେ ଏଇ ଶ୍ଳୋକ ପାଖରେ ଝୁଣ୍ଟିପଡ଼ନ୍ତି। ସେମାନଙ୍କୁ ଶ୍ରୀକୃଷ୍ଣଙ୍କର ଏଇ ପରାମର୍ଶ ହଜମ ହୁଏନି, ଅବାସ୍ତବ ଅନୁଭୂତ ହୁଏ, ଦ୍ୱନ୍ଦ୍ୱ ହୁଏ ପ୍ରଖର : ସତରେ କ'ଣ ଏହା ସମ୍ଭବ ଓ ଗ୍ରହଣଯୋଗ୍ୟ ? ଏହି ଶ୍ଳୋକର ସାଧାରଣ ଅର୍ଥ ହେଲା ଏମିତି – ଅର୍ଜୁନ, କର୍ମ କରିବାରେ ତୁମର ଅଧିକାର ଅଛି ମାତ୍ର କର୍ମଫଳରେ ନାହିଁ – ତେଣୁ ତୁମେ କର୍ମଫଳ କଥା ଚିନ୍ତା ନ କରି କର୍ମ କରି ଚାଲ।

ପ୍ରତ୍ୟେକ ଅନୁସନ୍ଧିତ୍ସୁ ଭାବନ୍ତି ଏହା କିପରି କଥା – ପିଲାଟିଏ ପାଠ ପଢୁଛି କାରଣ ତା'ର ଆଶା ଅଛି ଯେ ସେ ପରୀକ୍ଷାରେ ପାସ୍ କରିବ। କୃଷକଟିଏ ଚାଷ କର୍ମରେ ନିଜକୁ ନିୟୋଜିତ କରୁଛି କାରଣ ତା'ର ଅଲକ୍ଷ୍ୟରେ ଏକ ସ୍ୱପ୍ନ ରହିଛି ଯେ ସେଥିରୁ ଦିନେ ଫସଲ ପାଇବ। ବ୍ୟବସାୟୀଟିଏ ନିଜର ବ୍ୟବସାୟ କଲାବେଳେ ତା' ଭିତରେ ଗୋଟିଏ ଭାବନା ରହୁଛି ଯେ ସେ ସେଥିରୁ ଦୁଇପଇସା ମୁନାଫା କମେଇବ। ସାରା ସଂସାରରେ ଏଇଭଳି ଚଳନ୍ତି ଧାରଣାଟିଏ ବଦ୍ଧମୂଳ ହୋଇ ରହିଛି ସମସ୍ତଙ୍କଠାରେ।

ଅର୍ଜୁନ ଯେହେତୁ ଯୁଦ୍ଧ କର୍ମରେ ପ୍ରବୃତ୍ତ ହେବାକୁ ଚାହୁଁ ନ ଥିଲେ ତେଣୁ ଯୁଦ୍ଧର ଫଳ କେତେ ଭୟଙ୍କର ହୋଇପାରେ, ସେଥିରେ ନିଜର ପରିବାରର ଅନ୍ତରଙ୍ଗ ଭାଇବନ୍ଧୁଙ୍କୁ କିପରି ହରେଇବାକୁ ପଡ଼ିପାରେ ଏବଂ ଅନ୍ୟାନ୍ୟ କ୍ଷୟକ୍ଷତିକୁ କିପରି ସାମ୍ନା କରିବାକୁ ପଡ଼ିପାରେ ତାହା ସେ ବିଶଦ୍ ଭାବରେ ଶ୍ରୀକୃଷ୍ଣଙ୍କୁ କହିଥିଲେ। ସାଧାରଣ ଭାବରେ ବିଶ୍ୱାସ ରହିଛି କର୍ମର ଅନୁରୂପ ଫଳ ମିଳେ। ମାତ୍ର ଏଇ ବିଶ୍ୱାସ ବଳରେ ଆମେ କର୍ମ ଓ କର୍ମଫଳ ଉଭୟକୁ ପରସ୍ପର ସହିତ ଯୋଡ଼ି ଦିଅନ୍ତି। ଭଗବାନ ଶ୍ରୀକୃଷ୍ଣଙ୍କର ବିଶେଷତ୍ୱ ହେଲା ସେ କର୍ମର ଯେଉଁ ଉପପାଦ୍ୟ ପ୍ରତିବେଦନ କରିଛନ୍ତି ତାହା ସ୍ୱଷ୍ଟ ଓ



ଆଗରୁ କେହି କେବେ କହି ନ ଥିଲେ। ସାଧାରଣ ଧାରଣା ହେଲା ସତ୍ କର୍ମର ଫଳ ଉତ୍ତମ – ଏହାକୁ କର୍ମ କୁହାଯାଏ ଏବଂ ଅସତ୍ କର୍ମର ଫଳ ବିଷମ – ଯାହାକୁ ହୁଏତ ଅକର୍ମ କୁହାଯାଉଥିବ। ମାତ୍ର ନା – ବାସ୍ତବରେ ଯାହା ଶାସ୍ତ୍ର ସମ୍ମତ କର୍ମ ତାହା ହିଁ କର୍ତ୍ତବ୍ୟ କର୍ମ ଏବଂ କର୍ମ କରିବାକୁ ନିଷେଧ କରାଯାଇଛି ତାକୁ 'ବିକର୍ମ' ବୋଲି କୁହାଯାଏ। ଯେତେବେଳେ ମଣିଷ ଅନୁଭବ କରିବ ଯେ ତା'ଠାରେ ଏପରି କିଛି ଶକ୍ତି ନାହିଁ ଯେ ସେ ହେଉଛି କର୍ମର କର୍ତ୍ତା। ସେତେବେଳେ ସେ ନିଷ୍କାମ କର୍ମରେ ନିବିଷ୍ଟ ହୁଏ ତାହାକୁ 'ଅକର୍ମ' କରୁଛି ବୋଲି ଧରିବାକୁ ହେବ। ସଂକ୍ଷେପରେ କହିବାକୁ ହେଲେ ଶାସ୍ତ୍ରସମ୍ମତ କାର୍ଯ୍ୟ ହେଲା 'କର୍ମ', ଶାସ୍ତ୍ର ବିରୋଧୀ କାର୍ଯ୍ୟ ହେଲା 'ବିକର୍ମ' ଏବଂ ଫଳ ଆଶା ନ ରଖି କର୍ମ କରିବା ହେଲା 'ଅକର୍ମ'। ଯିଏ ଏହାକୁ ଠିକ୍ ରୂପରେ ବୁଝିପାରନ୍ତି ସେ ଭ୍ରମରେ ପଡ଼ନ୍ତି ନାହିଁ ବୋଲି ଭଗବାନ କହୁଛନ୍ତି, ବହୁ ଆଲୋଚିତ ଏହି ଶ୍ଳୋକଟି ପାଠକମାନଙ୍କ ପାଇଁ ଉପସ୍ଥାପନ କରୁଛି-

'କର୍ମଣୋହ୍ୟପି ବୋଦ୍ଧବ୍ୟଂ, ବୋଦ୍ଧବ୍ୟଂ ଚ
ବିକର୍ମଣ/ଅକର୍ମଣଶ୍ଚ ବୋଦ୍ଧବ୍ୟଂ, ଗହନା
କର୍ମଣୋ ଗତିଃ।'(ଚତୁର୍ଥ ଅଧ୍ୟାୟ-ଶ୍ଳୋକ ୧୭)

ଅନେକ ସମୟରେ ଆମେ ନିଜକୁ କର୍ମର କର୍ତ୍ତା ବୋଲି ଭାବନ୍ତି – ମାତ୍ର ଅନେକ କର୍ମ ଅଛି ଯାହା ଆପଣଙ୍କ କର୍ତ୍ତୃତ୍ୱରେ ନାହିଁ – ଯେପରି ଆପଣ ଚାହିଁଲେ କ'ଣ ଆପଣଙ୍କର ହୃତ୍‌କ୍ରିୟାକୁ ବନ୍ଦ କରିପାରିବେ କି ? ଶରୀରରେ ଅନବରତ ବହୁ କ୍ରିୟା ସ୍ୱୟଂକ୍ରିୟ ଭାବରେ ଚାଲିଛି – ମାତ୍ର ସେସବୁକୁ ଆମେ ନିୟନ୍ତ୍ରଣ କରୁଛନ୍ତି ବୋଲି କହିପାରିବା କି? ଅନେକ ସମୟରେ ଆମ ଅଜାଣତରେ ଅହଂକାର ଆମର ସମଗ୍ର ବ୍ୟକ୍ତିତ୍ୱ ଉପରେ ରାଜୁତି କରେ, ତେଣୁ ଆମେ କହୁ ସବୁ ଜିନିଷ ଆମର ଆୟତ୍ତରେ ବା ଆମେ ଯାହା ଚାହିଁବୁ ତାହା କରିପାରିବୁ। ବିଜ୍ଞ ପାଠକମାନଙ୍କୁ ଗୋଟିଏ ଛୋଟ ପ୍ରଶ୍ନ ପଚାରିବି – ଆପଣ କେବେ ଆମ ଶରୀରର ପଟାସିୟମ୍ ସୋଡିଅମ୍‌ର ଭାଗମାପ ଟିକିଏ ଏପାଖ ସେପାଖ ହୋଇଗଲେ ମଣିଷ କିପରି ଆଚରଣ କରେ ତାହା ଜାଣନ୍ତି ? ସେତେବେଳେ ସେ ପାଗଳପ୍ରାୟ ଆଚରଣ କରିଥାଏ। ସାମାନ୍ୟ ଦୁଇଟି ଛୋଟ ଛୋଟ ଜୈବିକ ଅଣୁ ଆମ ଶରୀରରେ ଅସ୍ୱାଭାବିକ ପାଲଟିଲେ ଆମେ ସ୍ୱାଭାବିକ ଆଚରଣ କରିପାରୁ ନାହାନ୍ତି । ଏପରିସ୍ଥଳେ ସବୁ ଆମର ଚରଣାଶ୍ରିତ, ସମସ୍ତ କାର୍ଯ୍ୟ ଆମର ନିୟନ୍ତ୍ରଣାଧୀନ ବୋଲି ବାହୁସ୍ଫୋଟ ମାରିବା କେତେଦୂର ଗ୍ରହଣୀୟ ଆପଣମାନେ ଚିନ୍ତା କରନ୍ତୁ।

ଯେତେବେଳେ ଆମ ଭିତରେ ଦୃଢ଼ ଧାରଣା ହେବ କେବଳ କର୍ମ କରିବା ମୋର ଅଧିକାର ଓ ଦାୟିତ୍ୱ ଏବଂ ତାକୁ ନିଷ୍ଠାପର ଭାବରେ ସମ୍ପନ୍ନ କରିବାକୁ ମୋତେ କୁହାଯାଇଛି, ସେତେବେଳେ କର୍ମ ସମ୍ପାଦିତ ହୋଇଯିବ ଏବଂ ଯଦି ବି ଫଳାଫଳ ଆଶାନୁରୂପ ନ ହୁଏ ତା'ହେଲେ ମନରେ ବିରକ୍ତି ବା କ୍ରୋଧ ହେବନାହିଁ। ମଣିଷକୁ କର୍ମରୁ ନିସ୍ତାର ନାହିଁ। ଅର୍ଜୁନଙ୍କ ପରି ଯେଉଁମାନେ କର୍ମ ନ କରିବା ସପକ୍ଷରେ ଯୁକ୍ତି ବାଢ଼ନ୍ତି ସେମାନେ ବୁଝିଯିବା ଦରକାର ଆମେ କର୍ମରେ ପ୍ରବୃତ୍ତ ହେବା ଦରକାର କାରଣ ତାହା ହିଁ ଆମର ଦାୟିତ୍ୱ। କର୍ମକୁ କର୍ମଫଳ ସହିତ ସଂଯୁକ୍ତ କଲେ ଆମ ଭିତରେ ଅହଂକାର ଆସିବ ଯେତେବେଳେ କର୍ମରେ ସୁଫଳ ମିଳିବ। ଯଦି ଅକୃତକାର୍ଯ୍ୟ ହେବ ତା'ହେଲେ ହତାଶା, କ୍ରୋଧ, ବିରକ୍ତି ସୃଷ୍ଟି ହେବ। ଉଭୟ ଯେହେତୁ ପରିତ୍ୟର୍ଯ୍ୟ, ତେଣୁ କର୍ମରେ ପ୍ରବୃତ୍ତ ମଣିଷ ବେଳେବେଳେ ଅନୁଭବ କରିବ ଯେ ସେ ଅକର୍ମ ଅର୍ଥାତ୍ ଫଳାକାଂକ୍ଷୀ ନ ହୋଇ କର୍ମରେ ବିଶ୍ୱାସ କରୁଛି – ଯାହା ଫଳ ମିଳିବ ତାହା ଭଗବାନଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ। ସମାନ କାମ କରି ସବୁବେଳେ ସମାନ ଫଳ ମିଳୁ ନ ଥିବାର ଅନେକ ଉଦାହରଣ ଆମ ଆଗରେ ଅଛି। ସେମାନେ ଆମକୁ ବୁଝେଇ ଦେବେ ଯେ କର୍ମଫଳ ଆମର ଅଧୀନ ନୁହେଁ। ତେଣୁ ଫଳାକାଂକ୍ଷା ରହିତ କର୍ତ୍ତବ୍ୟ କର୍ମରେ ନିୟୋଜିତ ହେବା ହିଁ ବାସ୍ତବ ବିଜ୍ଞତା।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ)**
**ମୋ:୯୪୩୮୪୮୨୯୧୧**

## ପାଠକ ଶ୍ରେଷ୍ଠ ବିଚାରକ

### ପେନ୍‌ସନଭୋଗୀଙ୍କ ଦୁଃଖ

ମହାଶୟ,

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲକ୍ଷାଧିକ ବରିଷ୍ଠ ଓ ଅତିବରିଷ୍ଠ ପେନ୍‌ସନଭୋଗୀଙ୍କର ୨୦୨୧ ଜାନୁଆରୀଠାରୁ ୨୦୨୨ ଜୁନ୍ ଅଠର ମାସର କରୋନାକାଳୀନ ମହଙ୍ଗାଭତ୍ତା ମିଳିପାରିନାହିଁ । ସେଥିଯୋଗୁ ସେମାନେ ଦାରିଦ୍ର୍ୟର କଷାଘାତ ତଥା ଅନ୍ୟାନ୍ୟ କାରଣବଶତଃ ବାର୍ଦ୍ଧକ୍ୟ, ନିଃସଙ୍ଗତା ଏବଂ ଅସହାୟ ବୋଧତାର ଶିକାର ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ସେମାନଙ୍କର ଏପରି ଦୁଃସ୍ଥିତି ସମୟରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସମ୍ବେଦନଶୀଳ ଦୃଷ୍ଟି ଆକର୍ଷଣ କରୁଛି । ଆଶା କରେ, ସେମାନେ ଏ ସମ୍ପର୍କରେ ବିହିତ ପଦକ୍ଷେପ ଗ୍ରହଣ କରିବେ ।

**-ଧରଣୀଧର ନାୟକ, ଅତି ବୟସ୍କ ପେନ୍‌ସନଭୋଗୀ**

## ଚିରନ୍ତନୀ

ସୂକ୍ଷ୍ମ ତବ ପରଶ ଲାଗୁ
ରୁକ୍ଷ ଏହି ଭବେ
ମର୍ମରିତ ମଞ୍ଜୁ ଧ୍ୱନି
ପଲ୍ଲବେ ପଲ୍ଲବେ ।
ସକଳ ଧରା ଅଙ୍ଗେ ମହା
କମ୍ପନ ହେ କମ୍ପନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ !
-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ସାମିଲହେଲେ ଅଭିଭାବକ



ଛାତ୍ରୀଛାତ୍ରମାନେ ରୋପଣ ଲାଗି ନେଉଥିବା ଚାରା।

ମାଲକାନଗିରି,୩୧।୭(ଦୁର୍ଯ୍ୟୋଧନ ପାତ୍ର)

**ଗଛ ବଞ୍ଚିଲେ ଆମେ ବଞ୍ଚିବା**

କଳୁଷିତ ପରିବେଶ ମାନବ ସମାଜକୁ ବ୍ୟସ୍ତ କରିଛି। ଫଳରେ ବିଭିନ୍ନ ରୋଗ ସହ ପରିବେଶ ଉପରେ କୁପ୍ରଭାବ, ଅଦିନିଆ ବର୍ଷା, ମରୁଡ଼ି, ବଜ୍ରପାତ, ଅତିବୃଷ୍ଟି ଓ ଅନାବୃଷ୍ଟି ଆଦି ଜୀବଜଗତ ଏବଂ ପ୍ରାଣୀଜଗତ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ବାୟୁରେ ଅତ୍ୟଧିକ ଅଙ୍ଗାରକାମ୍ଳ ଉତ୍ତାପ ବୃଦ୍ଧି ଯୋଗୁ ପୃଥିବୀ ଉପରେ ଏହାର ପ୍ରଭାବ ପଡୁଛି। ସୁସ୍ଥ ପରିବେଶ, ସୁସ୍ଥ ଜୀବନ ବିତାଇବାକୁ ହେଲେ ଚାରା ରୋପଣ ଏବଂ ଜଙ୍ଗଲ ସୁରକ୍ଷା ଏକମାତ୍ର ଉପାୟ। ଏହି ଉପଲକ୍ଷେ ମାଲକାନଗିରି ଜିଲା ସଦର ବ୍ଲକ୍ କୋଇଲିପାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଅପରାହ୍ନରେ ଛାତ୍ରୀଛାତ୍ର ଏବଂ ଅଭିଭାବିକା ଅଭିଭାବକମାନଙ୍କୁ ନେଇ ଏକ ସଚେତନତା ସଭା ପ୍ରଧାନ ଶିକ୍ଷକ ନିରନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶ ସମ୍ବନ୍ଧୀୟ ବକ୍ତୃତା ପ୍ରତିଯୋଗିତା ସହ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ ।

# ୫ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ମାମଲା**

ମାଲକାନଗିରି,୩୧।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଓ ଦୌରା ଜଜ୍ ଡ. ପ୍ରସନ୍ନ କୁମାର ପଣ୍ଡା ଗୁରୁବାର ଏକ ହତ୍ୟା ମାମଲାର ଶୁଣାଣିକରି ୫ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତମାନେ ହେଲେ ମାଲକାନଗିରି ଜିଲା ମୋଟୁଥାନା ଅନ୍ତର୍ଗତ ଗୁଣ୍ଡିବେଡା ଗ୍ରାମର ଲବକୁଶ କୁଣ୍ଡେରା, ସୋମନାଥ ଜଲ,ଶୁକୁ ଜଲ, ଶଙ୍କର ମାଡ଼ି ଓ ମଙ୍ଗୁ ମାଡ଼ି।

ସୂଚନା ଅନୁଯାୟୀ, ୨୦୨୦ ଫେବୃଆରୀରେ ଗୁଣିଗାରେଡ଼ି ସନ୍ଦେହରେ ସ୍ତ୍ରୀ ମଙ୍ଗୁଲି କୁଣ୍ଡେରା ଓ ପୁତ୍ର କୁଣ୍ଡେରାଙ୍କୁ ଉପରୋକ୍ତ ୫ ଜଣ ଗାଁ ପାଖରେ ଥିବା ଏକ ତେନ୍ତୁଳିଗଛରେ ବାନ୍ଧି ବୈଠକ କରିଥିଲେ। ପରେ ଉଭୟଙ୍କୁ ନିଧୁକ ମାଡମାରି ତାଗିଦକରି ଘରକୁ ଛାଡ଼ିଦେଇଥିଲେ। ଏହାର ୨ ଦିନ ପରେ ପୁଣି ଏକ ବୈଠକ କରି ସ୍ତ୍ରୀ ଓ ସ୍ୱାମୀଙ୍କୁ ନିକଟସ୍ଥ ଜଙ୍ଗଲକୁ ଡାକିନେଇ ସ୍ତ୍ରୀ ମଙ୍ଗୁଲିଙ୍କ ସମ୍ମୁଖରେ ସ୍ୱାମୀ ମୁକୁନ୍ଦଙ୍କୁ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ମଙ୍ଗୁଲି ଘରକୁ ଆସି ପୁଅ ମାଣିକଙ୍କୁ ଘଟଣା ବିଷୟରେ କହିଥିଲେ। ପରେ ମାଣିକ ଏବଂ ମା' ଏ ନେଇ ମୋଟୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୫୫/୨୦୨୦ ରେ ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଗୁରୁବାର ବିଚାରପତି ସାକ୍ଷ୍ୟ ପ୍ରମାଣକୁ ଆଧାରକରି ଉକ୍ତ ୫ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଯୋଗେନ୍ଦ୍ର ରାଉଳା ପରିଚାଳନା କରିଥିଲେ।

# ଟ୍ରାକ୍ଟର ତଳେ ଚାପି ହୋଇ ମାଲିକଙ୍କ ମୃତ୍ୟୁ

କାଲିମେଲା,୩୧।୭(ଜୀବନ କୃଷ୍ଣ ଦାସ)

କାଲିମେଲା ଥାନା ଅନ୍ତର୍ଗତ ତେଲରାଇ ପଞ୍ଚାୟତ ସୁବାଖୁଣ୍ଟା ଗାଁରେ ଗୁରୁବାର ସକାଳେ ବିଲରେ ଚାଷ କାମ କରୁଥିବା ସମୟରେ ଟ୍ରାକ୍ଟର ତଳେ ଚାପିହୋଇ ମାଲିକଙ୍କର ମୃତ୍ୟୁ ହୋଇଛି। ମୃତକ ସୁବାଖୁଣ୍ଟା ଗ୍ରାମର ଭୀମା ସୋଢ଼ୀ (୪୨)।

ପ୍ରକାଶଯେ, ସୁବାଖୁଣ୍ଟା ଗ୍ରାମର ଭୀମା କିଛି ମାସ ତଳେ ଏକ ନୂଆ ଟ୍ରାକ୍ଟର କିଣିଥିଲେ। ବର୍ତ୍ତମାନ ଚାଷ କାର୍ଯ୍ୟ ହେଉଥିବା ବେଳେ ଭୀମା ଗୁରୁବାର ସୋମା ମାଡ଼ିଙ୍କ ଜମିରେ ହଳ କରିବାକୁ ଯାଇଥିଲେ। ଏମ୍‌ପିଭି-୭୭ ଗ୍ରାମର ବିବେକ ବୈଦ୍ୟ ଟ୍ରାକ୍ଟର ଡ୍ରାଇଭର ଭାବେ ନିୟୋଜିତ ଥିବା ବେଳେ ଜମିରେ ହଳ କରୁଥିବା ସମୟରେ କାଦୁଅରେ ଟ୍ରାକ୍ଟରଟି ଦବି ଯାଇଥିଲା। ଏହି ସମୟରେ ଡ୍ରାଇଭର ବିବେକ ଅଧିକ ରେସ୍ ଦେଇ ଟ୍ରାକ୍ଟରକୁ କାଦୁଅରୁ ଉଠାଉଥିଲେ। କିନ୍ତୁ ତାହା ଭାରସାମ୍ୟ ହରାଇ ପାଖରେ ଛିଡା ହୋଇ କାର୍ଯ୍ୟ ଦେଖୁଥିବା ମାଲିକ ଭୀମାଙ୍କ ଉପରେ ଓଲଟି ପଡ଼ିଥିଲା। ଫଳରେ ସେ ଚାପି ହୋଇ ଯାଇଥିଲେ। ଘଟଣାପରେ ଡ୍ରାଇଭର ଫେରାର ହୋଇଯାଇଥିଲେ। ପରେ କେତେକ ଲୋକ ଏହା ଜାଣିପାରି ଟ୍ରାକ୍ଟର ତଳୁ ଭୀମାଙ୍କୁ ଉଦ୍ଧାର କରିଥିଲେ। ସେତେବେଳେକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କାଲିମେଲା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବଣ୍ଡାଘାଟି ବଡଡୁରାଲ ପଞ୍ଚାୟତ ଅଞ୍ଚଳ ବୁଲିଲେ ଚିତ୍ରକୋଣ୍ଡା ବିଧାୟକ



ବିଧାୟକ ମଙ୍ଗୁ ଖିଲ ଲୋକଙ୍କ ସହ କ୍ଷତିଗ୍ରସ୍ତ ଗାଁ ବୁଲି ଦେଖୁଛନ୍ତି।

ମାଲକାନଗିରି, ୩୧।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଦୁର୍ଗମ ବଣ୍ଡାଘାଟିର ବଡଡୁରାଲ ପଞ୍ଚାୟତ ଅଞ୍ଚଳକୁ ଗୁରୁବାର ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଗସ୍ତ କରିଥିଲେ। ଗତ କିଛି ଦିନ ପୂର୍ବରୁ ଖଇରପୁଟ ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ବିଭିନ୍ନ ଗ୍ରାମରେ ଘର ଭାଙ୍ଗିବା, ପାହାଡରୁ ମାଟି ଅତଡା ଖସିବା ଇତ୍ୟାଦି ଖବର ପ୍ରସାରଣ ହୋଇଥିବା ବେଳେ ଖିଲ ସେହି ସବୁ ଗ୍ରାମଗୁଡିକ ବୁଲି ଲୋକଙ୍କ ସମସ୍ୟା ଏବଂ କ୍ଷୟକ୍ଷତି ଆକଳନ କରିଥିଲେ। ଖିଲ ବଡଡୁରାଲ ପଞ୍ଚାୟତର ସାନଡୁରାଲ ଓ ମାଲିଗୁଡା ଆଦି ଗ୍ରାମର କ୍ଷତିଗ୍ରସ୍ତ ଲୋକଙ୍କୁ ଭେଟି ଘର ଭାଙ୍ଗିବା ଫଳରେ ସେ କିପରି ଦୁର୍ଦ୍ଦଶା ଭୋଗୁଥିଲେ ତାହା ଦେଖି ସ୍ଥାନୀୟ ପ୍ରଶାସନକୁ ଅବଗତ କରାଇଥିଲେ। କ୍ଷତିଗ୍ରସ୍ତ ଲୋକଙ୍କ ନିକଟରେ କିପରି ସହାୟତା ପହଞ୍ଚିବ ସେ ବିଷୟରେ ଖଇରପୁଟ ବିଡିଓ ଏବଂ ଅନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ ।

# ଦେଶୀମଦ ଚାଲାଣ ବେଳେ ଚଢାଉ, ଜଣେ ଗିରଫ

ଜୟପୁର, ୩୧।୭(ପବନ ପାଣିଗ୍ରାହୀ)

ଦେଶୀମଦ ଚାଲାଣବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ବୁଧବାର ଚଢାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ମୁନିଗୁଡ଼ାର ବଳଭଦ୍ର ଭତ୍ରା। ତାଙ୍କ ନିକଟରୁ ୮ ଲିଟର ଦେଶୀ ମଦ ଜବତ ହୋଇଛି। ଦେଶୀ ମଦ ଚାଲାଣ ଖବରପାଇ ମୁନିଗୁଡ଼ା ରାସ୍ତାରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ବାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ଟିମ୍‌ର ତଦନ୍ତ

କୋରୁକୋଣ୍ଡା, ୩୧।୭(ଶିବଦତ୍ତ ସାହୁ )

- ଜନ ପ୍ରତିନିଧି, ଲୋକଙ୍କଠାରୁ ବୁଝିଲେ ସମସ୍ୟା
- ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ:ଏଡିପିଏଚ୍ଓ(ଭିବିଡ଼ି)

ବାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏଠାରେ ୫ ଜଣ ଡାକ୍ତର ଥିବା ବେଳେ ଅଧିକାଂଶ ସମୟରେ ଓପିଡିରେ ଅନୁପସ୍ଥିତ ରହୁଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଡିପିଏଚ୍ଓ (ଭିବିଡି ) ସୌଭାଗ୍ୟ ରଞ୍ଜନ ରନସିଂଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଧିକାରୀ କ୍ଷୀରୋଦ ଚନ୍ଦ୍ର ମହନ୍ତ ଏବଂ ଡ୍ରିଲଂ ଆସିଷ୍ଟାଣ୍ଟ ରାଜେନ୍ଦ୍ର କୁମାର ଦାସଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ରାତି ପ୍ରାୟ ୭ ଟାରେ ବାଲିମେଲା ମେଡିକାଲରେ ବିଭିନ୍ନ ସମସ୍ୟା ସହିତ କେତେକ ପ୍ରେସ୍କ୍ରିପ୍ସନ ଏବଂ ଅନ୍ୟ ନଥିପତ୍ର ଯାଞ୍ଚ କରିଥିଲେ। ଏ ନେଇ ଜନ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଏବଂ ଅଞ୍ଚଳର କେତେକ ବୁଦ୍ଧିଜୀବୀଙ୍କୁ ଡାକି ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଅଙ୍କିତ ସାହୁଙ୍କୁ ଅନ୍ୟତ୍ର ବଦଳି ସହ ଓପିଡି ପ୍ରେସ୍କ୍ରିପ୍ସନ ହାତଲେଖା ଓ ଦସ୍ତଖତ ଏବଂ ଅନ୍ୟ ସମସ୍ତ ନଥିପତ୍ର ଯାଞ୍ଚ କରିବାକୁ ଜନ ପ୍ରତିନିଧିଙ୍କ ସମେତ ସ୍ଥାନୀୟ ଲୋକେ ଦାବି କରିଥିଲେ। ଘଟଣାର ତଦନ୍ତକରି ପଦକ୍ଷେପ ନିଆଯିବ ବୋଲି ଡାକ୍ତର ରନସିଂ ପ୍ରତିଶ୍ରୁତି ଦେଇଥିବା କାଉନସିଲର କୃଷ୍ଣ ବାଘ ଓ ମନୋଜ ଦେବ ପାଙ୍ଗି ପ୍ରମୁଖ କହିଛନ୍ତି।

ସୂଚନାଯୋଗ୍ୟ, ମେ ୨୦ରେ ଏଡିଏମ୍ଓ ଆବିଦ ହୁସେନଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ,ଡ୍ରିଲଂ ଆସିଷ୍ଟାଣ୍ଟ ରାଜେନ୍ଦ୍ର କୁମାର ଦାସ ଏବଂ କୋରୁକୋଣ୍ଡା ମେଡିକାଲ ଇନ୍‌ଚାର୍ଜ ବିପୁଲ ବୈଭବ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ତଦନ୍ତ କରିଥିଲେ। ଏହାର ସତ୍ୟତା ଜାଣିବା ପାଇଁ ଅଧିକାରୀମାନେ ଏନ୍ଏସି ନଗରପାଳ ପ୍ରଦୀପ କୁମାର ନାୟକ, ଉପାଧ୍ୟକ୍ଷା ରଶ୍ମିତା ବାଙ୍କା,କାଉନସିଲର କୃଷ୍ଣ ବାଘ,ଜ୍ୟୋତିରାଣୀ ପଣ୍ଡା, ପୁଷ୍ପାଞ୍ଜଳି ଚାଲାଣ, ପୂର୍ବତନ କାଉନସିଲର ରବି ହରିଜନ, ବାଲିମେଲା କଂଗ୍ରେସ ସଭାପତି ସୁରେଶ ଖୋସାଲ, ଗଣ ମାଧ୍ୟମ ପ୍ରତିନିଧି ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଥିଲେ। ମେଡିକାଲ ଅଫିସର ଡାକ୍ତର ହୁସେନ ଏବଂ ଡାକ୍ତର ବିଶ୍ୱ ଅଙ୍କିତ ସାହୁଙ୍କୁ ଅନ୍ୟତ୍ର ବଦଳି କରିବାକୁ ଜନ ପ୍ରତିନିଧିଙ୍କ ସମେତ ସ୍ଥାନୀୟ ଲୋକେ ଦାବି କରିଥିଲେ ।

ତଦନ୍ତ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତର ଏସ୍ ହୁସେନଙ୍କୁ ଗତ ୨୨ ତାରିଖରେ ବଦଳି କରାଯାଇଥିଲା। ତାଙ୍କ ବଦଳରେ ବିଭାଗ ପକ୍ଷରୁ ଆଉ ଦୁଇ ଜଣ ଡାକ୍ତରଙ୍କୁ ବାଲିମେଲା ମେଡିକାଲକୁ ପଠାଯାଇଥିଲା। କିନ୍ତୁ ଏହାର ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଡାକ୍ତର ବିଶ୍ୱ ଅଙ୍କିତ ସାହୁଙ୍କୁ ବଦଳି କିମ୍ବା ହୋଇଥିବା ଅଭିଯୋଗର କୌଣସି ତଦନ୍ତ କରା ନ ଯିବାରୁ ଏହାକୁ ନେଇ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସମେତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜୁନ ୪ ରେ ଏନ୍ଏସି ଉପାଧ୍ୟକ୍ଷା ବାଙ୍କାଙ୍କ ନେତୃତ୍ୱରେ କାଉନ୍‌ସିଲାର ମନୋଜ ଦେବ ପାଙ୍ଗି, ଜ୍ୟୋତିରାଣୀ ପଣ୍ଡା, ପୁଷ୍ପାଞ୍ଜଳି ଚାଲାଣ ଏବଂ ଦେବେନ୍ଦ୍ର କୁମାର ଦାସଙ୍କ ସମେତ ଅଞ୍ଚଳର କେତେକ ମାନ୍ୟଗଣ୍ୟ ବ୍ୟକ୍ତି ତତ୍କାଳୀନ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏବଂ ତତ୍କାଳୀନ ସିଡିଏମ୍ଓଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ପୂର୍ବତନ ଜିଲାପାଳ କହିଥିଲେ।



ବାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ଟିମ୍ ଯାଞ୍ଚ କରୁଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏମ୍-୪୧-ଆର୍‌ଟିଟି-ଆର୍‌ଏନ୍‌ସି-୬୧, ତାରିଖ: ୨୯।୦୭।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଯନ୍ତ୍ରୀ, ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । କାର୍ଯ୍ୟର ନାମ: ତିନିବର୍ଷ ଅବଧି ପାଇଁ ୱାଶିଂ ଲାଇନ/ହାଟିଆ, ହାଟିଆ ଷ୍ଟେଶନ ଓ ରାଞ୍ଚି ଷ୍ଟେଶନଠାରେ ରାଉଣ୍ଡ ଟ୍ରିପ୍ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ ସଫେଇ, କୋଚ୍‌ଗୁଡ଼ିକର ୱାଟରିଂ ଏବଂ ଲକିଂ/ଅନ୍‌ଲକିଂ ତଥା କୋଚିଂ ଡିପୋ/ହାଟିଆଠାରେ ଡିପୋ ପରିସରର ଯାନ୍ତ୍ରିକ ସଫେଇ ସମେତ ରାଞ୍ଚି ଷ୍ଟେଶନଠାରେ ଟ୍ରେନ୍ ନଂ.୨୨୩୫୦/୪୯ରେ ୧୪–ମିନିଟ୍‌ର ମିରାକଲ୍ କ୍ଲିନିଂ ଓ ସିଟିଏସ୍ ପ୍ରତି ଧ୍ୟାନ । କାର୍ଯ୍ୟର ଆନୁମାନିକ ମୂଲ୍ୟ (ଜିଏସ୍‌ଟି ସମେତ): ₹୨୧,୦୮,୨୫,୩୦୮.୭୧ । ଅମାନତ ରାଶି: ₹୧୨,୦୪,୧୦୦/– । ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୨୨।୦୮।୨୦୨୫ରିଖ ୧୫.୦୦ ଘଟିକା । ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ: www.ireps.gov.in । (PR-462)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-UFSBI-484, ତା.26.07.2025ରିଖ

କାର୍ଯ୍ୟର ନାମ : 36(ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକଠାରେ DELTRON ଦ୍ୱାରା ନିର୍ମିତ UFSBI ପ୍ରଣାଳୀ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 1,03,78,623.36, EMD (ଟଙ୍କାରେ) : 2,01,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-।

ବିଡ୍ ଆରମ୍ଭ ହେବା ତାରିଖ : ତା. 04.08.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.18.08.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍

PR-421/Q/25-26

GOVERNMENT OF ODISHA
**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**
(eerw_kpd@yahoo.com)
Cancellation Notice to Tender Call Notice No. - Tender Online RWD/KPD - 02 of 2025-26, Dated: 22.07.2025
No. O-519: Due to Administrative Ground, the fore mentioned tender call notice is cancelled.
Sd./- Suraj Biswal
Superintending Engineer
OIPR-25064/11/0023/2526 Rural Works Division, Kendrapara

GOVERNMENT OF ODISHA
**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**
(eerw_kpd@yahoo.com)
Cancellation Notice to Tender Call Notice No. - Tender Online RWD/KPD - 01 of 2025-26, Dated: 17.07.2025
No. O-518: Due to Administrative Ground, the fore mentioned tender call notice is cancelled.
Sd./- Suraj Biswal
Superintending Engineer
OIPR-25064/11/0021/2526 Rural Works Division, Kendrapara

ସମଗ୍ର ଶିକ୍ଷା / समग्र शिक्षा / Samagra Shiksha
**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର-୭୬୪୦୫୯**
Ph.- (06858) - 222568 (Off), E-mail : dpcnawrangssa.opepa@nic.in
No. 1619/IE/2025 **NOTICE INVITING TENDER (NIT)** Date : 21.07.2025
Sealed tenders are invited from the reputed & credible firms / agencies for supply Equipments, TLMs & Furniture for Saksham Resource Centre for the CwSN at PM SHRI Schools of Nabarangpur District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Equipments, TLMs & Furniture for Saksham Resource Centre for the CwSN | 2500/- | 80,000/- | 18.08.2025 5:30 P.M. | 19.08.2025 11:00 A.M. |

The detailed BID document is available in the website www.ospea.odisha.gov.in & www.nabarangpur.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.
Sd./- District Project Coordinator
Samagra Shiksha, Nabarangpur

**कार्यालय, कार्यपालन अभियंता**
**वि./यां. लाईट मशीनरी नलकूप एवं गेट संभाग, बिलासपुर (छ.ग.)**
**निविदा निरस्तीकरण आदेश**
पत्र क्र. /व.ले.लि/2025-26 बिलासपुर, दिनांक ................
छत्तीसगढ़ शासन जल संसाधन विभाग मंत्रालय महानदी भवन, नवा रायपुर, अटल नगर रायपुर के पत्र क्र. 3314/एफ-7-104/31/एस-2/2025 (निविदा) दिनांक 29.07.2025 के परिपालन में इस कार्यालय के निविदा सूचना क्र. 16/व.ले.लि./2024-25 दिनांक 24.03.2025 रायगढ़ जिले (सारंगढ़-बिलाईगढ़) के विकासखण्ड बरमकेला अंतर्गत सांकरा मेगा उद्वहन सिंचाई परियोजना का निर्माण कार्य (द्वितीय आमंत्रण) निविदा सिस्टम क्र. 166246 को निविदा में प्रतिस्पर्धा का अभाव एवं निविदा-दर वर्तमान में प्राप्त हो रहे निविदा दर रूझानों के अनुरूप न होने के कारण निविदा निरस्त किया जाता है।
विज्ञापन क्र. जी-242506130/6 दिनांक 25.03.2025 स्वा:/- कार्यपालन अभियंता
वि./यां. लाईट मसीनारी नलकूप एवं गेट संभाग, सकरी, बिलासपुर (छ.ग.)
G-252602481/5

SAMBALPUR UNIVERSITY
Estd. 2010
**SUIIT**
Sambalpur University Institute of Information Technology
(An Autonomous Constituent Unit of the Sambalpur University in the line of IIITs)
Accredited by NAAC with 'A' Grade, Approved by AICTE
Advt. No:1182/SUIIT Dt:31/07/2025
**SPOT ADMISSION : 2025-26**
All categories (Gen/OBC/SC/ST) seats for M. Tech CSE and Reserved (ST & SC) seats for MCA are available for admission in SUIIT. Interested eligible candidates are required to report the Administrative Officer, SUIIT, Jyoti Vihar, Burla on 4th August, 2025 from10:00 AM to 12.00 noon for admission. There will be an entrance examination of one hour duration for all the programmes (MCA, Non-JEE / M. Tech CSE). However, eligible candidates having OJEE rank 2025 may take admission into MCA directly. Admission will be done on the same day, as per SUIIT admission guidelines.

| Programme Name | Fees |
|---|---|
| ➢ Master of Computer Application (MCA) | Rs. 55,000.00 |
| ➢ M. Tech Computer Science & Engineering (CSE) | Rs. 72,000.00 |

Come prepared with all testimonials (in original & one set of photocopy), 5 passport size coloured photographs, CLC & Conduct certificate in original and ready to pay the amount (online payment mode) mentioned against each programme.
In addition to the above, you are required to submit amount of Rs. 500.00 (Non-Refundable, through online payment mode) towards the cost of application form.
FOR DETAILS OF ADMISSION PROCESS AND INFORMATION BROCHURE
VISIT: www.suiit.ac.in and Email- admin.office@suiit.ac.in
CONTACT NUMBERS: 9437284982 / 7381110818
Sd/-
Director, SUIIT

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**
**ई–निविदा आमंत्रण सूचना**
ई–पुनर्निविदा सूचना संख्या – RDD/SD/BOKARO/53/2024-25/3rd Call
1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला अंतर्गत चास प्रखण्ड के तेतुलिया मौजा एवं एन०एच०–23 बारी को–ऑपरेटिव मोड़ के बीच गरगा नदी पर पुराने पुल के बगल में उच्चस्तरीय पुल निर्माण। (लम्बाई 76.18 मी०) | 40755600.00 | 815500.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 08.08.2025
3. ई–निविदा प्राप्ति की तिथि एवं समय – दिनांक 08.08.2025 से दिनांक 22.08.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 25.08.2025 अपराह्न 02:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
PR 358679 Rural Development(25-26)#D ग्रामीण विकास विशेष प्रमंडल, बोकारो

Government of Jharkhand
**Department of Agriculture, Animal Husbandry & Co-Operative**
(Animal Husbandry Division)
Jharkhand Ranchi
*"Corrigendum"*
*e-Tender No. 01/2025-26 Published by PR No. 357505 Animal Husbandry (2025-26)_D*
This is with reference to Tender notice published for ***Selection of Insurance Intermediaries to provide Technical and Operational Support and Overseeing effective implementation of Jharkhand Livestock and Poultry Insurance Scheme through Nationalized Insurance Company under Mukhya Mantry Pashudhan Vikas Yojna (MMPVY).*** In the Pre-Bid Meeting, comments and suggestions received from the participated Intermediary Insurance Agency/Broker, the following improvements/amendments were considered in the published N.I.T. (Tender Document) :-
1. **Table Part A & B Sl. No- 02 (Work Experience in Insurance field Livestock & Poultry):-**
   - **Previous Requirement:** Working in Livestock & Poultry field for minimum 03 (Three) years (Under the Govt. Sponsored Scheme).
   - **Clarified Requirement:** Working in Livestock or Poultry field for minimum 03 (Three) years.
2. **Eligibility Criteria Sl. No.- 01 (Proof of Experience in Livestock and Poultry Field):-**
   - **Previous Requirement:** Insurance Intermediary should have been working in Livestock and Poultry field for a period of minimum 03 (Three) years (Copy of License to be provided).
   - **Clarified Requirement:** Insurance Intermediary should have been working in Livestock or Poultry field for a period of minimum 03 (Three) years (Proof for Experience to be provided).
3. **(A) Technical Evaluation Criteria Sl. No.- 03 (Number of Livestock/Poultry Insured):-**
   - **Previous Requirement:** Number of Livestock/Poultry insured over the years (Average of three years).
   - **Clarified Requirement:** Total number of Livestock or Poultry insured in three years.
4. **(A) Technical Evaluation Criteria Sl. No.- 04 (Number of Livestock/Poultry Claims Settled):-**
   - **Previous Requirement:** Number of Livestock/Poultry claims settled over the years.
   - **Clarified Requirement:** Total number of Livestock or Poultry claims settled in three years.
5. **(A) Technical Evaluation Criteria Sl. No.- 05 (Weightage of Marks for Office in Jharkhand):-**
   - **Previous Requirement:** Weightage of marks for having offices in Jharkhand is 1 marks per office for upto four offices (in different districts). For five to fourteen offices its 10 marks and for fifteen or more offices in Jharkhand its 15 marks.
   - **Modified Requirement:** Weightage of marks regarding office in Jharkhand is modified as 10 marks for one office and 15 marks for more than one office in Jharkhand.

Other than above points, in heading of Part-A and Background of Part-B of document it has been mentioned that insurance scheme through nationalized Insurance Company under MMPVY, but in the NIT document, Nationalized insurance word has not been mentioned.
So, regarding this it is to clarify that Insurance Scheme will be only through registered Insurance Company
But for the above changes all other terms and condition cited on tender notice remains same.
**Director,**
PR 358645 Animal Husbandry (25-26)_D Animal Husbandry

# ଜିଲ୍ଲାର ୧୧୮ ହାଇସ୍କୁଲରେ ନାହିଁ ଖେଳପଡ଼ିଆ

■ କ୍ରୀଡ଼ା ଅଭ୍ୟାସରୁ ବଞ୍ଚିତ ହେଉଛନ୍ତି ଛାତ୍ରୀଛାତ୍ର
■ ପଡ଼ିଆ ନ ଥିବାରୁ କ୍ରୀଡ଼ା ଶିକ୍ଷକ ପଢ଼ାଉଛନ୍ତି ବିଜ୍ଞାନ, ସାମାଜିକ ପାଠ

**ରାୟଗଡା, ୩୧।୭ (ଭାଗ୍ୟଶ୍ରୀ ମିଶ୍ର)**



ଜେକେପୁରସ୍ଥିତ ଗୋପବନ୍ଧୁ ବାଇଲାଙ୍ଗୁଏଲ ହାଇସ୍କୁଲର ଖେଳପଡ଼ିଆ ନଦୀ ନିକଟରେ ଘାସ ଭର୍ତ୍ତି ହୋଇଛି ।

କେନ୍ଦ୍ର ଓ ରାଜ୍ୟ ସରକାର କ୍ରୀଡ଼ାକୁ ଗୁରୁତ୍ୱ ଦେଉଛନ୍ତି । ବିଦ୍ୟାଳୟରେ ପାଠପଢ଼ା ସହ କ୍ରୀଡ଼ାକୁ ଅଗ୍ରାଧିକାର ଦିଆଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଆଦିବାସୀ ଅଧ୍ୟୁଷିତ ରାୟଗଡା ଜିଲାର ପ୍ରାୟ ୧୧୮ଟି ଉଚ୍ଚ ବିଦ୍ୟାଳୟରେ ଖେଳପଡ଼ିଆ ନ ଥିବାରୁ ଛାତ୍ରୀଛାତ୍ର କ୍ରୀଡା ଅଭ୍ୟାସ ବା ଖେଳକୁଦରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ଖେଳପଡ଼ିଆ ନ ଥିବାରୁ ବିଭିନ୍ନ ପ୍ରତିଯୋଗିତା ପାଇଁ ଛାତ୍ରୀଛାତ୍ର ନିଜକୁ ପ୍ରସ୍ତୁତି କରିବାରେ ବିଫଳ ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ବିଦ୍ୟାଳୟରେ ଖେଳପଡ଼ିଆ ନ ଥିବା ଏବଂ ଶିକ୍ଷକ ଅଭାବ ଯୋଗୁ କ୍ରୀଡା ଶିକ୍ଷକମାନେ ପିଲାଙ୍କୁ ଖେଳକୁଦ କରାଇବା ବଦଳରେ ବିଜ୍ଞାନ, ସାହିତ୍ୟ, ସାମାଜିକ ପାଠ ପଢ଼ାଉଥିବା ଦେଖିବାକୁ ମିଳିଛି। ରାୟଗଡ଼ା ଜିଲାରେ ମୋଟ ୧୯୮୩ ବିଦ୍ୟାଳୟ ରହିଛି । ସେଥିରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭଗ ଅଧୀନରେ ୧୬୭୧ ବିଦ୍ୟାଳୟ ରହିଥିବାବେଳେ ଏସ୍ଏସ୍‌ଡି ବିଭାଗରେ ୧୪୦ ବିଦ୍ୟାଳୟ, ଆଡେଡ୍ ବିଭାଗରେ ୪୧ ଏବଂ ୧୩୧ଟି ବେସରକାରୀ ବିଦ୍ୟାଳୟ ରହିଛି । ଜିଲାରେ ଥିବା ମୋଟ ୧୭୬ ହାଇସ୍କୁଲ ରହିଛି। ସେଥିରୁ ମାତ୍ର ୫୮ ଉଚ୍ଚ ବିଦ୍ୟାଳୟରେ ଖେଳପଡିଆ ରହିଥିବାବେଳେ ଜମି ସମସ୍ୟା ଯୋଗୁ ୧୧୮ଟି ହାଇସ୍କୁଲରେ ଖେଳ ପଡିଆ ନ ଥିବା ଶିକ୍ଷା ବିଭାଗ ପକ୍ଷରୁ ତଥ୍ୟ ମିଳିଛି।

ପାଠପଢ଼ା ସହ କ୍ରୀଡ଼ାରେ ଉନ୍ନତି ପାଇଁ ପ୍ରତ୍ୟକ ବର୍ଷ ପ୍ରାଥମିକ ବିଦ୍ୟାଳୟକୁ ୫ ହଜାର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୧୦ ହଜାର ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଉଛି। ଗତ ବର୍ଷ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପିଛା ଜିଲାରେ ୧ କୋଟି ୪ ଲକ୍ଷ ୩୨ ହଜାର ୯୯୯ ଟଙ୍କା ଏବଂ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୪୫ ଲକ୍ଷ ୩୫ ହଜାର ଟଙ୍କା ପ୍ରଦାନ କରାଯାଇଛି । ଫଟ୍‌ବଲ, କ୍ରିକେଟ, ହକି, ହ୍ୟାଣ୍ଡବଲ, କ୍ୟାରମ, ଲୁଡୁ, ବ୍ୟାଡ୍‌ମିଟନ, ଜାଭଲିନ ଥ୍ରୋ, ଚେସ୍, ଫାଷ୍ଟ ଏଡ୍ ସେଟ୍ ବିଦ୍ୟାଳୟରେ ରଖିବା ପାଇଁ ସରକାର ଉକ୍ତ ଅର୍ଥ ରାଶି ପ୍ରଦାନ କରୁଛନ୍ତି। ହେଲେ ଅଧିକାଂଶ ବିଦ୍ୟାଳୟରେ କୌଣସି ଖେଳ ସାମଗ୍ରୀ ନ ଥିବା ଦେଖିବାକୁ ମିଳୁଛି। ସେହିପରି ଅଧିକାଂଶ ବିଦ୍ୟାଳୟରେ ବିପଦପୂର୍ଣ୍ଣ ଜାଗାରେ ପଡିଆ ଥିବା ଜଣାଯାଇଛି। କେଉଁଠି ନଦୀ ନିକଟବର୍ତ୍ତୀ ଅଞ୍ଚଳରେ ପଡ଼ିଆ ଥିବା ଦର୍ଶାଇ ସରକାରୀ ଅନୁଦାନ ନିଆଯାଉଛି ତ କେଉଁଠି ବିଦ୍ୟାଳୟରେ ଥିବା ଅନୁପଯୁକ୍ତ ଜାଗାକୁ ପଡିଆ ଦର୍ଶାଯାଉଛି। ବାସ୍ତବରେ ଅଧିକାଂଶ ବିଦ୍ୟାଳୟର ନିଜସ୍ୱ ଜମି ନ ଥିବାରୁ ଖେଳପଡ଼ିଆ ନାହିଁ ବୋଲି ଶିକ୍ଷାବିତ୍ କହିଛନ୍ତି । ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହକ କହିଛନ୍ତି, ଅଧିକାଂଶ ବିଦ୍ୟାଳୟର ନିଜସ୍ୱ ଜମି ନ ଥିବାରୁ ଖେଳ ପଡ଼ିଆ ହୋଇପାରୁନାହିଁ। ପ୍ରତ୍ୟେକ ବିଦ୍ୟାଳୟ ନିଜସ୍ୱ ଜମି ପାଇଁ ଆବେଦନ କରିଛନ୍ତି। ଏହାବ୍ୟତୀତ ଯଦି ଗ୍ରାମବାସୀ ବିଦ୍ୟାଳୟର ଖେଳ ପଡିଆ ପାଇଁ ଜମି ଦିଅନ୍ତେ, ତେବେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଛନ୍ତି। ତେବେ ସ୍କୁଲର ବାର୍ଷିକ ପ୍ରତିଯୋଗିତା ହେଉ କି ବିଭିନ୍ନ ଖେଳ ଆମେ ସରକାରୀ ଜାଗାରେ କରୁଛୁ ବୋଲି କହିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନୂତନ ଓମ୍ବୁଡ୍‌ସମ୍ୟାନ୍ ନିଯୁକ୍ତ

**ରାୟଗଡ଼ା/ ଗୁଣପୁର, ୩୧।୭ (ଆଶିଷ ରଞ୍ଜନ ପଣ୍ଡା/ ପ୍ରଦୀପ କୁମାର ପାଢ଼ୀ)**

## ଦୀର୍ଘଦିନରୁ ଖାଲି ପଡ଼ିଥିବା ପଦବୀ ପୂରଣ


ଅକ୍ଷୟ ଦାଶ ।

ରାୟଗଡ଼ା ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟ ତଦାରଖ କ୍ଷେତ୍ରରେ ଗୁଣପୁରର ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ଅକ୍ଷୟ କୁମାର ଦାଶଙ୍କୁ ଓମ୍ବୁଡ୍‌ସମ୍ୟାନ୍ ଭାବେ ନିଯୁକ୍ତି ମିଳିଛି । ଜିଲା ପରିଷଦ କାର୍ଯ୍ୟାଳୟରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅକ୍ଷୟ ଗୁରୁବାର ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି । ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଭିଯୋଗ ଉପରେ ତଦନ୍ତ କରି ଜିଲା ପ୍ରଶାସନ ଓ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବା ଅକ୍ଷୟଙ୍କ ଦାୟିତ୍ୱ । ସେ ଏହି ଦାୟିତ୍ୱ ନିଷ୍ଠାପର ଭାବେ ନିର୍ବାହ କରିବେ ବୋଲି କହିଛନ୍ତି । ଏଥିସହ ଓଡିଶା ସରକାରଙ୍କ ଗାଇଡ୍‌ଲାଇନ୍ ସହ ସନ୍ତୁଳନ ରକ୍ଷା କରି ହିତାଧିକାରୀମାନଙ୍କ ସର୍ବୋତ୍କୃଷ୍ଟ କଲ୍ୟାଣ ପାଇଁ ଉଦ୍ୟମ କରିବାକୁ ଚେଷ୍ଟା କରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ ଦାଶ କହିଛନ୍ତି । କାର୍ଯ୍ୟରେ ଯୋଗଦେବା ପରେ ଓମ୍ବୁଡ୍‌ସମ୍ୟାନ ଦାଶ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କୁ ଭେଟି ଜିଲାରେ ଚାଲିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଓ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ । ଅକ୍ଷୟ ଦାଶ ପୂର୍ବରୁ ସରକାରଙ୍କ ବିଶ୍ୱବ୍ୟାଙ୍କ କନସଲଟାଣ୍ଟ, ଜିଲା ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟ ଏବଂ ଶିଶୁ ମଙ୍ଗଳ କମିଟିର ସଦସ୍ୟ ରୂପେ କାର୍ଯ୍ୟ କରି ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି । ଏଥିସହ ଅକ୍ଷୟ ଗୁଣପୁର ଜିଆଇସିଏମ୍‌ଏସ୍ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ରହିବା ସହିତ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ରହିଛନ୍ତି । ଜିଲାରେ ଦୀର୍ଘଦିନରୁ ଏହି ପଦବୀ ଖାଲି ପଡ଼ିଥିବାବେଳେ ଏବେ ପୂରଣ ହୋଇଛି ।

# ହାତୁଡ଼ିରେ ଆକ୍ରମଣ, ଯୁବକ ଗୁରୁତର

**ରାୟଗଡ଼ା, ୩୧।୭ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସହରର ମୁଖ୍ୟ ରାସ୍ତା ଉପରେ ଥିବା ଏକ ସିନେମା ହଲ୍ ସମ୍ମୁଖରେ ଗୁରୁବାର ଅପରାହ୍ନରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜଣେ ଯୁବକ ଛୁରି ଏବଂ ହାତୁଡି ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିବାରୁ ଯୁବକ ଗୁରୁତର ହୋଇଛନ୍ତି। ଆହତ ଜଣକ ହେଲେ ରାମକୃଷ୍ଣ ନଗର ନିକଟସ୍ଥ ବେହେରା ସାହିର ଜାକବ୍ ରାଜ୍(୨୨) । ଖବରପାଇ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଆହତ ଜାକବଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ଘଟଣାରୁ ପ୍ରକାଶ ଯେ, ଜାକବ ସିନେମା ହଲ୍‌ରେ ଫିଲ୍ମ ଦେଖି ବାହାରିବା ସମୟରେ ସେଠାରେ ଉପସ୍ଥିତ ଅନ୍ୟଜଣଙ୍କ ସହିତ ଝଗଡ଼ା ହୋଇଥିଲା । ଉକ୍ତ ସମୟରେ ଜାକବ ଛୁରି ବାହାରକରି ଆକ୍ରମଣ କରିବାକୁ ଚେଷ୍ଟା କରିବାବେଳେ ଅନ୍ୟ ଯୁବକ ଜଣକ ଏକ ହାତୁଡ଼ିରେ ତାକୁ ଆକ୍ରମଣ କରିଥିଲେ।

# ଦାବି ପୂରଣ ନ ହେଲେ ୟୁଏଏସ୍‌କୁ ପ୍ରତ୍ୟାଖ୍ୟାନ



ଶିକ୍ଷକମାନେ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁରଙ୍କୁ ଦାବିପତ୍ର ଦେଉଛନ୍ତି ।

**ରାୟଗଡ଼ା, ୩୧।୭ (ଆଶିଷ ରଞ୍ଜନ ପଣ୍ଡା)**

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମିଳିତ ଶିକ୍ଷକ ମଞ୍ଚର ଦାବିପତ୍ର

ଶିକ୍ଷକଙ୍କ ୭ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ୟୁନିଫାଏଡ୍ ଅଟୋମେସନ ସିଷ୍ଟମ (ୟୁଏଏସ୍) ବ୍ୟବସ୍ଥାକୁ ପ୍ରତ୍ୟାଖ୍ୟାନ କରାଯିବ ବୋଲି ଜିଲା ମିଳିତ ଶିକ୍ଷକ ମଞ୍ଚ ପକ୍ଷରୁ କୁହାଯାଇଛି । ଏ ନେଇ ମଞ୍ଚ ପକ୍ଷରୁ ଗୁରୁବାର ଅପରାହ୍ନ ୪ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର ଓ ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକଙ୍କୁ ପ୍ରଦାନ କରିଛନ୍ତି । ଦାବିପତ୍ର ପାଇବା ପରେ ଉଭୟ ଅଧିକାରୀ ଏ ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ ବୋଲି କହିଛନ୍ତି। ମିଳିତ ଶିକ୍ଷକ ମଞ୍ଚର ୭ଟି ଦାବି ହେଉଛି, ଶ୍ରେଣୀୱାରି ଶିକ୍ଷକ ନିଯୁକ୍ତି, ଶ୍ରେଣୀଗୃହ, ପ୍ରତ୍ୟେକ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇବା, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୋଷାକ ଭତ୍ତା, ଇଣ୍ଟରନେଟ୍ ସୁବିଧା, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମାସିକ ବେତନରେ ତାରତମ୍ୟ ଦୂରକରିବା ଏବଂ ପ୍ରଧାନ ଶିକ୍ଷକ ନିଯୁକ୍ତି କରିବା । ଏହି ସମସ୍ତ ଦାବି ପୂରଣ ପରେ ୟୁନିଫାଏଡ୍ ଅଟୋମେସନ ସିଷ୍ଟମକୁ ଗ୍ରହଣ କରିବେ ବୋଲି ସେମାନେ କହିଛନ୍ତି । ଏତଦବ୍ୟତୀତ ସମସ୍ତ ବ୍ଲକରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ମଧ୍ୟ ମଂଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

# ରେଳ ଲାଇନ ନିକଟରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

**ମୁନିଗୁଡ଼ା, ୩୧।୭ (ନନ୍ଦ କିଶୋର ପଟ୍ଟନାୟକ)**

ରାୟଗଡ଼ା ଜିଲା ମୁନିଗୁଡା ଓ ଅମ୍ବାଦଳାର ମଞ୍ଜୁରକୁପା ଗ୍ରାମ ନିକଟସ୍ଥ ରେଳ ଲାଇନ ନିକଟରୁ ଜଣଙ୍କ ମୃତଦେହକୁ ମୁନିଗୁଡ଼ା ଜିଆରପି ପୋଲିସ ଗୁରୁବାର ଅପରାହ୍ନରେ ଜବତ କରିଛି। ସୂଚନା ଅନୁସାରେ, ମୁନିଗୁଡ଼ା ଷ୍ଟେଶନ ମାଷ୍ଟରଙ୍କଠାରୁ ଖବରପାଇ ଜିଆରପି ପୋଲିସ ମଞ୍ଜୁରକୁପା ନିକଟସ୍ଥ ଡାଉନ ଲାଇନ କଡରେ ପଡ଼ିଥିବା ୫୫ ବର୍ଷ ବୟସ୍କ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଜବତ କରିଥିଲା। ବର୍ତ୍ତମାନ ସୁଦ୍ଧା ମୃତକଙ୍କ ଦାବିଦାର କେହି ନ ଥିବାରୁ ମୃତଦେହ ଜିଆରପି ପୋଲିସ ଅଧିନରେ ରହିଛି। ଏହା ଏକ ଆତ୍ମହତ୍ୟା ହୋଇଥାଇ ପାରେ ବୋଲି ଜିଆରପି ଏଏସ୍‌ଆଇ ଜଗଦୀଶ ମହାନନ୍ଦ ସୂଚନା ଦେଇଛନ୍ତି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି।

# ବଡ଼ମା'ଙ୍କ ଜନ୍ମ ଉତ୍ସବରେ ମାତୃ ସମ୍ମିଳନୀ


ମାତୃ ସମ୍ମିଳନୀରେ ଉପସ୍ଥିତ ଶ୍ରଦ୍ଧାଳୁ।

**ରାମନାଗୁଡା, ୩୧।୭ (ସଞ୍ଜୟ ପ୍ରଧାନ)**

ବିଶ୍ୱ କଲ୍ୟାଣମୟୀ ଜଗତ ଜନନୀ ଶ୍ରୀ ଶ୍ରୀ ବଡ଼ମା'ଙ୍କ ୧୩୨ ତମ ଜନ୍ମ ଉତ୍ସବ ରାୟଗଡା ଜିଲା ରାମନାଗୁଡ଼ା ସଦର ମହକୁମା ନିକଟସ୍ଥ ସ୍ଥାନୀୟ ଆୟସ୍ପା ମନ୍ଦିର ନିକଟରେ ଗୁରୁବାର ପାଳିତ ହୋଇଯାଇଛି। ସକାଳ ୮ଟା ୩୦ରେ ମା'ଙ୍କ ଜନ୍ମ ଲଗ୍ନ ଘୋଷଣା ହେବା ପରେ ସନ୍ଧ୍ୟା ୭ ଟାରେ ସାମୂହିକ ସତ୍‌ସଙ୍ଗ ମାତୃ ସମ୍ମିଳନୀ କାର୍ଯ୍ୟକ୍ରମ ରଖାଯାଇଥିଲା। ରାୟଗଡ଼ାର ଦେବରାଜ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାମନାଗୁଡ଼ାର ସୁଲୋଚନା ଓ ରାୟଗଡ଼ାର ଗୀତିଛନ୍ଦା ଭଜନ ପରିବେଷଣ କରିଥିଲେ। ରାୟଗଡ଼ାର ବବିତା ରାଉତ କୋରସ ପରିବେଷଣ କରିଥିଲେ। ପଦ୍ମପୁରରୁ ଆସିଥିବା ଭବାନୀ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା କୀର୍ତ୍ତନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ରାୟଗଡ଼ାରୁ ଆସିଥିବା ଡେଜି ସମାଜରେ ନାରୀର ଭୂମିକା ଉପରେ ଆଲୋଚନା କରିଥିଲେ। ପରେ ମୁଖ୍ୟବକ୍ତା ଭାବରେ ଭୁବନେଶ୍ୱରରୁ ଆସିଥିବା ଡ. ପ୍ରଭାବତୀ ପଡ଼ିହାରୀ ସତ୍‌ସଙ୍ଗ ଦ୍ୱାରା ନାରୀଙ୍କ ଜୀବନର ଗତିପଥ କିପରି ବଦଳିଯାଏ ଏବଂ ନିଜ ସ୍ୱାମୀ, ପିଲା ଛୁଆଙ୍କ ଉନ୍ନତି ହୁଏ ସେ ବିଷୟରେ ଶ୍ରୀ ଶ୍ରୀ ଠାକୁର ଏବଂ ବଡ଼ମା'ଙ୍କ ଜୀବନଧାରାକୁ ଉଦାହରଣ ଦେଇ ଆଲୋଚନା ରଖିଥିଲେ। ରାମନାଗୁଡ଼ାର ରଘୁନାଥ ସାମଲ, କୃଷ୍ଣ ଚନ୍ଦ୍ର ସାହୁ, ଚନ୍ଦ୍ର ଭୂଷଣ ପାତ୍ର, ମାଧବ ଲବଲା, ଗୌରୀ ସାହୁ, ସାରଦା ପାତ୍ର, ପବିତ୍ର ପାତ୍ର, ଭାରତୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ।

# ଡିଏଲ୍‌ଏସ୍‌ଏର ପ୍ରୟାସରେ ମୁକୁଳିଲେ ଆଜୀବନ ବନ୍ଦୀ

**ନବରଙ୍ଗପୁର, ୩୧।୭ (ସଦାଶିବ ପ୍ରହରାଜ)**

ଆଜୀବନ ବନ୍ଦୀଭାବେ ନବରଙ୍ଗପୁର ଉପ କାରାଗାର ଦୀର୍ଘ ୧୮ ବର୍ଷ ଧରି ଦୁଲୁ ହରିଜନ (୭୪) ରହି ଆସୁଥିଲେ। କାରାଗାର ପରିଦର୍ଶନ ସମୟରେ ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସାଇ ଅଭିପ୍ସା ଗୋଛାୟତଙ୍କ ଦୃଷ୍ଟିକୁ ଆସିଥିଲା। ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତିଙ୍କ ସହ ସେ ଆଲୋଚନା କରିଥିଲେ। ପରେ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ବନ୍ଦୀଙ୍କ ସମୟ ପୂର୍ବରୁ ମୁକ୍ତି ନିମନ୍ତେ ଭୁବନେଶ୍ୱର ଉପକାରାଗାର ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡ ବୈଠକରେ ଦୁଲୁ ହରିଜନଙ୍କ ନାମକୁ ମଞ୍ଜୁର କରିବା ନିମନ୍ତେ ପତ୍ରାଳପ କରାଯାଇଥିଲା। ୪୬ତମ ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡର ୨୦୨୫ ମେ ୧୭ ବୈଠକରେ ବନ୍ଦୀଙ୍କ ସମୟ ପୂର୍ବରୁ ମୁକ୍ତି ନିମନ୍ତେ ଆଲୋଚନାରେ ସର୍ବସମ୍ମତି କ୍ରମେ ଦୁଲୁଙ୍କୁ ମୁକ୍ତି କରିବା ମଞ୍ଜୁର ହୋଇଥିଲା। ଚଳିତ ମାସ ୧୯ ତାରିଖରେ ସରକାରଙ୍କ ଆଇନ ବିଭାଗ ଉପସଚିବ ଦୁଲୁ ହରିଜନଙ୍କୁ ମୁକ୍ତ ନିମନ୍ତେ ଆଦେଶ ପ୍ରଦାନ କରିଥିଲେ। ତଦନୁଯାଇ ଦୁଲୁ ହରିଜନକୁ ତାଙ୍କ ଘରେ ନେଇ ଛଡା ଯାଇଥିଲା। ତେବେ ତାଙ୍କ ପରିବାର ମନା କରିବାରୁ ତେନ୍ତୁଳିଖୁଣ୍ଟିସ୍ଥିତ ନିର୍ମଳ ଆକାଶ ବୃଦ୍ଧାଶ୍ରମରେ ଅସ୍ଥାୟୀ ଭାବେ ଥଇଥାନ କରଯାଇଥିଲା। ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ପାରା ଲିଗାଲ ସ୍ୱେଚ୍ଛାସେବୀ ହରେଶ ହରିଜନଙ୍କୁ ଘର ଲୋକଙ୍କ ସହ ବୁଝାସୁଝା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଡିଏଲ୍‌ଏସ୍‌ଲ ସଚିବଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ଦୁଲୁ ହରିଜନଙ୍କୁ ପରିବାରଙ୍କ ଦାୟିତ୍ୱରେ ଛଡ଼ାଯାଇଥିଲା।

# ମାନସିକ ଅନଗ୍ରସର ମହିଳାଙ୍କୁ ଉଦ୍ଧାର ପରେ ଥଇଥାନ


ମହିଳାଙ୍କୁ ଗାଡ଼ି ଯୋଗେ ଆଶ୍ରା ପୁନର୍ବାସ କେନ୍ଦ୍ରକୁ ନିଆଯାଉଛି।

**ରାୟଗଡ଼ା, ୩୧।୭ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଜଣେ ମାନସିକ ଅନଗ୍ରସର ଭିନ୍ନକ୍ଷମ ମହିଳା ଆଲାଜିଙ୍ଗ ପାର୍ବତୀଙ୍କୁ କୋଲନରାସ୍ଥିତ କାମ୍ପ ସାହିରୁ ଉଦ୍ଧାର କରାଯାଇ ଗୁରୁବାର ମାଲକାନଗିରି ଜିଲା ମହକୁମାସ୍ଥିତ ଆଶ୍ରା ପୁନର୍ବାସ କେନ୍ଦ୍ରରେ ଥଇଥାନ କରାଯାଇଛି । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ଏବଂ ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ଶବର ମିଳିତ ଭାବେ ସ୍ୱତନ୍ତ୍ର ବାହନ ଯୋଗେ ମହିଳାଙ୍କୁ ମାଲକାନଗିରି ନେଇ କେନ୍ଦ୍ରରେ ଛାଡ଼ିଥିଲେ। ସୂଚନାଯୋଗ୍ୟ, ଗତ କିଛିଦିନ ହେଲା ପାର୍ବତୀ କୋଲନରାସ୍ଥିତ କାମ୍ପ ସାହିରେ ଆତଙ୍କ ସୃଷ୍ଟି କରୁଥିଲେ। କୌଣସି ବ୍ୟକ୍ତିକୁ ଆଘାତ କରିବା ସମ୍ଭାବନା ରହିଥିବା ନେଇ ସାହିବାସିନ୍ଦା ଓ ସରପଞ୍ଚ ଲିଖିତ ଆକାରରେ ଜିଲାପାଳଙ୍କୁ ଜଣାଇଥିଲେ। ତେଣୁ ଗୁରୁବାର କୋଲନରା ବିଡିଓ ରୀନା ପ୍ରଧାନ, ଜିଲା ପରିଷଦ ସଭ୍ୟ ଏ. ଧବଳେଶ୍ୱର ନାଇଡୁ, ଶିଶୁ ବିକାଶ ଯୋଜନା ଅଧିକାରୀ ବିଜୟ ଲକ୍ଷ୍ମୀ ନିଶାଙ୍କ, ମହିଳା ପରିଦର୍ଶିକା ଜ୍ୟୋସ୍ନା କୁମାରୀ ବିଡିକା ଓ ପୋଲିସ ସହଯୋଗରେ ପାର୍ବତୀଙ୍କୁ ଉଦ୍ଧାର କରାଯାଇ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଆଶ୍ରା ପୁନର୍ବାସ କେନ୍ଦ୍ରକୁ ପଠାଯାଇଥିଲା ।

# ଡଙ୍ଗରିଆଙ୍କ ରୋଜଗାରର ମାଧ୍ୟମ ପାଲଟିଛି ବାଉଁଶ କରଡ଼ି

**କଲ୍ୟାଣସିଂହପୁର, ୩୧।୭ (ଦୀପକ କୁମାର ପରିଡ଼ା)**


ଡଙ୍ଗରିଆମାନେ ବାଉଁଶ କରଡି ବିକ୍ରି କରୁଛନ୍ତି ।

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ପାର୍ସାଲି ପଞ୍ଚାୟତରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧଙ୍କ ରୋଜଗାର ମାଧ୍ୟମ ପାଲଟିଛି ବାଉଁଶ କରଡ଼ି। ଏବେ ବର୍ଷାଦିନ ହୋଇଥିବାରୁ ନିୟମଗିରି ପାହାଡ଼ରେ ଥିବା ବାଉଁଶ ବୁଦାମୂଳରୁ ବାହାରିଥିବା କଅଁଳ ଗଜାରୁ ବହୁମାତ୍ରାରେ କରଡି ବାହାରିଥାଏ। ତେବେ ଅଞ୍ଚଳରେ ବାଉଁଶ କରଡିର ଚାହିଦା ଥିବାରୁ ଡଙ୍ଗରିଆ କନ୍ଧମାନେ ସକାଳୁ ପାହାଡ ଉପରେ ଥିବା ଜଙ୍ଗଲକୁ ଯାଇ ବାଉଁଶ କରଡି ସଂଗ୍ରହ କରି ଘରକୁ ଆଣିଥାନ୍ତି । ପ୍ରଥମେ କରଡିର ଚୋପା ଛଡ଼ାଇ ତା'ପର ଦିନ କଲ୍ୟାଣସିଂହପୁର ମାର୍କେଟକୁ ନେଇ ବିକ୍ରିକରନ୍ତି । ବାଉଁଶ କରଡି ବିଡା ୧୦ ରୁ ୨୦ ଟଙ୍କାରେ ବିକ୍ରି ହେଉଥିବାବେଳେ ପ୍ରତିଦିନ ଜଣେ ବ୍ୟକ୍ତି ୩୦୦ ରୁ ୪୦୦ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିଥାଏ ବୋଲି ଡଙ୍ଗରିଆମାନେ କହିଛନ୍ତି। ବାଉଁଶ କରଡିରେ ରୋଗ ପ୍ରତିରୋଧକ ଶକ୍ତି ରହିଥିବାରୁ ନିୟମଗିରି ପାହାଡରୁ ସଂଗ୍ରହ ହୋଇଥିବା କରଡିକୁ ମାର୍କେଟରେ ଲୋକେ ପସନ୍ଦ କରିବା ସହ ଅତି ଆଗ୍ରହ ସହ କିଣି ନେଉଥିବା ଦେଖିବାକୁ ମିଳିଛି ।

# ନିୟମଗିରିରେ ଖଣି ଖନନକୁ ବିରୋଧକରି ଡଙ୍ଗରିଆଙ୍କ ମେଳି

**ମୁନିଗୁଡା, ୩୧।୭ (ନନ୍ଦ କିଶୋର ପଟ୍ଟନାୟକ)**


ଡଙ୍ଗରିଆମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନିୟମଗିରିରେ ଖଣି ଖନନକୁ ବିରୋଧ କରି ଡଙ୍ଗରିଆଙ୍କ ତରଫରୁ ମେଳି କରାଯାଇଛି। ଏ ନେଇ ରାୟଗଡ଼ା ଜିଲାର ମୁନିଗୁଡା, କଲ୍ୟାଣସିଂହପୁର ଓ ବିଷମକଟକ ବ୍ଲକ୍‌ର ନିୟମଗିରିକୁ ସଂଯୋଗ କରୁଥିବା ପଞ୍ଚାୟତଗୁଡ଼ିକରେ ପୃଥକ୍ ପୃଥକ୍ ଭାବେ ଡଙ୍ଗରିଆଙ୍କ ବୈଠକ ଆୟୋଜନ ହେଉଛି। ଏହି କ୍ରମରେ ଗୁରୁବାର ଶିବପଦର ପଞ୍ଚାୟତର ହାଟ ଦହିଖାଲ ଶିବମନ୍ଦିର ପ୍ରାଙ୍ଗଣରେ ଡଙ୍ଗରିଆଙ୍କ ଏକ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ କଳାହାଣ୍ଡି ଜଲା ତ୍ରିଲୋଚନପୁର, ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ୍ ଶିବପଦର, ମୁନିଖୋଲ ପଞ୍ଚାୟତ ଓ କଲ୍ୟାଣସିଂହପୁର ବ୍ଲକ ପାରସାଲି ପଞ୍ଚାୟତର ଶତାଧିକ ଡଙ୍ଗରିଆ ପୁରୁଷ ଓ ମହିଳା ଯୋଗଦେଇ କୈଣସି ପରିସ୍ଥିତିରେ ମଧ୍ୟ ନିୟମଗିରିରେ ଖଣି ଖନନ ପାଇଁ ସୁଯୋଗ ନ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ନିୟମଗିରର ଜଳ, ଜଙ୍ଗଲ ଜମି ପୂର୍ବରୁ ଡଙ୍ଗରିଆଙ୍କ ଥିଲା ଓ ଆଗାମୀ ଦିନରେ ମଧ୍ୟ ରହିବ। ଜୀବନ ଦେବୁ ପଛେ ନିୟମଗିରି ଛାଡ଼ିବୁ ନାହିଁ ବୋଲି ସେମାନେ ମତ ରଖିଛନ୍ତି। ଏହି ମେଳିରେ ନିୟମଗିରି ସୁରକ୍ଷା ସମିତି ସଭାପତି ଲଦ ସିକକା, ସମ୍ପାଦକ ଦଧି ପୁଷିକା, ବୈଠକର ଆବାହକ ରାଧାମୋହନ ଟାକ୍ରି, ଆବ୍ରାହମ ଗାଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ପାନାବେଡ଼ା ପୂଜାରୀ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ

ଚନ୍ଦାହାଣ୍ଡି, ୩୧।୭(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାନାବେଡ଼ା ଅଞ୍ଚଳର ଦେବଦେବୀ ପୂଜକମାନଙ୍କୁ ନେଇ ପାନାବେଡ଼ା ପୂଜାରୀ ସଂଘ ଗଠନ, ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଧୋଡ଼ିପାଣି ବଜାର ପଡ଼ିଆରେ ବରିଷ୍ଠ ପୂଜକ କଦମ ପୂଜାରୀଙ୍କ ସଭାପତିତ୍ୱରେ ଏହି ବୈଠକ କରାଯାଇଛି। ପାନାବେଡ଼ା ପୂଜାରୀ ସଙ୍ଘ ନୂତନ ସଭାପତି ଭାବେ ମାଳଗାଁ ପୂଜାରୀ କ୍ଷୀର ପୂଜାରୀଙ୍କ ପ୍ରସ୍ତାବ ଏବଂ ଫଲସାପଡ଼ା କରୁଣା ପୂଜାରୀଙ୍କ ସମର୍ଥନ ସହ ସର୍ବସମ୍ମତି କ୍ରମେ ସଂଘ ସଭାପତି ଭାବେ ହର ପୂଜାରୀଙ୍କୁ ମନୋନୀତ କରାଯାଇଛି। ରବୀନ୍ଦ୍ର ପୂଜାରୀ ଉପସଭାପତି, ଦୁଲବ ପୂଜାରୀ ସାଧାରଣ ସମ୍ପାଦକ, ଭୂଜବଲ ପୂଜାରୀ ସହ ସମ୍ପାଦକ, କୋଷାଧ୍ୟକ୍ଷଭାବେ ମନସାଏ ପୂଜାରୀଙ୍କୁ ଚୟନ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ କାର୍ତ୍ତିକ ପୂଜାରୀ, ଶେଖର ପୂଜାରୀ, ପ୍ରେମ ପୂଜାରୀ, ମାନ ପୂଜାରୀ, ସହଦେବ ପୂଜାରୀ, ଭଡୋ ପୂଜାରୀ, ଗୁଡୁ ପୂଜାରୀ, ମଧୁ ପୂଜାରୀ, କୃଷ୍ଣ ଦଲେଇ ପୂଜାରୀ, ହରସିଙ୍ଗି ପୂଜାରୀ, ପଦ୍ମଲାମ ପୂଜାରୀ, ଦେବୀ ପୂଜାରୀ, ଅମିନ ପୂଜାରୀ, ହିରାଜଲ ପୂଜାରୀ, ମାଧବ ପୂଜାରୀ, ଗଣେଶ ପୂଜାରୀ, କରୁଣା ପୂଜାରୀ, ମକୁନ୍ଦ ବାଗ ପୂଜାରୀ, ଉଗ୍ରେସନ ପୂଜାରୀ ପ୍ରମୁଖଙ୍କୁ ଚୟନ କରାଯାଇଛି। ଆଗାମୀ ଦିନରେ ସୁନ୍ଦର ଭାବେ ଦେବଦେବୀ ପୂଜାପାଠ, ବିବାହ ଓ ମଣ୍ଡେଇ ଉତ୍ସବ ସୁଚାରୁଭାବେ ତୁଲେଇବା ନେଇ ନୂତନ ସଦସ୍ୟମାନେ ମତ ଦେଇଛନ୍ତି।

## ବରିଷ୍ଠ ରାଜସ୍ୱ ସହାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନବରଙ୍ଗପୁର ୩୧।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ସଂଗ୍ରାମ କେଶରୀ ପ୍ରଧାନଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲାପାଳ ଡ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ ଉପସ୍ଥିତ ଥିଲେ। ପ୍ରଧାନଙ୍କ କାର୍ଯ୍ୟଶୈଳୀ, କାର୍ଯ୍ୟଦକ୍ଷତା, ଅମାୟିକ ବନ୍ଧୁତା ଏବଂ ସମସ୍ତଙ୍କ ପ୍ରତି ଥିବା ତାଙ୍କର ନିଷ୍ପାପର ସହଯୋଗକୁ ମନେ ପକାଇ କୃତଜ୍ଞତା ଜ୍ଞାପନ ସହ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଥିଲେ। ଏହି ଅବସରରେ ପ୍ରଧାନଙ୍କୁ ପ୍ରୋଭିଜିନାଲ ପେନସନ ପ୍ରଦାନ କରାଯାଇ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ଜିଲାପାଳ ସମୀର ପାତ୍ର, ସହକାରୀ ଜିଲାପାଳ ଆଶୁତୋଷ ପାତ୍ର, ହେମନ୍ତ ସୌରା, ବିନାୟକ ଖାଡ଼ଙ୍ଗା, ଅଶ୍ୱିନ ମାଝୀ, ଶିବଶଙ୍କର ପାଢ଼ି, ଜିତେନ୍ଦ୍ର ଚୌଧୁରୀ, ବିଜୟ ସାହୁ, ସୁରେଶ ପଟ୍ଟନାୟକ, ଜିତେନ୍ଦ୍ର ଚୌଧୁରୀ, ସତ୍ୟନାରାୟଣ ସାହୁ, ରାମଚନ୍ଦ୍ର ରଘୁ ମଣ୍ଡଳ, ସଞ୍ଜୀବ ପଣ୍ଡା, ଦିବାକର ପଟ୍ଟନାୟକ, ସୁରଚି ବେହେରା, ସୀତାରାମ ବେହେରା, ପ୍ରଣତି ମାଝୀ, କବିତା ବ୍ରହ୍ମା, ଗଗନ ବିଷୋୟୀ, ହିମାଂଶୁ ଶେଖର ପଟ୍ଟନାୟକ, ହର୍ଷା ଜୈନ, ସଞ୍ଜୁକ୍ତା ସାହୁ, ରୀନା ପାତ୍ର ପ୍ରମୁଖଙ୍କ ସମେତ ଜିଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଭୋରରୁ ସହରସାରା ବାଜିବ ରାମଧୁନ୍

**ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ**

- ୭ଟାରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ୭ଟା୩୦ ରେ ପତାକା ଉତ୍ତୋଳନ

ନବରଙ୍ଗପୁର,୩୧।୭(ସଦାଶିବ ପ୍ରହରାଜ)


ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଜିଲା ସଦର ମହକୁମାରେ ୭୯ ତମ ସ୍ୱାଧୀନତା ଦିବସ -୨୦୨୫ ପାଳନ ଉପଲକ୍ଷେ ଗୁରୁବାର ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ୍, ଉପ ଜିଲାପାଳ ପ୍ରକାଶ କୁମାର ମିଶ୍ର, ନବରଙ୍ଗପୁର ବିଧାୟକ ପ୍ରତିନିଧି ଏ. ସୁରେଶଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ବିଭାଗୀୟ ଅଧିକାରୀ, ଅନୁଷ୍ଠାନର କର୍ମକର୍ତ୍ତା, ସହରର ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା କାର୍ଯ୍ୟକ୍ରମ ବିବରଣୀ ପାଠକରିଥିଲେ। ସ୍ୱାଧୀନତା ଦିବସ ଦିନ ଭୋର ୪.୩୦ରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୂନ୍ ପରିବେଷଣ, ସକାଳ ୭ଟାରେ ସହରସ୍ଥିତ ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୂଜ୍ୟପୂଜା, ସକାଳ ୭ଟା୩୦ରେ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ଓ ଷ୍ଟାଡିୟମରେ ସକାଳ ୯.୧୫ ମିନିଟ୍‌ରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ସହ ପରେଡ୍ ଅଭିବାଦନ ଓ ଉଦ୍‌ବୋଧନ କାର୍ଯ୍ୟକ୍ରମ ରହିଛି। ବ୍ୟାରିକେଡିଂ, ଟେଣ୍ଟ ଓ ଚୌକି ବ୍ୟବସ୍ଥା, ରାସ୍ତା ଓ ନାଳନର୍ଦ୍ଦମା ସଫାସୁତୁରା, ପ୍ରତିମୂର୍ତ୍ତି ସ୍ଥଳ ସଫା, ଟ୍ରାଫିକ୍ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା, ପରେଡ୍ ଅଭ୍ୟାସ, ସାମୂହିକ ପରେଡ୍, ଫଳ ଓ ମିଷ୍ଟାନ୍ନ ବଣ୍ଟନ, ବିଭିନ୍ନ ପ୍ରତିଯୋଗିତା, ଅଗ୍ନି ନିର୍ବାପନ, ପିଇବା ପାଣି, ପ୍ରାଥମିକ ଚିକିତ୍ସା, ଆମ୍ବୁଲାନ୍ସ, ଅସ୍ଥାୟୀ ବିଦ୍ୟୁତ୍ ଯୋଗାଣ, ଅସ୍ଥାୟୀ ଶୌଚାଳୟ, ସାଂସ୍କୃତିକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ଶ୍ରେଷ୍ଠ କର୍ମଚାରୀଙ୍କୁ ସମ୍ମାନ ସୂଚାରୁରୂପେ ନିର୍ବାହ ନେଇ ଆଲୋଚନା ହୋଇଛି। ଏ ନେଇ ପୂର୍ତ୍ତ, ପୌର ପରିଷଦ, ସ୍ୱାସ୍ଥ୍ୟ, ପୋଲିସ, ଉଦ୍ୟାନ, ପିଏଚ୍‌ଡି, ଯୋଗାଣ, ଶିକ୍ଷା, ସମାଜ କଲ୍ୟାଣ, ଜିଲା ପରିବହନ, ଆଇଟିଡିଏ, କୃଷି, ସଂସ୍କୃତି, ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଚଳିତ ବର୍ଷ ବିଭିନ୍ନ ସ୍କୁଲ କଲେଜରୁ ୨୭ ଟି ପ୍ଲାଟୁନ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ପ୍ଲାଟୁନ୍ ୧୧ ଓ ୧୩ତାରିଖ ସକାଳ ୮ରେ ନବରଙ୍ଗପୁର ଷ୍ଟାଡିୟମରେ ପରେଡ୍ ଅଭ୍ୟାସ କରିବେ। ଜିଲାପାଳ ସମସ୍ତ ଅଧିକାରୀ ଓ ଅନୁଷ୍ଠାନ ନିଜ ନିଜର ଦାୟିତ୍ୱ ଠିକ୍ ରୂପେ ତୁଲାଇବାକୁ କହିବା ସହ ସ୍ୱାଧୀନତା ଦିବସକୁ ଶାନ୍ତିଶୃଙ୍ଖଳା ସହ ମହା ସମାରୋହରେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଜନପ୍ରତିନିଧିଙ୍କୁ ଅଣଦେଖା ଅଭିଯୋଗ

**ଜିଲାପାଳଙ୍କୁ ତେନ୍ତୁଳିଖୁଣ୍ଟି ପଞ୍ଚାୟତିରାଜ ପ୍ରତିନିଧି ସମନ୍ୱୟ ସଂଘର ଦାବିପତ୍ର**

ତେନ୍ତୁଳିଖୁଣ୍ଟି, ୩୧।୭(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ପାଖରେ ତେନ୍ତୁଳିଖୁଣ୍ଟି ପଞ୍ଚାୟତିରାଜ ପ୍ରତିନିଧି ସମନ୍ୱୟ ସଂଘ ଗୁରୁବାର ଭେଟିଛନ୍ତି। ସରକାରୀ ଯୋଜନା ସ୍ଥିତି କ'ଣ, କେଉଁଠି କାର୍ଯ୍ୟକାରୀ ହେଉଛି ଆଦି ସମ୍ପର୍କରେ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଅନ୍ଧକାରରେ ରଖାଯାଇଥିବା ନେଇ ବିଡିଓଙ୍କୁ ଅଭିଯୋଗ ପରେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସମିତି ବୈଠକ କେବଳ ନାମକୁ ମାତ୍ର ଔପଚାରିକତା ପାଳନ ପାଇଁ ହେଉଛି। ଉପସ୍ଥିତ ବିଭିନ୍ନ ଅଧିକାରୀ ବିନା ସତ୍ୟତା ଓ ସମୀକ୍ଷାଠାରୁ ଦୂରେଇ ଅଳ୍ପ କିଛି ବକ୍ତବ୍ୟ ରଖି ସାରି ଦେଉଛନ୍ତି। କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଆସୁଥିବା ଅନୁଦାନ ତୃଣମୂଳସ୍ତରରୁ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଅଣଦେଖା କରି ବ୍ଲକ୍ ପ୍ରଶାସନ ବେପାରୀ ସାଜିଥିବା ଅଭିଯୋଗ କରିଛି ସଂଘ। ଉନ୍ନତିମୂଳକ କାର୍ଯ୍ୟ, ଶିକ୍ଷା ଭିତ୍ତିଭୂମି, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଜଙ୍ଗଲ ସୁରକ୍ଷା, ପରିମଳ ବ୍ୟବସ୍ଥା, ଜଳ ଯୋଗାଣ ବ୍ୟବସ୍ଥା, ସାମାଜିକ କଲ୍ୟାଣ, ଖାଉଟି କଲ୍ୟାଣ, ପରିବେଶ, ଜଙ୍ଗଲ, ମୃତ୍ତିକା ସଂରକ୍ଷଣ, ପୂର୍ତ୍ତ, ଉଠା ଜଳସେଚନ, ଗ୍ରାମ୍ୟ ରାସ୍ତା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କରେ ଚର୍ଚ୍ଚା ନ ହୋଇ ଧର୍ମକୁ ଆଖିଠାର ଭଳି ଚାଲିଥିବା ଅଭିଯୋଗ ହୋଇଛି। ସମସ୍ତ ବିଭାଗର ବ୍ଲକ୍‌ରେ ଚାଲିଥିବା ପ୍ରକଳ୍ପ ସ୍ଥିତି, କାର୍ଯ୍ୟକ୍ରମ ଆଦି ତଥ୍ୟ ମାଗିଲେ ମଧ୍ୟ ତାହା ମିଳୁନାହିଁ। ବ୍ଲକ୍‌ର ବିକାଶ ପ୍ରକ୍ରିୟା ଜାରି ରଖିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ତେନ୍ତୁଳିଖୁଣ୍ଟି ବ୍ଲକ୍ ସମନ୍ୱୟ ସଂଘ ଦାବି କରିଛି। ଦିଲୀପ ପ୍ରଧାନୀ, ପ୍ରଭାତୀ କନ୍ଧ, ବିନୋଦିନୀ ସିଂହ, ମଧୁସ୍ମିତା ପାଣିଗ୍ରାହୀ, ଶିବା ପ୍ରଧାନୀ, ମଦନ ମୋହନ, ବନ୍ଦିତା ନାୟକ, ପ୍ରମିଳା ମୁଦୁଲିଙ୍କ ସମେତ ୧୮ ଜଣ ସରପଞ୍ଚ ସମିତି ସଭ୍ୟ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

# ନବରଙ୍ଗପୁର ଜିଲାକୁ ସ୍ୱର୍ଣ୍ଣ ପଦକ

**ରାଜ୍ୟସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ**

ନବରଙ୍ଗପୁର,୩୧।୭(ସଦାଶିବ ପ୍ରହରାଜ)


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁରର ଅଧିକାରୀମାନଙ୍କୁ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର ଲୋକସେବା ଭବନରେ ମଙ୍ଗଳବାର ରାଜ୍ୟସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନରେ ସଫଳତା ହାସଲ କରିଥିବା ଆକାଂକ୍ଷୀ ଜିଲା ଓ ବ୍ଲକ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କୃତ କରିଛନ୍ତି। ଦୁର୍ଗମ ଓ ସ୍ଥାନୀୟ ଅଞ୍ଚଳର ବିକାଶକୁ ପ୍ରୋତ୍ସାହିତ, ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି ସମ୍ବନ୍ଧୀୟ ସୂଚାଙ୍କକୁ ପରିପୂର୍ଣ୍ଣତା ହାସଲ କରିଥିବା ଆକାଂକ୍ଷୀ ଜିଲା ଓ ବ୍ଲକ୍‌କୁ ସମ୍ମାନିତ କରିବା ସମ୍ପୂର୍ଣ୍ଣତା ଅଭିଯାନର ଅଂଶ ବିଶେଷ। ନବରଙ୍ଗପୁର ଜିଲାର ତ୍ରୈମାସିକ ଗର୍ଭବତୀ ଓ ଶିଶୁଙ୍କ ଟିକାକରଣ, ପୋଷଣ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ବିଦ୍ୟାଳୟରେ ପୁସ୍ତକ ବଣ୍ଟନ, ସ୍କୁଲରେ ବିଦ୍ୟୁତୀକରଣ, ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗର ସ୍କ୍ରିନିଂ, ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପାଥେୟକରି ନବରଙ୍ଗପୁର ଜିଲା ୬ଟି ସୂଚକାଙ୍କରେ ପରିପୂର୍ଣ୍ଣତା ଲାଭ କରିଥିବାରୁ ମୁଖ୍ୟମନ୍ତ୍ରୀ ଜିଲାକୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ଜିଲାପାଳ ଡ ମହେଶ୍ୱର ସ୍ୱାଇଁ ମଞ୍ଚରେ ଏହି ପଦକ ଗ୍ରହଣ କରିଥିଲେ। ସେଭଳି ୬ ସୂଚାଙ୍କ ପୂର୍ଣ୍ଣତା ହାସଲକରି ଡାବୁଗାଁ ବିଡିଓ ଶରତ କୁମାର ମାଝୀ ଆକାଂକ୍ଷୀ ବ୍ଲକ ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କ ସହ ସ୍ୱର୍ଣ୍ଣ ପଦକ ଗ୍ରହଣ କରିଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକ ୩ ସୂଚାଙ୍କ ହାସଲ କରିଥିବାରୁ ବିଡିଓ ମନୋଜ କୁମାର ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କ ଠାରୁ ତାମ୍ରପଦକ ଗ୍ରହଣ କରିଥିଲେ। ମଞ୍ଚରେ ପୂର୍ବତନ ଜିଲାପାଳ ଡ. କମଳ ଲୋଚନ ମିଶ୍ର ଏବଂ ଡ. ଶୁଭଙ୍କର ମହାପାତ୍ରଙ୍କୁ ଜିଲାରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ତେବେ ଅଗଷ୍ଟ ୨ରୁ ୮ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପୋଲିସ ପଡ଼ିଆରେ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ସହ ଆକାଂକ୍ଷା ହାଟ ଅନୁଷ୍ଠିତ ହେବ।

## ବଳାତ୍କାର ମାମଲାର ଫେରାର ଅଭିଯୁକ୍ତ ଗିରଫ

ଡାବୁଗାଁ, ୩୧।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ବଳାତ୍କାର ମାମଲାର ଫେରାର ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ କୋଡିଗାଁ ଥାନା ଅଧୀନ ବାଙ୍କୁଲି ଗ୍ରାମର ଶିବ ହରିଜନ (୨୬)। ସୂଚନାନୁଯାୟୀ, ଡାବୁଗାଁ ଥାନା ଅଞ୍ଚଳର ଜଣେ ୧୮ ବର୍ଷୀୟ ଯୁବତୀ ୧ ମାର୍ଚ୍ଚ ୨୦୨୦୪ ସନ୍ଧ୍ୟାରେ ଘରୁ ବାହାରକୁ ଯାଇଥିଲେ। ଶିବ ସେଠାରୁ ତାଙ୍କୁ ନେଇ ପଳାଇଥିଲେ। ରାତି ପର୍ଯ୍ୟନ୍ତ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଶିବ ତାଙ୍କ ଝିଅକୁ କେଉଁ ଆଡେ ନେଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଶିବ ଯୁବତୀଙ୍କୁ କିଛିଦିନ ପାଖରେ ରଖି ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ପରେ ତାଙ୍କୁ ଆଣି ଗାଁ ପାଖରେ ଛାଡ଼ି



ଚାଲିଯାଇଥିଲେ। ଯୁବତୀ ଜଣଙ୍କ ପରିବାର ଲୋକଙ୍କୁ ସବୁ ଜଣାଇଥିଲେ। ପରେ ୧୦ ମାର୍ଚ୍ଚରେ ପୀଡ଼ିତା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା କେସ ନଂ ୬୬/୨୪ରେ ଏକ ମାମଲା ରୁଜୁ ସହ ତଦନ୍ତ ହୋଇଥିଲା। ଅଭିଯୁକ୍ତ ଶିବ ସେହିଦିନଠାରୁ ଫେରାର ଥିଲେ। ଶିବ ଘରକୁ ଫେରିଥିବା ସମ୍ପର୍କରେ ଗୁରୁବାର ପୋଲିସ ଖବରପାଇ ବାଙ୍କୁଲି ଗ୍ରାମରେ ଚଢ଼ାଉ କର ତାଙ୍କୁ ଗିରଫ କରିଥିଲା। ଶିବଙ୍କ ଡାକ୍ତରୀ ମାଇନା କରାଯାଇ ଗୁରୁବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଏସ୍‌ଆଇ ବିକ୍ରମ କିଶୋର ସାହୁ ମାମଲାର ତଦନ୍ତ କରୁଛନ୍ତି।

# ଗାଁକୁ ଯାଇ ସ୍ଥିତି ଯାଞ୍ଚ କଲେ ବିଡିଓ


କାଦବେଡ଼ା ଗାଁରେ ବିଡିଓ ରାସ୍ତା କାମ ଦେଖୁଛନ୍ତି।

ତେନ୍ତୁଳିଖୁଣ୍ଟି, ୩୧।୭(ଚିଦାନନ୍ଦ ସାହୁ)

**ଧରିତ୍ରୀ ପ୍ରଭାବ**

- କାଦବେଡ଼ା ଗ୍ରାମରେ ପାନୀୟ ଜଳ ସମସ୍ୟା ଘଟଣା
- ରାସ୍ତା କାମ ତୁରନ୍ତ ସାରିବା ନିର୍ଦ୍ଦେଶ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ ଗୌଡ଼ ଦେଓପାଲି ପଞ୍ଚାୟତ ସୀମାନ୍ତ ତଥା ଅବହେଳିତ ଗ୍ରାମ କାଦବେଡ଼ା ଯାଇ କିଭଳି ଟ୍ୟୁବ୍‌ୱେଲ ଖନନ କରିବାକୁ ଗାଡ଼ି ଆସି ପାରିବ ସେ ନେଇ ଗୁରୁବାର ଅନୁଧ୍ୟାନ କରିଛନ୍ତି। ଉକ୍ତ ଗ୍ରାମରେ ପାନୀୟ ଜଳ ସମସ୍ୟା ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପରେ ବିଡିଓ ସେଠାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ କହଁର, କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ସାହାଣୀଙ୍କ ସହ ପହଞ୍ଚି ଥିଲେ। ବର୍ତ୍ତମାନ ଚାଲିଥିବା ମେଟାଲ ମୋରମ ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ସହ ଦୁଇଟି କଲଭର୍ଟ ପ୍ରକଳ୍ପ ରଖିବାକୁ ପଦକ୍ଷେପ ନେବାକୁ କହିଥିଲେ। ଆଉ ଏକ ଫାଇଲ ମେଟଲ ମୋରମ ରାସ୍ତା ପାଇଁ ଖୋଲିବାକୁ କହିଥିଲେ। ଏହି ଅବସରରେ ବିଏଫ୍‌ଟି ଅଞ୍ଜନ ଟାକ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଏହି ଗାଁରେ ରାସ୍ତା ନ ଥିବାରୁ ବୋର୍‌ୱେଲ ଖନନ ଗାଡ଼ି ଆସିପାରୁନି। ଫଳରେ ଲୋକଙ୍କ ପାନୀୟ ଜଳ ସମସ୍ୟା ସାମଧାନ ହୋଇପାରୁନି।

# ଡିଏଲ୍‌ଏସ୍‌ଏର ପ୍ରୟାସରେ ମୁକୁଳିଲେ ଆଜୀବନ ବନ୍ଦୀ

ନବରଙ୍ଗପୁର, ୩୧।୭(ସଦାଶିବ ପ୍ରହରାଜ)

ଆଜୀବନ ବନ୍ଦୀଭାବେ ନବରଙ୍ଗପୁର ଉପ କାରାଗାର ଦୀର୍ଘ ୧୮ ବର୍ଷଧରି ଦୁଲୁ ହରିଜନ (୭୪) ରହି ଆସୁଥିଲେ। କାରାଗାର ପରିଦର୍ଶନ ସମୟରେ ନବରଙ୍ଗପୁରଜିଲା ଆଇନ ସେବା ପ୍ରାଧିକରଣ ସଚିବ ସାଉ ଅଭିପ୍ସା ଗୋଛାୟତଙ୍କ ଦୃଷ୍ଟିକୁ ଆସିଥିଲା। ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତିଙ୍କ ସହ ସେ ଆଲୋଚନା କରିଥିଲେ। ପରେ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ବନ୍ଦୀଙ୍କ ସମୟ ପୂର୍ବରୁ ମୁକ୍ତି ନିମନ୍ତେ ଭୁବନେଶ୍ୱର ଉପକାରାଗାର ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡ ବୈଠକରେ ଦୁଲୁ ହରିଜନଙ୍କ ନାମକୁ ମଞ୍ଜୁର କରିବା ନିମନ୍ତେ ପତ୍ରାଳପ କରାଯାଇଥିଲା। ୪୬ତମ ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡର ୨୦୨୫ ମେ ୧୭ ବୈଠକରେ ବନ୍ଦୀଙ୍କ ସମୟ ପୂର୍ବରୁ ମୁକ୍ତି ନିମନ୍ତେ ଆଲୋଚନାରେ ସର୍ବସମତି କ୍ରମେ ଦୁଲୁଙ୍କୁ ମୁକ୍ତି କରିବା ମଞ୍ଜୁର ହୋଇଥିଲା। ଚଳିତ ମାସ ୧୯ ତାରିଖରେ ସରକାରଙ୍କ ଆଇନ ବିଭାଗ ଉପସଚିବ ଦୁଲୁ ହରିଜନଙ୍କୁ ମୁକ୍ତ ନିମନ୍ତେ ଆଦେଶ ପ୍ରଦାନ କରିଥିଲେ। ତଦନୁଯାଇ ଦୁଲୁ ହରିଜନକୁ ତାଙ୍କ ଘରେ ନେଇ ଛଡା ଯାଇଥିଲା। ତେବେ ତାଙ୍କ ପରିବାର ମନା କରିବାରୁ ତେନ୍ତୁଳିଖୁଣ୍ଟିସ୍ଥିତ ନିର୍ମଳ ଆକାଶ ବୃଦ୍ଧାଶ୍ରମରେ ଅସ୍ଥାୟୀ ଭାବେ ଥଇଥାନ କରାଯାଇଥିଲା। ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ପାରା ଲିଗାଲ ସ୍ୱେଚ୍ଛାସେବୀ ହରେଶ ହରିଜନଙ୍କୁ ଘର ଲୋକଙ୍କ ସହ ବୁଝାସୁଝା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଡିଏଲ୍‌ଏସ୍‌ଲ ସଚିବଙ୍କ ପ୍ରତ୍ୟେକ୍ଷ୍ୟ ତତ୍ତ୍ୱାବଧାନରେ ଦୁଲୁ ହରିଜନଙ୍କୁ ପରିବାରଙ୍କ ଦାୟିତ୍ୱରେ ଛଡ଼ାଯାଇଥିଲା।

# ଗୁପ୍ତେଶ୍ୱର ଗଲେ ୫ ଶହରୁ ଉର୍ଦ୍ଧ୍ୱ କାଉଡିଆ

କୋରୁକୋଣ୍ଡା,୩୧।୭ (ଶିବଦତ୍ତ ସାହୁ)


ଗୁପ୍ତେଶ୍ୱର ଅଭିମୁଖେ ବାହାରିଥିବା କାଉଡିଆ ।

ଶ୍ରାବଣ ଶେଷ ସୋମବାର ପାଇଁ ମାଲକାନଗିରି ଜିଲା ବାଲିମେଳାରୁ ୫ ଶହରୁ ଉର୍ଦ୍ଧ୍ୱ କାଉଡିଆ ଗୁରୁବାର ଗୁପ୍ତେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ବାଲିମେଳା ମାଉସୀମା ମନ୍ଦିର ସାହି, ଡ୍ରଗ୍ ଲାଇନ, ସ୍ୱାମୀ ବିବେକାନନ୍ଦ ଯୁବକ ସଙ୍ଘ, ଦୈନିକ ବଜାର, ପୋଷ୍ଟ ଅଫିସ ଲାଇନ୍ ଏବଂ କାଳୀଛକ ଅଞ୍ଚଳର ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ କାଉଡିଆ ଗୁରୁବାର ଭୋରରୁ ଚିତାପାରି ନଦୀରୁ ପାଣି ଉଠାଇ ଗୁପ୍ତେଶ୍ୱର ପୀଠ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସେହିପରି କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା, ନୀଳାଦ୍ରୀନଗର, କାମବେଡା, ଏମ୍‌ଭି -୧୦୯, ଏମ୍‌ଭି-୩୫ ଏବଂ ଅନ୍ୟାନ୍ୟ ଅଞ୍ଚଳର ଶତାଧିକ କାଉଡିଆ ନିଜ ଗ୍ରାମ ନିକଟ ନଦୀରୁ ଜଳ ନେଇ ଗୁପ୍ତେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି।

# ଭୁଶୁଡ଼ିଗଲା ପାଥ୍‌ୱେ, ଭାଙ୍ଗିଲା ମୁଖ୍ୟ ଫାଟକ

ନବରଙ୍ଗପୁର, ୩୧।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୌରସଂସ୍ଥା ପକ୍ଷରୁ ୧୭ ନମ୍ବର ୱାର୍ଡ ଲିଙ୍ଗରାଜନଗର ନିକଟରେ ଥିବା ପୋଖରୀ ଉନ୍ନତୀକରଣ ନାମରେ ୪୫ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ଉକ୍ତ ସ୍ଥାନରେ ପାର୍କ ସଦୃଶ୍ୟ ପାଥୱେ, ବିଭିନ୍ନ ଉପକରଣ ଖଞ୍ଜା ଯାଇଛି। ତେବେ ଉଦ୍‌ଘାଟନ ପୂର୍ବରୁ ହିଁ ପାଥୱେ ଭୁଷୁଡି ପଡ଼ିବା ସହ ମୁଖ୍ୟ ଫାଟକ ଭାଙ୍ଗିଯାଇଛି।

ନବରଙ୍ଗପୁର ସହରର ୧୭ ନମ୍ବର ୱାର୍ଡରେ ୩ଟି ପର୍ଯ୍ୟାୟରେ ୪୫ ଲକ୍ଷ ଟଙ୍କା ବ୍ୟୟରେ ପୋଖରୀରେ ଉନ୍ନତୀକରଣ, ପାଥ ୱେ, ଛୋଟ ଧରଣର ବଗିଚା ସମେତ ଏକ କ୍ୟାଣ୍ଟିନ ପାଇଁ ବ୍ୟବସ୍ଥା ନେଇ କାର୍ଯ୍ୟ ଆରମ୍ଭ ହୋଇଛି। ୨୦୨୩-୨୪ ବର୍ଷରେ ଗୋଟିଏ ଏସ୍‌ଏଚ୍‌ଜି ନାମରେ କାର୍ଯ୍ୟାଦେଶ କରାଯାଇ ମୁକ୍ତା ଯୋଜନାରେ କାମ ଆରମ୍ଭ ହୋଇଥିଲା। ବିନା ଟେଣ୍ଡରରେ କାର୍ଯ୍ୟ ହେଉଛି। ତେବେ ଏହି କାମ ନିମ୍ନମାନର ହୋଇଥିବା ସହ ଏହାର ସ୍ଥାୟିତ୍ୱକୁ ନେଇ ଅନେକେ ପ୍ରଶ୍ନ କରୁଛନ୍ତି। ଏବେ ପୋଖରୀ ଭିତରେ ଆବର୍ଜନା ଓ ଘାସ ବୁଦା ଭରି ହୋଇ ରହିଛି। ମୁଖ୍ୟ ଫାଟକ ନିକଟରୁ ପୋଖରୀକୁ ଯିବା ରାସ୍ତାରେ ଯେଉଁ ସବୁ ପ୍ଲେଟ୍ ପଡ଼ିଛି ସେଗୁଡିକ ନଷ୍ଟହେବାରେ ଲାଗିଲାଣି। ରାସ୍ତାର ଅଧା ସ୍ଥାନରେ ପ୍ଲେଟ୍ ମଧ୍ୟ ପଡ଼ିନାହିଁ। ହାତୀ, ବାଘ, ଓ ନର୍ତ୍ତକୀ ଭଳି ମୂର୍ତ୍ତି ଗୁଡ଼ିକ ଖଞ୍ଜା ଯାଇଛି। ସେଗୁଡ଼ିକର ରଙ୍ଗ ବଦଳି ଗଲାଣି। ପୋଖରୀ ଚାରିପାଖ ଲୁହା ବାଡ଼ କରାଯାଇଥିଲେ ମଧ୍ୟ ଏବେ ଅରମା ବଣ ଭରି ହୋଇଗଲାଣି । ଆଗକୁ ଏହି ସ୍ଥାନରେ ଲୋକଙ୍କ ଭିଡ ଜମିବ। ତେବେ ଏହାକୁ ନଜରରେ ରଖି ଏନେଇ ପାର୍କିଂ ବ୍ୟବସ୍ଥା ମଧ୍ୟ ପୌର ସଂସ୍ଥା ପକ୍ଷରୁ କରାଯାଇନାହିଁ। କୌଣସି ଘର ବା ଦୋକାନ ତଥା ମଲ୍ କଲେ ବିନା ପାର୍କିଂରେ ଅନୁମତି ମିଳେ ନାହିଁ। କିନ୍ତୁ ପୌରସଂସ୍ଥା ଖୋଦ ଏକ ପୋଖରୀର ଉନ୍ନତି ତଥା ସୌନ୍ଦର୍ଯ୍ୟକରଣ, ପାର୍କ ଆଦି କରୁଛନ୍ତି। ପାର୍କିଂ ପାଇଁ ବ୍ୟବସ୍ଥା ନାହିଁ। ଏଥିରୁ ଅନୁମେୟ ପୌର ସଂସ୍ଥା ତାହାର କିଭଳି ଦୂର ଦୃଷ୍ଟି ରଖି କାମ କରୁଛନ୍ତି। ଏନେଇ ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣଙ୍କୁ ପଚାରିବାରୁ ସ୍ୱାୟତ୍ତ ଶାସନ ଦିବସରେ ଉଦ୍‌ଘାଟନ କରିବାକୁ ପ୍ରସ୍ତାବ ରହିଛି। ଅଧୁରା କାମଗୁଡିକ ସମ୍ପୂର୍ଣ୍ଣ କରାଯିବ। ମୁଖ୍ୟ ଫାଟକ ମରାମତି କରାଯିବାକୁ କୁହାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।


ଭାଙ୍ଗିଯାଇଥିବା ପାଥୱେ।

# ସମାଜସେବା ଦିଗରେ ବାଟ କଢ଼ାଏ ରେଡକ୍ରସ

**ନବରଙ୍ଗପୁର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ**

ନବରଙ୍ଗପୁର,୩୧।୭(ସଦାଶିବ ପ୍ରହରାଜ)



ଏକ ଅନୁଷ୍ଠାନକୁ ବରଗଛ ପ୍ରଦାନ କରାଯାଉଛି।

ରେଡ୍‌କ୍ରସ୍ ଓଡ଼ିଶା ରାଜ୍ୟ ଶାଖା, ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ନବରଙ୍ଗପୁର ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ (ୱାଇଆର୍‌ସି)ର ଜିଲାସ୍ତରୀୟ ବୈଠକ ଆୟୋଜିତ ହୋଇଯାଇଛି। ଜିଲାର ୫୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ୧୯ ସ୍ନାତକ ମହାବିଦ୍ୟାଳୟରୁ ପ୍ରାୟ ୭୦ ଜଣ ଅଧ୍ୟକ୍ଷ ଓ କାଉନସିଲର ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ଯୁବ ରେଡ୍‌କ୍ରସ୍ ଜିଲା ଚେୟାରମ୍ୟାନ ଡି. ଗୋବିନ୍ଦା ରାଓଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ ଯୋଗଦେଇଥିଲେ। ଯୁବ ରେଡ୍‌କ୍ରସ୍ ନିଶ୍ଚିତ ସମାଜ ସେବା ଆଡ଼କୁ ନେବ। ଏଥିସହ ଜିଲାରେ ରକ୍ତଦାନ, ଚାରାରୋପଣକୁ ପ୍ରୋତ୍ସାହନ କରି ସମାଜ ସେବାରେ ଯୁବଗୋଷ୍ଠୀ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ସେ ୨୫ ପ୍ରକାର ବରଗଛକୁ ବୋନ୍‌ସାଇ ମାଧ୍ୟମରେ ଚାରା କରିଥିବା ପ୍ରକାଶ କରିଥିଲେ। ରେଡ୍‌କ୍ରସ୍‌ର ଆଜୀବନ ସଦସ୍ୟ ତଥା ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କଲେଜସ୍ତରରେ ସମାଜସେବାରେ ରେଡ୍‌କ୍ରସ୍‌ର ଭୂମିକା ଉପରେ ମତ ଦେଇଥିଲେ। ବିଦ୍ୟାର୍ଥୀ କଲେଜ ପରିଚାଳକ ସତ୍ୟ ନାୟକ, ଅଧ୍ୟକ୍ଷ ଡି. ଗୋବିନ୍ଦା ରାଓ, ଅବସର ପ୍ରାପ୍ତ ଅଧାପକ ରଞ୍ଜନ ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ। କଲେଜ ସ୍ତରରେ ରେଡ୍‌କ୍ରସ୍‌କୁ ସକ୍ରିୟ କରିବା ସହ ଆଗାମୀ ଦିନରେ ଯୁବ ରେଡ୍‌କ୍ରସ୍‌ର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ରେଡ୍‌କ୍ରସ୍ ଜିଲା ଆବାହକ ଦିଲୀପ କୁମାର ହୋତା, ଜିଲା ସଂଯୋଜକ ଅଖିଳ କୁମାର ଭଞ୍ଜ ସୂଚନା ଦେଇଥିଲେ। ଅତିଥିମାନେ ସମଗ୍ର ଜିଲା ପାଇଁ 'ପ୍ରତି ଅନୁଷ୍ଠାନରେ ଗୋଟିଏ ବରଗଛ ଅଭିଯାନ' ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସାଙ୍କେତିକଭାବେ ୧୨ଟି ବରଗଛ ଜିଲାର ୧୦ ବ୍ଲକ ଓ ୨ ପୌରପାଳିକାର ବଛା ବଛା ଅନୁଷ୍ଠାନକୁ ଉପହାରଭାବ ଦିଆଯାଇଛି। ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ରଙ୍କୁ ରେଡ୍‌କ୍ରସ୍‌ର ଜୀବନବ୍ୟାପୀ ସଦସ୍ୟତା ଓ ସମାଜ ସେବା ପାଇଁ ସମର୍ପିତ ମନୋଭାବ ପାଇଁ ସମ୍ମାନିତ କରାଯାଇଥିଲା। ରେଡ୍‌କ୍ରସ୍‌ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଶ୍ୱଜିତା ଗରଡ଼ା ଓ ଅଭିଲିପ୍ସା ରଥ ଯଥାକ୍ରମେ ରଚନା ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା ସଂଯୋଜନା କରିଥିଲେ। ବିଭିନ୍ନ ବିଭାଗର ପ୍ରମୁଖ ଦାୟିତ୍ୱରେ ଥିଲେ ଯୁବ କାଉନସିଲର ଅଧ୍ୟାପିକା ରଜନୀ ମିଞ୍ଜ, ନିର୍ମଳା ହିକ୍‌କା। ଅଶୋକ ପାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କାଉନସିଲର ଅଧ୍ୟାପିକା ରଜନୀ ମିଞ୍ଜ ମାନପତ୍ର ପାଠ, ଆଦର୍ଶ ମହାବିଦ୍ୟାଳୟ ନବରଙ୍ଗପୁର କାଉନ୍‌ସିଲର ଡ. ସଂଯୁକ୍ତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଆନ୍ଧ୍ର-ଓଡ଼ିଶା ପୋଲିସ, ଅବକାରୀ ବିଭାଗର ଚଢ଼ାଉ

ଏକାଧିକ ଦେଶୀ ମଦ ଭାଟି ଭାଙ୍ଗି ନଷ୍ଟ

ନନ୍ଦପୁର/ପାଡୁଆ, ୩୧।୭ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ଆନ୍ଧ୍ର ପ୍ରଦେଶ-ଓଡ଼ିଶା ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ନନ୍ଦପୁର ବ୍ଲକ୍ ଆନ୍ଧ୍ର ସୀମାନ୍ତ ପାଲୁଙ୍ଗା ପଞ୍ଚାୟତ ଅନ୍ତର୍ଗତ ଗାଁ ଜଙ୍ଗଲରେ ଗୁରୁବାର ମିଳିତ ଚଢ଼ାଉ କରି ଏକାଧିକ ଦେଶୀ ମଦଭାଟି ଭାଙ୍ଗି ନଷ୍ଟ କରାଯାଇଛି। ଏକାଧିକ ଡ୍ରମ୍‌ରେ ଥିବା ୧୦୨୦୦ ଲିଟର ପୋଚ ଓ ୪୦୦ଲ୍ୟ ଲିଟର ରନ୍ଧା ମଦ ଢାଳି ନଷ୍ଟ କରାଯାଇଛି। ଚଢ଼ାଉ ପୂର୍ବରୁ ଭାଟିରେ ଥିବା ଲୋକେ ଜଙ୍ଗଲକୁ ଖସି ପଳାଇ ଥିବା ଟିମ୍ କହିଛି। ଚଢ଼ାଉରେ ନନ୍ଦପୁର ଅବକାରୀ ଓଆଇସି ଅଭୟ କୁମାର ନାୟକ, ପାଡୁଆ ଥାନା ଏସ୍ଆଇ ମାଝୀ, ଆଇଆରବିଏନ ଯବାନ ଓ ପୋଲିସ ଟିମ୍ ସାମିଲ ଥିଲେ। ଆନ୍ଧ୍ର ପାଡେରୁ ଅବକାରୀ ସିଆଇ ଟି.ଆଚାରି, ପାଡେରୁ ଟାସ୍କ ଫୋର୍ସ ସିଆଇ ଜଗଦେଶ୍ୱର ରାଓ, ଅନକାପାଲି ଏନଫୋର୍ସମେଣ୍ଟ ସିଆଇ ରାଜୁ ରାଓ ଏବଂ ଟିମ୍ ସାମିଲ ହୋଇଥିଲେ। ୨ ରାଜ୍ୟର ଅବକାରୀ ବିଭାଗ ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇଛି। ନନ୍ଦପୁର ଅବକାରୀ ଥାନାରେ କେସ ନଂ ୮୯/୨୫ରେ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ଓଆଇସି ନାୟକ ସୂଚନା ଦେଇଛନ୍ତି।

### ତହସିଲ କର୍ମଚାରୀ ଅବସର ନେବା ପରେ ଜମି ରେଜିଷ୍ଟ୍ରେଶନ ବନ୍ଦ

ସେମିଳିଗୁଡ଼ା/ସୁନାବେଡା,୩୧।୭ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)


ମାସେରୁ ଅଧିକ ଦିନ ହେବ ସେମିଳିଗୁଡା ତହସିଲରେ ଜମିଜମା ପଞ୍ଜୀକରଣ ବନ୍ଦ ଥିବାରୁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, କାର୍ଯ୍ୟାଳୟର ଜମି ପଞ୍ଜୀକରଣ ଓ ହସ୍ତାନ୍ତର ବିଭାଗ କିରାଣି ଜଗଦୀଶ ପାଣିଗ୍ରାହୀ ଅବସର ଗ୍ରହଣ କରିବା ପରେ ଏହି ପ୍ରକ୍ରିୟା ବନ୍ଦ ରହିଛି। ସରକାରୀ କର୍ମଚାରୀ ଅବସର ନେଲେ ବିଭାଗ ବନ୍ଦ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିଯୋଗୁ ସରକାର ରାଜସ୍ୱ ହରାଉଥିବା ବେଳେ ସାଧାରଣ ଲୋକ ହଇରାଣ ହେଉଛନ୍ତି। କେବଳ ଜମି ପଞ୍ଜୀକରଣ ନୁହେଁ, ଅନ୍ୟ ତହସିଲ ସମ୍ବନ୍ଧୀୟ କାମ ପାଇଁ ଲୋକେ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ପ୍ରକାଶଯେ, ସେମିଳିଗୁଡା ତହସିଲ କାର୍ଯ୍ୟାଳୟକୁ ଦୈନିକ ଆବଶ୍ୟକ କାମ ପାଇଁ ଲୋକଙ୍କ ଭିଡ଼ ଜମିଥାଏ। ବ୍ୟକ୍ତିଗତ ତଥା ସରକାରୀ କାମ ପାଇଁ ଦୂରଦୂରାନ୍ତରୁ ଆସି ଲୋକେ ନିରାଶ ହୋଇ ଫେରୁଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ତହସିଲଦାର ଦେବବ୍ରତ କରାଡିଙ୍କୁ ପଚାରିବାରୁ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର ଜଗଦୀଶ କନିଷ୍ଠ କିରାଣି ଥିଲେ। ସେ ଗତ ମାସରେ ଅବସର ଗ୍ରହଣ କରିଛନ୍ତି। ଏଥିଯୋଗୁ ସମସ୍ୟା ହେଉଛି। ତାଙ୍କ ସ୍ଥାନରେ ଅନ୍ୟ କାହାକୁ ନିଯୁକ୍ତି ଦେବା କ୍ଷମତା କେବଳ ଡିଏସ୍ଆରଙ୍କ ରହିଛି। ଡିଏସ୍ଆରଙ୍କୁ ଚିଠି କରାଯିବା ସହ ଆଲୋଚନା ମଧ୍ୟ ସରିଛି। ଶୀଘ୍ର ସେହି ସ୍ଥାନରେ ଆଉ ଜଣଙ୍କୁ ପୋଷ୍ଟିଂ କରାଯିବ ବୋଲି ଡିଏସ୍ଆର କହିଥିବା ସେ କହିଛନ୍ତି। କର୍ମଚାରୀ ଅଭାବରୁ ପଟ୍ଟାଙ୍ଗି ଓ ସେମିଳିଗୁଡ଼ା ତହସିଲରେ ରେଜିଷ୍ଟ୍ରେଶନ ବନ୍ଦ ଥିବା ମଧ୍ୟ ସେ କହିଛନ୍ତି।

# ଗ୍ରାହକ ସାଜି ସାଢ଼େ ୩ ଲକ୍ଷ ଲୁଟିଲେ

କୋରାପୁଟ,୩୧।୭(ଅମିତାଭ ବେହେରା)

- ଗ୍ରାହକ ସେବା କେନ୍ଦ୍ରରୁ ସାଇବର ଠକେଇ
- ୬ ସେବା କେନ୍ଦ୍ର ମାଲିକ କୋରାପୁଟ ଏସ୍‌ପିଙ୍କ ଦ୍ୱାରସ୍ଥ

କୋରାପୁଟ ଜିଲାରେ ମାତିଛନ୍ତି ସାଇବର ଠକ। ବିଭିନ୍ନ କୌଶଳ ମାଧ୍ୟମରେ ଠକୁଛନ୍ତି ଲୋକଙ୍କୁ। ଜିଲାର ବିଭିନ୍ନ ସ୍ଥାନରୁ ୬ଜଣ ଗ୍ରାହକ ସେବା କେନ୍ଦ୍ର ମାଲିକଙ୍କଠାରୁ ପ୍ରାୟ ୩ ଲକ୍ଷ ୩୮ ହଜାର ଟଙ୍କା ଠକମାନେ ଲୁଟି ନେଇଛନ୍ତି। ବହୁ ବିଳମ୍ବରେ ମାଲିକମାନେ ଜାଣିବା ପରେ ସ୍ଥାନୀୟ ଥାନାରେ ଏତଲା ଦେଇ ଗୁରୁବାର କୋରାପୁଟ ଏସ୍‌ପି ରୋହିତ ବର୍ମାଙ୍କ ସମେତ କୋରାପୁଟ ସାଇବର ଥାନାରେ ସମୂହ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ସମ୍ପୃକ୍ତ ସାଇବର ଠକ ଗ୍ୟାଙ୍ଗ ଷଡ଼ଯନ୍ତ୍ର କରି ଯୋଜନା ବଦ୍ଧ ଭାବେ ସେବା କେନ୍ଦ୍ରକୁ ଯାଇ ଜରୁରୀ ଆବଶ୍ୟକତା ଥିବା ଓ ଚିକିତ୍ସା ପାଇଁ ନଗଦ ଅର୍ଥ ଆବଶ୍ୟକ କହି ଠକିଥିବା ଜଣାପଡ଼ିଛି। ଠକ ଜଣକ ଜୁନ୍ ଓ ଜୁଲାଇ ମାସ ମଧ୍ୟରେ କୋଟପାଡ଼ ଥାନା ଶଶାହାଣ୍ଡି, ଏନ୍.ସନ୍ତୋଷ କୁମାରଙ୍କଠାରୁ ଜୁଲାଇ ୨୭ରେ୮୦ ହଜାର, ଡାମନାହାଣ୍ଡିର ସନ୍ତୋଷ କୁମାର ଷଡଙ୍ଗୀଙ୍କଠାରୁ ୨୫ ତାରିଖରେ ୧୫ ହଜାର, ବୋରିଗୁମ୍ମାର ବାଙ୍କ ସାହିର ବୀରେନ ଘାରାମିଙ୍କଠାରୁ ୨୦ ତାରିଖରେ ୫୦ ହଜାର,୨୧ ତାରିଖରେ ଜୟପୁର ଖ୍ରୀଷ୍ଟିଆନ ପେଟ୍ଟାର ସନ୍ଧ୍ୟାରାଣୀ ବେନିଆଙ୍କଠାରୁ ୭୦ ହଜାର,୨୫ ତାରିଖରେ ନୂଆଗାଁର ଅଞ୍ଜଳୀ ବିଷୋୟୀଙ୍କଠାରୁ ୨୩ ହଜାର ଓ ବୈପାରିଗୁଡ଼ା ଥାନା ଟାଙ୍ଗନିଗୁଡ଼ାର ରାଜେଶ ମହାନ୍ତିଙ୍କଠାରୁ ଜୁନ୍ ୧୫ରେ ୧ ଲକ୍ଷ ଟଙ୍କା ଠକି ନେଇଥିଲେ। ସମସ୍ତଙ୍କଠାରୁ ସମାନ ଉପାୟରେ ଚିକିତ୍ସା ପାଇଁ ଟଙ୍କା ଆବଶ୍ୟକ କହି ଗ୍ରାହକ ସେବା କେନ୍ଦ୍ରର କ୍ୟୁଆର୍ କୋଡ୍ ଜରିଆରେ ଅନ୍ୟ ସହଯୋଗୀ ଦ୍ୱାରା ଟଙ୍କା ଅନ୍‌ଲାଇନ୍ ପୈଠ କରୁଥିଲେ ଓ ସେବା କେନ୍ଦ୍ରରୁ ନଗଦ ଟଙ୍କା ନେଉଥିଲେ। ଟଙ୍କା ନେବାର କିଛିଦିନ ପରେ ସେବା କେନ୍ଦ୍ରଗୁଡ଼ିକର ବ୍ୟାଙ୍କ ଖାତା ଫ୍ରିଜ୍ ହେଉଥିଲା। ପରେ ପୀଡ଼ିତମାନେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ତଦନ୍ତ କରିବାରୁ ବ୍ୟାଙ୍କ ଅଧିକାରୀମାନେ ନିଶ୍ଚିତ କରିଥିଲେ ଯେ, କାରବାରରେ ଜଡିତ ଆକାଉଣ୍ଟଗୁଡ଼ିକ ଚାଲିଥିବା ସାଇବର ଅପରାଧ ତଦନ୍ତ ସହ ଜଡିତ ଥିଲା କିମ୍ବା ଚୋରି ହୋଇଥିବା ରିପୋର୍ଟ କରାଯାଇଥିଲା। ଜଣେ ପୀଡିତ ଅଭିଯୁକ୍ତଙ୍କ ଫଟୋ ଉଠାଇବାରେ ସଫଳ ହୋଇଥିଲେ। ଏହାକୁ ପୋଲିସକୁ ପ୍ରଦାନ କରାଯାଇଛି। ସମ୍ପୃକ୍ତ ଠକ ଗ୍ୟାଙ୍ଗ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଲୋକଙ୍କୁ ଠକି ସେମାନଙ୍କ ବ୍ୟାଙ୍କ ଖାତାରୁ ପୀଡ଼ିତମାନଙ୍କୁ ଟଙ୍କା ପଠାଇଥିବା ଜଣାପଡ଼ିଥିଲା। ଆନ୍ଧ୍ର ସାଇବର ପୋଲିସ ନିକଟରେ ଅଭିଯୋଗ ହେବାରୁ ବର୍ତ୍ତମାନ ଏହି ୬ଜଣ ସେବା କେନ୍ଦ୍ର ମାଲିକଙ୍କ ବିରୋଧରେ ସେଠାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଏହି ୬ ପୀଡ଼ିତ ଏସ୍‌ପି ବର୍ମାଙ୍କୁ ଭେଟି ନ୍ୟାୟ ପ୍ରଦାନ ନେଇ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।


To
The Superintendent of Police, Koraput
(Cyber cell)

Subject: Complaint Regarding Fraudulent Online Transactions and Misappropriation of Cash

Respected Sir,

We, the following undersigned, residents of various villages in the Koraput district, humbly wish to lodge a collective complaint regarding multiple incidents of fraudulent online transactions by an unidentified person, who misled us using fabricated screenshots and unlawfully obtained large sums of cash.

1. Sri N. Santosh, Sashahandi, PS: Kotpad
2. Sri Biren Gharami, Bankasahi, PS: Borigumma
3. Smt. Sandhyarani Benya, Christian Street, Jeypore, PS: Jeypore
4. Sri Santosh Kumar Sadangi, Dhamanahandi, PS: Kotpad
5. Smt. Anjali Bisoi, Nuagaon, PS: Kotpad
6. Sri Rajesh Kumar Mahanty, Tanganiguda, PS: Boipariguda

The detailed grievances are as follows:

1. Sri N. Santosh, S/O Sri N. Krishna Chandra, Village: Sashahandi, PS: Kotpad
On 23.07.2025 at 7:05 PM, an unidentified person visited our shop at Sashahandi and claimed to need cash urgently citing a medical emergency. He showed screenshots indicating two online payments of ₹50,000/- and ₹30,000/- respectively. Trusting this information, I checked the receipt of the above amount in my account and then I handed him ₹80,000/- in cash. Upon verifying my Axis Bank account (No. 920020050296788), the transaction seemed credited, but the branch manager later informed me that the account had been blocked due to involvement in a cyber fraud case. The matter has already been brought to the notice of IIC, Kotpad PS vide GD No. 15/27.07.2025.
2. Sri Biren Gharami, S/O Sri Rabin Gharami, Village: Bankasahi, PS: Borigumma
On 20.07.2025 at 6:20 PM, the same unidentified individual came to my Janaseva Kendra located at Ram Mandira Complex and requested ₹50,000/- in exchange for an online transfer through GPay. He again provided a screenshot which seemed to confirm the transaction to my SBI account (No. 32016880116). The money of Rs 50,000/- has been credited in my account from B.Gurumurty I handed him the requested amount in cash. Subsequently, another ₹20,000/- was claimed and paid similarly. Later, SBI confirmed that

ଏସ୍‌ପିଙ୍କୁ ଦିଆଯାଇଥିବା ଅଭିଯୋଗ ପତ୍ର ।

# ଜିଲାପାଳଙ୍କ କୋଟିଆ ଗସ୍ତ


ଜିଲାପାଳ ମନୋଜ ସତ୍ୟବାନ ମହାଜନ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ପଟ୍ଟାଙ୍ଗି,୩୧।୭(ଶରତ କୁମାର ଧଳ)

**ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ**

କୋରାପୁଟ ଜିଲା ଜିଲାପାଳ ମନୋଜ ସତ୍ୟବାନ ମହାଜନ ପଟ୍ଟାଙ୍ଗି ବ୍ଲକ୍ ଅଧୀନ ସୀମାନ୍ତ କୋଟିଆ ପଞ୍ଚାୟତକୁ ଗୁରୁବାର ଅଚାନକ ଗସ୍ତ କରିଛନ୍ତି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରି ଆନ୍ଧ୍ରପ୍ରଦେଶର ଅନୁପ୍ରବେଶର ପ୍ରକୃତ ଉଦ୍ଦେଶ୍ୟ ନେଇ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ମହାଜନ ସଦର ମହକୁମାରେ ପହଞ୍ଚି ପଞ୍ଚାୟତ କାର୍ଯ୍ୟାଳୟ ବୁଲି ଦେଖିଥିଲେ। ଆନ୍ଧ୍ର ସୀମାକୁ ଲାଗି ଥିବା ନେରେଡିବାଲସା ଗ୍ରାମରେ ଓଡ଼ିଶା ସରକାର ପକ୍ଷରୁ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ। ଆନ୍ଧ୍ର ପକ୍ଷରୁ ହୋଇଥିବା କିଛି ଉନ୍ନୟନ କାର୍ଯ୍ୟ ଦେଖିଥିଲେ। ତାଡିବାଲସା ଗ୍ରାମରେ ଓଡ଼ିଶା ଶିକ୍ଷା ବ୍ୟବସ୍ଥା ନେଇ ତଦାରଖ କରି ଗ୍ରାମରେ ଥିବା ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟରେ ରୋଷେଇ ଗୃହର କିଛି ସମସ୍ୟା ସମ୍ପର୍କରେ ଶିକ୍ଷୟିତ୍ରୀ ଶିକ୍ଷକ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ମହାଜନ ମାଡକାର, ଫଗୁଣସିନେରି, ଫାଟକିନେରି ପ୍ରମୁଖ ଗ୍ରାମରେ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ। ପଞ୍ଚାୟତର ସରପଞ୍ଚ ଲିୟୁ ଗେମେଲ, ଉପଜିଲାପାଳ ପ୍ରେମଲାଲ ହିଆଲ, ବିଡିଓ ବେଣୁଧର ଶବର, ବିଡିଓ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ, କନିଷ୍ଠ ଯନ୍ତ୍ରୀ ଅଜୟ ରାମ ତରାଇ, ପିଇଓ କଣ୍ଡା ଗୋଲରୀ, ଆଇଏସ୍ ପ୍ରୋଭିଜିନାଲ ସନ୍ତୋଷ କୁମାର ପାତ୍ର ଓ ବ୍ଲକ୍ ଯୋଗାଣ ଅଧିକାରୀ ଅଶୋକ କୁମାର ସାହୁ ପ୍ରମୁଖଙ୍କ ସହ ଆଲୋଚନା କରି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ।

# ପୌର ପରିଷଦ ବୈଠକ ବାତିଲକୁ ନେଇ ହଟ୍ଟଗୋଳ

ସୁନାବେଡ଼ା ୩୧।୭(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ପୌର ପରିଷଦରେ ହେବାକୁ ଥିବା ସାଧାରଣ ବୈଠକକୁ ପୂର୍ବଦିନ ବାତିଲ କରାଯିବାରୁ କରାଯିବା ନେଇ ଗୁରୁବାର ହଟ୍ଟଗୋଳ ଦେଖାଦେଇଛି। ଏକ ନୋଟିସ ସଂଖ୍ୟା ୨୭୪୪ରେ ବୈଠକ ରଦ୍ଦ ହେବା ନେଇ ଜଣାଯାଇଥିଲା। ଏଥିରେ ରଦ୍ଦର କାରଣ ନିର୍ବାହୀ ଅଧିକାରୀ ଅସୁସ୍ଥ ଥିବା ଦର୍ଶାଯାଇଥିଲା। ଏହାକୁ ନେଇ କେତେକ ପରିଷଦଙ୍କ ସହ ଏମ୍‌ପି ପ୍ରତିନିଧି ପୌର କାର୍ଯ୍ୟାଳୟରେ ପହଞ୍ଚି ବୈଠକ ପାଇଁ ଅପେକ୍ଷା କରି ପାଟିତୁଣ୍ଡ କରିଥିଲେ। କେତେଜଣ ମହିଳା କାଉନସିଲର କାର୍ଯ୍ୟାଳୟରେ ପହଞ୍ଚି ନିର୍ବାହୀ ଅଧିକାରୀଙ୍କୁ ଦେଖାକରି ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝିବାକୁ କହିବାରୁ ହଟ୍ଟଗୋଳ ହୋଇଥିଲା। କେତେକ କାଉନସିଲରଙ୍କ କହିବା ମୁତାବକ ବୁଧବାର ନିର୍ବାହୀ ଅଧିକାରୀ ଓ କେତେଜଣ କାଉନସିଲର ନୂଆ ଜିଲାପାଳଙ୍କୁ ଦେଖା କରିବାକୁ ଯାଇଥିଲେ। ରାତିକ ମଧ୍ୟରେ ଅଧିକାରୀଙ୍କ ଦେହ କଣ ଏମିତି ବିଗିଡ଼ିଗଲା ଯେ ବୈଠକକୁ ରଦ୍ଦ ନୋଟିସ୍ ପଠାଗଲା ବୋଲି ଅଭିଯୋଗ କରିଛନ୍ତି। କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର କର କହିଛନ୍ତି ପରିଷଦର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ବୈଠକ ଡକାଯାଇଥିଲା। କିନ୍ତୁ ହଠାତ ରାତିରେ ବାତିଲ୍ କରିବା ଆଦୌ ଠିକ୍ ନୁହେଁ। ଏ ସମ୍ପର୍କରେ ପୌରାଧ୍ୟକ୍ଷ ଡ.ରାଜେନ୍ଦ୍ର ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ବିଧାୟକ ଦିଲ୍ଲୀରେ ଅଛନ୍ତି। ତେଣୁ ତାଙ୍କ ଅନୁପସ୍ଥିତିରେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବିଷୟରେ ଆଲୋଚନା ହୋଇପାରିନଥାନ୍ତା। ଦ୍ୱିତୀୟରେ ଉପରିସ୍ଥ ଅଧିକାରୀମାନେ କେହି ନ ଥିବା ଓ ନିର୍ବାହୀ ଅଧିକାରୀଙ୍କ ଅସୁସ୍ଥତା କାରଣରୁ ବୈଠକକୁ ୪ କିମ୍ବା ୫ ତାରିଖରେ କରିବାକୁ ଧାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି।


ବୈଠକକୁ ଆସିଥିବା ମହିଳା କାଉନସିଲରମାନେ।

# ସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ସ୍ୱାମୀଙ୍କୁ କୋର୍ଟ ଚାଲାଣ

ବୈପାରୀଗୁଡା,୩୧।୭(କଳ୍ପତରୁ ମହାନ୍ତି)

ବୈପାରୀଗୁଡ଼ା ହନୁମାନ ନଗରରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ସ୍ଥାନୀୟ ପୋଲିସ ସ୍ୱାମୀଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଦୁଃଖୀଶ୍ୟାମ ଟାକ୍ରି। ପ୍ରକାଶଯେ, ଗତ ୨୪ ତାରିଖରେ ବର୍ଷା ନାୟକ(୨୨)ଙ୍କ ଝୁଲନ୍ତା ମୃତଦେହ ଘରୁ ଉଦ୍ଧାର ହୋଇଥିଲା। ଏ ନେଇ ତାଙ୍କ ମା’ ମଞ୍ଜୁଳା ନାୟକ ଥାନାରେ ଏତଲା ଦେଇଥିଲେ। ବର୍ଷାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିବା ଓ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ ସହ ତଦନ୍ତ କରିଥିବା ଥାନା ଅଧିକାରୀ ରଶ୍ମୀ ରଞ୍ଜନ ପ୍ରଧାନ କହିଛନ୍ତି।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ


କାର୍ଯ୍ୟକ୍ରମରେ ଉପସ୍ଥିତ ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ ଓ ଅନ୍ୟ ଅଧିକାରୀମାନେ।

ଜୟପୁର,୩୧।୭(ପବନ ପାଣିଗ୍ରାହୀ)


ଜୟପୁର ପୌର ସଭାଗୃହରେ ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜୟପୁର ଦଶହରା ପଡ଼ିଆରେ ସକାଳ ୯ଟା୧୫ରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ପତାକା ଉତ୍ତୋଳନ କରିବା କାର୍ଯ୍ୟକ୍ରମ ଥିବା ନିଷ୍ପତ୍ତି ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଭୋର ୫ଟାରୁ ସକାଳ ୬ଟାରେ ଡାକବାଜି ଯନ୍ତ୍ର ଯୋଗେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୂନ ପରିବେଷଣ କରାଯିବ। ସକାଳ ୭ଟା ୩୦ରୁ ୮ଟା୩୦ ମଧ୍ୟରେ ସମସ୍ତ ସରକରୀ ଓ ବେସରକାରୀ ଅନୁଷ୍ଠାନରେ ପତାକା ଉତ୍ତୋଳନ କରାଯିବ। ବୈଠକରେ ମଞ୍ଚାସୀନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ, ଭାରପ୍ରାପ୍ତ ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ଓ ଅନ୍ୟ ଜୟପୁର ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ,ସହକାରୀ ଅଗ୍ନିଶମ ଅଧିକାରୀ ସୁରେଶ କୁମାର ବାରିକ, ଏନ୍‌ସିସି ଅଧିକାରୀ କ୍ୟାପ୍‌ଟେନ୍ ଡ. ଲକ୍ଷ୍ମଣ ପାତ୍ର, ନିରଞ୍ଜନ ପାଣିଗ୍ରାହୀ ଓ କିରାଣି ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପରିଚାଳନା କରିଥିଲେ।

# ‘କ୍ୟାଚ୍ ଦି ରେନ୍’ ଅଭିଯାନ ଦିଗହରା

ନନ୍ଦପୁର,୩୧।୭(ତୁଷାରକାନ୍ତ ମହାନ୍ତି

- କମୁଛି ଭୂତଳ ଜଳସ୍ତର
- ହେଉନି ସରକାରୀ କୋଠାରେ ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ

୨ମାସ ହେବ କୋରାପୁଟ ଜିଲାରେ ଲଗାଣ ବର୍ଷା ଲାଗି ରହିଥିଲେ ସୁଦ୍ଧା ଭୂତଳ ଜଳସ୍ତର ଆଶାତୀତ ବୃଦ୍ଧି ପାଇ ନ ଥିବା ସୂଚନା ରହିଛି। ଏହା ଭବିଷ୍ୟତରେ ଜଳସଙ୍କଟ ସୃଷ୍ଟିକରିବା ନେଇ ପରିବେଶବିତ୍ ଆଶଙ୍କା କରିଛନ୍ତି। ଏହି ଜଳ ସଙ୍କଟରୁ ବର୍ତ୍ତିବାକୁ ବର୍ଷା ଜଳ ସଂରକ୍ଷଣ କରିବାକୁ କେନ୍ଦ୍ରୀୟ ୱାଟର କମିଶନ ଦେଇଥିବା ପ୍ରସ୍ତାବ ଏବଂ ‘କ୍ୟାଚ୍ ଦି ରେନ୍’ ଅଭିଯାନର କାର୍ଯ୍ୟକାରିତା ପାଇଁ କୋରାପୁଟ ଜିଲା ପ୍ରଶାସନ, କାର୍ଯ୍ୟ କରୁଥିବା ୫୩ ସରକାରୀ ବିଭାଗ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ବିଭାଗୀୟ ପ୍ରସ୍ତାବ ପ୍ରକାରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଛାତରେ ବର୍ଷାଜଳକୁ ସଂରକ୍ଷଣକରି ଭୂତଳ ଜଳସ୍ତର ବୃଦ୍ଧି କରିବାକୁ ଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ନ ଥିବା ଦେଖିବାକୁ ମିଳିଛି। ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ, ୨୩ ପଞ୍ଚାୟତ, ତହସିଲ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୩ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨୬ ଉପସ୍ୱାସ୍ଥ୍ୟକେନ୍ଦ୍ର, ୨ ପୋଲିସ ଥାନା, ୧ ଫାଣ୍ଡି, ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ, ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ୧୭୪ ପ୍ରାଥମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୨୧ ଉଚ୍ଚ ବିଦ୍ୟାଳୟ, ୧୮ ସେବାଶ୍ରମ ବିଦ୍ୟାଳୟ, ୪୫ ଛାତ୍ରୀଛାତ୍ର ନିବାସ, ଗୋଟିଏ ଓଏଭି, ୪ ଉଚ୍ଚ ଶିକ୍ଷାନୁଷ୍ଠାନ, ସିଡିପିଓଙ୍କ କାର୍ଯ୍ୟାଳୟ,୨୪୦ ଅଙ୍ଗନୱାଡି କେନ୍ଦ୍ର, କୃଷି, ଜଳଛାୟା, ଉଦ୍ୟାନ, ପ୍ରାଣୀଧନ, ପୂର୍ତ୍ତ ବିଭାଗ, ବନ ବିଭାଗ, ସମବାୟ, ଅବକାରୀ ଓ ବିଦ୍ୟୁତ୍ ଆଦି ସରକାରୀ ବିଭାଗୀୟ କାର୍ଯ୍ୟାଳୟରେ ଅଦ୍ୟାବଧି କ୍ୟାଚ୍ ଦି ରେନ୍ ଅଭିଯାନରେ ସାମିଲହୋଇ ନିଜ କାର୍ଯ୍ୟାଳୟ ଛାତରେ ଜମୁଥିବା ଜଳର ସଂରକ୍ଷଣ ବ୍ୟବସ୍ଥା କରି ନ ଥିବା ସୂଚନା ରହିଛି। କୋରାପୁଟ ଜିଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରେ ଥିବା ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। କ୍ୟାଚ୍ ଦି ରେନ୍ ଅଭିଯାନ ଜିଲାରେ ଦିଗହରା ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଏବେ ସୁଦ୍ଧା ଜିଲାରେ କେବଳ ବୈପାରିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ସମେତ ବ୍ଲକ୍ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ, ସେମିଳିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ, ମାଲୁ ସାଉନ୍ତା ଉଚ୍ଚ ବିଦ୍ୟାଳୟ, ଜୟପୁର ବ୍ଲକ୍ କାର୍ଯ୍ୟାଳୟ, ଉମୁରି ଉଚ୍ଚ ବିଦ୍ୟାଳୟ, ଆମ୍ବାଗୁଡ଼ା ବୈଷୟିକ ତାଲିମ କେନ୍ଦ୍ର ନିଜ କାର୍ଯ୍ୟାଳୟ ଛାତର ବର୍ଷାଜଳ ସଂରକ୍ଷଣ ଲାଗି ପରିସରରେ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରିଥିବା ଜଣାପଡ଼ିଛି। ଜିଲା ପ୍ରଶାସନ ଜଳ ସଂରକ୍ଷଣ ଭଳି ଭବିଷ୍ୟ ଚିନ୍ତନ ପ୍ରକଳ୍ପ ନିର୍ମାଣ ପାଇଁ କେବେ ଦୃଷ୍ଟିଦେଇ ଜିଲାରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟକୁ ‘କ୍ୟାଚ୍‌ଦିରେନ୍’ ଅଭିଯାନରେ ସାମିଲକରିବା ନେଇ ଅପେକ୍ଷା ଥିବା ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।




# କୀଟନାଶକ ପକାଇ ଫସଲ ନଷ୍ଟ, ଥାନାରେ ଏତଲା

ପାପଡ଼ାହାଣ୍ଡି, ୩୧।୭ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଖର୍କି ଜାମ୍ବଗୁଡ଼ା ଅଞ୍ଚଳରେ ଚାଷ ଜମିରେ କୀଟ ନାଶକ ପକାଇ ଫସଲ ନଷ୍ଟ କରାଯାଇଥିବା ନେଇ ଗୁରୁବାର ଶିରସି ପଞ୍ଚାୟତ କଦମଗୁଡ଼ାର ପାର୍ବତୀ ଭତରା ଥାନାରେ ଏତଲା ଦେଇଛନ୍ତି। ସମ୍ପର୍କୀୟ ଭାଇ ସନସାଇ ଭତରା କିଛି ସମ୍ପର୍କୀୟଙ୍କୁ ଧରି ଚାଷ ଜମିରେ କୀଟ ନାଶକ ପକାଇ ଫସଲ ନଷ୍ଟ କରିଥିବା ସେ ଅଭିଯୋଗ କରିଛନ୍ତି। ସୂଚନା ପ୍ରକାରେ ପାର୍ବତୀ ଗୋଟିଏ ଏକର ଜମିରେ ଧାନ ଚାଷ କରିଥିଲେ। ଗତ ବୁଧବାର ଫସଲ ନଷ୍ଟ ହେବା ନେଇ ସେ ଜାଣିବାକୁ ପାଇଥିଲେ। ସନସାଇଙ୍କ ସହ ସମ୍ପର୍କୀୟ ମାନେ କୀଟନାଶକ ପକାଇବା ସମ୍ପର୍କରେ ସେ ଜାଣିବାକୁ ପାଇଥିଲେ। ବର୍ତ୍ତମାନ ସେ କ୍ଷତି ପୂରଣ ଦାବି କରିଛନ୍ତି। ୨୦ ହଜାରରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହୋଇଥିବା କହି ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲକରିବା ଲକ୍ଷ୍ୟ

କୋରାପୁଟ,୩୧।୭(ଅମିତାଭ ବେହେରା)

**ଆସ ସ୍କୁଲ୍ ଯିବା କାର୍ଯ୍ୟକ୍ରମ**

କୋରାପୁଟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ସଭାଗୃହରେ ଜିଲାସ୍ତରୀୟ ଆସ ସ୍କୁଲ୍ ଯିବା ଅଭିମୁଖିକରଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଡ.ପ୍ରଶାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ୬ରୁ ୧୮ ବର୍ଷ ମଧ୍ୟରେ ଅଧାରୁ ପାଠ ଛାଡିଥିବା ବା ଆଦୌ ନାମ ଲେଖାଇ ନ ଥିବା ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ଏପ୍ରିଲ ମାସରେ ଶିକ୍ଷକମାନେ ଘରକୁ ଘର ବୁଲି କରିଥିବା ସର୍ଭେ ଆଧାରରେ ପିଲାଙ୍କୁ ବିଭିନ୍ନ ଅନୁଷ୍ଠାନ, ବିଦ୍ୟାଳୟରେ ନାମ ଲେଖାଯିବ ବୋଲି ସୂଚନା ମିଳିଛି। ଜିଲାରେ ୧୯୫୬୮ ପିଲା ଅଧାରୁ ପାଠ ଛାଡିଥିବା ଓ ଆଦୌ ନାମ ଲେଖାଇ ନ ଥିବା ସର୍ଭେରୁ ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରା ଓ ଚମେଲି ମଜୁମଦାର, ଜିଲାର ସମସ୍ତ ବିଇଓ, ଏବିଇଓ, ସିଆରସିସି,ଏମଆଇସି-ପିସି ଉପସ୍ଥିତ ଥିଲେ। ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି,ଯୋଜନା ସଂଯୋଜକ ପ୍ରଶାନ୍ତ ସେଠୀ,ବାଳିକା ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ,ପ୍ରୋଗ୍ରାମର ଦେବାଶିଷ ସ୍ୱାଇଁ ଓ ଲେସେଶ୍ୱର୍ ସାହୁ କାର୍ଯ୍ୟକ୍ରମରେ ବିଭିନ୍ନ ସୂଚନା ଦେବା ସହ ପରିଚାଳନାରେ ସହାୟତା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ୟୁଏଏସ୍ ଲାଗୁକୁ ପ୍ରାଥମିକ ଶିକ୍ଷକ ସଂଘର ବିରୋଧ

କୋରାପୁଟ/ନାରାୟଣପାଟଣା/ ଜୟପୁର/ବୋରିଗୁମ୍ମା/କୁନ୍ଦୁରା, ୩୧।୭ (ଅମିତାଭ ବେହେରା/ରାଜକିଶୋର ଜେନା/ ପବନ ପାଣିଗ୍ରାହୀ/ବିଜୟ ସାହୁ/ସନ୍ତୋଷ ପ୍ରହରାଜ)

**୭ ଦଫା ଦାବି ନେଇ ସ୍ମାରକପତ୍ର ପ୍ରଦାନ**

କୋରାପୁଟ ଜିଲା ବିଭିନ୍ନ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୭ ଦଫା ଦାବି ନେଇ ୟୁନିଫାଇଡ ଅଟୋମେଶନ ସିଷ୍ଟମ ପ୍ରଚଳନ (ୟୁଏଏସ୍) ସ୍ଥଗିତ କରିବାକୁ ସ୍ମାରକପତ୍ର ଗୁରୁବାର ପ୍ରଦାନ କରାଯାଇଛି। ଜିଲାର ଅନେକ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନାହିଁ। କେତେକ ସ୍ଥାନରେ ଗୋଟିଏ ଶ୍ରେଣୀଗୃହରେ ୩ରୁ ୫ ଶ୍ରେଣୀର ଛାତ୍ରୀଛାତ୍ରୀଙ୍କୁ ବସିବାକୁ ପଡେ। ସରକାର ପାରିପାର୍ଶ୍ୱିକ ସ୍ଥିତି ଓ ଭିତ୍ତିଭୂମିର ଆବଶ୍ୟକତାକୁ ବିଚାରକୁ ନ ନେଇ ତରବରିଆ ଭାବେ ୟୁଏଏସ୍‌କୁ ପ୍ରାଥମିକ ଶିକ୍ଷକମାନଙ୍କ କ୍ଷେତ୍ରରେ ବାଧ୍ୟତାମୂଳକ କରିଛନ୍ତି। କୋରାପୁଟ ଭଳି ଦୁର୍ଗମ ଅଞ୍ଚଳରେ ୟୁଏଏସ୍ ଭଳି ଉନ୍ନତ ବୈଜ୍ଞାନିକ ପ୍ରଯୁକ୍ତି ବିଦ୍ୟାର ସାର୍ବଜନୀନ ପ୍ରଚଳନ ଅସମ୍ଭବ। ଅନେକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି । ଜଣେ ଶିକ୍ଷକଙ୍କୁ ୫ଟି ଶ୍ରେଣୀ ପରିଚାଳନା କରିବାକୁ ପଡ଼ିଥାଏ। ଶିକ୍ଷକମାନଙ୍କୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମୋବାଇଲ୍ ପ୍ରଦାନ କରାଯାଇନାହିଁ ବା ନେଟପ୍ୟାକ୍ ବ୍ୟବସ୍ଥା କରାଯାଇନାହିଁ। ଡାଟା ପଠାଇବା ସମ୍ଭବପର ନାହିଁ। ଶିକ୍ଷକମାନେ ବ୍ୟକ୍ତିଗତ ମୋବାଇଲ୍ ବ୍ୟବହାର କରିବା ପାଇଁ ଅନିଚ୍ଛା ପ୍ରକାଶ କରୁ ଅଛନ୍ତିଠଅନେକ ଶିକ୍ଷକ ପାଖରେ ମୋବାଇଲ୍ ନାହିଁ। କେତେକ ଶିକ୍ଷକ ସ୍ମାର୍ଟ ଫୋନ୍ ବ୍ୟବହାର ଜାଣିନାହାନ୍ତି ଓ ବ୍ୟବହାର ମଧ୍ୟ କରୁନାହାନ୍ତି। ଉନ୍ନତ ଜ୍ଞାନ କୌଶଳ ଅନ୍ୟ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ ହେବା ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷକ କ୍ଷେତ୍ରରେ ସ୍ଥଗିତ ରଖାଯାଉ। ଶିକ୍ଷକ ମାନସିକ ଚାପରୁ ମୁକ୍ତ ହୋଇ ଅବାଧରେ ଶିକ୍ଷାଦାନ କରିପାରିବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। କୋରାପୁଟ ପ୍ରାଥମିକ ସଂଘ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। କୋରାପୁଟ ବ୍ଲକ୍ ଶିକ୍ଷକ ସଂଘ ସଭାପତି ବସନ୍ତ ଲେଙ୍କା,ଗଜନି ଚନ୍ଦ୍ରଶେଖର,ଜୟକୃଷ୍ଣ ଭଦ୍ର,ବି. ଜଗଦୀଶ ଓ ଅଶୋକ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ନାରାୟଣପାଟଣା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପାଲୁରାମ ତାଡିଙ୍ଗି ଓ ସମ୍ପାଦକ ଯାମି ସତ୍ୟନାରାୟଣଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜୟପୁର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ୍ ଜୟପୁର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଫେଡରେଶନ୍ ସଭାପତି ଭାରତୀ ହୋତା ଓ ସମ୍ପାଦକ ଭାଗିରଥି ବାରିକଙ୍କ ଆହ୍ୱାନରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ବିଭାଗୀୟ ଅଧିକାରୀ ରାଜେନ୍ଦ୍ର ନାରାୟଣ ପଢ଼ିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମହେଶ୍ୱର ମିଶ୍ର, ସୁଧାକର ପଣ୍ଡା, କିରଣ ମହାରଣା,ସୁସିଲ୍ ପ୍ରେମ୍ ନାଗ, ଦିଲିପ୍ କୁମାର୍ ମିଶ୍ର ଓ ଗାୟତ୍ରୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବୋରିଗୁମ୍ମା ବିଇଓଙ୍କ ଜରିଆରେ ରାଜ୍ୟପାଳ,ମୁଖ୍ୟମନ୍ତ୍ରୀ,ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା, ସମ୍ପାଦକ ପ୍ରଫୁଲ୍ଲ ନାୟକ,ସାଂଗଠନିକ ସମ୍ପାଦକ କିଶୋର ଚନ୍ଦ୍ର ସାହୁ, ଏନ୍. କାମେଶ୍ୱର ରାଓ ଏବଂ ଲୋକନାଥ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। କୁନ୍ଦୁରା ବ୍ଲକ୍ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏବିଇଓ ପାପେୟା ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ସଂଘ ସଭାପତି ତ୍ରିନାଥ ହରିଜନ, ବ୍ଲକ୍ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା, ରାକେଶ ଗୁରୁ, ନୟନ ବିଷୋୟୀ,ସୁରେଶ ପାଢ଼ୀ,ପ୍ରମିଳା ଜାଲି,ରାମାସ୍ୱାମୀ ହରିଜନ, ଚକ୍ର ବଳିପୁଟିଆ ଓ କୃଷ୍ଣ ଦଳେଇ ଉପସ୍ଥିତ ଥିଲେ।



ବୋରିଗୁମ୍ମା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଓଡ଼ିଶା ସୂଚନା ଅଧିକାର ନିୟମାବଳୀର ସଂଶୋଧନ ଜରୁରୀ

ଅକ୍ଟୋବର ୧୨, ୨୦୦୫ ମସିହାରୁ ସୂଚନା ଅଧିକାର ଆଇନ ରାଜ୍ୟରେ କାର୍ଯ୍ୟକାରୀ ହୋଇଆସୁଛି। ଏହି ଆଇନର ଧାରା ୨୭ରେ ବ୍ୟବସ୍ଥା ଅଛି ଯେ, ରାଜ୍ୟ ସରକାର ଆଇନକୁ କାର୍ଯ୍ୟକାରୀ କରାଇବା ପାଇଁ ନିୟମାବଳୀ ପ୍ରଣୟନ କରିବେ। ରାଜ୍ୟ ସରକାର ସୂଚନା ଅଧିକାର ଆଇନକୁ କାର୍ଯ୍ୟକାରୀ କରାଇବାକୁ ଯାଇ 'ଓଡ଼ିଶା ସୂଚନା ଅଧିକାର ନିୟମାବଳୀ–୨୦୦୫' ପ୍ରଣୟନ କରିଛନ୍ତି। ଏହି ନିୟମାବଳୀରେ କେତେକ ତ୍ରୁଟି ରହିବାରୁ ତା' ବିରୋଧରେ ସିଭିଲ ସୋସାଇଟି ସଙ୍ଗଠନଗୁଡ଼ିକର ବାରମ୍ବାର ପ୍ରତିବାଦ ଓ ଆନ୍ଦୋଳନ ଯୋଗୁ ରାଜ୍ୟ ସରକାର ମେ ୨୯, ୨୦୦୬ ମସିହାରେ ଓଡ଼ିଶା ନିୟମାବଳୀରେ ସଂଶୋଧନ କଲେ। ସଂଶୋଧନ ସତ୍ତ୍ୱେ ଓଡ଼ିଶା ନିୟମାବଳୀ–୨୦୦୫ ପୂର୍ବଭଳି ଉଦ୍ଭଟ ଓ ଜନ ବିରୋଧୀ ହୋଇ ରହିଥିବା ଅଭିଯୋଗ ହେଉଛି।

ପ୍ରଥମତଃ ସୂଚନା ଅଧିକାର ଆଇନର ଧାରା ୬(୧) ଅନୁଯାୟୀ ଜଣେ ବ୍ୟକ୍ତି ସୂଚନା ପାଇବା ପାଇଁ ଯେକୌଣସି ଜନକର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ (ପିଆଇଓ)ଙ୍କୁ ଦରଖାସ୍ତ କରିପାରିବେ। ଆଇନରେ କୌଣସି ବାଧ୍ୟତାମୂଳକ ଫର୍ମ ବ୍ୟବସ୍ଥା ନାହିଁ। କେନ୍ଦ୍ର ସରକାର ବା ବିଭିନ୍ନ ରାଜ୍ୟ ସରକାର କୌଣସି ଫର୍ମ ବ୍ୟବସ୍ଥା କରିନାହାନ୍ତି। କିଛି ରାଜ୍ୟ ସରକାର ନାଗରିକମାନଙ୍କୁ ସାହାଯ୍ୟ କରିବା ଫର୍ମାଟ୍ ବ୍ୟବସ୍ଥା କରିଛନ୍ତି। ଆଇନର ଲକ୍ଷ୍ୟ ହେଉଛି ଜଣେ ନାଗରିକ ଯେପରି ଚାହିଁବେ ବା ଯେଉଁ ଢଙ୍ଗରେ ଚାହିଁବେ, ସେମାନେ ସୂଚନା ପାଇଁ ଆବେଦନ କରିପାରିବେ। କିନ୍ତୁ ୨୦୦୫ ମସିହାରେ ରାଜ୍ୟ ସରକାର ସୂଚନା ଆଇନର ବିଧି ବ୍ୟବସ୍ଥାକୁ ଦଳି ଦେଇ ଓଡ଼ିଶା ନିୟମାବଳୀରେ ଏକ ଦୀର୍ଘକାୟ ୧୧ ସ୍ତମ୍ଭ ବିଶିଷ୍ଟ ବାଧ୍ୟତାମୂଳକ ଫର୍ମ– 'କ' ବ୍ୟବସ୍ଥା କରଛନ୍ତି। ଏହି ଫର୍ମରେ ଏପରି ଅଯୌକ୍ତିକ ପ୍ରଶ୍ନ ରହିଛି, ଯାହାକୁ ସାଧାରଣ ଲୋକ ବୁଝିପାରି ଫର୍ମ ପୂରଣ କରିପାରିବେ ନାହିଁ, ଯାହାକି ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ। ଉକ୍ତ ଫର୍ମର ପ୍ରତ୍ୟାହାର ଜରୁରୀ।

ଦ୍ୱିତୀୟରେ ସୂଚନା ଅଧିକାର ଆଇନ୍‌ର ଧାରା ୬ (୨) ଅନୁଯାୟୀ, ସୂଚନା ପାଇଁ ଆବେଦନ କଲାବେଳେ କୌଣସି ବ୍ୟକ୍ତି କେବଳ ତାଙ୍କ ସହ ଯୋଗାଯୋଗ ପାଇଁ ଆବଶ୍ୟକ ପଡୁଥିବା ବିବରଣୀ ଛଡ଼ା ସମ୍ପୃକ୍ତ ସୂଚନା ଚାହିଁବା ପଛରେ କୌଣସି କାରଣ ଦର୍ଶାଇବା କିମ୍ବା ଅନ୍ୟ କୌଣସି ବ୍ୟକ୍ତିଗତ ତଥ୍ୟ ଦେବାର ଆବଶ୍ୟକତା ନାହିଁ। କିନ୍ତୁ ୨୦୦୫ରେ ପ୍ରଣୀତ ଓଡ଼ିଶା ନିୟମାବଳୀର ରୁଲ୍ ୪(୨)ରେ ଆବେଦନକାରୀଙ୍କୁ ନାଗରିକତ୍ୱ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ବାସ୍ତବରେ ଆମ ଦେଶରେ ନାଗରିକତ୍ୱ ପ୍ରମାଣପତ୍ର ବ୍ୟବସ୍ଥା ନାହିଁ। ଭୋଟର କାର୍ଡ ବା ଆଧାର କାର୍ଡ ନାଗରିକ ପ୍ରମାଣପତ୍ର ନୁହେଁ। କିନ୍ତୁ ପିଆଇଓମାନେ ଆବେଦନକାରୀ ନାଗରିକମାନଙ୍କୁ ଭୋଟର କାର୍ଡ ବା ଆଧାର କାର୍ଡର କପି ଦାବି କରୁଛନ୍ତି। ଯଦି ଜଣେ ବିନା ପରିଚୟପତ୍ରରେ ଦରଖାସ୍ତ କରେ, ତେବେ ଦରଖାସ୍ତ ଖାରଜ କରାଯାଉଛି। ଏପରି ଭୟଙ୍କର ବ୍ୟବସ୍ଥା କେନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାର କରିନାହାନ୍ତି। ତତ୍କାଳୀନ ନବୀନ ସରକାର ଏହି ବ୍ୟବସ୍ଥା କରିଯାଇଛନ୍ତି, ଯାହାକି ଏବେ ମଧ୍ୟ ବଳବତ୍ତର ରହିଛି।

ତୃତୀୟତଃ, ସୂଚନା ଅଧିକାର ଆଇନର ଧାରା ୭(୫) ଅନୁଯାୟୀ ବିପିଏଲ୍ ହିତାଧିକାରୀମାନେ ଦରଖାସ୍ତ ଫିଜ୍ ଏବଂ ସୂଚନା ପାଇଁ ଫିଜ୍ ଦେବାର ଆବଶ୍ୟକତା ନାହିଁ। କିନ୍ତୁ ଓଡ଼ିଶା ନିୟମାବଳୀର ରୁଲ–୪ରେ ବ୍ୟବସ୍ଥା ଅଛି ଯେ ବିପିଏଲ୍ ବ୍ୟକ୍ତିମାନଙ୍କୁ କେବଳ ଦରଖାସ୍ତ ଫିଜ୍ ଦେବାକୁ ପଡ଼ିବ ନାହିଁ। ଅର୍ଥାତ୍ ସୂଚନା ପାଇଁ ଫିଜ୍ ଦେବାକୁ ପଡ଼ିବ। ୨୦୧୫ରେ ଏକ ରିଟ୍ ପିଟିସନ ୧୨୧୩୫/୨୦୧୫ର ଶୁଣାଣି କରି ହାଇକୋର୍ଟ ସୂଚନା ଆଇନ୍‌ର ଧାରା ୭(୫) ଆଧାରରେ ବିପିଏଲ୍ ବ୍ୟକ୍ତିଙ୍କୁ ବିନା ମୂଲ୍ୟରେ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସୂଚନା ଓ ଲୋକସମ୍ପର୍କ ବିଭାଗ ୨୧.୦୯.୨୦୧୫ରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। କିନ୍ତୁ ଓଡ଼ିଶା ନିୟମାବଳୀରେ ଏହାର ସଂଶୋଧନ ହେଲାନାହିଁ, ଫଳରେ ଏହି ନିୟମାବଳୀ ଆଧାରରେ ଏବେ ବି ଅନେକ ପି.ଆଇ.ଓ ସୂଚନା ପାଇଁ ଫଜ୍ ଦେବାକୁ ବିପିଏଲ ହିତାଧିକାରୀଙ୍କୁ ବାଧ୍ୟ କରୁଛନ୍ତି।

ଚତୁର୍ଥତଃ ସୂଚନା ଅଧିକାର ଆଇନରେ ଅପିଲ ପାଇଁ ଫର୍ମ ଓ ଫିଜ୍ ବ୍ୟବସ୍ଥା ନାହିଁ। କେନ୍ଦ୍ର ସରକାର ଅପିଲ ପାଇଁ ଫର୍ମ କି ଫିଜ୍ ବ୍ୟବସ୍ଥା କରିନାହାନ୍ତି। କିନ୍ତୁ ଓଡ଼ିଶା ନିୟମାବଳୀରେ ପ୍ରଥମ ଅପିଲ ପାଇଁ ୨୦ ଟଙ୍କା ଓ ଦ୍ୱିତୀୟ ଅପିଲ ପାଇଁ ୨୫ଟଙ୍କା ଧାର୍ଯ୍ୟ କରିଛନ୍ତି, ଯାହାକି ବେଆଇନ୍।

ପଞ୍ଚମତଃ ସୂଚନା ଅଧିକାର ଆଇନ୍‌ର ଧାରା ୭ ଅନୁଯାୟୀ, ପିଆଇଓ କେବଳ ଆଇନର ଧାରା ୮ ଏବଂ ୯ ଅନୁଯାୟୀ ଦରଖାସ୍ତ ଖାରଜ କରିପାରିବେ। ଓଡ଼ିଶା ନିୟମାବଳୀରେ ଫର୍ମ– 'ସି' (ଦରଖାସ୍ତ ନାକଚର ସୂଚନା)ରେ ଦରଖାସ୍ତ ଖାରଜ ପାଇଁ ଅଦ୍ଭୁତ ଆଇନ ବିରୋଧୀ ବ୍ୟବସ୍ଥା କରାଯାଇଛି, ଯାହାର ପ୍ରତ୍ୟାହାର ଆବଶ୍ୟକ।

ଷଷ୍ଠତଃ ସୂଚନା ଅଧିକାର ଆଇନର ମୂଳ ନିୟମ ହେଲା ସ୍ଥାନୀୟ ଭାଷାରେ ସୂଚନା ପ୍ରଦାନ। ମାତ୍ର ଆମ ରାଜ୍ୟରେ ଅନେକ ସରକାରୀ ବିଭାଗ ଓ ସର୍ବୋପରି ସୂଚନା କମିଶନ ଇଂଲିଶ ଭାଷାରେ ସାଧାରଣ ଲୋକଙ୍କ ସହିତ ଚିଠିପତ୍ର, ତଥ୍ୟ ପ୍ରଦାନ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ, ଏହାର ପରିବର୍ତ୍ତନ ହୋଇନାହିଁ।

ସପ୍ତମତଃ ସୂଚନା କମିଶନରେ କେସ୍‌ଗୁଡ଼ିକର ଶୁଣାଣି ପାଇଁ ଦୀର୍ଘ ବର୍ଷ ଲାଗୁଥିବାରୁ କମିଶନରମାନେ କିପରି ଦିନକୁ ଅନ୍ୟୁନ ୩୦ଟିର ଶୁଣାଣି କରିପାରିବେ, ସେଥିପାଇଁ ଆଇନଗତ ବ୍ୟବସ୍ଥା ସରକାର କରିବା ଉଚିତ।

**ପ୍ରଦୀପ ପ୍ରଧାନ**
ରାଜ୍ୟ ଆବାହକ, ଓଡ଼ିଶା ସୂଚନା ଅଧିକାର ଅଭିଯାନ
ମୋ.ନଂ.–୯୯୩୭୮୪୩୪୮୨

# ୪ ମଲ୍ଟିଟ୍ରାକିଂ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ

## ଓଡ଼ିଶା ସମେତ ୬ ରାଜ୍ୟର ୧୩ ଜିଲାକୁ ସଂଯୋଗ କରିବ

ଭୁବନେଶ୍ୱର,୩୧।୭ (ଅନୁରାଧା ମହାରଣା)

ଓଡ଼ିଶା ସମେତ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡର ୧୩ ଜିଲାକୁ ସଂଯୋଗ କରୁଥିବା ୪ଟି ମଲ୍ଟିଟ୍ରାକିଂ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏଥିମଧ୍ୟରେ ଓଡ଼ିଶାର କେନ୍ଦୁଝର ଜିଲା ରହିଛି। ଏହି ପ୍ରକଳ୍ପ ଭାରତୀୟ ରେଳପଥର ନେଟ୍‌ୱର୍କକୁ ପ୍ରାୟ ୫୭୪ କିଲୋମିଟର ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକର ମୋଟ ଆନୁମାନିକ ମୂଲ୍ୟ ପ୍ରାୟ ୧୧,୧୬୯ କୋଟି ଟଙ୍କା ଏବଂ ଏହା ୨୦୨୮–୨୯ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତାବିତ ମଲ୍ଟି–ଟ୍ରାକିଂ ପ୍ରକଳ୍ପ ପ୍ରାୟ ୪୩.୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୨୩୦୯ ଗ୍ରାମକୁ ସଂଯୋଗୀକରଣ ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକ ନିର୍ମାଣ ସମୟରେ ପ୍ରାୟ ୨୨୯ ଲକ୍ଷ ମାନବ ଦିବସ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ଏହି ୪ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି। ପ୍ରଧାନମନ୍ତ୍ରୀ–ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଉପରେ ଯୋଜନା କରାଯାଇଥିବାବେଳେ ଇଟାରସି ନାଗପୁର ଚତୁର୍ଥ ଲାଇନ, ଔରଙ୍ଗାବାଦ (ଛତ୍ରପତି ସମ୍ଭାଜିନଗର) – ପରଭଣୀ ଦୋହରୀକରଣ, ଆଲୁଆବାଡି ରୋଡ୍ – ନ୍ୟୁ ଜଲପାଇଗୁଡ଼ି ତୃତୀୟ ଓ ଚତୁର୍ଥ ଲାଇନ ଏବଂ କେନ୍ଦୁଝର ଡାଙ୍ଗୋଆପୋଷି–ଜରୋଲି ତୃତୀୟ ଓ ଚତୁର୍ଥ ଲାଇନ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ ରହିଛି। ଏହି ମାର୍ଗଗୁଡିକ କୋଇଲା, ସିମେଣ୍ଟ, କ୍ଲିଙ୍କର, ଜିପ୍‌ସମ, ଫ୍ଲାଏ ଆସ୍, କଣ୍ଟେନର, କୃଷି ସାମଗ୍ରୀ ଏବଂ ପେଟ୍ରୋଲିୟମ ଉତ୍ପାଦ ଇତ୍ୟାଦି ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ମାଲ ପରିବହନ କ୍ଷମତା ୯୫.୯୧ ଏମ୍‌ଟିପିଏ (ପ୍ରତିବର୍ଷ ନିୟୁତ ଟନ୍) ବଢ଼ିବ। ରେଳପଥ ପରିବେଶ ପାଇଁ ଅନୁକୂଳ ଏବଂ ପରିବହନର ଶକ୍ତି ସଂରକ୍ଷଣକାରୀ ମାଧ୍ୟମ ହୋଇଥିବାରୁ ଏହା ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ଏବଂ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚକୁ ହ୍ରାସ କରିବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପ ଦ୍ୱାରା ଆମଦାନୀ ହେଉଥିବା ଆନୁମାନିକ ୧୬ କୋଟି ଲିଟର ତୈଳ ହ୍ରାସ କରିବ ଏବଂ ଅଙ୍ଗାରକାମ୍ଳ ନିର୍ଗମନ ୫୧୫ କୋଟି କିଲୋଗ୍ରାମ ହ୍ରାସ କରିବ, ଯାହା ୨୦ କୋଟି ଗଛ ଲଗାଇବା ସହ ସମାନ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ଏସ୍‌ପିଙ୍କୁ ଅଭିଯୋଗ କଲା ଭାଜପା ଯୁବମୋର୍ଚ୍ଚା

## ଏଡିଟିଂ କରି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଫଟୋ ଭାଇରାଲ



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏସ୍‌ପି ମନୋଜ ରାଉତଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

ଭଦ୍ରକ,୩୧।୭(ସନାତନ ରାଉତ)

ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଫଟୋ ଏଡିଟିଂ କରି ଡ୍ୟାନ୍ସ ବାର୍‌ରେ ନାଚୁଥିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରାଯାଇଛି। ଏନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ଅପରାହ୍ନ ୫ଟାରେ ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଯୁବମୋର୍ଚ୍ଚାର ଜିଲା ସଭାପତି ଦେବାଂଶୁ ରାଉତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ଉଦ୍ଦେଶ୍ୟରେ କେତେଜଣ ବ୍ୟକ୍ତି ଓ ଏକ ୱେବ୍ ଚ୍ୟାନେଲ ଡ୍ୟାନ୍ସ ବାର୍‌ରେ ନାଚୁଥିବାର ଏକ ଫଟୋରେ ମନ୍ତ୍ରୀଙ୍କ ଫଟୋ ଏଡିଟିଂ କରି ଭାଇରାଲ କରିଛନ୍ତି। ସେମାନଙ୍କ ବିରୋଧରେ ମାମଲା ରୁଜୁ କରି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।

# କାଉଙ୍କ ମିଳନ ଦେଖିବାରୁ ଜୀବନ୍ତଙ୍କୁ ମୃତ ଘୋଷଣା

## ଆଦିବାସୀ ପରମ୍ପରା କଟକଣାର ଶିକାର ହେଲେ ୨ ଯୁବକ

ଜୟପୁର,୩୧।୭(ପବନ ପାଣିଗ୍ରାହୀ)

ବିଜ୍ଞାନ ଯୁଗରେ ବି କମୁନାହିଁ ଅନ୍ଧବିଶ୍ୱାସ। ଏବେ ମଧ୍ୟ ଆଦିବାସୀଙ୍କୁ ଏହା କବଳିତକରି ରଖିଛି। ପରମ୍ପରା ନାଁରେ ଦିଆଯାଉଛି ବଳଦ ଦଣ୍ଡ ଓ କାହାକୁ ମୃତ ଘୋଷଣା କରାଯାଉଛି। ଏଭଳି ଏକ ଆଦିବାସୀ ପରମ୍ପରା କଟକଣାର ଶିକାର ହୋଇଛନ୍ତି ୨ ଯୁବକ। କୋରାପୁଟ ଜିଲା ଜୟପୁର ସହରଠାରୁ ୧୦ କି.ମି. ଦୂର ରଣ୍ଡାପାଲି ପଞ୍ଚାୟତ ପାତ୍ରଗୁଡ଼ା ଗାଁରେ ୨ ଜୀବନ୍ତ ଯୁବକଙ୍କୁ କାଉଙ୍କ ମିଳନ ଦେଖିବାରୁ ଗ୍ରାମବାସୀ ମୃତ ଘୋଷଣା କରିଛନ୍ତି। ଗୁରୁବାର ଭିଡିଓ ଭାଇରାଲ ହେବା ପରେ ଏହି ଘଟଣା ସାମ୍ନାକୁ ଆସିଛି।



ଗ୍ରାମବାସୀ ୨ ଯୁବକଙ୍କ ପ୍ରତୀକାତ୍ମକ କୁଶ ପୁତ୍ତଳିକା ସତ୍କାର ପାଇଁ ନେଉଛନ୍ତି।

ସୂଚନା ଅନୁଯାୟୀ, ପାତ୍ରଗୁଡ଼ା ଗାଁର ୨ ଯୁବକ କାଉଙ୍କ ମିଳନ ଦେଖି ଦେବାରୁ ଅନ୍ଧବିଶ୍ୱାସ ସ୍ଥାପନ ଓ ଆଦିବାସୀ ପରମ୍ପରା ଅନୁସାରେ ପ୍ରଥମେ ସେମାନଙ୍କୁ ଗ୍ରାମବାସୀ ମୃତ ଘୋଷଣା କରିଥିଲେ। ମୃତ୍ୟୁ ପରେ ରୀତିନୀତି ଅନୁସାରେ ଅନ୍ତିମ ସତ୍କାର କରିବା ପ୍ରକ୍ରିୟାରେ ମୃତଦେହ ବଦଳରେ ପ୍ରତୀକାତ୍ମକ କୁଶ ପୁତ୍ତଳିକା କୋକେଇରେ ନେଇ ଯାଉଥିବା ଦୃଶ୍ୟ ବର୍ତ୍ତମାନ ମୋବାଇଲରୁ ମୋବାଇଲ ଭାଇରାଲ ହେବାରେ ଲାଗିଛି। ଗାଁ ଲୋକେ ମୃତଦେହ ସତ୍କାର କରି ଘରକୁ ଫେରିଥିଲେ। ସତ୍କାର କାର୍ଯ୍ୟ ସାରି ପରିବାର ଓ ସମ୍ପର୍କୀୟମାନେ ପିତା ଖାଇଛନ୍ତି। ଏହା ପରେ ବାହାରେ ଥିବା ୨ ଯୁବକଙ୍କୁ ଘରକୁ ଅଣାଯାଇଥିଲା। ପ୍ରକାଶ ଯେ, ଆଦିବାସୀ ସମ୍ପ୍ରଦାୟରେ ଦୁଇ କାଉଙ୍କ ମିଳନ ଦେଖିଲେ ଅଶୁଭ ହୋଇଥାଏ। ଏଭଳି ଦୃଶ୍ୟ ଦେଖିଥିବା ଲୋକଙ୍କ କାଳେ ମୃତ୍ୟୁ ହେଉଥିବା ସେମାନଙ୍କ ବିଶ୍ୱାସ ରହିଛି। ପରମ୍ପରା ଅନୁସାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବା ପରେ ଯେପରି ଶୁଦ୍ଧିକ୍ରିୟା କରାଯାଏ ତାହା କରାଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

# ୨୦ଲକ୍ଷ ବିସ୍ଥାପିତଙ୍କ ପାଇଁ କଂଗ୍ରେସ ଲଢ଼ିବ: ଭକ୍ତ

ଭୁବନେଶ୍ୱର,୩୧।୭ (ରବିନାରାୟଣ ଜେନା)



ରାଜ୍ୟ ସରକାର ଲକ୍ଷାଧିକ ଏକର ଜମି ବୃହତ୍ କମ୍ପାନୀଗୁଡ଼ିକୁ ଶାଗମାଛ ଦରରେ ଟେକି ଦେଉଛନ୍ତି। ହେଲେ ଯେଉଁ ଆଦିବାସୀ, ଅଣଆଦିବାସୀଙ୍କୁ ବିସ୍ଥାପିତ କରାଯାଉଛି, ସେମାନଙ୍କୁ ତାଙ୍କର ନ୍ୟାଯ୍ୟ ଅଧିକାର ଦେଉନାହାନ୍ତି। ଫଳରେ ରାଜ୍ୟର ୨୦ ଲକ୍ଷ ବିସ୍ଥାପିତଙ୍କୁ ଦୀର୍ଘବର୍ଷ ଧରି ପଙ୍ଗା ମିଳିପାରୁ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଗୁରୁବାର କଂଗ୍ରେସ ଭବନଠାରେ ଏଆଇସିସି ମାନବାଧିକାର ସଙ୍ଗଠନ ପକ୍ଷରୁ ପ୍ରାୟ ୧୫ ଗୋଟି ଜିଲାରୁ ଆସିଥିବା କର୍ମକର୍ତ୍ତା ସମାବେଶରେ ଭକ୍ତ କହିଥିଲେ, ଖଣି ଖାଦାନ ପାଇଁ ହଜାର ହଜାର ଲୋକଙ୍କୁ ବିନା ସରକାରୀ ଭରଣାରେ ନିଜ ଜଙ୍ଗଲ ଜମିରୁ ବିସ୍ଥାପିତ କରାଯାଉଛି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ଠିକଣା ସମୟରେ ତାଙ୍କର ନ୍ୟାଯ୍ୟ ହକ୍ ପ୍ରଦାନ କରାଯାଉ ନ ଥିବାରୁ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡୁଛି। ଏହାକୁ କଂଗ୍ରେସ ବରଦାସ୍ତ କରିବ ନାହିଁ। କଂଗ୍ରେସ ଏବେ ନାରୀଙ୍କୁ ନ୍ୟାୟ ପାଇଁ ଲଢ଼େଇ କରୁଥିବାବେଳେ ଆଗାମୀ ଦିନରେ ବେଆଇନ ବିସ୍ଥାପନ ଓ ଉତ୍କଟ ବେକାରି ସମସ୍ୟା ବିରୋଧରେ ତୀବ୍ର ଆନ୍ଦୋଳନ କରିବ।

ସେ କହିଥିଲେ, ଉପକୂଳ ଓଡ଼ିଶାରେ ବର୍ତ୍ତମାନ କଂଗ୍ରେସ ସକ୍ରିୟ ହେବାରେ ଲାଗିଛି। ପ୍ରତ୍ୟେକ ଜିଲାରେ କଂଗ୍ରେସକର୍ମୀଙ୍କ ମଧ୍ୟରେ ଏବେ ଉତ୍ସାହ ଦେଖାଦେଇଛି। ସମସ୍ତଙ୍କ ସହଯୋଗରେ କଂଗ୍ରେସ ଶକ୍ତିଶାଳୀ ହୋଇପାରିବ; ଯାହାଦ୍ୱାରା କି ଆଗାମୀ ଦିନରେ ବିସ୍ଥାପିତ ଏବଂ ନାରୀଙ୍କ ପାଇଁ ଲଢ଼େଇ କରି ତାଙ୍କୁ ନ୍ୟାୟ ପ୍ରଦାନ କରିପାରିବ ବୋଲି ପିସିସି ସଭାପତି କହିଥିଲେ।

ଏହି ଅବସରରେ ହ୍ୟୁମ୍ୟାନ ରାଇଟ୍‌ସ ଓଡ଼ିଶା ଶାଖାର ସଭାପତି ସୁରେନ ଶତପଥୀ କହିଥିଲେ, ବିସ୍ଥାପିତ ଏବେ ବଡ଼ ଆହ୍ୱାନ ହୋଇ ଛିଡ଼ା ହୋଇଛି। ହେଲେ ସରକାର ଏଥିପ୍ରତି ତିଳେ ହେଲେ ଗୁରୁତ୍ୱ ଦେଉ ନାହାନ୍ତି। ଆଗାମୀ ଦିନରେ ଏନେଇ ଆନ୍ଦୋଳନକୁ ଜୋରଦାର କରାଯିବ। ଏହି ସଭାରେ ହ୍ୟୁମାନ ରାଇଟ୍‌ସ ଓଡ଼ିଶା ଶାଖାର ଉପସଭାପତି ଡକ୍ଟର ଯତୀନ ଦିଗାଳ, ସଂଯୋଜକ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଖୋଲିବ ଭିତରକନିକା

ରାଜନଗର, ୩୧।୭ (ଭାସ୍କର ରାଉତରାୟ)

ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଶୁକ୍ରବାର ଭିତରକନିକା ଜାତୀୟ ଉଦ୍ୟାନ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ପାଇଁ ପ୍ରତିବର୍ଷ ମେ ୧ରୁ ଜୁଲାଇ ୩୧ ଦୀର୍ଘ ୩ ମାସ ଧରି ଭିତରକନିକା ବନ୍ଦ ରହିଥାଏ। ଏହି ସମୟରେ ଦେଶ ବିଦେଶର ପର୍ଯ୍ୟଟକଙ୍କ ଭିତରକନିକାରେ ପ୍ରବେଶ ଉପରେ କଟକଣା ଲାଗିଥାଏ। ଖୋଲିବା ପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପର୍ଯ୍ୟଟକମାନେ ଭିତରକନିକା ମଧ୍ୟକୁ ପ୍ରବେଶ କରିବାକୁ ହେଲେ ପରିଚୟପତ୍ର ବାଧ୍ୟତାମୂଳକ କରାଯାଇଛି। ପର୍ଯ୍ୟଟକମାନେ ଗୁପ୍ତି, ଚାନ୍ଦବାଲି, ଖୋଲା ଓ ଡାଙ୍ଗମାଳ ପ୍ରଭୃତି ୪ଟି ପ୍ରବେଶ ପଥ ଦେଇ ଭିତରକନିକା ମଧ୍ୟକୁ ପ୍ରବେଶ କରିପାରିବେ। ଭିତରକନିକାରେ ପର୍ଯ୍ୟଟକମାନେ ଜଳପଥରେ ବଉଳା କୁମ୍ଭୀର, ଦେଶୀ ଓ ବିଦେଶୀ ପକ୍ଷୀ, ହରିଣ, ବାର୍‌ହା, ସମ୍ବର, ଝିଙ୍କ ଆଦି ନାନା ପଶୁପକ୍ଷୀ ଓ ମ୍ୟୁଜିୟମ ଦେଖିବା ସହ ବନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପ୍ରଥମ ସ୍କାଏ ୱାକ୍ ବ୍ରିଜ, ୱାଚ୍ ଟାୱାର, ସେଲ୍‌ଫି ପଏଣ୍ଟ, ମ୍ୟାନଗ୍ରୋଭ ମେଟା ନର୍ସରୀ, ବୋଟ ଲାଇବ୍ରେରି, ଶହୀଦ ସ୍ତମ୍ଭ, କୁମ୍ଭୀର ପ୍ରଜନନ କେନ୍ଦ୍ର ଆଦି ଦେଖିପାରିବେ। ଯନ୍ତ୍ରଚାଳିତ ବୋଟ ସହ ବନବିଭାଗ ପକ୍ଷରୁ ଡାଙ୍ଗମାଳ ଓ ଗୁପ୍ତିଠାରେ ରହିଥିବା ଫାଇବର ବୋଟରେ ମଧ୍ୟ ପର୍ଯ୍ୟଟକମାନେ ବୁଲି ଭିତରକନିକାର ଶୋଭା ଉପଭୋଗ କରିପାରିବେ। ଚଳିତବର୍ଷ ଭିତରକନିକାକୁ ସମ୍ପୂର୍ଣ୍ଣ ଭାବେ ପଲିଥିନମୁକ୍ତ କରାଯାଇଛି। ପର୍ଯ୍ୟଟକମାନେ ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ଜାତୀୟ ଉଦ୍ୟାନ ମଧ୍ୟକୁ ନ ଆଣିବାକୁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।


# ମାସେ ଭିତରେ ଆଇସିସି କମିଟି ଗଠନ ନ କଲେ ଦରମା ବନ୍ଦ

ଭୁବନେଶ୍ୱର,୩୧।୭(ସୁଚିସ୍ମିତା ସାହୁ)

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ପରେ ଛାତ୍ରୀ ଓ ମହିଳାଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସେମାନେ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି କର୍ମକ୍ଷେତ୍ରରେ ଯେମିତି ସୁରକ୍ଷିତ ରହିପାରିବେ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ମହାବିଦ୍ୟାଳୟଗୁଡିକରେ ତୁରନ୍ତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଗଠନ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମାସେ ମଧ୍ୟରେ ଆଇସିସି କମିଟି ଗଠନ ନ କରାଗଲେ ସମ୍ପୃକ୍ତ କଲେଜ କର୍ତ୍ତୃପକ୍ଷଙ୍କ ଦରମା ବନ୍ଦ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ମାସେ ଭିତରେ ସବୁ କଲେଜରେ ଆଇସିସି କମିଟି ଗଠନ କରିବାକୁ ଟାର୍ଗେଟ ଦିଆଯାଇଛି। ଯେଉଁମାନେ ଭୁଲ୍ ଅଭିଯୋଗ କରିବେ, ସେମାନଙ୍କ ଉପରେ ପୋଶ ଆକ୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲୋକସେବା ଭବନରୁ ଆରମ୍ଭ ହୋଇଥିବା ପୋଶ ଆକ୍ଟର ସଚେତନତା କାର୍ଯ୍ୟକ୍ରମ ଆଗକୁ ବ୍ଲକସ୍ତରରେ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

# ସୁସ୍ଥ ଫୁସ୍‌ଫୁସ୍ ପାଇଁ ନିଶାଦ୍ରବ୍ୟ ବର୍ଜନ କରନ୍ତୁ

## ଆଜି ବିଶ୍ୱ ଫୁସ୍‌ଫୁସ୍ କ୍ୟାନ୍‌ସର ଦିବସ



ବିଶେଷଭାବରେ ଧୂମପାନ ହିଁ ଫୁସ୍‌ଫୁସ୍ କ୍ୟାନ୍‌ସର ପ୍ରଧାନ କାରଣ। ସିଗାରେଟ୍, ବିଡ଼ି, ପିକା ଇତ୍ୟାଦି ତମାଖୁଜାତୀୟ ଦ୍ରବ୍ୟ ଏହି ଶ୍ରେଣୀ ଅନ୍ତର୍ଭୁକ୍ତ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ପାଖାପାଖି ୯୦ ପ୍ରତିଶତ ପୁରୁଷ ଏବଂ ୬୦ ପ୍ରତିଶତ ମହିଳା ଧୂମପାନ ସହ ଜଡିତ। ଏହାବ୍ୟତୀତ ଧୂମପାନକାରୀ ଛାଡୁଥିବା ଧୂଆଁ ସୁସ୍ଥ ଲୋକଙ୍କର ଫୁସ୍‌ଫୁସ୍‌କୁ ପ୍ରବେଶ କରି ସେମାନଙ୍କଠାରେ ରୋଗ ଜାତ କରାଇଥାଏ। ତେବେ ଏ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅଗଷ୍ଟ ୧ ତାରିଖକୁ 'ବିଶ୍ୱ ଫୁସ୍‌ଫୁସ୍ ଦିବସ' (ୱାର୍ଲ୍ଡ ଲଙ୍ଗସ କ୍ୟାନ୍‌ସର ଡେ) ଭାବରେ ପାଳନ କରାଯାଇଆସୁଅଛି। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି–'ଦୃଢ଼ ଭାବରେ ଏକତ୍ରିତ ହେବା : ଫୁସ୍‌ଫୁସ କ୍ୟାନ୍‌ସର ସଚେତନତା ପାଇଁ ଏକାଠି ହେବା'। ଏ ବିଷୟରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, 'ଫୁସ୍‌ଫୁସ୍ କ୍ୟାନ୍‌ସର ଏବେ ବିଶେଷଭାବରେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଅଧିକ କାୟା ବିସ୍ତାର କରୁଛି। ଏକ ହିସାବ ଅନୁଯାୟୀ, ଯଦି ଗୋଟିଏ ପରିବାରର ଜଣେ ଦିନକୁ ୨୦ଟି ସିଗାରେଟ୍ ଟାଣୁଥାଆନ୍ତି, ତେବେ ସିଗାରେଟ୍ ଧାର ଧାରୁ ନ ଥିବା ପରିବାର ଅନ୍ୟମାନେ ବର୍ଷକୁ ୫୦ଟି ସିଗାରେଟ୍ ଟାଣିବାର କ୍ଷତି ସହନ୍ତି। ଏମାନଙ୍କୁ 'ପରୋକ୍ଷ ଧୂମପାନକାରୀ' କୁହାଯାଏ। ଏହି କ୍ୟାନ୍‌ସରର କେତୋଟି ପ୍ରମୁଖ ଲକ୍ଷଣ ରହିଛି। ସେଗୁଡିକ ହେଲା ଶୁଖିଲା କାଶ ହେବା, କାଶରେ ରକ୍ତ ପଡିବା, ଛାତିରେ ଯନ୍ତ୍ରଣା, ଦରଜ ଅନୁଭବ, ଭୋକ ମରିଯିବା, ଶରୀରର ଓଜନ ହ୍ରାସ ପାଇବା ଏବଂ ହଠାତ୍ ଦୁର୍ବଳ ଅନୁଭବ କରିବା। କିନ୍ତୁ କ୍ୟାନ୍‌ସର କୋଷିକାମାନ ଫୁସ୍‌ଫୁସ୍‌ରୁ ବାହାରି ଶରୀରର ଅନ୍ୟ ଅଂଶଗୁଡିକରେ ପହଞ୍ଚି ଯାଆନ୍ତି ଏବଂ ସେହି ଅଂଶଗୁଡିକୁ କ୍ୟାନସର ଆକ୍ରାନ୍ତ କରିଦିଅନ୍ତି। ଏହି ଉପାୟରେ ହାଡ, ମସ୍ତିଷ୍କ, ଯକୃତ, କିଡ୍‌ନୀ ଆଦି ପରୋକ୍ଷରେ ରୋଗଗ୍ରସ୍ତ ହୋଇପଡନ୍ତି। ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଫୁସ୍‌ଫୁସ୍ କ୍ୟାନ୍‌ସର ମହିଳାମାନଙ୍କ ତୁଳନାରେ ପୁରୁଷମାନଙ୍କୁ ଅଧିକ ହୋଇଥାଏ। ଏହି ରୋଗ ବିଶେଷଭାବରେ ୪୦ରୁ ୬୦ ବର୍ଷ ବୟସ ଭିତରେ ଦେଖାଯାଇଥାଏ। ଏହି ରୋଗକୁ ନିର୍ଣ୍ଣୟ କରିବା ପାଇଁ ଛାତିରେ ଏକ୍ସ–ରେ, କଫର କୋଷିକାଗୁଡ଼ିକର ପରୀକ୍ଷା , ସିଟି ସ୍କାନ୍, ଏମ୍ଆରଆଇ ଆଦି କରାଯାଏ। ତେବେ ଏହି ରୋଗଟିକୁ ପ୍ରାଥମିକ ସ୍ତରରେ ଚିହ୍ନଟ କରାଯାଇ ପାରିଲେ ଶଲ୍ୟ ଚିକିତ୍ସା ମାଧ୍ୟମରେ ସେଥିରୁ କିଛି ଉପଶମ ମିଳିଥାଏ। ଏଭଳି ସମସ୍ୟା ଠାରୁ ନିଜକୁ ଦୂରେଇ ରଖିବା ପାଇଁ ଧୂମପାନ ଅଭ୍ୟାସ ବର୍ଜନ କରନ୍ତୁ। ତମାଖୁ ବା ଧୂଆଁପତ୍ରରେ ରହିଥିବା ନିକୋଟିନ୍ ନାମକ ବିଷାକ୍ତ ଉପାଦାନ ଅତି ମାରାତ୍ମକ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଦୂରେଇ ରଖି ପାରିଲେ ଜଣେ ସୁସ୍ଥ ଜୀବନ ଯାପନ କରିପାରିବ।''

# ୩ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୩୧।୭ (ଅନୁରାଧା ମହାରଣା)

ସାରା ରାଜ୍ୟରେ ଗୁରୁବାର ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ତେବେ ଶୁକ୍ରବାର ୩ ଜିଲା କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ୧୭ ଜିଲା ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର ଆଦି ଜିଲାକୁ ଘଡ଼ଘଡ଼ି ଓ ବିଜୁଳି ଭୟ ରହିଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ସଂଖ୍ୟାଲଘୁ ସମ୍ପ୍ରଦାୟ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଦୁର୍ଭାଗ୍ୟଜନକ: ବିଜେଡି

## ଯାଜପୁର ଜିଲାରେ କର୍ତ୍ତବ୍ୟରତ ମହିଳା ପୋଲିସ ବି ସୁରକ୍ଷିତ ନାହାନ୍ତି

ଭୁବନେଶ୍ୱର, ୩୧।୭(ସୁନୀତ ମିଶ୍ର)



ନାରୀ ନିର୍ଯାତନାକୁ ନେଇ ସମଗ୍ର ରାଜ୍ୟ ଉଦ୍‌ବିଗ୍ନ ଥିଲାବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଘଟଣାରେ ପୋଲିସ ଏତଲା ଗ୍ରହଣ ନ କରିବା ଉଦ୍‌ବେଗଜନକ ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ଭାଜପା ସରକାରରେ ମହିଳା ଓ ଛାତ୍ରୀମାନେ ପ୍ରତିଦିନ ନିର୍ଯାତନାର ଶିକାର ହେଉଥିବା ବେଳେ ଯାଜପୁର ଜିଲାରେ ଏକ ଅଭାବନୀୟ ନିର୍ଯାତନାର ଖବର ସାମ୍ନାକୁ ଆସିଛି। ଭାଜପା ସଂଖ୍ୟାଲଘୁ ସେଲ୍‌ର ସଭାପତିଙ୍କ ସ୍ତ୍ରୀଙ୍କୁ ତାଙ୍କ ଝିଅ ସାମ୍ନାରେ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ନିର୍ଯାତନାର ଶିକାର ହେବାକୁ ପଡ଼ିଛି। ପୋଲିସର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କର ଏତଲାକୁ ପୋଲିସ ଏ ପର୍ଯ୍ୟନ୍ତ ଗ୍ରହଣ କରୁନାହିଁ। ତାଙ୍କ ସ୍ୱାମୀଙ୍କୁ ଧର୍ମଶାଳାରେ ବ୍ୟବସାୟ କରିବା ପାଇଁ ହେଲେ ମାସିକ ଦାଦାବାଟି ଦେବାକୁ ପଡ଼ିବ ବୋଲି ବିଧାୟକ ଧମକ ଦେଉଛନ୍ତି ବୋଲି ସେ ତାଙ୍କ ଏତଲାରେ ଦର୍ଶାଇଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସେହିପରି ଯାଜପୁର ଜିଲାରେ ଜଣେ କର୍ତ୍ତବ୍ୟରତ ମହିଳା ଏଏସ୍‌ଆଇଙ୍କୁ ଥାନା ଭିତରେ ଭାଜପା ସମର୍ଥକମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ଅପମାନିତ କରିଥିଲେ। ଏହି ଘଟଣାକୁ ନେଇ ମହିଳା ଏଏସ୍‌ଆଇ ଯାଜପୁର ପୋଲିସ ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରୁ ଜଣାପଡୁଛି ଧର୍ମଶାଳା ବିଧାୟକଙ୍କ ଧନବଳ ଆଗରେ ରାଜ୍ୟ ଭାଜପା ସଭାପତି ଓ ମୁଖ୍ୟମନ୍ତ୍ରୀ ଅସହାୟ ହୋଇପଡ଼ିଛନ୍ତି। ସେହିପରି ଦଳର ମୁଖପାତ୍ର ସୋଫିଆ ଆଲାମ କହିଛନ୍ତି, ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାମାନେ ନିର୍ଯାତନାର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ।

# ଯୁବକଙ୍କୁ କାଠଫାଳିଆରେ ପିଟି ହତ୍ୟା, ୨ ଅଟକ

ପାଟଣା,୩୧।୭(ବାଉରିକିଶୋର ଦାଶ)



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

କେନ୍ଦୁଝର ଜିଲା ପାଟଣା ଥାନା ଅଙ୍କୁରା ଉପରସାହିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସାହିର ଗଙ୍ଗାଧର ନାଏକ(୨୮)। ଏ ନେଇ ଯୁବକଙ୍କ ବାପା ଭଗବନ୍ଧୁ ନାଏକ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାରେ ୨ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ, ଗଙ୍ଗାଧର ବୁଧବାର ସନ୍ଧ୍ୟାରେ ବୈତରଣୀ ନଦୀ ବଢ଼ି ଦେଖିବାକୁ ଯାଇଥିଲେ। ଏହି ସମୟରେ ଅଙ୍କୁରା ଝପାସାହିର ଦୀନବନ୍ଧୁ ପାତ୍ର, ତାଙ୍କ ସ୍ତ୍ରୀ ହୀରାମଣି, ପୁଅ ସୌମ୍ୟରଞ୍ଜନ ଓ ବୋହୂ ବକୁଳ ଛିଡ଼ାହୋଇଥିଲେ। କୌଣସି କାରଣରୁ ଗଙ୍ଗାଧର ହୀରାମଣିଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ସୌମ୍ୟରଞ୍ଜନ ଗଙ୍ଗାଧରଙ୍କୁ ଅଗଣାକୁ ଟେକିନେଇଥିଲେ। ସେଠାରେ ହାତଗୋଡ଼ ବାନ୍ଧି ସପରିବାରେ କାଠଫାଳିଆରେ ମାଡ଼ ମାରିଥିଲେ। ପରେ ସୌମ୍ୟରଞ୍ଜନ ଚଳାଉଥିବା ପାୱାର ଟିଲର ମାଲିକ ଲକି ନାଏକଙ୍କୁ ଫୋନ୍‌କରି ଭଗବନ୍ଧୁଙ୍କୁ ଘଟଣା ସମ୍ପର୍କରେ ଜଣାଇବାକୁ କହିଥିଲେ। ଭଗବନ୍ଧୁ ପୁତ୍ରଙ୍କ ସହ ଘଟଣାସ୍ଥଳକୁ ଯିବା ବାଟରେ ଗଙ୍ଗାଧରଙ୍କୁ ଦେଖିଥିଲେ। ତେବେ ରାତି ହୋଇଯାଇଥିବାରୁ ତାଙ୍କୁ ହସ୍ପିଟାଲ ନ ନେଇ ଘରକୁ ଆଣିଥିଲେ। ଗୁରୁବାର ସକାଳେ ଗଙ୍ଗାଧରଙ୍କୁ ତାଙ୍କ ମା' ଚା' ପିଇବାକୁ ଉଠାଇବାକୁ ଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜାଣିଥିଲେ। ଏନେଇ ଭଗବନ୍ଧୁ ପାଟଣା ଥାନାରେ ଗଙ୍ଗାଧରଙ୍କୁ ଅତ୍ୟଧିକ ମାଡ଼ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ଗଙ୍ଗାଧରଙ୍କ ସାମାନ୍ୟ ମାନସିକ ବିକୃତ ଥିଲା। ସେ ଜିଦ୍‌ଖୋର ହୋଇ ସୁସ୍ଥ ହୋଇଯାଇଥିଲେ ବୋଲି ଭଗବନ୍ଧୁ କହିଛନ୍ତି। ଘଟଣାସ୍ଥଳରେ ଘଟଗାଁ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼, ଏସ୍‌ଆଇ ଲକ୍ଷ୍ମଣ ମାଝୀ, ଏଏସ୍‌ଆଇ ସରୋଜ କୁମାର ଖେଠୀ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଦୀନବନ୍ଧୁ ଓ ତାଙ୍କ ସ୍ତ୍ରୀ ହୀରାମଣିଙ୍କୁ ଉଠାଇନେଇ ଥାନାରେ ପଚରାଉଚରା କରୁଛି। ଘଟଣାରେ ସମ୍ପୃକ୍ତ ସୌମ୍ୟରଞ୍ଜନ ଓ ବକୁଳ ଫେରାର ଅଛନ୍ତି। ଥାନା ଅଧିକାରୀ ମହାକୁଡ଼ କହିଛନ୍ତି, ଏକ ମାମଲା (ନଂ.୧୭୫/୨୫) ରୁଜୁ ହୋଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟହେବ ବୋଲି ମହାକୁଡ଼ କହିଛନ୍ତି।

# ରାସ୍ତାକଡ଼ ବିଲରୁ ମିଳିଲା ଚାଷୀଙ୍କ ମୃତଦେହ: ହତ୍ୟା ସନ୍ଦେହ

ଭଦ୍ରକ,୩୧।୭(ସନାତନ ରାଉତ)



ମୃତଦେହ ପଡ଼ିଥିବା ସ୍ଥାନରେ ଲୋକଙ୍କ ଭିଡ଼।

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲଗୁଆ ପଞ୍ଚାୟତର କୁଶଗଡ଼ିଆ ନିକଟସ୍ଥ ରାସ୍ତାକଡ଼ ବିଲରୁ ଜଣେ ଚାଷୀଙ୍କ ମୃତଦେହ ଗୁରୁବାର ସକାଳେ ପୋଲିସ ଜବତ କରିଛି। ମୃତକ ହେଲେ ଗେଲଗୁଆ ଗ୍ରାମର ସନ୍ତୋଷ ମଲ୍ଲିକ(୬୨)। ଘରୁ ବାହାରି ଆସିବାର ମାତ୍ର ଅଧଘଣ୍ଟା ପରେ ମୃତଦେହ ମିଳିଥିବା ବେଳେ ପରିବାରବର୍ଗ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏନେଇ ତାଙ୍କ ପୁଅ ଉଦୟ କୁମାର ମଲ୍ଲିକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଛି। ଉଦୟଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ବାପା ପ୍ରାତଃ ସାଢ଼େ ୫ଟା ବେଳେ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ବାଇକରେ ପାଖ ଗାଁ ବଗମରା ଅଭିମୁଖେ ଯାଇଥିଲେ। ସକାଳ ୬ଟା ବେଳେ ଉକ୍ତ ସ୍ଥାନରେ ତାଙ୍କ ମୃତଦେହ ପଡ଼ିଥିବା ଘରକୁ ଖବର ଆସିଥିଲା। ତାଙ୍କ ଶାର୍ଟ ଚିରିଯାଇଥିବା ବେଳେ ମୁହଁରେ ମାଡ଼ ଦାଗ ସହ ରକ୍ତ ବାହାରୁଥିବା ଦେଖାଯାଇଛି। ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ହେଉଥିବା ଉଦୟ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୮/୨୫) ରୁଜୁ ହୋଇଛି।

# ଛାତ୍ରୀଙ୍କୁ ଅସଦାଚରଣ, ଟ୍ୟୁଶନ ସାର୍ ଗିରଫ

ପାତ୍ରପୁର,୩୧।୭
(ଉମା ଚରଣ ନେପାକ)



ଗଣେଶ ପ୍ରଧାନ।

ଗଞ୍ଜାମ ଜିଲା ଜରଡ଼ା ଥାନା ଅଧୀନସ୍ଥ ପଦାଦିଗି ପଞ୍ଚାୟତ ଅଞ୍ଚଳର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଟ୍ୟୁଶନ ସାର୍ ଗୁରୁବାର ଗିରଫ ହୋଇଛନ୍ତି। ସେ ହେଲେ ଦାମୋଦରପଲ୍ଲୀର ଗଣେଶ ପ୍ରଧାନ। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜରଡା ଥାନା ଅଧିକାରୀ ଟୁନା ସାସମଲ ସୂଚନା ଦେଇଛନ୍ତି। ଗଣେଶ ଗ୍ରାମରେ କେତେଜଣ ପିଲାଙ୍କୁ ପାଠ ପଢ଼ାଉଥିଲେ। ଷଷ୍ଠ ଶ୍ରେଣୀ ଛାତ୍ରୀ ଜଣଙ୍କ ସବୁଦିନ ଭଳି ବୁଧବାର ସନ୍ଧ୍ୟାରେ ତାଙ୍କ ପାଖକୁ ଟ୍ୟୁଶନ ଯାଇଥିଲେ। ଗଣେଶ ପାଠ ନ ପଢ଼ାଇ ତାଙ୍କୁ ଗାଁ ମୁଣ୍ଡରେ ଥିବା ବିଦ୍ୟାଳୟକୁ ଡାକିନେଇ ଅସଦାଚରଣ କରିଥିଲେ। ନାବାଳିକା ଛାତ୍ରୀ ଜଣଙ୍କ ପାଟି କରିବାରୁ ସେ ଛାଡ଼ିଦେଇଥିଲେ। ନାବାଳିକା ଫେରିଆସି ପରିବାର ଲୋକଙ୍କୁ କହିବା ପରେ ଜରଡା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଗାଁରେ ପହଞ୍ଚି ଅଭିଯୁକ୍ତ ଗଣେଶଙ୍କୁ କାବୁ କରିଥିଲା। ଏ ନେଇ ନଂ. ୨୬୩/୨୫ରେ ମାମଲା ରୁଜୁ ହୋଇଛି।

# ୬ ମାଓବାଦୀ ଗିରଫ



ମାଲକାନଗିରି ୩୧।୭ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଜାପୁର ଜିଲା ବାସାଗୁଡ଼ା ଅଞ୍ଚଳରୁ ୨ ମହିଳାଙ୍କ ସମେତ ୬ ମାଓବାଦୀଙ୍କୁ ସୁରକ୍ଷା କର୍ମୀ ଗିରଫ କରିଛନ୍ତି। ଡିଆର୍‌ଜି ଓ କୋବ୍ରା ବାଟାଲିୟନ ସେହି ଗାଁ ନିକଟ ମାଲାପାଲି ଜଙ୍ଗଲ ଅଞ୍ଚଳରେ କୋମ୍ବିଂ କରୁଥିବା ସମୟରେ ଏମାନଙ୍କୁ ଗିରଫ କରିଥିଲା । ସୂଚନା ମୁତାବକ ମାଲାପାଲି ଜଙ୍ଗଲରେ ମାଓବାଦୀମାନେ ଥିବା ଖବର ପାଇ ଯବାନମାନେ ସେହି ଜଙ୍ଗଲକୁ ଚତୁଃପାର୍ଶ୍ୱରୁ ଘେରି ୬ଜଣଙ୍କୁ ଧରିଥିଲେ। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ନାମରେ ୧ ଲକ୍ଷ ଲେଖାଏ ପୁରସ୍କାର ରାଶି ଥିବା ଜଣାପଡିଛି । ସେହି ଅଞ୍ଚଳରେ କୋମ୍ବିଂକୁ ଜୋର୍‌ଦାର କରାଯାଇଛି।

# ବିଧାୟକଙ୍କ ଭଡ଼ାଘରୁ ଚୋରି

ଝାରସୁଗୁଡ଼ା, ୩୧।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଟାଉନଥାନା ଅଧୀନ ସରବାହାଲ ନିକଟ ଶାନ୍ତି ଆପାର୍ଟମେଣ୍ଟର ୨୦୫ ନମ୍ବର ଫ୍ଲାଟ୍‌ରେ ଭଡ଼ାରେ ରହୁଥିବା ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବାସଭବନରୁ ଜୁଲାଇ ୨୯ ତାରିଖରେ ସିସିଟିଭିର ଡିଭିଆର୍ ଚୋରି ହୋଇଛି। ଉକ୍ତ ଫ୍ଲାଟ୍‌ରେ ରହୁଥିବା ପଡୋଶୀ ଗୋପାଳ ଲୋଧା ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୦୪/୨୫) ରୁଜୁ କରିଛି। ହେଲେ ଚୋରି କରିଥିବା ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇପାରିନାହିଁ। ଏହି ଘଟଣା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ଜାଣିବା ପାଇଁ ଥାନାଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନ ଥିଲେ। ଅଭିଯୋଗ ଅନୁଯାୟୀ, ବିଧାୟକ ତ୍ରିପାଠୀ ଉକ୍ତ ଫ୍ଲାଟ୍‌ରେ ରହୁଛନ୍ତି। ଗତ ୨୯ ତାରିଖରେ ତାଙ୍କ ଘରର ତାଲା ଭଙ୍ଗାଯାଇଥିବାବେଳେ ସିସିଟିଭିର ଡିଭିଆର୍ ଚୋରି ହୋଇଥିବା ପଡୋଶୀ ଗୋପାଳ ଦେଖିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

# ମହିଳାଙ୍କୁ ଅପହରଣ ଉଦ୍ୟମ, ୫ ଗିରଫ

ଯୋଡ଼ା,୩୧।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ ଓ ଅପହରଣ ଉଦ୍ୟମ ମାମଲାରେ ପୋଲିସ ଗୁରୁବାର ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଅଞ୍ଚଳର ଫର୍ତିକ ଶେଖ, ସାହିଦୁଲ ଶେଖ, ଦିଲଦାର୍ ହୁସେନ, ଜାମାଲ ଶେଖ ଓ ସାଫିକୁଲ ଶେଖ। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଯୋଡ଼ା ସହରରେ ରହି ଘର ମିସ୍ତ୍ରି ଭାବେ କାର୍ଯ୍ୟ କରନ୍ତି। ଏମାନଙ୍କ ସହ ସ୍ଥାନୀୟ ଅଞ୍ଚଳର (ଅଭିଯୋଗକାରିଣୀ) ମହିଳା କାର୍ଯ୍ୟ କରୁଥିଲେ। ତେବେ ମଙ୍ଗଳବାର ଅଭିଯୁକ୍ତମାନେ ମହିଳାଙ୍କୁ ବଳପୂର୍ବକ ଅପହରଣ ଉଦ୍ୟମ କରିବା ସହ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ମହିଳାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଯୋଡ଼ା ଥାନା ଆଇଆଇସି ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

# ଭୁବନେଶ୍ୱର ରେଳ ଷ୍ଟେଶନରେ ଅବକାରୀ, ଆର୍‌ପିଏଫ୍ ଚଢ଼ାଉ

ଭୁବନେଶ୍ୱର,୩୧।୭ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ରେଳ ଷ୍ଟେଶନରୁ ଗୁରୁବାର ଦୁଇ ଆନ୍ତଃରାଜ୍ୟ ଗଞ୍ଜେଇ

**୨ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀ ଗିରଫ**

ଚାଲାଣକାରୀ ଧରାପଡ଼ିଛନ୍ତି। ରେଲୱେ ପ୍ରୋଟେକ୍ସନ୍ ଫୋର୍ସ (ଆର୍‌ପିଏଫ୍) ଓ ଭୁବନେଶ୍ୱର ଅବକାରୀ ଟିମ୍ ମିଳିତ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହରେନ୍ଦ୍ର କୁମାର ଓ କୁଲଦୀପ କୁମାର। ସେମାନଙ୍କ ନିକଟରୁ ୩୦ କେଜିର ଗଞ୍ଜେଇ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସକାଳ ପ୍ରାୟ ୧୦ଟା ବେଳେ ଆର୍‌ପିଏଫ୍ ଓ ଅବକାରୀ ଟିମ୍ ମିଳିତ ଯାଞ୍ଚ କରୁଥିବାବେଳେ ଦୁଇ ସନ୍ଦିଗ୍ଧଙ୍କ ଉପରେ ନଜର ପଡ଼ିଥିଲା। ଉଭୟଙ୍କ ଲଗେଜ୍ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଉଭୟ ଓଡ଼ିଶାରୁ ରାଜସ୍ଥାନ ଗଞ୍ଜେଇ ଚାଲାଣ କରିବାକୁ ଯୋଜନା ରଖିଥିଲେ।

**OFFICE OF THE SUPERINTENDENT, CHC, SAKHIGOPAL, PURI**

Letter No.189 Date:30.07.2025

It is hereby informed that the tender call notice published on dated 13.07.2025 in regards supply of diet to CHC, Sakhigopal is cancelled due to unavoidable circumstance till further notification.

Sd./- Superintendent, CHC, Sakhigopal, Puri

**ODISHA PUBLIC SERVICE COMMISSION CUTTACK**

**NOTICE**

**No.5439/PSC, Dt.30.07.25**
**(1E-03-2025-26) (DR-II)**
**Website- http://www.opsc.gov.in**

No.D-150:It is for information of all concerned that, the Written Examination for recruitment to the post of **Assistant Professor (Broad Speciality)** in **22 Disciplines (except Radio-Therapy (MKCG) & Radiation Oncology)** under H & F.W.Department in pursuant to **Advertisement No.03 of 2025-26**, will be held on **17.08.2025 (Sunday).** The detailed programme along with venue will be notified later in the website of the Commission.

The candidates are advised to visit the website of OPSC (www.opsc.gov.in) regularly for further updates.

OIPR-12002/11/0285/2526 **Sd./- Secretary**

**Directorate of Ports & Inland Water Transport,**
**Zone-A, Ground Floor, Fortune Tower, Chandrasekharpur,**
**Bhubaneswar-751023**

Phone: 0674-2300885, Email: - portsniwt.od@nic.in

**No.2499 P & IWT,** **Date : 28.07.2025/**

**NOTICE INVITING TENDER (NIT)**

**Request for Proposal (RFP) for Selection of an Agency/Firm for Up-gradation, Operation, Maintenance and Management of Crew Training Institute at Chandbali in Bhadrak District and Odisha Maritime Academy at Paradip in Jagatsinghpur District.**

**No.JJ-35** : The Government of Odisha is prioritizing skill development in the maritime sector through the establishment of two key institutions: the Odisha Maritime Academy (OMA) at Paradip and the Crew Training Institute (CTI) at Chandbali. These institutions aim to provide high-quality training to create a competent and well-equipped workforce that meets the growing demands of the maritime industry.

Located in Chandbali, the Crew Training Institute (CTI) is a premier center focused on equipping unemployed youth and crew members in Odisha with the skills necessary for operating and maintaining inland vessels.

Situated in Paradip, the Odisha Maritime Academy (OMA) is a renowned institution committed to producing skilled seafarers through comprehensive education and professional training. The academy is recognized and accredited by the Directorate General of Shipping (DGS), Government of India.

As a part of this endeavor, the Authority has decided to invite from eligible entities to undertake the **Up-gradation, Operation, Maintenance and Management of Crew Training Institute at Chandbali in Bhadrak District and Odisha Maritime Academy at Paradip in Jagatsinghpur District (the "Project")** in PPP Mode, and has, therefore, decided to carry out the bidding process for selection of an entity as the Bidder to whom the Project may be awarded. The involvement of the private sector partners would leverage the industry knowledge as well as the investments in terms of qualified trainers, multifaceted placement opportunities, etc. The Authority now intends to ensure quality interventions aligned with industry requirements. The proposed agency/firms would upgrade, operate, maintain and manage the institutes while focusing on imparting relevant training through their expertise in the concerned fields.

Interested experienced agencies/firms may download the RFP document online from the website of Government of Odisha **https://ct.odisha.gov.in/tenders-advertisement** or can be collected from the Directorate from **01.08.2025 to 20.08.2025 upto 03.00 P.M.** The Agency/ Firms who wish to participate shall deposit the non-refundable document cost for an amount of **Rs.1,000 (Rupees One Thousand) only** in shape of Demand Draft from any Scheduled/ Nationalized Bank & EMD for **Rs.50,000/- (Rupees Fifty Thousand) only in shape of Term Deposit** from any Nationalized/ Scheduled Bank/ National Savings Certificate (NSC) drawn in favour of Director, Ports and Inland Water Transport, Odisha, Bhubaneswar payable to Bhubaneswar.

**Query/Clarifications**

Queries/ Clarifications if any, on the above RFP can be obtained from the following address;

**Directorate of Ports & Inland Water Transport,**
**Zone-A, Ground Floor, Fortune Tower,**
**Chandrasekharpur, Bhubaneswar-751023**
**Phone -0674-2300885,**
**Email: - portsniwt.od@nic.in**

The Directorate of Ports and Inland Water Transport, Odisha reserves the rights to accept or reject any or all tender without assigning any reason and no correspondences shall be entertained in this regard.

**Sd./- Director**
OIPR-38035/11/0038/2526 **Ports & IWT, Odisha**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SAMBALPUR**

**(SHORT TENDER CALL NOTICE)**

**NO. DMC/NPCBVI/4376/2025-26 DATE: 29.07. 2025**

**No.E-273** : Sealed tenders are invited from registered Firms/ Suppliers/Manufacturers/ Authorized distributors for supply of Drugs and Medical Consumables under NPCBVI for the year 2025-26 & 2026-27 to the undersigned. Details regarding items with terms and condition may be downloaded from the district website www.sambalpur.odisha.gov.in. The tender should reach to the undersigned on or before 12.08.2025 up to 05.00 PM (On working days) through Speed Post/Registered Post/ Courier Service only. The tender will be opened on 13.08.2025 at 11.30 AM in the office chamber of the undersigned. The undersigned reserves the right to reject any or all the tenders without assigning any reason.

**Sd./- Chief District Medical &**
OIPR-10049/11/0018/2526 **Public Health Officer, Sambalpur**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, ANGUL**

(dhhstore.angul@gmail.com) Cell : 9439994973, WAP : 7894258019

**Tender Notice : CS-25-26/Tender/450/Date 28th JUL 2025**

**No.E-270** : Sealed Tenders in prescribed format are invited from the Registered Manufacturers/ Authorized Distributors/ Reputed Suppliers for supply of BCL, Lab. Chemicals & Drugs & Medical Consumables etc to the CDM&PHO Angul. The Bidders should submit two separate sealed packets i.e. one for "A" "Technical Bid" and another for "B" "Financial Bid" superscribing on the cover of the packets separately and to be kept in a single cover which should be superscribed as "CS/Tender for Drugs, BCL, Lab. Chemicals & Medical Consumables etc" Last Date of Receive:20 Aug 2025.

The sealed Tender will be received through Speed Post/ Reg. Post/ Couriers ONLY on or before **Dt.20.08.2025 till 5.00 P.M** at the office of the CDM&PHO, Angul and the said tender will be opened on **dt.21.08.2025 at 10.00 A.M** in presence or absence of Bidders or their Authorized Representatives at the office of CDM&PHO Angul. Tenders received incomplete or after the scheduled date & time shall be rejected.

The undersigned reserves the right to reject any or all tenders without assigning any reason thereof. All legal disputes if any relating to the tender are subject to Jurisdiction in the Court of Law situated at Angul, Odisha only. For details Terms and Conditions log on to **angul.odisha.gov.in**

**Sd./- Chief District Medical &**
OIPR-10142/11/0012/2526 **Public Health Officer, Angul**

**GOVERNMENT OF ODISHA**

**"e" Procurement Notice**

**Bid Identification No. 01 of 2025-26**

No. O-509

| | | | |
|---|---|---|---|
| 1 | Number of Works | : | 1 No. of Road Work |
| 2 | Estimated Cost (Approx.) | : | Rs.92.63 lakh |
| 3 | Period of Completion | : | 6 (Six) Calendar Months |
| 4 | Date & Time of availability of Bid documents in the portal | : | 01.08.2025 at 11.00 hrs. |
| 5 | Last date & time for receipt of Bids in the portal | : | 16.08.2025 at 17.00 hrs. |
| 6 | Date of opening of Tender | : | 17.08.2025 at 11.00 hrs. |
| 7 | Name and address of the Officer Inviting Bid | : | O/o. The Superintending Engineer, Rural Works Division, Jagatsinghpur |

Further details can be seen from the Government website: **www.tendersorissa.gov.in.**

**Sd./- Executive Engineer**
**Rural Works Division,**
OIPR-25056/11/0015/2526 **Jagatsinghpur**

**GOVERNMENT OF ODISHA**
**OFFICE OF THE PANCHAYAT SAMITI, RENGALI, SAMBALPUR**

No. i-

E-mail:- ori-rengali@nic.in

**TENDER CALL NOTICE**
**Bid Identification No.P.S/REN/SBP/DEV/01/2025-26**
**No. 3043 /Date. 29.07.2025**

**CORRIGENDUM**

**TENDER CALL NOTICE NO. 2711 Dtd.05.07.2025, OFFICE OF THE PANCHAYAT SAMITI, RENGALI, SAMBALPUR**

1. The last date and time for submission via the website and receipt of bids is extended to **17:00** hours on **08.08.2025**.
2. The date of tender opening is extended to **11:30** hours on 13th August 2025.
3. Original Bid Security & Demand Draft towards cost of bid document shall be submitted in the office of the undersigned on or before **11.15** hours on dated **13.08.2025** during the office hours on working days failing which the bid will be rejected.
4. Earlier, under the option "**EMD Exemption** " the value was marked as **"NO"** Now the said option has been changed to **YES** in Tender Web Portal.
5. In tender Notice Sl No.7 "The cost of bid documents has to be paid by each bidder in shape of demand draft drawn in favour of the Block Development Officer, Rengali, Sambalpur from any Nationalized scheduled bank **payable at Sambalpur Towards cost of tender paper including GST** read as "The cost of bid documents has to be paid by each bidder in shape of demand draft drawn in favour of the Block Development Officer, Rengali Sambalpur from any Nationalized scheduled bank **payable at Rengali, Sambalpur towards cost of tender paper**".
6. The Word **"District Project Coordinator"** in **SL No.7.2 & 15.1.A** of General Instruction of Procedure to participate in on-Line-bidding E-Procurement and **SL. No. 33,85,95,112(2.1.1)** of D.T.C.N. read as **"Block Development Officer, Rengali"**. However, all other terms and conditions remain unchanged.

Yours faithfully
**Sd./- Block Development Officer,**
OIPR-19315/11/0002/2526 **Rangali**

**ODISHA CONSTRUCTION CORPORATION LIMITED, BHUBANESWAR, ODISHA**

PIN: 751012, Tel. No.: (0674) 2562020, e-Mail: theoccltd@odishaconstruction.com, GSTIN - 21AAACO2571K2ZM

No. CAD-1334 **e-Procurement Notice No. 30/OCCL/2025-26 (Online)**

Online request for Proposal is invited for the following works:

| Sl. No. | Name of Work | Bid Identification No. | Approx Value of Work | Bid Security (through Online transfer only) (In Rs.) | Period of Completion (in days) | Availability & submission of tender of tender (Online) |
|---|---|---|---|---|---|---|
| 1 | Request for Proposal (RfP) for engagement of Consultant for Documentation & Processing of Forest Diversion Proposal (Both Stage-I & Stage-II) for Mankada Irrigation Project under Angul District | OCCL-CDC/01/ 2025-26 | NA | Rs.2,00,000/- | 18 (Eighteen) Calendar Months | From 31.07.2025, 3.30 P.M. to 16.08.2025, 3.30 P.M. |

Procurement Officer : Managing Director, OCCL
Date of Opening of the Tender: 18.08.2025, 12.00 onwards
Further details can be seen from the e-procurement portal: **https://www.tendersodisha.gov.in, https://octdms.in https://odishaconstruction.com**

OIPR-34120/11/0048/2526 **Sd./- Managing Director**

**ODISHA PUBLIC SERVICE COMMISSION CUTTACK**

**NOTICE**

**No. 5447 / P.S.C., Dt. 30.07.2025**
**(1R-14-24/25) (DR-V)**

**Assistant Professor (Stage-I) in Odia**
(Advertisement No.27 of 2023-24)

**No.D-** : It is for information of all concerned that, document verification of **154 (One Hundred Fifty-Four)** candidates having **PPSAN** mentioned below for the post of **Assistant Professor (Stage-I) in "Odia"**, pursuant to. Advertisement No.27of 2023/24 shall be held **from 08.08.2025 to 16.08.2025 (Except 09.08.2025,10.08.2025 & 15.08.2025)** as per the following programme in the office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 08.08.2025 | 10.30 A.M. | P240304811, P240307675, P240306356, P240303415, P240302187, P240307696, P240303578, P240272147, P240306159, P240304134, P240311972, P240301346, P240304871, P240309503, P240291739 & P240304279 = **16 Candidates** |
| | 2.30 P.M. | P240309016, P240305686, P240308886, P240309151, P240308935, P240304714, P240303754, P240306905, P240301311 & P240307521 = **10 Candidates** |
| 11.08.2025 | 10.30 A.M. | P240307992, P230152234, P240307021, P220013475, P240309292, P240304581, P240306912, P240290613, P240304587, P230111746, P240306123, P220078102, P240306231, P240300824, P240306298 & P240305640 = **16 Candidates** |
| | 2.30 P.M. | P240306288, P240307851, P240305442, P240310317, P240304679, P240292270, P240302387, P240310228, P240282112 & P230114899 = **10 Candidates** |
| 12.08.2025 | 10.30 A.M. | P230141847, P240307410, P240308249, P240306979, P240306279, P240297623, P240307757, P240307191, P240308047, P240306160, P240307309, P240298106, P240305751, P240302653, P240312869, & P240309467 = **16 Candidates** |
| | 2.30 P.M. | P240303301, P240266573, P240302594, P240242059, P240307338, P240302543, P240305317, P240266111, P240308510 & P240307818 = **10 Candidates** |
| 13.08.2025 | 10.30 A.M. | P240260461, P240311384, P240303623, P240298290, P230122958, P240308177, P240305431, P230113873, P230110927, P240307216, P230160825, P240296696, P240304857, P240311650, P240309108 & P240301484 = **16 Candidates** |
| | 2.30 P.M. | P240304645, P240244564, P240286820, P240309318, P240311001, P240307533, P240307432, P240304000, P240310435 & P240302646 = **10 Candidates** |
| 14.08.2025 | 10.30 A.M. | P240305845, P240310900, P240250993, P240297289, P240268689, P240309321, P240311940, P240311403, P240302416, P240309791, P240308843, P240297210, P240302610, P240287060 & P230101199 = **15 Candidates** |
| | 2.30 P.M. | P240311719, P230098482, P240298524, P230099442, P240304233, P240310899, P230135112, P240305517, P240304674 & P240304776 = **10 Candidates** |
| 16.08.2025 | 10.30 A.M. | P240308005, P240307223, P230162620, P240253625, P240311155, P240298750, P240302914, P240307486, P240311274, P240303391, P240311901, P230121045, P240307492, P240289105 & P240311939 = **15 Candidates** |
| | 2.30 P.M. | P240297546, P240288270, P230092141, P240297928, P230116140, P240303830, P240290431, P240308305, P240281942 & P240304315 = **10 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0284/2526 **Sd./- Secretary**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩ ମାସରେ କୋଟିଏରୁ ଅଧିକ ନିବେଶକ ଆକାଉଣ୍ଟ

## ଏନ୍‌ଏସ୍‌ଇର ନୂଆ ମାଇଲ୍‌ଷ୍ଟୋନ୍

ଭୁବନେଶ୍ୱର,୩୧।୭

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ଚାହିଦା କ୍ରମାଗତ ଭାବେ ବୃଦ୍ଧିପାଉଛି। ଏପରିକି ଏହି ପ୍ଲାଟ୍‌ଫର୍ମର ପଞ୍ଜୀକୃତ ସଂଖ୍ୟା ଗତ ୩ ମାସ ମଧ୍ୟରେ ୧ କୋଟି ପାର ସହ ନୂଆ ମାଇଲ୍‌ଷ୍ଟୋନ୍ ହାସଲ କରିଛି । ଏହି ସମୟ ମଧ୍ୟରେ କୋଟିଏରୁ ଅଧିକ ନିବେଶକ ଆକାଉଣ୍ଟ ଖୋଲିଛନ୍ତି। ସେହିଭଳି ୨୦୨୫ ଜୁଲାଇ ମଧ୍ୟରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ ଆଉ ଏକ ବଡ ସଫଳତାରେ ପହଞ୍ଚିଛି। ବିଶେଷକରି ଏନ୍‌ଏସ୍‌ଇର ମୋଟ ୟୁନିକ୍ ଟ୍ରେଡିଂ ଆକାଉଣ୍ଟ ସଂଖ୍ୟା ୨୦୨୫ ଏପ୍ରିଲରେ ୨୨ କୋଟି ମାର୍କ ଅତିକ୍ରମ କରିଥିବାବେଳେ ୨୦୨୫ ଜୁଲାଇରେ ଏହା ୨୩ କୋଟି ଅତିକ୍ରମ କରିଛି। ଅପରପକ୍ଷରେ ଏହାର ସ୍ୱତନ୍ତ୍ର ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା ୨୦୨୫ ଜୁଲାଇ ୨୮ ସୁଦ୍ଧା ୧୧.୮ କୋଟି ରହିଛି। ସେହିପରି ଇକ୍ୱିଟି ବଜାର ଅଂଶଗ୍ରହଣ କ୍ଷେତ୍ରରେ ଓଡ଼ିଶା ବଜାର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ଭାବେ ଉଭାହୋଇଛି, ଯାହାକି ୨୦୨୫ ଜୁନ ୩୦ ସୁଦ୍ଧା ଏନ୍‌ଏସ୍‌ଇରେ ୨୫.୪ ଲକ୍ଷ ନିବେଶକ ପଞ୍ଜୀକରଣ ସହିତ ଦେଶରେ ୧୭ ତମ ସ୍ଥାନରେ ରହିଛି। ଏପରିକି ଓଡିଶା ୩୭% ର ଏକ ଆକର୍ଷଣୀୟ କମାଉଣ୍ଡ ଆନୁଆଲ ଗ୍ରୋଥ ରେଟ (ସିଏଜିଆର୍) ହାସଲ କରିଛି, ଯାହା ରାଜ୍ୟରେ ବଢୁଥିବା ଆର୍ଥିକ ସଚେତନତା ଓ ପୁଞ୍ଜି ବଜାରରେ ବଢୁଥିବା ବିଶ୍ୱାସକୁ ପ୍ରତିଫଳନ କରୁଛି।




ଏ ସମ୍ପର୍କରେ ଏନ୍‌ଏସ୍‌ଇର ମୁଖ୍ୟ ବାଣିଜ୍ୟ ବିକାଶ ଅଧିକାରୀ ଶ୍ରୀରାମ କ୍ରିଷ୍ଣନ କହିଛନ୍ତି, ୨୦୨୫ ଏପ୍ରିଲରେ ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମର ପଞ୍ଜୀକୃତ ସଂଖ୍ୟା ୨୨କୋଟି ମାର୍କ (୨୨୦ ମିଲିୟନ) ଅତିକ୍ରମ କରିବାର ମାତ୍ର ୩ ମାସ ମଧ୍ୟରେ ପ୍ଲାଟ୍‌ଫର୍ମ ଆଉ ୧ କୋଟି ନିବେଶକ ଆକାଉଣ୍ଟ ଯୋଡ଼ି ଏକ ବଡ ସଫଳତା ହାସଲ କରିଛି। ଏହି ସଫଳତା ଭାରତର ପୁଞ୍ଜି ବଜାରଗୁଡିକ ଉପରେ ରହିଥିବା ଗଭୀର ବିଶ୍ୱାସ ଏବଂ ଅନ୍ତର୍ଜାତୀୟ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ନିବେଶକଙ୍କ ଭାବନାର ସ୍ଥିରତାକୁ ପ୍ରତିଫଳନ କରୁଛି। ବିଶେଷକରି ଅଧିକରୁ ଅଧିକ ଲୋକ ଇକ୍ୱିଟି, ଇଟିଏଫ୍, ଆର୍‌ଇଆଇଟି, ଆଇଏନ୍‌ଭିଆଇଟି ଓ ଋଣ ଉତ୍ପାଦଗୁଡିକରେ ନିବେଶ କରୁଥିବାରୁ ଏହି ସଫଳତା ଟେକ୍ନୋଲୋଜି ମାଧ୍ୟମରେ ଏକ ଅଧିକ ବିବିଧ ଓ ସୁଗମ ନିବେଶ ପରିଦୃଶ୍ୟକୁ ସକ୍ଷମ କରିଛି।

ସେହିଭଳି ଏନ୍‌ଏସ୍‌ଇ ଗତ ୫ ବର୍ଷ ହେବ ଏହି କ୍ଷେତ୍ରରେ ନିଜର ପ୍ରୟାସ ଯଥେଷ୍ଟ ବୃଦ୍ଧି କରିଛି। ଏନ୍‌ଏସ୍‌ଇ ଦ୍ୱାରା ପରିଚାଳିତ ଇନ୍‌ଭେଷ୍ଟର ଆୱାରନେସ୍ ପ୍ରୋଗ୍ରାମ୍ (ଆଇଏପି) ର ସଂଖ୍ୟା ୪ ଗୁଣ ବୃଦ୍ଧି ହୋଇ ୨୦୧୯-୨୦ ଆର୍ଥିକ ବର୍ଷର ୩୫୦୪ରୁ ୨୦୨୪-୨୫ରେ ୧୪,୬୭୯ ରେ ପହଞ୍ଚିଛି। ଏହା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକରେ ପ୍ରାୟ ୮ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀଙ୍କ ନିକଟରେ ପହଞ୍ଚିଛି। ଏନ୍‌ଏସ୍‌ଇର ଇନଭେଷ୍ଟର ପ୍ରୋଟେକ୍ସନ ଫଣ୍ଡ (ଆଇପିଏଫ୍) ୨୦୨୫ ଜୁନ ୩୦ ସୁଦ୍ଧା ବାର୍ଷିକ ଆଧାରରେ ୨୨% ବୃଦ୍ଧି ହୋଇ ୨୫୬୩ କୋଟି ଟଙ୍କାରେ ପହଞ୍ଚିଛି। ଗତ ୫ ବର୍ଷରେ ନିଫ୍ଟି ୫୦ ଓ ନିଫ୍ଟି ୫୦୦ ଯଥାକ୍ରମେ ୧୭% ଓ ୨୦%ରୁ ଅଧିକ ମଜଭୁତ ବାର୍ଷିକ ରିଟର୍ନ ପ୍ରଦାନ କରିଛନ୍ତି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୩୧।୭

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୯୬ (୨୯୬.୨୮) ପଏଣ୍ଟ ହ୍ରାସ ଘଟି ୮୧,୧୮୬ (୮୧,୧୮୫.୫୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୭ (୮୬.୭୦) ପଏଣ୍ଟ କମି ୨୪,୭୬୮ (୨୪,୭୬୮.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୩୧।୭

ବ୍ୟାଙ୍କ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର କାରବାର ସମେତ ଆଗାମୀ କାର୍ଯ୍ୟନ୍ଥାଗୁଡିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ବ୍ୟାଙ୍କ ଏଥିରେ ୩୨% ଅଭିବୃଦ୍ଧିହାର ହାସଲକରି ୨,୨୫୨ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି। ବ୍ୟାଙ୍କର ପରିଚାଳନାଗତ ଲାଭର ପରିମାଣ ୯% କୁ ବୃଦ୍ଧି ପାଇ ୪,୦୦୯ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଆର୍‌ଓଏ ୦.୮୨% ଏବଂ ଆର୍‌ଓଇ ୧୩.୫୫% ରହିଛି। ବ୍ୟାଙ୍କର ନେଟ୍ ଇଣ୍ଟରେଷ୍ଟ ମାର୍ଜିନ୍ (ଏନ୍‌ଆଇଏମ୍) ଗ୍ଲୋବାଲ ସେକ୍ଟରରେ ୨.୫୫% ଏବଂ ଘରୋଇ କ୍ଷେତ୍ରରେ ୨.୮୨% ରହିଛି। ବ୍ୟାଙ୍କର ଗ୍ଲୋବାଲ ଅଗ୍ରୀମ ୧୨.୦୨%କୁ ବୃଦ୍ଧି ପାଇଥିବାବେଳେ ଘରୋଇ ଅଗ୍ରିମ ୧୧.୨୪%କୁ ବୃଦ୍ଧି ପାଇଛି। ବ୍ୟାଙ୍କର ଖୁଚୁରା ଅଗ୍ରିମରେ ୨୦% ବୃଦ୍ଧି ଘଟିଛି ଏବଂ ଏମ୍‌ଏସ୍‌ଏମ୍‌ଇ ଏବଂ କୃଷି ଅଗ୍ରିମ କ୍ଷେତ୍ରରେ ଯଥାକ୍ରମେ ୧୭ ଏବଂ ୧୨% ବୃଦ୍ଧି ଘଟିଛି। ବ୍ୟାଙ୍କର ଜମା ୯.୦୭% ବୃଦ୍ଧି ପାଇଥିବାବେଳେ ଘରୋଇ ଜମା ୯.୬୨% ବୃଦ୍ଧି ପାଇଛି। ବ୍ୟାଙ୍କର କାସା ଜମା ଏବଂ କାସା ଅନୁପାତ ଯଥାକ୍ରମେ ୨.୫୦% ଏବଂ ୩୯.୮୮% ରହିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୨୪ ବିପିଏସ୍ ବୃଦ୍ଧି ପାଇ ୦.୭୫% ରେ ପହଞ୍ଚିଛି। ସେହିଭଳି ବ୍ୟାଙ୍କର ପ୍ରୋଭିଜନ କଭରେଜ ରେସିଓ ୮୩ ବିପିଏସ୍ ବୃଦ୍ଧି ପାଇ ୯୨.୯୪% ରହିଛି।

## ମନେ ପଡ଼ନ୍ତି

ଦ୍ୱାଦଶ କର୍ମ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂସୁଧାଙ୍ଗନା ପତି
ଗ୍ରାମ: ସୋଧ, ଦୋବଲ, ଧାମନଗର
ଆବିର୍ଭାବ: ୧୭।୦୮।୧୯୫୩
ତିରୋଧାନ: ୨୧।୦୭।୨୦୨୫
ତୁମ ଅବର୍ତ୍ତମାନରେ ଚାହିଁ ଚାହିଁ ଆଜିକୁ ବାର ଦିନ ହୋଇଗଲା। ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ୍ଭେମାନେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ସବୁ ସମୟରେ ମନେ ପଡୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସଦାସର୍ବଦା ପ୍ରାର୍ଥନା କରୁଛୁ ତୁମ ଅମର ଆତ୍ମାର ସଦଗତି ହେଉ।
"ଇତି" ଆପଣଙ୍କର ରମାକାନ୍ତ ପତି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପତି ପରିବାରବର୍ଗ।
ଧ-୧୫୦୬

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ଓଜିବି ପକ୍ଷରୁ ଗ୍ରାମପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ

ଭୁବନେଶ୍ୱର,୩୧।୭

ଜନସୁରକ୍ଷା ଯୋଜନା ଅଧୀନରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଓଜିବି) ପକ୍ଷରୁ ଗ୍ରାମପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଭାରତ ସରକାରଙ୍କର ଅର୍ଥ ମନ୍ତ୍ରଣାଳୟ ଅଧୀନ ବିତ୍ତୀୟ ସେବା ବିଭାଗ ଦ୍ୱାରା ଦେଶବ୍ୟାପୀ ଗ୍ରାମପଞ୍ଚାୟତସ୍ତରୀୟ ଏକ ତ୍ରୈମାସିକ ପରିପୂର୍ତ୍ତି ଅଭିଯାନ ବ୍ୟାଙ୍କ ମାଧ୍ୟମରେ ଆରମ୍ଭ କରାଯାଇଛି। ଏହି ଅଭିଯାନ ୨୦୨୫ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଜାରି ରହିବ। ଯାହାର ଉଦ୍ଦେଶ୍ୟ ହେଉଛି ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନ୍‌ସନ ଯୋଜନା ଭଳି ମୁଖ୍ୟ ଯୋଜନାଗୁଡ଼ିକର ଗ୍ରାମାଞ୍ଚଳରେ ପ୍ରସାର କରିବା। ସେହିଭଳି ସରକାରଙ୍କ ଏହି ମହାନ ଉଦ୍ଦେଶ୍ୟର ଏକ ଅଂଶୀଦାର ହିସାବରେ ଓଜିବି ପକ୍ଷରୁ ସାକ୍ଷୀଗୋପାଳ ଶାଖା ମାଧ୍ୟମରେ ପୁରୀ ଜିଲା ଅନ୍ତର୍ଗତ ସତ୍ୟବାଦୀ ବ୍ଲକ୍‌ର ଦାଶବିଦ୍ୟାଧରପୁର ଗ୍ରାମରେ ଏକ ବିଶେଷ ଶିବିର ଆୟୋଜନ କରାଯାଇଥିଲା। ଯେଉଁଥିରେ ୧୦୦ରୁ ଅଧିକ ବିଭିନ୍ନ ବୟସର ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଉକ୍ତ ଶିବିରରେ ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡା. ସାରଦା ପ୍ରସନ ମହାନ୍ତି ଓ ଏସ୍‌ଏଲ୍‌ବିସି ଓଡ଼ିଶାର ଇନ୍‌ଚାର୍ଜ ଲିଙ୍ଗରାଜ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢାଇଥିଲେ। ଏସ୍‌ଏଲ୍‌ବିସି ଇନଚାର୍ଜ ନାୟକ ମଧ୍ୟ ଗ୍ରାମବାସୀଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଓ ସଚେତନତା ସୃଷ୍ଟିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ଓ ଜନସୁରକ୍ଷା ଯୋଜନାଗୁଡ଼ିକର ଲାଭ ବିଷୟରେ ସ୍ପଷ୍ଟ ବ୍ୟାଖ୍ୟା କରିଥିଲେ। ପରିଶେଷରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସୌମ୍ୟଦର୍ଶନ କର ମୁଖ୍ୟ ଅତିଥିମାନଙ୍କୁ ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଦେବା ସହିତ ଅଭିଯାନକୁ ସଫଳ କରିବାରେ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।




# ଡ. ବି. କେ. ମିଶ୍ର ଇମ୍ଫାର ଅଣ କାର୍ଯ୍ୟକାରୀ ଅଧ୍ୟକ୍ଷ

ଭୁବନେଶ୍ୱର,୩୧।୭ (ଅଭୟ ଦାଶ)

ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା)ର ନୂତନ ଅଣ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଡ. ବି.କେ. ମିଶ୍ର ନିକଟରେ ନିଯୁକ୍ତ ହୋଇଛନ୍ତି। ଡ. ମିଶ୍ର ଏନ୍‌ଆଇଟି ରାଉରକେଲାରୁ ମେଟାଲର୍ଜିକାଲ ଇଞ୍ଜିନିୟରିଂ ଏବଂ ଯୁକ୍ତରାଷ୍ଟ୍ରର ଉଟାହ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି।

ଅପରପକ୍ଷରେ ଡ. ମିଶ୍ରଙ୍କୁ ନିଯୁକ୍ତି ପଦ୍ମଶ୍ରୀ ଏନ୍. ଆର୍. ମହାନ୍ତିଙ୍କ ଅବସର ପରେ ମିଳିଛି। ୨୦୦୫ରେ ପଦ୍ମଶ୍ରୀ ମହାନ୍ତି ସ୍ୱାଧୀନ ନିର୍ଦ୍ଦେଶକ ଭାବେ ବୋର୍ଡରେ ଯୋଗ ଦେଇଥିଲେ ଏବଂ ୨୦୨୧ ଜୁଲାଇରେ ସେ ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ।


ଡ଼. ବି କେ ମିଶ୍ର

ଏ ସମ୍ପର୍କରେ ଇମ୍ଫାର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ମୁଁ ପରିଚାଳନା ପକ୍ଷରୁ ଡ. ମିଶ୍ରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। କମ୍ପାନୀର ମୂଳ ବ୍ୟବସାୟ ସମ୍ପର୍କରେ ତାଙ୍କର ଅସାଧାରଣ ଜ୍ଞାନ ଅଛି। ଆମେ ଏହି କ୍ଷେତ୍ରରେ ସ୍ପଷ୍ଟ ନେତା ଭାବେ ଉଭାହେବା ପାଇଁ ସମ୍ପ୍ରସାରଣ ଯୋଜନା କାର୍ଯ୍ୟକାରୀ କରିବା ସମୟରେ ତାଙ୍କ ମାର୍ଗଦର୍ଶନ ପାଇଁ ମୁଁ ଅପେକ୍ଷା କରିଛି। ସେହିଭଳି ମୁଁ ଏନ୍. ଆର୍. ମହାନ୍ତିଙ୍କ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ପାଇଁ କୃତଜ୍ଞତା ପ୍ରକାଶ କରିବାକୁ ଚାହୁଁଛି। ଯାହା ବର୍ଷ ବର୍ଷ ଧରି ଆମକୁ ବ୍ୟବସାୟ ଚକ୍ର ମାଧ୍ୟମରେ ଗତି କରିବାରେ ଏବଂ ଅଂଶୀଦାରମାନଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବାରେ ଧ୍ୟାନ ଦେବାରେ ସାହାଯ୍ୟ କରିଛି। ମୋ ସହକର୍ମୀଙ୍କ ପକ୍ଷରୁ ମୁଁ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ କାମନା କରୁଛି।

# Classified Everyday
0674-2580101, 9692975378



## REAL ESTATE
## SALE

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343. D-76296

A Commercial Plot 10000sqft. Facing to NH (Nakhara to Niali) 10KM from Nakhara 60x166, 3sides Road Personal plot Contact only owners- 7809525452 D-76477

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

A commercial hall at main road facing around 1000 SFT. At- Gajapati Nagar near Kaling Hospital Square, Bhubaneswar for sale. Contact- 7008283108 D-1444

A gharabari corner plot at Brahmanjharilo near Phulanakhara, Cuttack, 1560sft. 20lakhs including registration & compoundwall. 7809525452. D-76478

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/- . 8328868883. D-76284

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492. D-1376

Nearest Grand Bazar Project 30 Feet Wide Road Gharabari Plot with Boundarywall 1.5Km. Distance from NH-16 Price-1800/- Per Square Feet. Contact- 9337493150. D-1485




Full body massage experience, good looking therapist @999 (Bhubaneswar). 9078484455. D-1325

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Newly open health benefits SPA special Offer @ 799 Bapujinagar. 7327058897. D-76931




Ground Floor, 02 Bed Rooms, Drawing, Dining, Kitchen, Puja Room, Washing space, 02 Toilet, Portico, entire marble flooringis readily available for Family on rent @ 12,000/- PM at 1st lane, Pandav Nagar, Tankapani Road, Bhubaneswar. Contact- 8895353910, 9439263861. D-76069

## AFFIDAVIT

By an affidavit before the Notary Public Bhubaneswar, I Kamala Kanta Mallik, S/o- Sanjay Kumar Mallik of Kanpur, Garudagaon, Tangi, Cuttack as mentioned in H.S.C. Certificate but in Aadhaar No.- XXXX XXXX 4994 it shows Kamalakanta Mallik. Henceforth, Kamala Kanta Mallik & Kamalakanta Mallik is one and same person. D-1499

By this affidavit No.-9, date 30.07.25 before the Executive Magistrate, Bhawanipatna, Kalahandi, I, Damayanti Sureh Durga, D/o- Ransai Naik, W/o- Late Suresh Ramu Durga, R/o. At/P.O.- Majhiguda, P.S.- Koksara, Dist.- Kalahandi, Odisha declare that before marriage my name is Damayanti Naik which is mentioned all my Educational Documents. After marriage I have changed my name to Damayanti Suresh Durga which is mentioned in my Aadhaar Card, PAN Card and Bank Passbook. So that both the names belongs to one and same person. D-1500

By virtue of an affidavit sworn before Executive Magistrate, Bhubaneswar, C.F. No.- 25, dated 30.07.2025, I SK ABDULLAH, S/o- LATE SK ABUJAFAR, At-RAHAMAT NAGAR, RAGHUNATH NAGAR, P.O.- DUMUDUMA, P.S.- KHANDAGIRI, BHUBANESWAR, DIST.- KHORDHA, PIN-751019, ODISHA declare that I have changed my name from ABDULLAH LAIK to SK ABDULLAH. Henceforth, I shall be known as SK ABDULLAH for all future purposes. D-1498

I, Kshira Sagara Behera, S/o- Late Siddheswar Behera, resident of Ward No.- 43, Niladri Vihar, P.O.- Nayabazar, P.S.- Chauliaganj, Dist.- Cuttack, PIN- 753004, Odisha declare by this affidavit No.- 8495, dtd. 30.07.2025. That now onwards I shall be known as KSHIRA SAGAR BEHERA for all future purposes. D-1501

By virtue of an affidavit sworn before Executive Magistrate, Chhendipada Vide No.- 1315, dated 31.07.2025, I, Dali Jena, resident of Village- Jhintipal, P.O.- Korada, P.S.-Nisha, Dist.- Angul (Odisha), India declare that I have changed my name from Dali Sahu to Dali Jena. Henceforth, I shall be known as Dali Jena for all purpose. D-1504

ମୁଁ ବିଜୟିନୀ ପାଣି, ପିତା- ସ୍ୱର୍ଗତ ବିଶ୍ୱନାଥ ଜେନା, ରଘୁନାଥପୁର, ଉକୁନ୍ଦରା, ଜଗତ୍‌ସିଂହପୁର ଘୋଷଣା କରୁଅଛି କି ମୋର ବିବାହର କିଛି ବର୍ଷ ପରେ ସ୍ୱାମୀ ଅରୁଣ ପାଣି, ପିତା- ସ୍ୱର୍ଗତ କୃଷ୍ଣ ପାଣି, କୁଳକଇଜଙ୍ଗା, ଜଗତ୍‌ସିଂହପୁରଙ୍କର ଦେହାନ୍ତ ହେଲା। ତେଣୁ ମୁଁ ମୋ ବାପଘରେ ରହି ଆସୁଅଛି। ମୁଁ ମୋର ବାପଘର ସଂଜ୍ଞା ଅନୁସାରେ ଜମିଜମା ରେକର୍ଡ ରଖିବାକୁ ଚାହୁଁଛି। ଧ-୧୫୦୪

## LEGAL NOTICE

Letter No.- 1370, Date-19.07.2025

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ-୪, ସ୍ଥାନ ସରକାରୀ ଅଫିସ, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲା-ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ.-୨୫୨/ ୨୦୨୪
ନିରଞ୍ଜନ ପାଣିଗ୍ରାହୀ ....ବାଦୀ
ବନାମ
ସଞ୍ଜୟ ଦାସ ଏବଂ ଅନ୍ୟମାନେ ....ପ୍ରତିବାଦୀ
ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ

୨। ବାସନ୍ତୀ ଦାସ, ସ୍ୱାମୀ- ସ୍ୱର୍ଗତ ଧୋବେଇ ଦାସ, ୪। ଟୁନା ଦାସ, ୫। ଶଙ୍କର ଦାସ ଉଭୟଙ୍କର ପିତା ସ୍ୱର୍ଗତ ହରି ଦାସ, ସମସ୍ତଙ୍କର ବାସସ୍ଥାନ ସା- ରଙ୍ଗମାଟିଆ, ପୋଷ୍ଟ/ଥାନା-ମଞ୍ଚେଶ୍ୱର, ଜିଲା-ଖୋର୍ଦ୍ଧା, ୭। ସଞ୍ଜୟ କୁମାର ସାହୁ, ପିତା ନିତ୍ୟାନନ୍ଦ ସାହୁ, ୮। ସୁପ୍ରଭାମୟୀ ରାଉତରାୟ, ସ୍ୱାମୀ ସଞ୍ଜୟ କୁମାର ସାହୁ, ଉଭୟଙ୍କର ବାସସ୍ଥାନ ସା-ଏସ୍.ଡି.-୨, ଭି.ଏସ୍.ଏସ୍. ନଗର, ପୋଷ୍ଟ- ବାଣୀବିହାର, ଥାନା-ସହିଦନଗର, ଭୁବନେଶ୍ୱର, ଜିଲା-ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ କେସ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.୨,୪ ଏବଂ ୫ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ. ୭ ଓ ୮ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି। ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.୪ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୦୧।୦୯।୨୦୨୫ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ
ମୌଜା- ଗାଡ଼କଣ ୟୁନିଟ୍-୩୯, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ସାବକ ଖାତା ନଂ.- ୨୮୮, ସାବକ ପ୍ଲଟ୍ ନଂ.- ୧୧୩୭, ଏରିଆ- ଏ.୦.୦୮୫ଡି., ହାଲ୍ ଖାତା ନଂ.- ୧୧୧୩, ହାଲ୍ ପ୍ଲଟ୍ ନଂ.- ୩୯୦୯, ଏରିଆ- ଏ.୦.୦୮୫ଡି.

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-୪ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୧୪୯୭

# ପୋଗାକାର ଅପ୍ରତିଦ୍ୱନ୍ଦ୍ୱୀ



ଟାଡେଜ ପୋଗାକାର

**ସମ୍ମାନଜନକ ଟୁର ଡି' ଫ୍ରାନ୍ସ ସାଇକେଲ ରେସ୍‌ରେ ସ୍ଲୋଭେନିଆର ଟାଡେଜ ପୋଗାକାର ଚାମ୍ପିୟନ ହୋଇଛନ୍ତି। ଭିଶ୍ମା-ଲିଜ୍ ଏ ବାଇକ୍ ଟିମ୍‌ର  ବେଲଜିଆନ ରାଇଡର ଆଉଟ୍ ଭାନ ଆର୍ଟ ୨୧ତମ ତଥା ଅନ୍ତିମ ଷ୍ଟେଜରେ ବିଜେତା ହୋଇଥିଲେ ମଧ୍ଯ ଚତୁର୍ଥ ସ୍ଥାନରେ ରହି ଶେଷ ଷ୍ଟେଜ ଫିନିଶ କରିଥିବା ପୋଗାକାର ଓଭରଅଲ୍ ପ୍ରଥମ ସ୍ଥାନରେ ରହି ଟାଇଟଲ ଜିତିଛନ୍ତି...**

ଚଳିତ ବର୍ଷ ସବୁଠୁ ସମ୍ମାନଜନକ ସାଇକେଲ ରେସ ଇଭେଣ୍ଟ ଟୁର ଡି ଫ୍ରାନ୍ସରେ ସ୍ଲୋଭେନିଆର ଟାଡେଜ ପୋଗାକାର ଚାମ୍ପିୟନ ହୋଇଛନ୍ତି। ବେଲଜିୟମର ଆଉଟ୍ ଭାନ ଆର୍ଟ ଭିଶ୍ମା-ଲିଜ୍ ଏ ବାଇକ୍, ଯାହାକି ଟୁର ଡି' ଫ୍ରାନ୍ସ ସାଇକେଲ ଇଭେଣ୍ଟର ୨୧ତମ ତଥା ଅନ୍ତିମ ଷ୍ଟେଜରେ ଚାମ୍ପିୟନ ହୋଇଥିଲେ। କିନ୍ତୁ ଚତୁର୍ଥ ସ୍ଥାନରେ ରହି ଅନ୍ତିମ ଷ୍ଟେଜ ଫିନିଶ କରିଥିବା ପୋଗାକାର ଓଭରଅଲ୍ ଚାମ୍ପିୟନ ହୋଇଥିଲେ। ଏହା ପୋଗାକାରଙ୍କ ଲାଗି ଚତୁର୍ଥ ଟୁର ଡି' ଫ୍ରାନ୍ସ ଟାଇଟଲ। ଗତ ୬ ବର୍ଷରେ ସେ ୪ ଥର ଟୁର ଡି' ଫ୍ରାନ୍ସ ଜିତିଥିବା ବେଳେ ଦୁଇ ଥର ରନରଅପ୍ ରହିଛନ୍ତି। ଏହାର ଅର୍ଥ ସେ ଲଗାତର ୬ ବର୍ଷ ହେଲା ପୋଡିୟମ ଫିନିଶ୍ କରୁଛନ୍ତି। ଏହା ଟୁର ଡି ଫ୍ରାନ୍ସ ରେସ୍‌ରେ ତାଙ୍କ ପ୍ରାଧାନ୍ୟକୁ ଦର୍ଶାଉଛି। ପୂର୍ବରୁ ସେ ୨୦୨୦, ୨୦୨୧ ଓ ୨୦୨୪ ସଂସ୍କରଣରେ ଚାମ୍ପିୟନ ହୋଇଥିଲେ। ଏଥର ସେ ସଫଳତାର ସହିତ ନିଜ ଟାଇଟଲକୁ ଡିଫେଣ୍ଡ କରିଛନ୍ତି। ଏହା ତାଙ୍କୁ ବିଶ୍ୱର ମହାନ ବାଇକ୍ ରାଇଡରଙ୍କ ମଧ୍ୟରେ ପରିଗଣିତ କରୁଛି। ତାଙ୍କଠାରୁ କେବଳ ଜ୍ୟାକକୁଇଜ ଆନକ୍ୱେଟିଲ, ଏଡି ମର୍କକ୍ସ, ବର୍ନାର୍ଡ ହିନଲ୍ଟ ଓ ମିଗୁଏଲ ଇଣ୍ଡୁରେନ ଅଧିକ ଥର ଟୁର ଡେ ଫ୍ରାନ୍ସ ରେସ ଜିତିଛନ୍ତି। ଏମାନେ ସମସ୍ତେ ୫ ଥର ଲେଖାଏ ଚାମ୍ପିୟନ ହୋଇଥିଲେ। ଏମାନଙ୍କ ମଧ୍ୟରୁ କେବଳ ଇଣ୍ଡୁରେନ ଏକମାତ୍ର ପୁରୁଷ ଭାବେ ଲଗାତର ୫ ବର୍ଷ ଚାମ୍ପିୟନ ହୋଇଥିଲେ। ୧୯୯୮ ସେପ୍ଟେମ୍ବର ୨୧ ତାରିଖରେ ସ୍ଲୋଭେନିଆର ରାଜଧାନୀ ଲୁବ୍ଲାନାଠାରେ ପୋଗାକାରଙ୍କ ଜନ୍ମ। ପୋଗାକାରଙ୍କ ବଡ଼ ଭାଇ ତିଲେନ ମଧ୍ୟ ଜଣେ ରାଇଡର ଥିଲେ। ଟାଡେଜ ତାଙ୍କ ବଡ଼ ଭାଇଙ୍କ ଦ୍ୱାରା ପ୍ରଭାବିତ ହୋଇ ୯ ବର୍ଷ ବୟସରେ ରଗ ଲୁବ୍ଲାନା କ୍ଲବରେ ଯୋଗ ଦେଇଥିଲେ। ୨୦୧୧ରେ ପୋଗାକାରଙ୍କ ଉପରେ ରୋଡ୍ ୱାର୍ଲ୍ଡ ଚାମ୍ପିୟନଶିପ୍ ମେଡାଲିଷ୍ଟ ଆନ୍ଦ୍ରେଜ ହଫ୍‌ମ୍ୟାନଙ୍କ ନଜର ପଡ଼ିଥିଲା। ହଫ୍‌ମ୍ୟାନ ତାଙ୍କୁ ପ୍ରାରମ୍ଭିକ କୋଚିଂ ଦେଇଥିଲେ। ହଫ୍‌ମ୍ୟାନ ସ୍ଲୋଭେନିଆନ ଜାତୀୟ ସାଇକ୍ଲିଂ ଦଳର ମୁଖ୍ୟ କୋଚ୍ ଓ ଚୟନକର୍ତ୍ତା ମଧ୍ୟ ଥିଲେ। ଏକ ରେସରେ ପୋଗାକାର ତାଙ୍କଠାରୁ ବୟସରେ ବଡ଼ ଥିବା ରାଇଡରଙ୍କଠାରୁ ୧୦୦ ମିଟର ପଛରେ ପଡ଼ିଯାଇଥିବା ଚିନ୍ତା କରି କୋଚ୍ ହଫ୍‌ମ୍ୟାନ ଆୟୋଜକଙ୍କୁ ପୋଗାକାରଙ୍କୁ କିଛି ସହାୟତା ପ୍ରଦାନ କରିବାକୁ କହିଥିଲେ। ହେଲେ ଯୁବ ରାଇଡର ପୋଗାକାର ଅନ୍ୟ ରାଇଡରଙ୍କଠାରୁ ଗୋଟିଏ ଲ୍ୟାପ ଆଗରେ ଚାଲିଥିବା ଆୟୋଜକମାନେ କହିଥିଲେ। ଏହାପରେ ୨୩ ବର୍ଷରୁ କମ୍ ରଗ୍ ଲୁବ୍ଲାନା ଦଳରେ ପୋଗାକାରଙ୍କୁ ସାମିଲ କରାଯାଇଥିଲା। ୨୦୧୮ରେ ସେ ସ୍ଲୋଭେନିଆନ ଜାତୀୟ ଦଳ ପକ୍ଷରୁ ଟୁର ଡି ଆଇ' ଆଭେନିର ଜିତିଥିଲେ। ସିନିୟର ସ୍ତରରେ ପଦାର୍ପଣ କରିବା ପୂର୍ବରୁ ସେ ଜୁନିୟର ସ୍ତରରେ ସଫଳ ରାଇଡର ଥିଲେ। ୨୦୧୮ ଅଗଷ୍ଟରେ ୟୁଏଇ ଟିମ୍ ଏମିରେଟ୍ସ ପୋଗାକାରଙ୍କ ସହ ଚୁକ୍ତି କରିଥିଲା। ୨୦ ବର୍ଷ ବୟସରେ ୨୦୧୯ରେ ସେ ସର୍ବକନିଷ୍ଠ ସାଇକ୍ଲିଷ୍ଟ ଭାବେ ଟୁର ଅଫ୍ କାଲିଫର୍ନିଆରେ ୟୁସିଆଇ ୱାର୍ଲ୍ଡ ଟୁର ରେସ ଜିତିଥିଲେ। ଏଥିସହିତ ଭୁଏଲ୍ଟା ଏ ଏସ୍ପାନାର ୩ଟି ଷ୍ଟେଜରେ ଜିତିବା ସହ ଓଭରଅଲ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ ଏବଂ ୟଙ୍ଗ ରାଇଡର ଟାଇଟଲ ଜିତିଥିଲେ। ସେ ଟୁର ଅଫ୍ କାଲିଫର୍ନିଆ ଜିତିବା ସହ ସର୍ବକନିଷ୍ଠ ରାଇଡର ଭାବେ ୟୁସିଆଇ ୱାର୍ଲ୍ଡଟୁର ଷ୍ଟେଜ ରେସ ଜିତିଥିଲେ। ୨୦୨୦ରେ ଟୁର ଡେ ଫ୍ରାନ୍ସରେ ସେ ପଦାର୍ପଣ କରିଥିଲେ। ସେ ସପ୍ତମ ଷ୍ଟେଜ ଦୁଇ ମିନିଟ୍ ବ୍ୟବଧାନରେ ପରାସ୍ତ ହୋଇଥିଲେ, ଯାହା କି ଅତ୍ୟଧିକ ପବନ ଯୋଗୁ ହୋଇଥିଲା। ଏହାର ପରଦିନ ସେ ଆଟାକିଂ ରାଇଡିଂ କରି ଅନ୍ୟ ସମସ୍ତ ରାଇଡରଙ୍କଠାରୁ ୩୮ ସେକେଣ୍ଡ ଆଗରେ ପହଞ୍ଚିଥିଲେ। ତାଙ୍କ ଦେଶର ଫାବିଓ ଆରୁ ନବମ ଷ୍ଟେଜରୁ ଓହରିବା ପରେ ପୋଗାକାର ସେହି ଷ୍ଟେଜକୁ ଜିତିଥିଲେ, ଯାହାକି ତାଙ୍କର ପ୍ରଥମ ଟୁର ଷ୍ଟେଜ ବିଜୟ ଥିଲା। ସେ ୧୯୮୩ ପରେ ପ୍ରଥମ ଓ ମୋଟ ଉପରେ ୧୨ତମ ରାଇଡର ଭାବେ ପ୍ରଥମ ଉଦ୍ୟମରେ ଟୁର ଡି ଫ୍ରାନ୍ସରେ ଚାମ୍ପିୟନ ହୋଇଥିଲେ। ଏହାର ପର ସିଜନରେ ୟୁଇଏ ଟୁର, ଟିରେନୋ-ଆଡ୍ରିଆଟିକୋ, ଲିଜ-ବାଷ୍ଟୋଗ୍ନେ-ଲିଜ ଓ ଟୁର ଅଫ୍ ସ୍ଲୋଭେନିଆ ଜିତିଥିଲେ। ୨୦୨୧ ଟୁର ଡି' ଫ୍ରାନ୍ସରେ ସେ ଜେନେରାଲ କ୍ଲାସିଫିକେଶନ, ମାଉଣ୍ଟେନ୍ସ କ୍ଲାସିଫିକେଶନ, ୟଙ୍ଗ ରାଇଡର କ୍ଲାସିଫିକେଶନରେ ଚାମ୍ପିୟନ ହୋଇଥିଲେ। ଏଥିସହିତ ସେ ଗିରୋ ଡି ଲମ୍ବାର୍ଡିଆ ଓ ଲିଜ-ବାଷ୍ଟୋଗ୍ନେ-ଲିଜ ଆଦି ଦିନିକିଆ ରେସ ଜିତିଥିଲେ। ୨୦୨୨ରେ ପୋଗାକାର ୟୁଏଇ ଟୁରରେ ତାଙ୍କ ଟାଇଟଲ ଡିଫେଣ୍ଡ କରିଥିଲେ। ଷ୍ଟ୍ରାଡେ ବିଆଙ୍କେ ରେସରେ ଫିନିଶିଂ ଲାଇନ୍‌ଠାରୁ ୧୦୦ କିମି ଦୂରରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏହାସତ୍ତ୍ୱେ ସେ ପ୍ରଥମେ ଫିନିଶିଂ ଲାଇନ ଟଚ୍ କରିଥିଲେ। ଏହି ବର୍ଷ ସେ ଟୁର ଅଫ୍ ସ୍ଲୋଭେନିଆ, ଗିରୋ ଡି ଲମ୍ବାର୍ଡିଆ, ଜିପି ଡେ ମଣ୍ଟ୍ରିଲ, ଟ୍ରେ ଭାଲି ଭାରେଶାଇନରେ ଜିତିଥିଲେ। ୨୦୨୩ ସିଜନ ଆରମ୍ଭରୁ ସେ ଟୁର ଅଫ୍ ଫ୍ଲାଣ୍ଡର୍ସ ଜିତିଥିଲେ। ଟୁର ଡି' ଫ୍ରାନ୍ସରେ ୟଙ୍ଗ ରାଇଡର କ୍ଲାସିଫିକେଶନ ସହ ପ୍ୟାରିସ-ନାଇସ, ଭୁଏଲ୍ଟା ଏ ଆଣ୍ଡୁଲୁସିଆରେ ବିଜୟୀ ହୋଇଥିଲେ। ୨୦୨୪ ତାଙ୍କ କ୍ୟାରିୟର ଲାଗି ସ୍ୱର୍ଣ୍ଣିମ ବର୍ଷ ଥିଲା। ଏହି ବର୍ଷ ସେ ଟୁର ଡି ଫ୍ରାନ୍ସ ଓ ଗିରୋ ଡି ଇଟାଲିଆରେ ଚାମ୍ପିୟନ ହୋଇଥିଲେ। ଉଭୟ ଗ୍ରାଣ୍ଡ ଟୁରର ସେ ମୋଟ ୧୨ ଷ୍ଟେଜରେ ଚାମ୍ପିୟନ ହୋଇଥିଲେ। ଏଥିସହିତ ସେ ଭଲ୍ଟା ଏ କାଟାଲୁନ୍ୟା, ୱାର୍ଲ୍ଡ ରୋଡ୍ ରେସ ଚାମ୍ପିୟନଶିପ୍ସ, ଲିଜ-ବାଷ୍ଟୋଗ୍ନେ-ଲିଜ, ଷ୍ଟାଡେ ବିଆଙ୍କେ, ଜିପି ଡି ମଣ୍ଟ୍ରିଲ ଓ ଗିରୋ ଡେଲ ଏମିଲାରେ ସେ ବିଜୟୀ ହୋଇଥିଲେ। ସେ ଅଗଷ୍ଟରେ ହେବାକୁ ଥିବା ଭୁଏଲ୍ଟା ଏ ଏସ୍ପାନା ଭାଗ ନ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ବଦଳରେ ସେ ନିଜ ଶରୀରକୁ ରିକଭର କରିବାକୁ ସମୟ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ରେସରେ ଏଭଳି ସଫଳତା ଯୋଗୁ ପୋଗାକାର ୟୁସିଆଇ ରୋଡ ରେସିଂରେ ୱାର୍ଲ୍ଡ ନଂ-୧ ହୋଇ ରହିଛନ୍ତି। ଏପରି କି ତାଙ୍କ ନାମରେ ସର୍ବାଧିକ ସଂଖ୍ୟକ ସପ୍ତାହ ଧରି ୱାର୍ଲ୍ଡ ନଂ-୧ ହୋଇ ରହିବାର ରେକର୍ଡ ରହିଛି। ଏଥିସହିତ ଲଗାତର ସର୍ବାଧିକ ସଂଖ୍ୟକ ସପ୍ତାହ ଧରି ୱାର୍ଲ୍ଡ ନଂ-୧ ହୋଇ ରହିବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି।

# ଅପରାଜିତାଙ୍କ ପାଇଁ ନୂଆ ଉପଲବ୍ଧି

## ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଲାଗି ଏଫ୍‌ପିଓ ନିଯୁକ୍ତ



ଭାରତର ପ୍ରଥମ ମହିଳା ଭାବେ ଫେୟାର ପ୍ଲେ ଏକ୍ସପର୍ଟ (ଏଫ୍‌ପିଇ) ଟାଇଟଲ୍ ପାଇଥିବା ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ଅପରାଜିତା ଗୋଛିକାର ଏବେ ଏକ ନୂଆ ଉପଲବ୍ଧି ହାସଲ କରିବାକୁ ଯାଉଛନ୍ତି। ଆମେରିକାର ୱାଶିଂଟନଠାରେ ଆସନ୍ତା ୨୦୨୫ ଅଗଷ୍ଟ ୨ରୁ ୭ ପର୍ଯ୍ୟନ୍ତ ହେବାକୁଥିବା ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ତଦାରଖ ପାଇଁ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ (ଫିଡେ) ପକ୍ଷରୁ ତାଙ୍କୁ ନିଯୁକ୍ତି ଦିଆଯାଇଛି। ସେଠାରେ ଅପରାଜିତା ଜର୍ମାନୀର ଜୁଏର୍ଗେନ୍ କ୍ଲୁଏନର୍ସଙ୍କ ସହ ଇଭେଣ୍ଟର ଫେୟାର ପ୍ଲେ ଅଫିସର (ଏଫ୍‌ପିଓ) ଦାୟିତ୍ୱ ତୁଲାଇବେ। ଅନ୍ତର୍ଜାତୀୟ ଚେସ୍ ଫେଡେରେଶନର ସଭାପତି ଆର୍କାଡି ଡଭୋରକୋଭିଚ୍ ତାଙ୍କୁ ଏହି ପଦବୀରେ ନିଯୁକ୍ତ କରିଥିବା ଅପରାଜିତା ପ୍ରକାଶ କରିଛନ୍ତି। ଏହି ଇଭେଣ୍ଟରେ ଭାରତ ସମେତ ୪୮ ଦେଶର ୫୫ଟି ଦଳ ଅଂଶଗ୍ରହଣ କରିବେ। ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ପରି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଫେୟାର ପ୍ଲେ ଅଫିସର ଦାୟିତ୍ୱ ତୁଲାଇବାକୁ ଯାଉଥିବାରୁ ସ୍ୱାଭାବିକ ଭାବେ ଖୁସି ଅଛନ୍ତି ଅପରାଜିତା। ତାଙ୍କ ଉପରେ ଆସ୍ଥା ରଖିଥିବାରୁ ସେ ଫିଡେକୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ଏହା ତାଙ୍କ ପାଇଁ ଏକ ନୂଆ ଉପଲବ୍ଧି ହେବ ବୋଲି ସେ କହିଛନ୍ତି।

## ଅଭିଲେଖ


ଫିଡେ ମହିଳା ବିଶ୍ୱକପ ଟ୍ରଫି ସହ ଦିବ୍ୟା ଦେଶମୁଖ।

ସେଣ୍ଟ ଆଲୋୟସିଅସ
ୟୁନିଭର୍ସିଟିର
ରେମୋନା ଡ୍ୟାନ୍ସରେ ସ୍ତବ୍ଧ
ଶହେ ସତୁରି ଘଣ୍ଟା ତା ଭାରତ
ନାଟ୍ୟମ
ନୃତ୍ୟ କଳା ମନ୍ତ୍ର ମୁଗ୍ଧ
ନୂଆ କୀର୍ତ୍ତି ଉପଲବ୍ଧ
ଗୋଲଡେନ ବୁକ ଅଫ ୱାର୍ଲ୍ଡ
ରେକର୍ଡ୍ସରେ
ନାମ ହେଲା ଲିପିବଦ୍ଧ।
ଆଇସିସି ଟେଷ୍ଟ ଖେଳାଳି ର୍‍ୟାଙ୍କିଙ୍ଗ
ହୋଇ ଅଛି ପ୍ରକାଶିତ
ନମ୍ବର ୱାନ ଅଲରାଉଣ୍ଡର ଟିମ
ଜାଡେଜା ଗାଉଛି ଗୀତ
ଟେଷ୍ଟ କ୍ରିକେଟରେ ମିତ
ଟି ଟ୍ୱେଣ୍ଟି ବ୍ୟାଟରଙ୍କ ଟପରେ
ଅଭିଷେକ ଶର୍ମା ସତ।
ପଚିଶ ଶହ ରେଟିଂର ନର୍ମ ନ ଥାଇ
ଆମ ଦିବ୍ୟା ଦେଶମୁଖ
ଭାରତର ନୂଆ
ଗ୍ରାଣ୍ଡ ମାଷ୍ଟର ଏବେ
ଏକଜାମ୍ପୁଲ ହେଲେ ଦେଖ
ଏ ନିଉ ହିଷ୍ଟୋରୀ ଲେଖ
ନିଷ୍ଠା ପାଇଁ ବ୍ୟକ୍ତି ରେକର୍ଡ୍ସ ବନଇ
ନୂଆ ନୂଆ ଅଭିଲେଖ।

-ସୁବାସ ଚନ୍ଦ୍ର ପ୍ରଧାନ

# ଟୁର୍ ଡି ଫ୍ରାନ୍ସ

**ଟୁର ଡି ଫ୍ରାନ୍ସ ରେସ ସାଧାରଣତଃ ୩,୫୦୦ କିମି  ବିଶିଷ୍ଟ ହୋଇଥାଏ। ଏହା ଫ୍ରାନ୍ସ ଓ ଏହାର ପଡ଼ୋଶୀ ଦେଶ ବେଲଜିୟମରେ ଆୟୋଜିତ ହୁଏ। ପ୍ରତ୍ୟେକ ବର୍ଷ ପ୍ୟାରିସରେ ଏହି ରେସ ଶେଷ ହେଉଥିବାବେଳେ କେବଳ ୨୦୨୪ରେ ପ୍ୟାରିସ ଅଲିମ୍ପିକ୍ସ କାରଣରୁ ବ୍ୟତିକ୍ରମ ଘଟିଥିଲା...**



ଟୁର ଡି ଫ୍ରାନ୍ସ ହେଉଛି ଏକ ବାର୍ଷିକ ରୋଡ୍ ସାଇକେଲ ରେସ। ଏହା ପ୍ରତ୍ୟେକ ବର୍ଷ ଜୁଲାଇ ମାସରେ ୨୩ ଦିନ ଧରି ଅନୁଷ୍ଠିତ ହୁଏ। ୧୯୦୩ରେ ଏକ ଖବରକାଗଜ ଏଲ' ଅଟୋ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ସାଇକେଲ ରେସ 'ଗ୍ରାଣ୍ଡ ଟୁର୍ସ'ର ଅନ୍ୟତମ ସମ୍ମାନଜନକ ଟୁର୍ନାମେଣ୍ଟ। ଗ୍ରାଣ୍ଡ ଟୁର୍ସରେ ଗିରୋ ଡି' ଇଟାଲିଆ ଓ ଭୁଏଲଟା ଏ ଏସ୍ପାନା ଭଳି ସମ୍ମାନଜନକ ଟୁର୍ନାମେଣ୍ଟ ରହିଛି। ଟୁର ଡି ଫ୍ରାନ୍ସ ରେସ ସାଧାରଣତଃ ୩,୫୦୦ କିମି  ବିଶିଷ୍ଟ ହୋଇଥାଏ। ଏହା ଫ୍ରାନ୍ସ ଓ ଏହାର ପଡ଼ୋଶୀ ଦେଶ ବେଲଜିୟମରେ ଆୟୋଜିତ ହୁଏ। ଏହି ରେସକୁ ବିଭିନ୍ନ ଦିନିକିଆ ଷ୍ଟେଜରେ ଭାଗ ଭାଗ କରାଯାଇଛି। ରେସ ଶେଷ ହେବା ପରେ ପ୍ରତ୍ୟେକ ପର୍ଯ୍ୟାୟକୁ ଶେଷ କରିବା ପାଇଁ ରାଇଡରଙ୍କୁ ଲାଗିଥିବା ସମୟକୁ ହିସାବକୁ ନେଇ ବିଜେତା ନିର୍ଦ୍ଧାରଣ କରାଯାଏ। ପ୍ରତ୍ୟେକ ବର୍ଷ ରେସର ବିଭିନ୍ନ ପର୍ଯ୍ୟାୟରେ ପରିବର୍ତ୍ତନ କରାଯାଏ। କିନ୍ତୁ ପ୍ରତ୍ୟେକ ବର୍ଷ ପ୍ୟାରିସରେ ଏହି ରେସ ଶେଷ ହୁଏ। କେବଳ ୨୦୨୪ରେ ପ୍ୟାରିସ ଅଲିମ୍ପିକ୍ସ କାରଣରୁ ଏହି ରେସ୍ ନାଇସ୍ ସହରରେ ଶେଷ ହୋଇଥିଲା। ୧୯୭୫ଠାରୁ ଏହି ରେସ ଚାମ୍ପ ଏଲିସିସଠାରେ ଶେଷ ହୋଇଆସୁଛି। ପ୍ରତ୍ୟେକ ଷ୍ଟେଜର ରେସ ଶେଷ ହେବା ପରେ ସବୁଠୁ କମ୍ ସମୟ ନେଇଥିବା ରାଇଡର ହଳଦିଆ ଜର୍ସି ପିନ୍ଧନ୍ତି, ଯାହାକି ଜେନେରାଲ କ୍ଲାସିଫିକେଶନର ଅଗ୍ରଣୀ ରାଇଡରଙ୍କୁ ପ୍ରତିନିଧିତ୍ୱ କରେ। ସେହିଭଳି ପଏଣ୍ଟ କ୍ଲାସିଫିକେଶନରେ ଆଗରେ ଥିବା ରାଇଡର ସବୁଜ, ମାଉଣ୍ଟେନ୍ସ କ୍ଲାସିଫିକେଶନରେ ଆଗରେ ଥିବା ରାଇଡର ପଲକା ଡଟ୍ ଜର୍ସି ଓ ଯୁବ ରାଇଡର କ୍ଲାସିଫିକେଶନରେ ଆଗରେ ଥିବା ରାଇଡର ଧଳା ଜର୍ସି ପିନ୍ଧନ୍ତି।

# ଓଭାଲ ଟେଷ୍ଟରେ ବର୍ଷା ବାଧା

**ଲଣ୍ଡନ, ୩୧।୭**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ୫ମ ତଥା ଅନ୍ତିମ କ୍ରିକେଟ ମ୍ୟାଚ ଗୁରୁବାର ଓଭାଲରେ ଆରମ୍ଭ ହୋଇଛି। ବର୍ଷା ଯୋଗୁ ଖେଳ ଦୁଇଥର ବାଧାପ୍ରାପ୍ତ ହୋଇଛି। ରିପୋର୍ଟ ପ୍ରସ୍ତୁତ ବେଳକୁ ଭାରତ ୩ ଉଇକେଟ ହରାଇ ୮୫ ରନ କରିଛି।

ଟସ୍ ଜିତି ଇଂଲଣ୍ଡର କାମଚଳା ଅଧିନାୟକ ଓଲି ପୋପ୍ ଭାରତକୁ ବ୍ୟାଟିଂପାଇଁ ଆମନ୍ତ୍ରଣ କରିଥିଲେ। ଭାରତର ଆରମ୍ଭ ଭଲ ହୋଇ ନ ଥିଲା। ୪ର୍ଥ ଓଭରରେ ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ୟାଭିଲିୟନ ପଠାଇଥିଲେ ଗସ ଆଟକିନସନ। ପରେ ଲୋକେଶ ରାହୁଲଙ୍କୁ କ୍ରିସ୍ ୱୋକ୍ସ ଆଉଟ କରିବାରୁ ୧୫.୧ ଓଭର ବେଳକୁ ଭାରତ ସ୍କୋର ୩୮/୨ ହୋଇ ଯାଇଥିଲା। ଅଧିନାୟକ ଶୁବମନ ଗିଲ୍ ଓ ସାଇ ସୁଦର୍ଶନ ଇନିଂସ ସମ୍ଭାଳିବାକୁ ଉଦ୍ୟମ କରିଥିଲେ। ତେବେ ତୃତୀୟ ଉଇକେଟରେ ୪୫ ରନର ଭାଗୀଦାରି ପରେ ଗିଲଙ୍କ ରନ୍‌ଆଉଟ ଭାରତ ପାଇଁ ଶକ୍ତ ଝଟ୍‌କା ସଦୃଶ ହୋଇଥିଲା। ୨୮ତମ ଓଭର ବୋଲିଂ କରିଥିବା ଗସ୍ ଆଟକିନସନଙ୍କ ଦ୍ୱିତୀୟ ବଲ୍‌କୁ ଖେଳି ଗିଲ୍ ଏକ ସିଙ୍ଗଲ ନେବାକୁ ଉଦ୍ୟମ କରିଥିଲେ। ମାତ୍ର ନିଜ ଫଲୋ ଥ୍ରୁରେ ଆଟକିନସନ ଫିଲ୍ଡିଂ କରି ଡାଇରେକ୍ଟ ଥ୍ରୋରେ ଷ୍ଟମ୍ପ ଭାଙ୍ଗି ଦେଇଥିଲେ। ଜୟସ୍ୱାଲ ୨, ରାହୁଲ ୧୪ ଓ ଗିଲ୍ ୨୧ ରନ କରିବାକୁ ସକ୍ଷମ ହୋଇଥିଲେ। ୨୩ ଓଭରରେ ସ୍କୋର ୭୨/୨ ଥିବାବେଳେ ବର୍ଷା ଯୋଗୁ ପ୍ରଥମେ ଖେଳ ବନ୍ଦ ହୋଇଥିଲା। ସେହିପରି ୨୯ ଓଭରରେ ୩ ଉଇକେଟ ହରାଇ ଭାରତ ୮୫ ରନ କରିଥିବାବେଳେ ପୁଣି ବର୍ଷା ଯୋଗୁ ଖେଳକୁ ବନ୍ଦ ରଖିବାକୁ ପଡ଼ିଥିଲା। ସେତେବେଳେ ସାଇ ସୁଦର୍ଶନ ୨୮ ଓ କରୁଣ ନାୟାର କୌଣସି ରନ ନ କରି ଅପରାଜିତ ରହିଥିଲେ। ୧୯୭୮/୭୯ରେ ଭାରତ ଗସ୍ତରେ ୱେଷ୍ଟଇଣ୍ଡିଜ ଆସିଥିବାବେଳେ ୩୨୭୦ ରନ ସଂଗ୍ରହ ହୋଇଥିଲା। ଭାରତ ସାମିଲ ଥିବା କୌଣସି ଏକ ସିରିଜରେ ଏହା ସର୍ବାଧିକ ରନ ଥିଲା। ମାତ୍ର ଚଳିତ ଭାରତ-ଇଂଲଣ୍ଡ ସିରିଜରେ ଏହି ରେକର୍ଡ ଭାଙ୍ଗିଛି। ୩୨୭୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ ହୋଇଛି।


ଉଇକେଟ ନେବାପରେ ଗସ୍ ଆଟକିନସନଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ଗୋଟିଏ ସିରିଜରେ ଭାରତର ସର୍ବାଧିକ ସ୍କୋର

୩୨୭୧ରୁ ଉର୍ଦ୍ଧ୍ୱ (ଅସମାପ୍ତ): ଇଂଲଣ୍ଡ ଗସ୍ତରେ ଭାରତ, ୨୦୨୫
୩୨୭୦: ଭାରତ ଗସ୍ତରେ ୱେଷ୍ଟଇଣ୍ଡିଜ, ୧୯୭୮/୭୯
୩୨୩୦: ଭାରତ ଗସ୍ତରେ ଇଂଲଣ୍ଡ, ୨୦୧୬/୧୭
୩୧୪୦: ଭାରତ ଗସ୍ତରେ ଇଂଲଣ୍ଡ,୨୦୨୪
୩୧୧୯: ଭାରତ ଗସ୍ତରେ ଇଂଲଣ୍ଡ, ୧୯୬୩/୬୪

## ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଲେ ଗିଲ୍

ଜବରଦସ୍ତ ଫର୍ମରେ ଥିବା ଶୁବମନ ଗିଲ୍ ଗୁରୁବାର ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଟେଷ୍ଟରେ ଭାରତୀୟ ଅଧିନାୟକ ଭାବେ ଏକ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ କରିବାର ରେକର୍ଡର ଅଧିକାରୀ ହୋଇଛନ୍ତି। ଦି ଓଭାଲଠାରେ ଖେଳାଯାଉଥିବା ପଞ୍ଚମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ସେ ମାତ୍ର ୨୧ ରନ କରିବାକୁ ସକ୍ଷମ ହୋଇଥିଲେ। ଏଥିଯୋଗୁ ଚଳିତ ସିରିଜ୍‌ର ୯ଟି ଇନିଂସରେ ତାଙ୍କ ରନ୍ ସଂଖ୍ୟା ୭୪୩ରେ ପହଞ୍ଚିଛି। ପୂର୍ବରୁ ଏହି ରେକର୍ଡ କିମ୍ବଦନ୍ତୀ ଭାରତୀୟ ବ୍ୟାଟର ସୁନୀଲ ଗାଭାସ୍କରଙ୍କ ନାମରେ ଥିଲା। ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୧୯୭୮/୭୯ ସିରିଜ୍‌ରେ ୭୩୨ ରନ କରିଥିଲେ। ତେବେ ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ କରିବାର ରେକର୍ଡ ଅଷ୍ଟ୍ରେଲିଆର ଡନ ବ୍ରାଡମ୍ୟାନଙ୍କ ନାମରେ ରହିଛି। ସେ ୧୯୭୬/୭୭ରେ ଏକ ଟେଷ୍ଟ ସିରିଜ୍‌ରେ ୮୧୦ ରନ କରିଥିଲେ। ଏହି ତାଲିକାରେ ଇଂଲଣ୍ଡର ଗ୍ରାହାମ ଗୁଚ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ୧୯୯୦ରେ ୭୫୨ ରନ କରିଥିଲେ। ଚଳିତ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଆଉ ଏକ ଇନିଂସ ବାକି ଥିବାରୁ ଗିଲ୍‌ଙ୍କ ନିକଟରେ ଗୁଚଙ୍କୁ ଅତିକ୍ରମ କରିବାର ସୁଯୋଗ ରହିଛି।

# ପ୍ଲିଜାଲିନଙ୍କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୩୧।୭ (ତପନ ସ୍ୱାଇଁ)**

ଭିଏତ୍‌ନାମରେ ଅନୁଷ୍ଠିତ ୯ମ ଏସିଆନ ପେନ୍‌ଚାକ୍ ସିଲାଟ ଚାମ୍ପିୟନଶିପରେ ରୌପ୍ୟ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି ପ୍ଲିଜାଲିନ ତରାଇ। ଜୁଲାଇ ୨୪ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଏସୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ୨ ଖେଳାଳି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହି ଖେଳାଳିଦ୍ୱୟ ହେଲେ ପ୍ଲିଜାଲିନ ଓ ରଞ୍ଜିତ ନାୟକ। ପ୍ଲିଜାଲିନ ରୌପ୍ୟ ପଦକ ଆଣିଥିବା ବେଳେ ରଞ୍ଜିତ ନାୟକ ଉଚ୍ଚକୋଟୀର ପ୍ରଦର୍ଶନ ସତ୍ତ୍ୱେ ପଦକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ପଦକ ହାସଲ ପାଇଁ ପ୍ଲିଜାଲିନଙ୍କୁ ରାଜ୍ୟ କ୍ରୀଡ଼ା ବିଭାଗ ସମେତ ଖୋର୍ଦ୍ଧା ପେନ୍‌ଚାକ ସିଲାଟ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।


ପଦକ ସହ ପ୍ଲିଜାଲିନ ତରାଇ।

# ଜାତୀୟ ଜୁନିୟର ମହିଳା ହକି ଆଜିଠାରୁ

**କାକିନାଡ଼ା, ୩୧।୭ (ପି.ଟି.)**

ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍ କାକିନାଡ଼ାରେ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିରେ ୩୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ଅଗଷ୍ଟ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଏହି ଟୁର୍ନାମେଣ୍ଟ ନୂତନ ଭାବେ ପ୍ରଚଳିତ ଡିଭିଜନଭିତ୍ତିକ ଫର୍ମାଟରେ ଖେଳାଯିବ। ଦଳଗୁଡ଼ିକୁ ୩ଟି ସେଗ୍‌ମେଣ୍ଟରେ ବିଭକ୍ତ କରାଯାଇଛି। 'ଏ' ଓ 'ବି' ଡିଭିଜନରେ ଶେଷ ଦୁଇ ସ୍ଥାନ ଅଧିକାର କରିଥିବା ଦଳ ତଳକୁ ଖସି ଟୁର୍ନାମେଣ୍ଟର ଆସନ୍ତା ସଂସ୍କରଣରେ ଯଥାକ୍ରମେ 'ବି' ଓ 'ସି' ଗ୍ରୁପ୍‌ରେ ଖେଳିବେ। ଅନ୍ୟପକ୍ଷରେ 'ବି' ଓ 'ସି' ଡିଭିଜନର ଶ୍ରେଷ୍ଠ ଦୁଇ ଦଳ ଯଥାକ୍ରମେ 'ଏ' ଓ 'ବି' କ୍ଲଷ୍ଟରକୁ ପଦୋନ୍ନତି ପାଇବେ। ଡିଭିଜନ 'ଏ'ରେ ଦେଶର ଶ୍ରେଷ୍ଠ ୧୨ଟି ଦଳ ସ୍ଥାନ ପାଇଛନ୍ତି। ଏଥିରେ ଗତଥରର ପୁଲ 'ଏ' ଚାମ୍ପିୟନ ହକି ଝାଡ଼ଖଣ୍ଡ ସ୍ଥାନ ପାଇଥିବା ବେଳେ ପୁଲ୍ 'ବି'ରେ ଗତବର୍ଷର ରନରଅପ୍ ହକି ମଧ୍ୟପ୍ରଦେଶ ପୁଲ୍ 'ବି' ଏବଂ ଦ୍ୱିତୀୟ ରନର-ଅପ୍ ହକି ହରିୟାଣା ପୁଲ'ସି'ରେ ସ୍ଥାନ ପାଇଛି। ଅନ୍ୟପକ୍ଷରେ ଡିଭିଜନ 'ବି' ଓ ଡିଭିଜନ 'ସି' ଜାତୀୟ ର୍‍ୟାଙ୍କିଙ୍ଗର ଶ୍ରେଷ୍ଠ ୧୨ ମଧ୍ୟରେ ନ ଥିବା ଦଳଗୁଡ଼ିକ ରହିଛନ୍ତି। ସେମାନେ ର୍‍ୟାଙ୍କିଙ୍ଗରେ ଉନ୍ନତି ଆଣିବା ଲାଗି ଚେଷ୍ଟା କରିବେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି, ଜାତୀୟ ସିନିୟର ଓ ଜାତୀୟ ସବ୍ ଜୁନିୟର ପରେ ନୂଆ ଫର୍ମାଟ ବର୍ତ୍ତମାନ ଜାତୀୟ ଜୁନିୟର ଟୁର୍ନାମେଣ୍ଟରେ ପ୍ରଚଳିତ ହେବାକୁ ଯାଉଛି। ଏଥିରୁ ସୁଫଳ ମିଳିବ ବୋଲି ଆଶା କରାଯାଉଛି।

HOCKEY INDIA

**ଡିଭିଜନ 'ଏ'**
ପୁଲ୍ 'ଏ': ହକି ଝାଡ଼ଖଣ୍ଡ, ଛତିଶଗଡ଼ ହକି, ହକି କର୍ନାଟକ।
ପୁଲ୍'ବି': ହକି ମଧ୍ୟପ୍ରଦେଶ, ହକି ପଞ୍ଜାବ, ହକି ଛତିଶଗଡ଼।
ପୁଲ୍ 'ସି': ହକି ହରିୟାଣା, ଉତ୍ତର ପ୍ରଦେଶ ହକି, ହକି ବେଙ୍ଗଲ।
ପୁଲ୍ 'ଡି': ହକି ଆସୋସିଏଶନ ଓଡ଼ିଶା, ହକି ମହାରାଷ୍ଟ୍ର, ହକି ଆନ୍ଧ୍ରପ୍ରଦେଶ।

**ଡିଭିଜନ 'ବି'**
ପୁଲ୍ 'ଏ': ମଣିପୁର ହକି, ପୁଡୁଚେରୀ ହକି, ହକି ଉତ୍ତରାଖଣ୍ଡ, କେରଳ ହକି, ଆସାମ ହକି।
ପୁଲ୍ 'ବି': ହକି ହିମାଚଳ, ଦିଲ୍ଲୀ, ହକି ୟୁନିଟ୍ ଅଫ୍ ତାମିଲନାଡ୍ରୁ, ହକି ଅରୁଣାଚଳ, ହକି ଆସୋସିଶନ ଅଫ୍ ବିହାର।

**ଡିଭିଜନ 'ସି'**
ପୁଲ୍ 'ଏ': ଦାଦ୍ରା ଓ ନଗର ହାବେଳୀ ଏବଂ ଡାମନ ଡିଉ ହକି, ଜମ୍ମୁ କଶ୍ମୀର, ଗୋଆ ହକି, ତ୍ରିପୁରା।
ପୁଲ୍'ବି' : ହକି ଗୁଜରାଟ, ରାଜସ୍ଥାନ, ହକି ମିଜୋରାମ, ତେଲେଙ୍ଗାନା ହକି।

## ବୋଡୋଲାଣ୍ଡ ଏଫ୍‌ସିର ପ୍ରଥମ ବିଜୟ

**କୋକ୍ରାଝର, ୩୧।୭ (ପି.ଟି.):** ସ୍ଥାନୀୟ ଫୁଟ୍‌ବଲ ଦଳ ବୋଡୋଲାଣ୍ଡ ଏଫ୍‌ସି ଚଳିତ ୧୩୪ତମ ଡୁରାଣ୍ଡ କପ୍ ଟୁର୍ନାମେଣ୍ଟରେ ଏହାର ପ୍ରଥମ ବିଜୟ ହାସଲ କରିଛି। ଗୁରୁବାର ଗ୍ରୁପ୍ 'ଡି'ର ଏକ ମ୍ୟାଚରେ ସେମାନେ ନବାଗତ କର୍‌ବି ଆଙ୍ଗଲଙ୍ଗ ମର୍ନିଂଷ୍ଟାରକୁ ୨-୧ ଗୋଲରେ ପରାସ୍ତ କରିଛି। କର୍‌ବି ଆଙ୍ଗ୍‌ଲଙ୍ଗ୍ ମ୍ୟାଚର ପ୍ରଥମ ଗୋଲ୍ ନାଇଜେରିଆନ ଫରୱାର୍ଡ ଯୋଶେଫ୍ ମାୟୋୱା ଓଲାଲେ (୨୫ତମ ମିନିଟ)ଙ୍କ ଜରିଆରେ ସ୍କୋର କରିଥିଲେ। କିନ୍ତୁ ୩୯ତମ ମିନିଟରେ ଗଙ୍ଗମସାର୍ ଗେଆରିଙ୍କ ଗୋଲ୍‌ରେ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ନେଇ ଆସିଥିଲା ବୋଡୋଲାଣ୍ଡ। ସାଇ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ କଲମ୍ବିଆନ ଷ୍ଟ୍ରାଇକର ରବିନସନ (୬୦ତମ)ଙ୍କ ଗୋଲରେ ଦଳ ୨-୧ରେ ମ୍ୟାଚ ଜିତିବା ସହ ୩ ପଏଣ୍ଟ ଅର୍ଜନ କରିପାରିଛି।



ଚାଇନାରେ ଅନୁଷ୍ଠିତ ୧୨ଶ ଏସିଆନ୍ ଜୁନିୟର ଉଷୁ ଚାମ୍ପିୟନଶିପରେ ଓଡ଼ିଶାର ଶ୍ୱେତାରାଣୀ ମହନ୍ତ (ବାମ) ୪୮ କେଜି ସାଣ୍ଡା ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ସିଟ୍‌ସିପାସଙ୍କ କୋଚିଂ ଟିମ୍‌ରେ ବାପା ଆପୋଷ୍ଟୋଲସ

**ଏଥେନ୍ସ,୩୧।୭**

ପୂର୍ବତନ ୱାର୍ଲ୍ଡ ନଂ-୩ ପୁରୁଷ ସିଙ୍ଗଲ୍ସ ଟେନିସ ଖେଳାଳି ଷ୍ଟେଫାନସ ସିଟ୍‌ସିପାସ ତାଙ୍କ କୋଚିଂ ଟିମରେ ବାପା ଆପୋଷ୍ଟୋଲସଙ୍କୁ ସାମିଲ କରିଛନ୍ତି। ଏ ନେଇ ସିଟ୍‌ସିପାସ ଗୁରୁବାର ସ୍ୱଷ୍ଟ କରିଛନ୍ତି। ପୂର୍ବରୁ ଏହି ଗ୍ରୀସ ଖେଳାଳି କୋଚ୍ ଗୋରାନ ଇଭାନିସେଭିକ୍‌ଙ୍କ ସହ ସମ୍ପର୍କ ଛିନ୍ନ କରିଥିଲେ। ଇଭାନିସେଭିକ୍ ପୂର୍ବରୁ ସର୍ବିଆର କିମ୍ବଦନ୍ତୀ ନୋଭାକ ଜୋକୋଭିଚ୍‌ଙ୍କ ସହ କାର୍ଯ୍ୟ କରିଥିଲେ। ଇଭାନିସେଭିକ୍ କୋଚ୍ ଥିବା ବେଳେ ଜୋକୋଭିଚ୍ ୯ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ।

୨୦୨୧ ଫ୍ରେଞ୍ଚ ଓପନ ଓ ୨୦୨୩ ଅଷ୍ଟ୍ରେଲିଆନ ଓପନ ରନରଅପ୍ ସିଟ୍‌ସିପାସ ଚଳିତ ସିଜନରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୩ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନ ଥିଲେ। ଏଥିଯୋଗୁ ୱାର୍ଲ୍ଡ ର୍‍ୟାଙ୍କିଙ୍ଗରେ ତାଙ୍କ ମାନ୍ୟତା ୩୦ତମ ସ୍ଥାନକୁ ଖସି ଆସିଛି। ୱିମ୍ବେଲଡନର ପ୍ରଥମ ରାଉଣ୍ଡରେ ସିଟ୍‌ସିପାସଙ୍କ ପରାଜୟ ପରେ କୋଚ୍ ଇଭାନିସେଭିକ୍ କହିଥିଲେ ଯେ, ବିନା ପ୍ରସ୍ତୁତିରେ କୌଣସି ଖେଳାଳି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଭାଗ ନେଇଥିବା ମୁଁ କଦାପି ଦେଖି ନାହିଁ। ସିଟ୍‌ସିପାସ ଚଳିତ ବର୍ଷ ଫେବୃଆରୀରେ ଦୁବାଇରେ ଟାଇଟଲ ହାତେଇଥିଲେ, ଯାହାକି ଚଳିତବର୍ଷ ତାଙ୍କର ଏକମାତ୍ର ଫାଇନାଲ ଥିଲା।

# କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍

**ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର**

**ଭୁବନେଶ୍ୱର, ୩୧।୭ (ତପନ ସ୍ୱାଇଁ)**

ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲ ରାକେଶ ରୋଶନ ପ୍ରଧାନ ଓ କୁନାଲ ଅଗ୍ରୱାଲଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଚିରାଗ ଆରୋରାଙ୍କୁ ଭେଟିବେ ସୁବ୍ରତ ଦାସ। ତୃତୀୟ କ୍ୱାର୍ଟର ଫାଇନାଲ ଆକାଶ ମହାପାତ୍ର ଓ ଆଶୁତୋଷ ପାଢ଼ୀ ଏବଂ ଚତୁର୍ଥ କ୍ୱାର୍ଟର ସିଦ୍ଧାର୍ଥ ସେନ୍ ଓ ଅବିନାଶ ମହାପାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହେବ।

ଗୁରୁବାର ଅବଶିଷ୍ଟ ୩ଟି ଲିଗ୍ ମ୍ୟାଚ ପରେ ପ୍ରି-କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଥିଲା। ଏହି ୩ଟି ଯାକ ମ୍ୟାଚରେ ଆଶୁତୋଷ ପାଢ଼ୀ ଯଥାକ୍ରମେ ୩-୦ରେ ଅସିତ ଚୌଧୁରୀ, ୩-୧ରେ ସତ୍ୟଦୀପ ଦାସ ଓ ୩-୦ରେ ବରୁନ ପୂର୍ବାଙ୍କୁ ପରାସ୍ତ କରିଥିଲେ। ପ୍ରି-କ୍ୱାର୍ଟର ଫାଇନାଲରେ ଅଲତାଫ ଅଲୀଙ୍କୁ ୪-୦ରେ ସିଦ୍ଧାର୍ଥ ସେନ୍, ବରୁନ ପୂର୍ବାଙ୍କୁ ୪-୦ରେ ରାକେଶ ରୋଶନ ପ୍ରଧାନ, ନିଶାନ୍ତ ବିଶ୍ୱାଳଙ୍କୁ ୪-୩ରେ କୁନାଲ ଅଗ୍ରୱାଲ, ଚେତନ ଆନନ୍ଦଙ୍କୁ ୪-୦ରେ ଅବିନାଶ ମହାପାତ୍ର, ଶାରଦା ବେହେରାଙ୍କୁ ୪-୦ରେ ଆକାଶ ମହାପାତ୍ର, ଜ୍ଞାନ ଦାସଙ୍କୁ ୪-୨ରେ ସୁବ୍ରତ ଦାସ ଓ ରଞ୍ଜିତ ପତିଙ୍କୁ ୪-୦ (ଅନ୍ତିମ ଫ୍ରେମ୍‌ରେ ୬୫ ବ୍ରେକ୍)ରେ ଆଶୁତୋଷ ପାଢ଼ୀ ଓ ସୁଦୀପ୍ତ ଦାଶଙ୍କୁ ୪-୨ରେ ଚିରାଗ ଆରୋରା ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ନିଶାନ୍ତ ବିଶ୍ୱାଳ ଓ କୁନାଲ ଅଗ୍ରୱାଲଙ୍କ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ସେହିପରି ସୁବ୍ରତ ଦାସଙ୍କୁ ଟକ୍କର ଦେଇଥିଲେ ଜ୍ଞାନ ଦାସ।



ଶଟ୍ ଖେଳିବା ଅବସରରେ ଆଶୁତୋଷ ପାଢ଼ୀ।

## ଅଗଷ୍ଟ ୨୯ରୁ ପ୍ରୋ-କବାଡ଼ି ଲିଗ୍

**ମୁମ୍ବାଇ, ୩୧।୭ (ପି.ଟି.)**

ପ୍ରୋ-କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣ ଅଗଷ୍ଟ ୨୯ରୁ ଖେଳାଯିବ। ଏହା ୪ଟି ସହର ବିଶାଖାପାଟଣା, ଜୟପୁର, ଚେନ୍ନାଇ ଓ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ବିଶାଖାପାଟଣାସ୍ଥିତ ରାଜୀବଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ନୂଆ ଜିନର ଉଦ୍‌ଘାଟନୀ ଖେଳାଯିବ। ପ୍ରଥମ ଦିବସର ଗୋଟିଏ ମ୍ୟାଚ ତେଲୁଗୁ ଟାଇଟନ୍ସ ବନାମ ତାମିଲ ଥଲାଇଭାସ ମଧ୍ୟରେ ଅନ୍ୟଟି ବେଙ୍ଗାଲୁରୁ ବୁଲ୍ସ ଓ ପୁନେରୀ ପଲ୍‌ଟନ ମଧ୍ୟରେ ଖେଳାଯିବ। ଆୟୋଜକଙ୍କ ତରଫରୁ ଏ ବିଷୟରେ ସୂଚନା ଦିଆଯାଇଛି। ଉପକୂଳ ସହର ବିଶାଖାପାଟଣାକୁ ୭ ବର୍ଷ ପରେ ପିକେଏଲ୍ ଫେରିଛି। ଆନ୍ଧ୍ର ପ୍ରଦେଶରେ ଏହା ପୂର୍ବରୁ ୬ ବର୍ଷ ତଳେ ପିକେଏଲ୍ ମ୍ୟାଚ ଖେଳାଯାଇଥିଲା। ପିକେଏଲ୍‌ର ଦ୍ୱିତୀୟ ସଂସ୍କରଣ ସେପ୍ଟେମ୍ବର ୧୨ରୁ ସାୱାଇ ମାନ୍‌ସିଂ ଷ୍ଟାଡିୟମସ୍ଥିତ ଜୟପୁର ଇନ୍‌ଡୋର ହଲ୍‌ରେ ଖେଳାଯିବ।

## ସିଙ୍ଗଲ୍ସ ଟେନିସ୍‌ରୁ ବୌଚାର୍ଡଙ୍କ ଅବସର

**ମଣ୍ଟ୍ରିଲ,୩୧।୭**

କାନାଡାର ପ୍ରଫେଶନାଲ ମହିଳା ଟେନିସ ଖେଳାଳି ୟୁଜିନ ବୌଚାର୍ଡ ଗୁରୁବାର ଘରୋଇ ଦର୍ଶକଙ୍କ ସମ୍ମୁଖରେ ସିଙ୍ଗଲ୍ସ କ୍ୟାରିୟରରୁ ଅବସର ଘୋଷଣା କରିଛନ୍ତି। ପୂର୍ବତନ ୱିମ୍ବେଲଡନ ରନରଅପ୍ ବୌଚାର୍ଡ ତାଙ୍କ କ୍ୟାରିୟରର ଅନ୍ତିମ ସିଙ୍ଗଲ୍ସ ମ୍ୟାଚ୍‌ରେ ୨-୬, ୬-୩, ୪-୬ ସେଟ୍‌ରେ ସୁଇଜରଲାଣ୍ଡର ବେଲିନ୍ଦା ବେନକିକ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ୩୧ ବର୍ଷୀୟା ବୌଚାର୍ଡ ଏକଦା ୱାର୍ଲ୍ଡ ନଂ-୫ ର୍‍ୟାଙ୍କ ହାସଲ କରିଥିଲେ। ଟପ୍-୫ ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇବାରେ ଓ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲ ମ୍ୟାଚ୍ ଖେଳିବାରେ ସେ ତାଙ୍କ ଦେଶର ପ୍ରଥମ ମହିଳା ଥିଲେ। ଚଳିତ ନ୍ୟାଶନାଲ ବ୍ୟାଙ୍କ ଓପନ ତାଙ୍କ ସିଙ୍ଗଲ୍ସ କ୍ୟାରିୟରର ଅନ୍ତିମ ଟୁର୍ନାମେଣ୍ଟ ହେବ ବୋଲି ପୂର୍ବରୁ ଘୋଷଣା କରିଥିଲେ। ବେନକିକ୍‌ଙ୍କଠାରୁ ପରାସ୍ତ ହେବା ପରେ ଲୁହ ଭରା ଆଖିରେ ବୌଚାର୍ଡ କହିଥିଲେ, କ୍ୟାରିୟର ଯେଉଁଠାରେ ଆରମ୍ଭ କରିଥିଲି, ସେଠାରେ ଅନ୍ତିମ ମ୍ୟାଚ୍ ଖେଳିବା ଖୁବ ସ୍ୱତନ୍ତ୍ର ଅନୁଭୂତି। ମୋର ମନେ ଅଛି, ମୁଁ ଛୋଟ ଥିଲା ବେଳେ ଏହି ଷ୍ଟାଣ୍ଡରେ ବସି ଦିନେ ଏଠାରେ ଖେଳିବି ବୋଲି ସ୍ୱପ୍ନ ଦେଖିଥିଲି। ବର୍ତ୍ତମାନ ଏହା ପୂର୍ଣ୍ଣାଙ୍ଗ ଚକ୍ର ଭଳି ଅନୁଭବ ହେଉଛି।






Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ